# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୧୮/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, June 18/2023 Page 16 ₹ 7.00

୪୯ଶ ଭାଗ ୨୦୩ ସଂଖ୍ୟା VOLUME 49 ISSUE 203 SAMBALPUR ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul


# ଶିମିଳିପାଳରେ ଶିକାରୀ ଶକ୍ତିଶାଳୀ

## ଗୁଳିରେ ଟଳିଲେ ଅଭୟାରଣ୍ୟ ଡେପୁଟି ରେଞ୍ଜର

**ଶିମିଳିପାଳ ଅଭୟାରଣ୍ୟରେ ବନଜନ୍ତୁଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ନିଜେ ଅସୁରକ୍ଷିତ। ମାସକ ମଧ୍ୟରେ ଜଣେ ଡେପୁଟି ରେଞ୍ଜର ଓ ଫରେଷ୍ଟ ଗାର୍ଡ ଶିକାରୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇବା ଏହା ପ୍ରମାଣିତ କରିଛି। ଶିକାରୀ ଓ କାଠ ଚୋରଙ୍କ ବଢ଼ିଚାଲିଥିବା ଦୌରାତ୍ମ୍ୟ ବନ ବିଭାଗ କର୍ମଚାରୀଙ୍କୁ ଆତଙ୍କିତ କରିଦେଇଛି। ଏହାସହ ବନ୍ୟଜନ୍ତୁ ଓ ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ଚାଲାଣ ରାକେଟ୍ କେତେ ସକ୍ରିୟ ଏବଂ ଶକ୍ତିଶାଳୀ ତାହା ଏହି ଦୁଇ ଘଟଣାରୁ ସ୍ପଷ୍ଟ ହେଉଛି।**

- ମାସକରେ ୨ ବନ କର୍ମଚାରୀ ନିହତ
- ୩ ଅଟକ, ୨ ବନ୍ଧୁକ ଜବତ


ବାରିପଦା/ଠାକୁରମୁଣ୍ଡା/କରଞ୍ଜିଆ, ୧୭।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ/
ତାରାକାନ୍ତ ପଟ୍ଟନାୟକ/କବିତା ମହାନ୍ତ)


ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ପୁଣି ଫୁଟିଛି ଗୁଳି। ଶିକାରୀଙ୍କ ଗୁଳିରେ ନିହତ ହୋଇଛନ୍ତି ଡେପୁଟି ରେଞ୍ଜର ମାଥି ହାଁସଦା। ତାଙ୍କ ଘର ମୟୂରଭଞ୍ଜ ଜିଲାର ବହଳଦା ଥାନା ଅନ୍ତର୍ଗତ ଟିଙ୍ଗିରିଆ ଗାଁରେ। ଶୁକ୍ରବାର ରାତିରେ ପାଟ୍ରୋଲିଂ ବେଳେ ଏହି ଗୁଳିକାଣ୍ଡ ଘଟିଛି। ମାସକ ମଧ୍ୟରେ ଶିକାରୀଙ୍କ ଗୁଳିରେ ୨ ବନ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଅଧିକାରୀ ଓ ପୋଲିସ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଘଟଣାସ୍ଥଳରୁ ୨ଟି ଦେଶୀ ବନ୍ଧୁକ ଜବତ ହୋଇଥିବାବେଳେ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗନେନୀ କହିଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଘଟଣାକୁ ଗମ୍ଭୀରତା ସହ ନେଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ ☞ପୃଷ୍ଠା-୪


ଡେପୁଟି ରେଞ୍ଜର ମାଥି ହାଁସଦା

# ବୋରିସ୍‌ଙ୍କୁ ମିଳିଲା ସ୍ତମ୍ଭକାର ନିଯୁକ୍ତି


ଲଣ୍ଡନ, ୧୭।୬


ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନଙ୍କୁ 'ଡେଲି ମେଲ୍' ଖବରକାଗଜରେ ସ୍ତମ୍ଭକାର ଭାବେ ନିଯୁକ୍ତି ମିଳିଛି। ଦୀର୍ଘଦିନ ପରେ ବୋରିସ୍ ତାଙ୍କ ସାମ୍ବାଦିକତା କ୍ୟାରିୟରକୁ ଫେରିଛନ୍ତି। ସେ ପୂର୍ବରୁ ବିଭିନ୍ନ ଅଗ୍ରଣୀ ବ୍ରିଟିଶ ଖବରକାଗଜ ପାଇଁ ଲେଖୁଥିଲେ। ରାଜନୀତିକୁ ଆସିବା ପୂର୍ବରୁ ସେ ଏହି ପେସାରୁ ବିପୁଳ ଅର୍ଥ ରୋଜଗାର କରୁଥିଲେ। ଏକ ଉଦ୍ଧୃତାଂଶକୁ ନେଇ ତାଙ୍କୁ ଟାଇମ୍ସ ନ୍ୟୁଜ୍‌ପେପର ବହିଷ୍କାର କରିଥିଲା। ୧୯୮୯ରେ ବୋରିସ ବ୍ରସେଲ୍ସରୁ ରିପୋର୍ଟିଂ କରୁଥିଲେ। ପରେ ସେ ଡେଲି ଟେଲିଗ୍ରାଫର ରାଜନୀତି ସ୍ତମ୍ଭକାର ହୋଇଥିଲେ। ସେତେବେଳେ ସେ ସାପ୍ତାହିକ ସ୍ତମ୍ଭ ପାଇଁ ୨,୭୫,୦୦୦ ପାଉଣ୍ଡ ବେତନ ପାଉଥିଲେ। ୧୯୯୯ରୁ ୨୦୦୫ ☞ପୃଷ୍ଠା-୪


ବୋରିସ ଜନ୍‌ସନ


ଦର୍ପଦଳନ ରଥରେ ଫାଟ
........ ୪ ........
ହାତୀଙ୍କୁ ଅଂଶୁଘାତ ଭୟ
........ ୧୧ ........


ଆଜିର ସମ୍ପାଦକୀୟ
**ନୀରବ କାହିଁକି**







ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୮ ଜୁନ୍, ୨୦୨୩

## ଦୁର୍ବଳ ହେଉଛି ବିପର୍ଯ୍ୟୟ

ବାତ୍ୟା ବିପର୍ଯ୍ୟୟ କ୍ରମାଗତ ଭାବେ ଦୁର୍ବଳ ହେଉଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଶନିବାର କୁହାଯାଇଛି। ଆରବ ସାଗରରେ ସୃଷ୍ଟ ଅତି ଭୀଷଣ ବାତ୍ୟା ଏବେ ଡିପ୍ ଡିପ୍ରେସନ୍‌ରେ ପରିଣତ ହେବାକୁ ଯାଉଛି। ଗୁରୁବାର ଗୁଜରାଟ କଚ୍ଛରେ ଲ୍ୟାଣ୍ଡଫଲ କରିବା ପରେ ବାତ୍ୟା ରାଜସ୍ଥାନ ଆଡକୁ ମୁହାଁଇଥିଲା। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ସହ ଜୋର ପବନ ବହିଛି।



## କିଙ୍ଗ୍ ଚାର୍ଲ୍ସ ଜନ୍ମଦିନ ହନର୍ସ ସୂଚୀରେ ଭାରତୀୟ ବଂଶୋଦ୍ଭବ

**ଲଣ୍ଡନ,୧୭।୬:** ବ୍ରିଟେନ ସରକାରଙ୍କ ପକ୍ଷରୁ କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ପ୍ରଥମ ଜନ୍ମଦିନରେ ସମ୍ମାନିତ ହେବାକୁ ଥିବା ବ୍ୟକ୍ତିଙ୍କ ତାଲିକା ପ୍ରକାଶ ପାଇଛି। ଏହି ସୂଚୀରେ ପାଖାପାଖି ୪୦ ଜଣ ଭାରତୀୟ ବଂଶୋଦ୍ଭବଙ୍କ ନାମ ରହିଛି। ଅକ୍ସଫୋର୍ଡ ୟୁନିଭର୍ସିଟିର ଡିରେକ୍ଟର ଅଫ ଗ୍ଲୋବାଲ ଅପରେଶନ୍ସ ଆଟ୍ ଦ ଅକ୍ସଫୋର୍ଡ ଭାକ୍ସିନ ଗ୍ରୁପ୍ ଡା. ପରଭିନ୍ଦର କୌର ଆଲେଙ୍କୁ ଅଫିସର ଅଫ୍ ଦ ଅର୍ଡର ଅଫ୍ ଦ ବ୍ରିଟିଶ ଏମ୍ପାଇର (ଓବିଇ) ସମ୍ମାନ ପ୍ରଦାନ କରାଯିବ। ସେହିପରି ପ୍ରଫେସର ପ୍ରୋକାର ଦାସଗୁପ୍ତା, ବ୍ରିଟିଶ-ଭାରତୀୟ ବ୍ୟବସାୟୀ ଅନୁଜ ଚଣ୍ଡେଙ୍କୁ ଓବିଇ ପୁରସ୍କାରରେ ସମ୍ମାନିତ କରାଯିବ। ଶୁକ୍ରବାର ରାତିରେ ପ୍ରକାଶ ପାଇଥିବା ଏହି ସୂଚୀରେ ମୋଟ ୧,୧୭୧ ଜଣଙ୍କ ନାମ ସାମିଲ ଅଛି।

## ଜବରଦଖଲ ଉଚ୍ଛେଦ ବେଳେ ହିଂସା: ଜଣେ ମୃତ

**ଜୁନାଗଡ଼, ୧୭।୬:** ଗୁଜରାଟର ଜୁନାଗଡ଼ ସହରରେ ଜବରଦଖଲ ଉଚ୍ଛେଦ ବେଳେ ହିଂସାକାଣ୍ଡ ଘଟି ଜଣେ ପ୍ରାଣ ହରାଇବା ସହ ୫ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପୌରପାଳିକା ଏକ ଦରଘାକୁ ଭାଙ୍ଗି ଦଖଲ ଉଚ୍ଛେଦ କରିବାକୁ ଉଦ୍ୟମ କରୁଥିବାବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଗୋଟିଏ ଗୋଷ୍ଠୀ ଉଚ୍ଛେଦକାରୀ କର୍ମଚାରୀ ଓ ପୋଲିସ ଉପରକୁ ଟେକାମାଡ଼ କରିବା ସହ ଗାଡ଼ି ପୋଡ଼ିଦେଇଥିଲେ। ସହରର ମାଜେଭାଦି ଦରୱାଜା ନିକଟରେ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠି ଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ପରେ ୧୭୪ ଜଣଙ୍କୁ ଥାନାକୁ ଡାକି ପୋଲିସ ପଚରାଉଚରା କରୁଛି।

# ସୁପ୍ରିମକୋର୍ଟ ଗଲେ ମମତା

**ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଭାଜପା ମଧ୍ୟରେ କ୍ଷମତା ପାଇଁ ଲଢ଼େଇ ଜାରି ରହିଥିବାବେଳେ ଜୁଲାଇ ୮ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ବ୍ୟାପକ ହିଂସାକୁ ଦୃଷ୍ଟିରେ ରଖି ନିର୍ବାଚନ ବେଳେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ ମୁତୟନ ପାଇଁ ଭାଜପା କୋଲକାତା ହାଇକୋର୍ଟରେ ଆବେଦନ କରିଥିଲା। ୪୮ ଘଣ୍ଟା ମଧ୍ୟରେ କେନ୍ଦ୍ରୀୟ ବଳ ମଗାଇ ମୁତୟନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଏହା ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାକୁ ନେଇ ଶାସକ ଓ ବିରୋଧୀ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି।**

କୋଲକାତା, ୧୭।୬
(ପ୍ରସ୍ତୁତି: ଅରୂପାନନ୍ଦ ଦେଠୀ)



ପଶ୍ଚିମବଙ୍ଗର ଭାଙ୍ଗାରରେ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ପାଇଁ ଯବାନମାନେ ଲୁହବୁହା ବାଷ୍ପ ପ୍ରୟୋଗ କରୁଛନ୍ତି।

ପଶ୍ଚିମବଙ୍ଗରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଜୁଲାଇ ୮ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ବିଭିନ୍ନ ସ୍ଥାନରେ ରାଜନୈତିକ ହିଂସାକାଣ୍ଡ ଦେଖାଦେଇଛି। ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀମାନେ ବିରୋଧର ସମ୍ମୁଖୀନ ହେବା ସହ ହିଂସାକାଣ୍ଡ ସୃଷ୍ଟି ହେଉଛି। ଫଳରେ ପଶ୍ଚିମବଙ୍ଗରେ ମୁକ୍ତ ଓ ଅବାଧ ନିର୍ବାଚନ ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ଏନେଇ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ, କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀଙ୍କ ସମେତ ବିରୋଧୀ ନେତାମାନେ କେନ୍ଦ୍ରୀୟ ବଳ ମୁତୟନ ଲାଗି ଅଦାଲତରେ ଆବେଦନ କରିଥିଲେ। ପଞ୍ଚାୟତ ନିର୍ବାଚନ ବେଳେ ରାଜ୍ୟରେ କେନ୍ଦ୍ରୀୟ ବଳ ନିୟୋଜିତ କରିବାକୁ କୋଲକାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ କେନ୍ଦ୍ରୀୟ ବଳ ମଗାଇ ରାଜ୍ୟରେ ମୁତୟନ କରିବା ଲାଗି ହାଇକୋର୍ଟ ଗୁରୁବାର ରାଜ୍ୟ ନିର୍ବାଚନ କମିଶନ (ଏସ୍‌ଇସି)କୁ କହିଥିଲେ। ପଶ୍ଚିମବଙ୍ଗ ସରକାର ଏବଂ ଏସ୍‌ଇସି ଶନିବାର ଏହାକୁ ମିଳିତ ଭାବେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଶୁକ୍ରବାର ରାଜ୍ୟର ଆଇନ ପରାମର୍ଶଦାତାଙ୍କ ସହ ସରକାର ଏବଂ ରାଜ୍ୟ ନିର୍ବାଚନ କମିଶନ୍‌ର ବରିଷ୍ଠ ଅଧିକାରୀମାନଙ୍କ ବୈଠକ ପରେ ସୁପ୍ରିମକୋର୍ଟ ଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।

ନିର୍ବାଚନ ପାଇଁ ଗତ ୯ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ହିଂସା ଜାରି ରହିଛି। ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ ଶେଷ ଦିନରେ ଉତ୍ତର ଦିନାଜପୁର ଏବଂ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ହିଂସାକାଣ୍ଡ ଘଟି ୪ ଜଣଙ୍କ ଜୀବନ ଯାଇଛି। ବିରୋଧୀ ପ୍ରାର୍ଥୀଙ୍କୁ ନାମାଙ୍କନ କରାଇ ନ ଦେବା ଲାଗି ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଗୁଣ୍ଡାମାନଙ୍କୁ ନିୟୋଜିତ କରିଥିବା ଅଭିଯୋଗ ହୋଇଛି। ହିଂସାକୁ ବରଦାସ୍ତ କରାଯିବନି ଏବଂ ଯେଉଁମାନେ ହିଂସାରେ ସମ୍ପୃକ୍ତ ଆଇନ ଅନୁଯାୟୀ ସେମାନଙ୍କ ମୁହଁ ସବୁଦିନ ପାଇଁ ବନ୍ଦ କରିଦିଆଯିବ ବୋଲି ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ଶୁକ୍ରବାର ହିଂସାଗ୍ରସ୍ତ ଦକ୍ଷିଣ ଚବିଶ ପ୍ରଗଣା ଜିଲା ଗସ୍ତରେ ଯାଇ କହିଥିଲେ। ରାଜ୍ୟପାଳ ଏନେଇ ରାଜ୍ୟ ନିର୍ବାଚନ କମିଶନର ରାଜୀବ ସିଂହାଙ୍କୁ ରାଜଭବନ ଡାକିଥିବାବେଳେ ସେ ପଞ୍ଚାୟତ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଯୋଗୁ ଶନିବାର ଯୋଗ ଦେଇପାରି ନାହାନ୍ତି। ତାଙ୍କୁ ଅନ୍ୟ ଦିନରେ ଭେଟିବା ପାଇଁ ଅନୁମତି ଦେବାକୁ ସିଇସି ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲା ପରିଷଦ ନିର୍ବାଚନରେ ପାଖାପାଖି ୭୪,୦୦୦ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବା ଲାଗି ୫ କୋଟିରୁ ଊର୍ଦ୍ଧ୍ୱ ଭୋଟର ଜୁଲାଇ ୮ରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଜୁଲାଇ ୮ ନିର୍ବାଚନ ପାଇଁ ଟିଏମ୍‌ସିରୁ ୮୫,୮୧୭ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ସିଇସି ଘୋଷଣା କରିଛନ୍ତି।

ସେପଟେ କୁଚ୍‌ବିହାର ଜିଲାରେ ଶନିବାର କେନ୍ଦ୍ରମନ୍ତ୍ରୀ ନୀତୀଶ ପ୍ରମାଣିକଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଛି। ଟିଏମ୍‌ସି ସମର୍ଥକମାନେ ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ସାହିବଗଞ୍ଜ ଅଞ୍ଚଳରେ ନିର୍ବାଚନ ପାଇଁ ନାମାଙ୍କନପତ୍ର ଯାଞ୍ଚ ଚାଲିଥିବା ବିଡିଓଙ୍କ କାର୍ଯ୍ୟାଳୟକୁ ଯିବା ଲାଗି ମନ୍ତ୍ରୀ ପ୍ରମାଣିକ ଉଦ୍ୟମ କରୁଥିବାବେଳେ ଏଭଳି ଘଟଣା ଘଟିଛି। ଟିଏମ୍‌ସି କର୍ମୀମାନେ ବିଡିଓଙ୍କ ଅଫିସକୁ ରାସ୍ତା ଅବରୋଧ କରିବା ସହ ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ଖବର ପାଇଁ ପ୍ରମାଣିକ ସେଠାକୁ ଯାଇଥିଲେ ବୋଲି କହିଛନ୍ତି। ଏହି ସମୟରେ ତାଙ୍କ ଗାଡ଼ି ଉପରକୁ ଟେକାମାଡ଼ ହୋଇଥିଲା। ଟିଏମ୍‌ସି କର୍ମୀମାନେ ଆମ ଦଳୀୟ କର୍ମୀଙ୍କୁ ମାଡ଼ ମାରିବା ସହ ପ୍ରାର୍ଥୀମାନଙ୍କ ଦସ୍ତାବିଜ୍ ନଷ୍ଟ କରିଦେଇଛନ୍ତି। ସେଠାରେ ପୋଲିସ ନୀରବ ଦର୍ଶକ ସାଜିବା ଲଜ୍ଜାଜନକ ବୋଲି ପ୍ରମାଣିକ କହିଛନ୍ତି। ନିର୍ବାଚନକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆହ୍ୱାନକ୍ରମେ ଶନିବାର ଅପରାହ୍ନରେ ତାଙ୍କ କୋଲକାତା ବାସଭବନରେ ଶାସକ ଦଳର ଏକ ଜରୁରୀ ବୈଠକ ବସିଥିଲା। ପ୍ରାକ୍ ନିର୍ବାଚନୀ ହିଂସାକୁ ନେଇ ମମତା କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି।

- ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ କେନ୍ଦ୍ରୀୟ ବଳ ମୁତୟନକୁ ବିରୋଧ
- କେନ୍ଦ୍ରମନ୍ତ୍ରୀଙ୍କ ଗାଡ଼ି ଉପରେ ଆକ୍ରମଣ

## ନେତାଜୀ ଥିଲେ ଭାରତ ବିଭାଜିତ ହୋଇ ନ ଥାନ୍ତା: ଡୋଭାଲ



ଅଜିତ ଡୋଭାଲ

ନୂଆଦିଲ୍ଲୀ, ୧୭।୬

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୀବିତ ଥିଲେ ଭାରତ ବିଭାଜିତ ହୋଇ ନ ଥାନ୍ତା ବୋଲି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଶନିବାର କହିଛନ୍ତି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଡୋଭାଲ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଆଶ୍ଚର୍ଯ୍ୟ କରିଦେବା ଭଳି ଆଚରଣର ଉଚ୍ଚ ପ୍ରଶଂସା କରିଥିଲେ। ମହାତ୍ମା ଗାନ୍ଧୀଙ୍କୁ ଚ୍ୟାଲେଞ୍ଜ କରିବାର ଧୃଷ୍ଟତା ତାଙ୍କର ଥିଲା। ପୂର୍ଣ୍ଣ ସ୍ୱାଧୀନତା ବ୍ୟତୀତ ଏହାଠାରୁ କମ୍ କୌଣସି ସର୍ତ୍ତ ସହ ସେ ସାଲିସ୍ କରିବେ ନାହିଁ ବୋଲି କହିଥିଲେ। ସେ କେବଳ ଦେଶକୁ ରାଜନୈତିକ ପରାଧୀନତାରୁ ମୁକ୍ତ କରିବାକୁ ଚାହୁଁ ନ ଥିଲେ, ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ମାନସିକତାରେ ପରିବର୍ତ୍ତନ ଚାହୁଁଥିଲେ। ସେ ବ୍ରିଟିଶ ଶାସକଙ୍କଠାରୁ ଭିକ୍ଷାରେ ନୁହେଁ ସଂଘର୍ଷ କରି ସ୍ୱାଧୀନତା ପାଇବାକୁ ଚାହୁଁଥିଲେ। ଏହା ତାଙ୍କର ଅଧିକାର ଏବଂ ଏହାକୁ ହାସଲ କରିବାକୁ ହେବ ବୋଲି ସୁଭାଷ କହିଥିଲେ। ସେ ଜୀବିତ ଥିଲେ ଦେଶ ବିଭାଜନ ହୋଇ ନ ଥାନ୍ତା। କାରଣ ମହମ୍ମଦ ଅଲ୍ଲି ଜିନ୍ନା କହିଥିଲେ, ସେ ଜଣେମାତ୍ର ନେତାଙ୍କୁ ଗ୍ରହଣ କରିପାରିବେ, ସେ ହେଉଛନ୍ତି ସୁଭାଷ ବୋଷ।

# ୩୮ ପିଲାଙ୍କୁ ଜାଳିଦେଲେ

## ଉଗାଣ୍ଡା ସ୍କୁଲରେ ଆତଙ୍କବାଦୀଙ୍କ ଆକ୍ରମଣ



କାମ୍ପାଲା,୧୭।୬

ଆଇଏସ୍ ସଂଗଠନ ସହ ଜଡ଼ିତ ଆତଙ୍କବାଦୀମାନେ ଉଗାଣ୍ଡାର କାସେସେସ୍ଥିତ ଏକ ଘରୋଇ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଜିଅନ୍ତା ଜାଳି ହତ୍ୟା କରିଛନ୍ତି। ଏଥିରେ ୪୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ ୩୮ ଜଣ ଛାତ୍ରଛାତ୍ରୀ ଥିବା ଉଗାଣ୍ଡା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କଙ୍ଗୋ ସୀମାଠାରୁ ୨ କି.ମି. ଦୂରରେ ଏହି ସ୍କୁଲ ଅବସ୍ଥିତ। ଶୁକ୍ରବାର ରାତିରେ ଆତଙ୍କବାଦୀମାନେ ସ୍କୁଲ ଉପରେ ଆକ୍ରମଣ କରିଥିବାବେଳେ ୬ ଜଣଙ୍କୁ ଅପହରଣ କରିନେଇଛନ୍ତି। ଆଲିଡ୍ ଡେମୋକ୍ରାଟିକ୍ ଫୋର୍ସେସ୍ (ଆଇଡିଏଫ୍) ଆତଙ୍କବାଦୀ ଛାତ୍ରୀଛାତ୍ରଙ୍କ ବ୍ୟତୀତ ସ୍କୁଲ ଗାର୍ଡ ଓ ୨ ଜଣ ସ୍ଥାନୀୟ ଲୋକଙ୍କୁ ମଧ୍ୟ ହତ୍ୟା କରିଛନ୍ତି।

ବିଦ୍ରୋହୀମାନେ ଛାତ୍ରଙ୍କ ହଷ୍ଟେଲରେ ତାଲା ପକାଇ ନିଆଁ ଲଗାଇଥିବାବେଳେ ଛାତ୍ରୀଙ୍କ ହଷ୍ଟେଲରେ ତାଲା ଦେଇ ନ ଥିଲେ। ପ୍ରାଣ ରକ୍ଷା ପାଇଁ ହଷ୍ଟେଲରୁ ବାହାରକୁ ଦୌଡ଼ି ପଳାଉଥିବା ଛାତ୍ରୀଙ୍କୁ ଆତଙ୍କବାଦୀମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଜଳିଯାଇଥିବା ଛାତ୍ରୀଛାତ୍ରଙ୍କ ପରିଚୟ ମିଳିନାହିଁ। ଶୁକ୍ରବାର ରାତି ପ୍ରାୟ ୧୧ଟା ୩୦ମିନିଟ୍‌ରେ ୫ ଜଣ ବିଦ୍ରୋହୀ ସେନା ସ୍କୁଲ ଉପରେ ଆକ୍ରମଣ କରିଥିବା ଉଗାଣ୍ଡା ମିଲିଟାରି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ବିଦ୍ରୋହୀ ସେନା ସ୍କୁଲର ଖାଦ୍ୟ ସଂରକ୍ଷଣ କକ୍ଷରୁ ସାମଗ୍ରୀ ସବୁ ଲୁଟି ନେଇଛନ୍ତି।

ଘଟଣା ସମ୍ପର୍କରେ ନିକଟସ୍ଥ ବ୍ରିଗେଡ୍ ସୂଚନା ପାଇ ସେଠାରେ ପହଞ୍ଚିଥିଲେ। ୮ ଗୁରୁତର ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପହୃତ ଛାତ୍ରୀଛାତ୍ରଙ୍କ ଉଦ୍ଧାର ପାଇଁ ଉଗାଣ୍ଡା ସେନା ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି। ଡେମୋକ୍ରାଟିକ୍ ରିପବ୍ଲିକ୍ କୋଙ୍ଗୋର ପୂର୍ବାଞ୍ଚଳରେ ଏଡିଏଫ୍ ବିଦ୍ରୋହୀ ସେନା ସବୁଠୁ ଘାତକ ଆତଙ୍କବାଦୀ ସଙ୍ଗଠନ। ସୋମାଲିଆ ଅଲ-ଶାବାବ ସଙ୍ଗଠନ ପକ୍ଷରୁ ୨୦୧୦ରେ ଉଗାଣ୍ଡାର କାମ୍ପାଲାରେ ହୋଇଥିବା ୨ଟି ପ୍ରାଣଘାତୀ ବିସ୍ଫୋରଣରେ ୭୬ ଜଣଙ୍କ ପ୍ରାଣହାନି ଘଟିଥିଲା। ଏହାପରେ ଶୁକ୍ରବାର ବିଳମ୍ବିତ ରାତିର ଆକ୍ରମଣ ଉଗାଣ୍ଡାରେ ଦ୍ୱିତୀୟ ବଡ଼ କାଣ୍ଡ ବୋଲି ସେନା କହିଛି।

# ଭାରତୀୟ ମିଶନ ଉପରେ ଆକ୍ରମଣର ତଦନ୍ତ କରିବ ଏନ୍‌ଆଇଏ

**ନୂଆଦିଲ୍ଲୀ, ୧୭।୬(ପି.ଟି.):** ଆମେରିକା ଓ କାନାଡାରେ ଥିବା ଭାରତୀୟ ମିଶନ ଉପରେ ଗତ ମାର୍ଚ୍ଚରେ ଖଲିସ୍ତାନୀ ସମର୍ଥକମାନେ କରିଥିବା ଆକ୍ରମଣର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ନେଇଛି। ଏହା ବ୍ୟତୀତ ଲଣ୍ଡନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ ହିଂସାତ୍ମକ ପ୍ରତିବାଦ ଓ ଭଙ୍ଗାରୁଜାର ତଦନ୍ତ ଦାୟିତ୍ୱ ମଧ୍ୟ ଏନ୍‌ଆଇଏକୁ ଦିଆଯାଇଛି। ଗତ ମାର୍ଚ୍ଚରେ ସାନ୍ ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ କନ୍‌ସୁଲେଟ୍‌ରେ ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରିବା ସହ ଭଙ୍ଗାରୁଜା କରିଥିଲେ। ସେମାନେ ସେଠାରେ ଖଲିସ୍ତାନୀ ପତାକା ଲଗାଇଥିଲେ। ସେହିପରି କାନାଡ଼ାସ୍ଥିତ ଭାରତୀୟ କୂଟନୈତିକ ମିଶନକୁ ଟାର୍ଗେଟ କରି ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରିଥିଲେ।




# ମଣିପୁରରେ ପୋଲିସ ଅସ୍ତ୍ରଭଣ୍ଡାର ଭଙ୍ଗାରୁଜା

## ସୁରକ୍ଷା ବଳ ସହ ଦଙ୍ଗାକାରୀଙ୍କ ସଂଘର୍ଷ

ଇମ୍ଫାଲ/ଗୁଆହାଟୀ, ୧୭।୬

ମଣିପୁରରେ ଦେଢ଼ମାସ ହେଲା କୁକି ଓ ମେଇତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷରୁ ହିଂସା ଲାଗିରହିଥିବାବେଳେ ଏହା ଥମିବା ନାଁ ନେଉନାହିଁ। ଶୁକ୍ରବାର ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ମଣିପୁରର ବିଷ୍ଣୁପୁର ଜିଲା ଅନ୍ତର୍ଗତ କ୍ୱାକ୍ଟା, ଚୁରାଚାନ୍ଦପୁର ଜିଲାର କଙ୍ଗଭାଇରେ ସ୍ୱୟଂକ୍ରିୟ ବନ୍ଧୁକରୁ ଗୁଳିମାଡ଼ ଜାରି ରହିଥିଲା। ଦୁର୍ବୃତ୍ତମାନେ ଲାଙ୍ଗୋଲସ୍ଥିତ ଏକ ଖାଲି ଘରକୁ ଜାଳିଦେଇଛନ୍ତି। ଏହା ବ୍ୟତୀତ ଅନ୍ୟ କେତେକ ସ୍ଥାନରେ ଉତ୍ତ୍ୟକ୍ତ ଲୋକେ ଏକାଠି ହୋଇ ଭଙ୍ଗାରୁଜା ଓ ପୋଡ଼ାଜଳାରେ ସାମିଲ ହୋଇଥିବାର ଖବର ପ୍ରକାଶ ପାଇଛି। ଇମ୍ଫାଲରେ ଦଙ୍ଗାକାରୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ୨ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ଇମ୍ଫାଲ ୱେଷ୍ଟର ଇରିଙ୍ଗବାମ୍ ଥାନାରୁ ଦୁର୍ବୃତ୍ତମାନେ ଅସ୍ତ୍ରଶସ୍ତ୍ର ଲୁଟିନେବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ସେନା, ଆସାମ ରାଇଫଲ୍ସ, ରାପିଡ୍ ଆକ୍ସନ ଫୋର୍ସ ଏବଂ ରାଜ୍ୟ ପୋଲିସ ପକ୍ଷରୁ ଶୁକ୍ରବାର ମଧ୍ୟରାତ୍ର ପର୍ଯ୍ୟନ୍ତ ଇମ୍ଫାଲ ଇଷ୍ଟରେ ଫ୍ଲାଗ୍‌ମାର୍ଚ୍ଚ ଜାରି ରହିଥିଲା।

ଦିନକ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଆର୍.କେ. ରଞ୍ଜନ ସିଂଙ୍କ ଘରକୁ ୧,୨୦୦ ଲୋକ ପେଟ୍ରୋଲ ବୋମା ଫିଙ୍ଗି ଜାଳିଦେଇଥିଲେ। ଆଡଭାନ୍ସ ହସ୍ପିଟାଲ ନିକଟରେ ଥିବା ପ୍ୟାଲେସ୍ କମ୍ପାଉଣ୍ଡରେ ୧,୦୦୦ ଲୋକ ଏକାଠି ହୋଇ ପୋଡ଼ାଜଳା ଓ ଭଙ୍ଗାରୁଜା ପାଇଁ ଉଦ୍ୟମ କରିଥିଲେ। ରାପିଡ୍ ଆକ୍ସନ ଫୋର୍ସ (ଆର୍‌ଏଏଫ୍) ପକ୍ଷରୁ ଲୁହବୁହା ବାଷ୍ପ ପ୍ରୟୋଗ ଓ ରବର ବୁଲେଟ୍ ମାଡ଼ କରାଯିବାରୁ ହିଂସାକାରୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ମଣିପୁର ବିଶ୍ୱବିଦ୍ୟାଳୟ ନିକଟ ଥୋଙ୍ଗଜୁଠାରେ ଶୁକ୍ରବାର ରାତିରେ ୨୦୦ରୁ ୩୦୦ ଲୋକ ସ୍ଥାନୀୟ ବିଧାୟକଙ୍କ ଘରେ ଭଙ୍ଗାରୁଜା କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଲେ ୧୦ ବିରୋଧୀ ଦଳ



ଜୟରାମ ରମେଶ

ନୂଆଦିଲ୍ଲୀ, ୧୭।୬

ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଦୀର୍ଘଦିନ ହେଲା ହିଂସାକାଣ୍ଡ ଲାଗି ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସଙ୍ଗରେ ଆଦୌ ମୁହଁ ଖୋଲୁନାହାନ୍ତି। ମୋଦିଙ୍କ ନୀରବତାକୁ ନେଇ କଂଗ୍ରେସ ସମେତ ମଣିପୁରର ୧୦ ସମଭାବାପନ୍ନ ବିରୋଧୀ ଦଳ ଶନିବାର ପ୍ରଶ୍ନ ଉଠାଇଛନ୍ତି। ସେମାନେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ଆପଏଣ୍ଟମେଣ୍ଟ ଚାହିଁଛନ୍ତି। ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ଖବରଦାତା ସମ୍ମିଳନୀକୁ ଏହି ସୂଚନା ଦେଇଛନ୍ତି। ସେହି ଦଳଗୁଡ଼ିକ ହେଲେ କଂଗ୍ରେସ, ଜେଡିୟୁ, ସିପିଆଇ, ସିପିଆଇ(ଏମ୍), ତୃଣମୂଳ କଂଗ୍ରେସ, ଏଏପି, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍, ଶିବସେନା (ୟୁବିଟି), ଏନ୍‌ସିପି ଏବଂ ରିଭଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି। ଜୁନ୍ ୨୦ରେ ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତରେ ବାହାରିବା ପୂର୍ବରୁ ସେମାନଙ୍କ ସହ ଆଲୋଚନା କରିବେ ବୋଲି ଉକ୍ତ ଦଳଗୁଡ଼ିକ ଆଶାବାଦୀ ଅଛନ୍ତି। ସେଥିପାଇଁ ସେମାନେ ୨୦ ତାରିଖ ଯାଏ ନୂଆଦିଲ୍ଲୀରେ ଅପେକ୍ଷା କରିବେ ବୋଲି କହିଛନ୍ତି।

୨୨ ବର୍ଷ ପୂର୍ବେ ୨୦୦୧ ଜୁନ୍ ୧୮ରେ ମଣିପୁରରେ ଅନୁରୂପ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା। ବିଧାନସଭା ବାଚସ୍ପତିଙ୍କ ବଙ୍ଗଳା ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟକୁ ଜାଳିଦିଆଯିବା ସହ ସାଢ଼େ ୩ ମାସ ପର୍ଯ୍ୟନ୍ତ ରାଜପଥ ଅବରୋଧ କରାଯାଇଥିଲା। ସେତେବେଳେ ସବୁ ଦଳର ଦାବିକ୍ରମେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଦୁଇଥର ସର୍ବଦଳୀୟ ବୈଠକ ଡାକି ଶାନ୍ତି ପାଇଁ ଅପିଲ୍ କରିଥିଲେ। ଏବେ ୧୦ଟି ଦଳର ନେତାମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଲାଗି ଅପେକ୍ଷା କରିଥିବାବେଳେ ସେ ନୀରବ ରହିଛନ୍ତି। ରାଜ୍ୟ ସରକାରଙ୍କ ଉପରେ କେନ୍ଦ୍ରର ବିଶ୍ୱାସ ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି ବୋଲି ଜୟରାମ କହିଛନ୍ତି।




# ବାହାନଗା ରେଳ ଦୁର୍ଘଟଣା: ଏସ୍‌ସିବିରେ ଆଉ ଜଣେ ଯାତ୍ରୀଙ୍କ ମୃତ୍ୟୁ

**କଟକ,୧୭।୬ (କାର୍ତ୍ତିକ ସାହୁ)**

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉ ଜଣେ ଯାତ୍ରୀଙ୍କର ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ବିହାର ବାସିନ୍ଦା ସୋହିମ ମନସୁର(୩୩)। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଟ୍ରମା ଆଇସିୟୁରେ ଚିକିତ୍ସା କରାଯାଉଥିଲା ବୋଲି ମେଡିକାଲ ସୂତ୍ରରୁ ଜଣାପଡିଛି। ସୋହିମଙ୍କ ଶରୀରରେ ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାରୁ ତାଙ୍କ କିଡ୍‌ନୀ ଖରାପ ହୋଇଯାଇଥିଲା। ତାଙ୍କର ଡାଏଲିସିସ ସହ ନିୟମିତ ଚିକିତ୍ସା କରାଯାଉଥିଲା। ଶୁକ୍ରବାର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଯାଇଥିଲା। ଶନିବାର ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ମେଡିକାଲ ସୂତ୍ରରୁ ଜଣାପଡିଛି। ଏହାକୁ ମିଶାଇ ଏସ୍‌ସିବି ମେଡିକାଲରେ ରେଳ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଛି। ଅପରପକ୍ଷରେ ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ସଂଖ୍ୟା ୨୯୧ରେ ହୋଇଛି। ଗତ ମଙ୍ଗଳବାର ବିହାର ରାଜ୍ୟ ମୋତିହାରିର ବିଜୟ ପାଶୱାନ(୩୫) ଓ ଶୁକ୍ରବାର ବିହାର ଗୋପାଳଗଞ୍ଜ ବାସିନ୍ଦା ପ୍ରକାଶ ରାମ(୧୭)ଙ୍କର ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ସୁଦ୍ଧା ଏସ୍‌ସିବି ମେଡିକାଲରେ ୪୬ ଜଣ ଚିକିତ୍ସିତ ହେଉଥିବାବେଳେ ୧୩ ଜଣ ଆଇସିୟୁରେ ଅଛନ୍ତି। ଅନ୍ୟ ୩ ଯାତ୍ରୀ ଗୁରୁତର ଅଛନ୍ତି।




# ଅମ୍ବାଦଳା ନିକଟରେ ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ

**ଅମ୍ବାଦଳା,୧୭।୬ (ରବୀନ୍ଦ୍ର ପଣ୍ଡା)**

ବାଲେଶ୍ୱର ଜିଲା ବାହାନଗାଠାରେ ୩ ଟ୍ରେନ୍ ଦୁର୍ଘଟଣା ସାରା ଦେଶରେ ଚହଳ ପକାଇ ଦେଇଥିବାବେଳେ ଏବେ ବାରମ୍ବାର ରେଳ ଦୁର୍ଘଟଣା ଯାତ୍ରୀଙ୍କୁ ଭୟଭୀତ କରିଛି। ଶନିବାର ରାୟଗଡ଼ା ଜିଲା ଅମ୍ବାଦଳା ରେଳ ଷ୍ଟେଶନ ନିକଟରେ ଆଉ ଏକ ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ପୂର୍ବାହ୍ନ ପ୍ରାୟ ୯ଟା ୩୦ ମିନିଟ୍‌ରେ ଟ୍ରେନ୍‌ଟି ଅମ୍ବାଦଳା ଷ୍ଟେଶନରୁ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମ କାରଖାନା ଅଭିମୁଖେ ବକ୍ସାଇଟ ନେଇ ଯାଉଥିବାବେଳେ ୪ଟି ୱାଗନ ଲାଇନଚ୍ୟୁତ ହୋଇ ରେଳଧାରଣାରୁ ତଳକୁ ଖସି ପଡ଼ିଥିଲା। ଫଳରେ ଉକ୍ତ ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ରାୟଗଡ଼ା ଓ ଟିଟିଲାଗଡ଼ରୁ ବୈଷୟିକ ଟିମ୍ ପହଞ୍ଚି ଧାରଣାର ମରାମତି କାର୍ଯ୍ୟ ଜାରି ରଖିଛନ୍ତି ।

## ରେଳ ଧାରଣାରେ ବୈଷୟିକ ତ୍ରୁଟି

ରେଳ ଧାରଣାରେ ବୈଷୟିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ବାଲେଶ୍ୱର ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣା ପରେ ବି ବିଭାଗୀୟ ଅଧିକାରୀମାନଙ୍କର ଚେତା ପଶୁ ନ ଥିବା ଚର୍ଚ୍ଚା ହେଉଛି। କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଏବଂ ଧାରଣାର ତଦାରଖ କାର୍ଯ୍ୟରେ ଅବହେଳା ଯୋଗୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ପ୍ରକାଶ ଥାଉକି, ନିକଟ ଅତୀତରେ ମଧ୍ୟ ଅମ୍ବାଦଳା ଷ୍ଟେଶନ ପରିସରରେ ବେଦାନ୍ତର ଏକ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା ।



ଅମ୍ବାଦଳା ନିକଟରେ ଲାଇନଚ୍ୟୁତ ହୋଇଥିବା ଟ୍ରେନ୍ ବଗି ।

## କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ


ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରୁଛନ୍ତି।

**କାମାକ୍ଷାନଗର, ୧୭।୬(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରଙ୍ଗମାଟିଆଠାରେ ଶନିବାର ଏକ କୋଇଲା ବୋଝେଇ ମାଲ୍‌ବାହୀ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟିଛି। ଉକ୍ତ ଟ୍ରେନ୍ ତାଳଚେରରୁ କୋଇଲା ନେଇ ଅନୁଗୋଳ-ସୁକିନ୍ଦା ରୁଟ୍‌ରେ ଡୁବୁରି ଯାଉଥିଲା। ଗୋଟିଏ ୱାଗନ୍‌ରେ ନିଆଁ ଲାଗିଯାଇଥିବା ଜଣାପଡ଼ିବା ପରେ ବିଭାଗୀୟ କର୍ମଚାରୀ ଅଗ୍ନିଶମ ବାହିନୀର ସହାୟତା ଲୋଡ଼ିଥିଲେ। କାମାକ୍ଷାନଗରରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ୩୦ ମିନିଟ୍‌ରେ ନିଆଁକୁ ଆୟତ୍ତ କରିଥିଲେ। ମାଲ୍‌ବାହୀ ଟ୍ରେନ୍‌ର ଅନ୍ୟ ୱାଗନ୍‌ଗୁଡ଼ିକ ସୁରକ୍ଷିତ ରହିଛି। ତେବେ ଟ୍ରେନ୍‌ଟି ଧାରଣା ଉପରେ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଛି।



**ଆଜିର ମନ୍ତବ୍ୟ**

"ଦ୍ରୁତ ପରିବର୍ତ୍ତନଶୀଳ ବୈଶ୍ୱିକ ପ୍ରେକ୍ଷାପଟରେ ଭାରତ ପାଇଁ ଆତ୍ମନିର୍ଭରଶୀଳତା ଏକ ବିକଳ୍ପ ନୁହେଁ, ବରଂ ଜରୁରୀ ଆବଶ୍ୟକତା। **-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟ ତଳେ ଗଲା ବିଛା**
**ଧନ କରିଛନ୍ତି ନୂଆ ଚାକିରି**
**ପଲଙ୍କ ପଡ଼ିଛି ତୁଚ୍ଛା।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ନୂଆ ଚାକିରିରେ ଯୋଗ ଦେଇଥିବା ପ୍ରବାସୀ ସ୍ୱାମୀ ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହ ଜନିତ ଦୁଃଖରେ ଭାଙ୍ଗିପଡିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇ ନ ଜାଣି ଭାତର ଦୋଷ**
**ଦେଇ ନ ଜାଣି ପତର ଦୋଷ।**

ଖାଇ ନ ଜାଣି ଭାତ ଭଲରେ ରନ୍ଧା ଯାଇ ନ ଥିବା କହିବା ଭଳି ଠିକ୍‌ରେ ପରଷି ନ ଜାଣି ପତରର ଦୋଷ ଥିବା କଥା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବଜ୍ରପାତରେ ୩ ମୃତ, ୪ ଗୁରୁତର

**ଢେଙ୍କାନାଳ, ୧୭।୬(ରତନ ନାୟାର)**

ଢେଙ୍କାନାଳ ଜିଲାରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ବଜ୍ରପାତ ୩ ଜୀବନ ନେଇଛି। ମୃତକ ହେଲେ ସଦର ବ୍ଲକ ନଡ଼ଣପୁର ଗ୍ରାମର ପ୍ରକାଶ ବେହେରା (୪୮), ଶଙ୍କର୍ଷଣ ବେହେରା (୭୦) ଏବଂ ଗଁଦିଆ ବ୍ଲକ ଦେଓଗାଁ ପଞ୍ଚାୟତ ଡାଗରାପଲ୍ଲି ଗ୍ରାମର ଜଗତ ଦେହୁରୀ (୩୮)। ଏଥିରେ ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି। ପ୍ରକାଶ ଏବଂ ଶଙ୍କର୍ଷଣ ଗ୍ରାମ ନିକଟ ପାଞ୍ଚକାହାଣିଆରେ ମଇଁଷି ଚରାଉଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଉଭୟେ ସେଠାରେ ଟଳି ପଡ଼ିଥିଲେ। ପାଖରେ ଥିବା ଲୋକେ ସେମାନଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଡାଗରାପଲ୍ଲିର ଜଗତ, ଗୌରାଙ୍ଗ ଦେହୁରୀ (୩୭), ଶରତ ଦେହୁରୀ (୫୦), ଜଗା ବେହେରା (୩୫), ଜାଆନ୍ଦାପଶି ଗ୍ରାମର ଶ୍ରୀପତି ଦେହୁରୀ (୪୦) ପ୍ରମୁଖ ଝଡ଼ବର୍ଷା ସମୟରେ ସ୍କୁଲ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଜଗତଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟମାନଙ୍କ ଚିକିତ୍ସା ଚାଲିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# କାର୍ଯ୍ୟରେ ଅବହେଳା: ୨ ନିର୍ବାହୀ ଯନ୍ତ୍ରୀଙ୍କୁ ଜବାବ ତଲବ

**ପିଏମ୍‌ଜିଏସ୍‌ୱାଇ ମରାମତି**

**ଯାଜପୁର, ୧୭।୬(ହର୍ଷବର୍ଦ୍ଧନ ବେହେରା)**

ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡକ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ନିୟମିତ ମରାମତି କ୍ଷେତ୍ରରେ ଯାଜପୁର ଏବଂ ଭବାନୀପାଟଣା ଗ୍ରାମ୍ୟ ନିର୍ମାଣ(ଆର୍‌ଡବ୍ଲ୍ୟୁ) ଡିଭିଜନ ସର୍ବାଧିକ ଖିଲାପ କରିଛନ୍ତି। ଏଥିଯୋଗୁ ଏନ୍‌ଆର୍‌ଆଇଡିଏ (ନ୍ୟାଶନାଲ ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଏଜେନ୍ସି) ନିର୍ଦ୍ଦେଶକଙ୍କ ସମୀକ୍ଷା ବୈଠକରେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ଯାଜପୁର ଏବଂ ଭବାନୀପାଟଣା ଆର୍‌ଡବ୍ଲ୍ୟୁ ନିର୍ବାହୀ ଯନ୍ତ୍ରୀମାନଙ୍କ ସରକାରୀ କାର୍ଯ୍ୟରେ ଚରମ ଅବହେଳା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହିକ୍ରମରେ ପିଏମ୍‌ଜିଏସ୍‌ୱାଇ ମୁଖ୍ୟ ଯନ୍ତ୍ରୀ ଉଭୟ ନିର୍ବାହୀ ଯନ୍ତ୍ରୀଙ୍କୁ ଗତ ୧୩ ତାରିଖରେ ନୋଟିସ ଜାରି କରିଛନ୍ତି। ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ତାହାର ଜବାବ ୭ଦିନ ମଧ୍ୟରେ ଦେବାକୁ କୁହାଯାଇଛି। ଏଥିରେ ବିଫଳ ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ ଚେତାବନୀ ଦେଇଛନ୍ତି।ପିଏମ୍‌ଜିଏସ୍‌ୱାଇ ଗ୍ରାମକୁ ଗ୍ରାମ ସଂଯୋଗ କରିବାର ଏକ ବୃହତ୍ ମାଧ୍ୟମ ହୋଇ ପାରିଛି। ଗତ ଦୁଇ ଦଶନ୍ଧି ହେଲା ଏହି ରାସ୍ତା ଗ୍ରାମବାସୀଙ୍କ ଗମନାଗମନ କ୍ଷେତ୍ରରେ ସହାୟକ ହେବା ସହ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ବାଟ ଦେଖାଇଛି। କିନ୍ତୁ କେତେକ ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି ଏହି ଯୋଜନାର ସଫଳତାରେ ପ୍ରତିବନ୍ଧକ ସାଜିଥିବା ଦେଖିବାକୁ ମିଳିଛି। ୫ ବର୍ଷ ଅବଧି ମଧ୍ୟରେ ଚୁକ୍ତି ଅନୁଯାୟୀ ପ୍ରତିବର୍ଷ ରକ୍ଷଣାବେକ୍ଷଣ ହେଉ ନ ଥିବା ଭଳି ଏକାଧିକ ଅଭିଯୋଗ ହେଉଛି। କେତେକ କ୍ଷେତ୍ରରେ ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ଅନୁଦାନକୁ ମିଳିମିଶି ଲୁଟ କରାଯାଉଥିବା ସନ୍ଦେହ କରାଯାଇଛି। ଫଳରେ ପିଏମ୍‌ଜିଏସ୍‌ୱାଇ ରାସ୍ତା ଦୀର୍ଘସ୍ଥାୟୀ ହୋଇ ନ ପାରିବା ସହ ୫ ବର୍ଷ ମଧ୍ୟରେ ଭାଙ୍ଗି ବିପର୍ଯ୍ୟସ୍ତ ହେଉଛି। ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଠିକାଦାର ଓ ଅଧିକାରୀମାନଙ୍କୁ ତାଗିଦ କରିବାର ନଜିର ରହିଛି। ଏପରିକି ଖିଲାପୀ ଠିକାସଂସ୍ଥାଠାରୁ ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ଜମାରାଶି ସହ ୨୦ ପ୍ରତିଶତ ଅଧିକ ଅର୍ଥ ଅସୁଲି କରିବାକୁ ନିର୍ଦ୍ଦେଶକ ପୂର୍ବରୁ ଚେତାବନୀ ଦେଇଛନ୍ତି। ହେଲେ ଏହି ଚେତାବନୀ ଠିକାସଂସ୍ଥା ଏବଂ ଯନ୍ତ୍ରୀମାନଙ୍କୁ କୌଣସି ଫରକ ପକାଉନାହିଁ। ଫଳରେ ଅନିୟମିତତା ଏବଂ ଅବହେଳା ସୀମା ଲଂଘୁଛି। ସୂଚନା ଅନୁଯାୟୀ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବାର ୫ ବର୍ଷ ମଧ୍ୟରେ ରକ୍ଷଣାବେକ୍ଷଣ ବାଧ୍ୟତାମୂଳକ ଏବଂ ଏଥିପାଇଁ ଅର୍ଥ ମଞ୍ଜୁର ହୋଇଥାଏ। କିନ୍ତୁ ଯାଜପୁର ଡିଭିଜନ ଅଧୀନରେ ୮୯ ଏବଂ ଭବାନୀପାଟଣା ଡିଭିଜନରେ ୭୮ ରାସ୍ତା ମରାମତି କ୍ଷେତ୍ରରେ ଟଙ୍କାଟିଏ ବି ଖର୍ଚ୍ଚ କରାଯାଇନାହିଁ, ଯାହାକି ରାଜ୍ୟରେ ସର୍ବାଧିକ ଖିଲାପ ବୋଲି ମୁଖ୍ୟଯନ୍ତ୍ରୀ ତାଙ୍କ ନୋଟିସରେ ଦର୍ଶାଇଛନ୍ତି।



ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ମାଲକାନଗିରି ଜିଲା ବଣ୍ଡା ଆଦିବାସୀ ।

# ବଣ୍ଡାଘାଟିରୁ ରାଇସିନା ହିଲ୍

**ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର)/ ଖଇରପୁଟ,୧୭।୬(ହୃଷୀକେଶ ସେଠୀ)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟି ଅଞ୍ଚଳରୁ ୧୭ ବଣ୍ଡା ମହିଳା ଓ ପୁରୁଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିମନ୍ତ୍ରଣ କ୍ରମେ ରାଷ୍ଟ୍ରପିତ ଭବନ ବୁଲିବାକୁ ଦିଲ୍ଲୀ ଯାଇଥିଲେ। ଏମାନେ ଦୁଇଦିନ ପୂର୍ବେ ନିଜ ଅଞ୍ଚଳକୁ ଫେରିଛନ୍ତି। ଗତ ୧୦ ତାରିଖରେ ଏମାନେ ଦିଲ୍ଲୀଠାରେ ପହଞ୍ଚି ୧୧ ତାରିଖ ଦିନ ସଂସଦ ଭବନ ବୁଲିଥିଲେ। ୧୨ ତାରିଖରେ ରାଷ୍ଟ୍ରପତି ଭବନ ବୁଲି ରାଷ୍ଟ୍ରପତିଙ୍କ ସହ ଫଟୋ ଉଠାଇ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ଏହି ଅବସରରେ ବଣ୍ଡାମାନଙ୍କ ପାରମ୍ପରିକ ମାଳା ରାଷ୍ଟ୍ରପତିଙ୍କୁ ବଣ୍ଡା ଯୁବତୀମାନେ ପିନ୍ଧାଇଥିଲେ। ବଣ୍ଡାମାନଙ୍କ ପାରମ୍ପରିକ ବେଶଭୂଷା ସାରା ଦେଶରୁ ଆସିଥିବା ଆଦିମ ଜନଜାତିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହା ଛଡା ଦିଲ୍ଲୀରେ ଥିବା ବିଭିନ୍ନ ଦର୍ଶନୀୟ ସ୍ଥାନ ବଣ୍ଡାମାନେ ଭ୍ରମଣ କରିଥିଲେ। ଏମାନଙ୍କ ସହ ମାର୍ଗଦର୍ଶକ ଭାବେ ବଣ୍ଡା ଉନ୍ନୟନ ପ୍ରକଳ୍ପ ପରିଚାଳକ ଅଜିତ କୁମାର ସାହୁ ଯାଇଥିଲେ। ଫେରିବା ପରେ ବଣ୍ଡା ମହିଳା ଓ ପୁରୁଷ ଆଦିବାସୀ ଉନ୍ନୟନ ମନ୍ତ୍ରଣାଳୟ, ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଓ ଟ୍ରାଇବାଲ ଲାଇଭ୍‌ଲିହୁଡ୍ ପ୍ରୋଜେକ୍ଟ(ଟିଏଲପି) ସଂସ୍ଥାକୁ ଧନ୍ୟବାଦ ଦେବା ସହ ଖୁସି ପ୍ରକଟ କରିଛନ୍ତି।

# ଦର୍ପଦଳନ ରଥରେ ଫାଟ

**ପୁରୀ, ୧୭।୬(ଅଜିତ ମହାନ୍ତି)**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ ମାତ୍ର ଦୁଇଦିନ ବାକିଥିବାବେଳେ ଶନିବାର ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଫାଟ ଦେଖିବାକୁ ମିଳିଛି। ରଥର ସାନଉଚ୍ଛୁଳା ଚକ ବା ପଛୁଆଣି ଚକର ଅଖରେ ଫାଟ ସୃଷ୍ଟି ହୋଇଛି। ଫଳରେ ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଅଖ ଫାଟ ମରାମତି ହେବ କି ଅଖ ପରିବର୍ତ୍ତନ କରାଯିବ ସେ ନେଇ ପ୍ରଶ୍ନ ଉଠିଛି। ପୂର୍ବରୁ ଫାଟ ଥିବାବେଳେ ସେଥିରେ କ୍ଲାମ୍ପ ଦିଆଯାଇଥିଲା। ତେବେ ଫାଟ ଅଧିକ ଦିଶିଥିଲା। ତେଣୁ ରଥ ଗଡ଼ିବାରେ ସମସ୍ୟା ଉପୁଜିବା ନେଇ ଆଶଙ୍କା କରାଯାଉଛି। ତେଣୁ ଉକ୍ତ ଅଖ ବଦଳାଯିବାକୁ ଭକ୍ତଙ୍କ ପକ୍ଷରୁ ଦାବି ହେଉଛି।

ଅନ୍ୟପକ୍ଷରେ ଦର୍ପଦଳନ ରଥର ଏକ ଅଖରେ ଫାଟ ଥିବା ଜଣାପଡ଼ିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଅପରାହ୍ନ ପ୍ରାୟ ୧ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ରଥ ନିର୍ମାଣ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ବରିଷ୍ଠ ଅଧିକାରୀ, ଜିଲାପାଳ, ପରିଚାଳନା କମିଟିର ସଦସ୍ୟ, ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ସଦସ୍ୟ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ତିନିରଥର ମୁଖ୍ୟ ମହାରଣାଙ୍କ ସମେତ ଭୋଇ ସର୍ଦ୍ଦାର ଉପସ୍ଥିତ ଥିଲେ। ଦର୍ପଦଳନ ରଥ ଚକର ଅଖ ପରିବର୍ତ୍ତନ କିମ୍ବା ଏହାକୁ ମରାମତି କରାଯିବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପରେ ବିଶ୍ୱକର୍ମା ମହାରଣାମାନେ କହିଥିଲେ, କଣ୍ଟା ବାଡ଼େଇବା ବେଳେ କାଠ ଦବିଯାଇଛି। କିଛି ସମସ୍ୟା ହେବନାହିଁ। ସେହିପରି ଫାଟ ଗୁରୁତର ନୁହେଁ, ତେଣୁ କୌଣସି ସମସ୍ୟା ହେବନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

### କ୍ରାକ୍ ଗୁରୁତର ନୁହେଁ, କୌଣସି ସମସ୍ୟା ନାହିଁ: ଶ୍ରୀମନ୍ଦିର ପ୍ରଶାସନ

ବୈଠକ ପରେ ଶ୍ରୀମନ୍ଦିର ବୈଷୟିକ କୋର୍ କମିଟିର ସଦସ୍ୟମାନେ ରଥ ନିକଟକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। କମିଟିର ସଦସ୍ୟ ଏନ୍.ସି. ପାଲ୍ ସୂଚନା ଦେଇ କହିଥିଲେ ଯେ, ଚକ ଓ ଅଖ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। କୌଣସି ବିପଦ ନାହିଁ। ରଥ ମଧ୍ୟ ସମ୍ପୂର୍ଣ୍ଣ ନିରାପଦ। ପୂର୍ବରୁ ଏକ ୟୁ କ୍ଲାମ୍ପ୍ ଲାଗିଥିଲା। ଏବେ ଆଉ ଏକ ୟୁ କ୍ଲାମ୍ପ୍ ଦିଆଯିବ। ସୃଷ୍ଟି ହୋଇଥିବା ଫାଟ ନଗଣ୍ୟ। ଯେଉଁ ଫାଟ ବୋଲି କୁହାଯାଉଛି ତାହା ଫାଟ ନୁହେଁ ବରଂ ସାମାନ୍ୟ କ୍ରାକ୍। କାଠ ଦୁର୍ବଳ ନୁହେଁ। ତେଣୁ କୌଣସି ସମସ୍ୟା ନାହିଁ। ରଥଟଣା ବେଳେ କୌଣସି ସମସ୍ୟା ଦେଖାଯିବ ନାହିଁ। କ୍ରାକ୍‌ଟି ତୁମ୍ବର ବହୁତ ଦୂରରେ ହୋଇଛି। ରଥର ପଛୁଆଣି ଚକରେ ଏକ କ୍ରାକ୍ ଦେଖାଯାଇଛି, ଯେଉଁଥିରେ କୌଣସି ସମସ୍ୟା ବା ଅସୁବିଧା ନାହିଁ ବୋଲି ପାଲ୍ ମତବ୍ୟକ୍ତ କରିଛନ୍ତି। ସେହିପରି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଜିତ କୁମାର ମହାପାତ୍ର ସ୍ଥିତି ଅନୁଧ୍ୟାନ ପରେ କହିଛନ୍ତି, କଞ୍ଚା କାଠ ଓ ପ୍ରବଳ ଖରା ଯୋଗୁ ସାମାନ୍ୟ କ୍ରାକ୍ ହୋଇଛି। ଅଖରେ ଦେଖାଯାଇଥିବା କ୍ରାକ୍ ଯୋଗୁ କୌଣସି ଅସୁବିଧା ନାହିଁ। ଯେଉଁ ଯାଗାରେ କ୍ରାକ୍ ହୋଇଛି, ସେଠାରେ ଗୋଟିଏ କ୍ଲାମ୍ପ ଦିଆଯିବ। କାରଣ କ୍ରାକ୍‌ଟି ତୁମ୍ବର ବହୁତ ବାହାରେ ରହିଛି। ତେଣୁ ଅଖ ପରିବର୍ତ୍ତନର ଆବଶ୍ୟକତା ନାହିଁ। ସମସ୍ତ କମିଟି ସଦସ୍ୟ ଦେଖିଛନ୍ତି ଯେ, କିଛି ସମସ୍ୟା ନାହିଁ। ସବୁ ଠିକ୍ ଅଛି। ରଥଯାତ୍ରା ସମୟରେ କୌଣସି ସମସ୍ୟା ହେବନାହିଁ ବୋଲି ମହାପାତ୍ର ମତ ଦେଇଛନ୍ତି।



ଦର୍ପଦଳନ ରଥର ସାନଉଚ୍ଛୁଳା ଚକ ବା ପଛୁଆଣି ଚକର ଅଖରେ ଫାଟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ତୃତୀୟ ଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ ପରିସ୍ଥିତିକୁ ସଜାଡ଼ି ନେବେ। କିନ୍ତୁ କୌଣସି ବନ୍ଧୁଙ୍କୁ ଟଙ୍କା ପଇସା ଦେଇ ଫେରି ପାଇବାରେ କମ୍ ସମ୍ଭାବନାକୁ ଦେଖି ମାନସିକ ଚିନ୍ତା ବଢ଼ିଯିବ। କର୍ମକ୍ଷେତ୍ରରେ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ସାହାଯ୍ୟ ପାଇପାରିବେ। କ୍ରମଶଃ ଦୂରେଇ ଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହୋଇପାରେ।

**ବୃଷ** - ଦୀର୍ଘଦିନ ହେଲା ଯାହା ପାଇନଥିଲେ ଆଜି ତାହା ପାଇବାରେ ଅସୁବିଧା ହେବନାହିଁ। ଶନିଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ଉନ୍ନତ ମାନର ଫଳ ପାଇବେ। ପୁରାତନ ରୋଗର ପ୍ରାଦୁର୍ଭାବ ବଢ଼ିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିପାରନ୍ତି।

**ମିଥୁନ** - ଏକତ୍ର ରବି ଓ ଚନ୍ଦ୍ରଜନିତ ସମ୍ପର୍କୀୟଙ୍କ ସହ ମିତ୍ରତା ବଢ଼ାଇବା ସକାଶେ ଚେଷ୍ଟା କରି ନିରାଶ ହେବେ। ଆନୁଷ୍ଠାନିକ କାର୍ଯ୍ୟ ପ୍ରସ୍ତୁତି ସକାଶେ ବ୍ୟସ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ପ୍ରଶାସନିକ କିମ୍ବା ପରିଚାଳନାଗତ ତ୍ରୁଟିକୁ ସୁଧାରିବାକୁ ଚେଷ୍ଟା କରିବେ। ପାରିବାରିକ ସମ୍ପର୍କ ମନ୍ଦ ହେବନି, ତଥାପି ସାଧାରଣ କଥାକୁ ନେଇ ଦ୍ୱନ୍ଦ୍ୱ ମଧ୍ୟରେ ଗତି କରିବେ।

**କର୍କଟ** - ଅନୁକୂଳ ଗ୍ରହଚକ୍ର ହେତୁ ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଲାଭ କରି ମନ ଭିତରର କଥାକୁ ପ୍ରକାଶ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ ଖୋଲା ମନ ନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହେବେ। କେତେକ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ପରିସ୍ଥିତି ସୃଷ୍ଟି ହେବ। ପାରିବାରିକ ସ୍ତରରେ ସାଧାରଣ କଥାରୁ ସମସ୍ୟା ସୃଷ୍ଟି ହୋଇପାରେ।

**ସିଂହ** - ରାଶ୍ୟାଧିପ ମଙ୍ଗଳ ନକ୍ଷତ୍ରସ୍ଥ ଯୋଗୁ ପରିଶ୍ରମଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ବନ୍ଧୁଙ୍କ ପାଖରେ ସମସ୍ୟାକୁ ଜଣାନ୍ତୁ; ଅବଶ୍ୟ ସହଯୋଗ ମିଳିଯିବ। ସନ୍ତାନମାନଙ୍କର କିଛି ରହିଥିବା ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢ଼ିପାରେ।

**କନ୍ୟା** - କର୍ମାଧିପ ଭାଗ୍ୟସ୍ଥ ହେତୁ କୌଣସି କାମ ଆରମ୍ଭ କରିବାକୁ ଚାହୁଁଥିଲେ ଶୀଘ୍ର ଆରମ୍ଭ କରିବା ଭଲ। ପିଲାଙ୍କ ପାଇଁ ଜଞ୍ଜାଳ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତାଗ୍ରସ୍ତ ହେବେ। ଶତ୍ରୁତା କରୁଥିବା ଲୋକ ନିଜର ଫାଇଦା ହାସଲର ଅପଚେଷ୍ଟା ଲାଗି ମନ ବଳାଇ ପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ସଭାସମିତିରେ ସଫଳତା ପାଇବେ।

**ତୁଳା** - ଚନ୍ଦ୍ରଙ୍କ ଶୁଭତ୍ୱରୁ ଦୀର୍ଘଦିନରୁ ଚେଷ୍ଟା କରୁଥିବା କାମଟି ଆଜି ସମ୍ପନ୍ନ ହୋଇପାରିବ। ଚିତ୍ରା ନକ୍ଷତ୍ରର ସାମୟିକ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। ମାମଲାରେ ସମସ୍ୟା କ୍ରମଶଃ ବୃଦ୍ଧି ପାଇବାକୁ ନେଇ ଚିନ୍ତିତ ରହିପାରନ୍ତି।

**ବିଛା** - ସପ୍ତମସ୍ଥ ବୁଧ ପାରିବାରିକ କ୍ଷେତ୍ରରେ ମତାନ୍ତର ଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବ। ପୁନଶ୍ଚ ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା ହେତୁ ମାନସିକ ସ୍ଥିତି ଭଲ ରହିନପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆତ୍ମୀୟମାନେ କ୍ରମଶଃ ଦୂରେଇ ଯିବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ପଡ଼ୋଶୀଙ୍କ ସହ ଆଲୋଚନା କଲେ ଉପକୃତ ହେବେ।

**ଧନୁ** - ଶନିଙ୍କ ପ୍ରଭାବରେ ମନ କଥାକୁ ଖୋଲିକରି କହିଲେ ମଧ୍ୟ ନିଜର ଲୋକମାନେ ତାହାର କଦର୍ଥ କରି ସମାଲୋଚନା କରିପାରନ୍ତି। ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନୋଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ଚେଷ୍ଟା କରିପାରନ୍ତି। ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତି ଅନୁଭବ କରିବେ।

**ମକର** - ସାମାନ୍ୟ ସମସ୍ୟା ମଧ୍ୟରେ ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, କର୍ମାରମ୍ଭ ବିନା ବାଧାବିଘ୍ନରେ ସମାପନ ହେବ। କର୍ମକ୍ଷେତ୍ରରେ କିଛି ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। କର୍ମକ୍ଷେତ୍ରରେ ବୁଦ୍ଧିଜୀବୀଙ୍କ ନିକଟରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟରେ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ।

**କୁମ୍ଭ** - ଚତୁର୍ଥସ୍ଥ ବୁଧ ହେତୁ ପାରିବାରିକ କ୍ଷେତ୍ରରେ ଅଶାନ୍ତ ରହିପାରନ୍ତି। ବନ୍ଧୁମାନଙ୍କ ନିକଟରୁ କିଛି ଖରାପ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ରୋଗୀଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟ ଯୋଗୁ ବ୍ୟସ୍ତ ରହିପାରନ୍ତି ।

**ମୀନ** - ପାପଗ୍ରହ ପ୍ରଭାବରୁ ମୁକ୍ତ କର୍ମ ସଂସ୍ଥାନ କାରଣରୁ ଆଜି କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟରେ ଆସି ଖୁସି ରହିବେ। ପରିବାରର ଖର୍ଚ୍ଚ ପରିମାଣ ଦ୍ୱିଗୁଣା ହୋଇପାରେ। ଏଣୁ ସରକାରୀସ୍ତରରୁ ଋଣ ଆଣିବା ସକାଶେ ମନ ବଳାଇ ପାରନ୍ତି। ସଭାସମିତିରେ, ଆଲୋଚନା ପରିସରରେ, ରାଜନୈତିକ ସ୍ଥିତି ତଥା ପ୍ରଶାସନିକ ସ୍ତରରେ ସଫଳତା ଅବଶ୍ୟ ମିଳିବ।

ଆଜି ଆଷାଢ଼ ଅମାବାସ୍ୟା ରବିବାର, ଶ୍ରୀମନ୍ଦିରରେ ବନକଲାଗି, ଜୁନ୍ ୧୮ ତାରିଖ, ବିଶ୍ୱ ପିତୃଦିବସ, ଅନ୍ତର୍ଜାତୀୟ ବଣଭୋଜି ଦିବସ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଅଦ୍ୟ ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୭ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୨୬ ଗତେ ଘ.୦୨।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା. ଘ.୦୪।୪୪ ଗତେ ଘ.୦୬।୨୩ ମଧ୍ୟେ ରାହୁକାଳ ।

**ପ୍ରଥମ ପୃଷ୍ଠାରୁ...**

### ବୋରିସ୍‌ଙ୍କୁ ମିଳିଲା ...

ପର୍ଯ୍ୟନ୍ତ ସେ 'ସ୍ପେକ୍ଟାଟର'ର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। କୋଭିଡ୍-୧୯ ଲକ୍‌ଡାଉନ୍ ପାର୍ଟିଗେଟ୍ ମାମଲାରେ ପାର୍ଲାମେଣ୍ଟକୁ ଜାଣିଶୁଣି ଭୁଲ୍ ତଥ୍ୟ ଦେଇଥିବା ଅଭିଯୋଗର ତଦନ୍ତରୁ ୫୮ ବର୍ଷୀୟ ବୋରିସ ଦୋଷୀ ବୋଲି ଜଣାପଡ଼ିବା ପୂର୍ବରୁ ସେ ଗତ ସପ୍ତାହରେ ଏମ୍‌ପି ପଦରୁ ଇସ୍ତଫା ଦେଇଥିଲେ। ଏବେ ସେ ପ୍ରତି ଶନିବାର ଡେଲି ମେଲ୍ ପାଇଁ ସ୍ତମ୍ଭ ଲେଖିବେ ବୋଲି ଉକ୍ତ ଖବରକାଗଜ ପକ୍ଷରୁ କୁହାଯାଇଛି। ଗତବର୍ଷ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ବୋରିସ୍ ବକ୍ତୃତା କାର୍ଯ୍ୟକ୍ରମରୁ ବହୁ ନିୟୁତ ପାଉଣ୍ଡ ଆୟ କରୁଛନ୍ତି। ଖବରକାଗଜରେ ତାଙ୍କ ନିଯୁକ୍ତି ସମ୍ପର୍କିତ ଘୋଷଣା ପ୍ରକାଶ ପାଇବା ପରେ ଏକ ସରକାରୀ ୱାଚ୍‌ଡଗ୍ ଏହାର ସମାଲୋଚନା କରିଛି। ପାର୍ଲାମେଣ୍ଟ କମିଟିରୁ ବିଭିନ୍ନ ପ୍ରସଙ୍ଗରେ ରାୟ ପାଇବାର ଦିନକ ପରେ ବୋରିସ୍‌ଙ୍କୁ ନୂତନ ନିଯୁକ୍ତି ମିଳିଛି। ତାଙ୍କ ବିବାଦୀୟ ପାର୍ଟିଗେଟ୍‌କୁ ନେଇ ତଦନ୍ତ ଏବେ ବି ଜାରି ରହିଛି।

### ଶିମିଳିପାଳରେ ଶିକାରୀ ...

ଟୁଇଟ୍ କରି ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଜଣେ କର୍ତ୍ତବ୍ୟରତ ଯୋଦ୍ଧାଙ୍କ ପ୍ରାଣହାନି ଘଟିଛି। ଏହାକୁ ମନ୍ତ୍ରଣାଳୟ ସଜ୍ଞାନକୁ ନେଇ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋର ଏକ ଟିମ୍‌କୁ ତଦନ୍ତରେ ସହାୟତା ପାଇଁ ପଠାଯାଇଛି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରାଯାଇଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନ (ଡବ୍ଲ୍ୟୁଏଲ୍‌ପିଏ) ୧୯୭୦ ଏବଂ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ବଳରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଯାଦବ କହିଛନ୍ତି। ସୂଚନା ଅନୁଯାୟୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଉପର ବାର୍‌ହାକାମୁଡ଼ା ରେଞ୍ଜ କାଣ୍ଡଧେନୁ ସେକ୍ସନ ଗାମୁଛାଝରଣ ଅଞ୍ଚଳରେ ଶିକାରୀଙ୍କ ଅନୁପ୍ରବେଶ ନେଇ ଶୁକ୍ରବାର ରାତିରେ ବିଭାଗୀୟ ଅଧିକାରୀମାନେ ଖବର ପାଇଥିଲେ। ରେଞ୍ଜର ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର ମାଥି ହାଁସଦାଙ୍କ ସମେତ ୬ କର୍ମଚାରୀ ରାତି ୨ଟା ୩୦ରେ ପାଟ୍ରୋଲିଂରେ ଯାଇଥିଲେ। ଗାମୁଛାଝରଣ ଅଞ୍ଚଳରେ ସେମାନଙ୍କର ୪୦ରୁ ଊର୍ଦ୍ଧ୍ୱ ଶିକାରୀଙ୍କ ସହ ମୁହାଁମୁହିଁ ହୋଇଥିଲା। ବନକର୍ମଚାରୀମାନେ ଅଟକାଇବାକୁ ଚେଷ୍ଟା କରିବାରୁ ଶିକାରୀମାନେ ଅତର୍କିତ ଗୁଳିଚାଳନା କରିଥିଲେ। ମାଥିଙ୍କ ଛାତିରେ ଏକ ଗୁଳି ବାଜିଥିଲା। ଏହାପରେ ଶିକାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ସାଥି ବନ କର୍ମଚାରୀମାନେ ମାଥିଙ୍କୁ ଗୁରୁତର ଅବସ୍ଥାରେ ରାତି ୩ଟା ୧୫ରେ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବହଳଦା ବ୍ଲକ୍ ଟିଙ୍ଗିରିଆସ୍ଥିତ ଜନ୍ମମାଟିରେ ବିଭାଗ ପକ୍ଷରୁ ମାଥିଙ୍କୁ ଶହୀଦ ସମ୍ମାନ ପ୍ରଦାନ କରାଯାଇଛି। ଗ୍ରାମରେ ଶେଷ କୃତ୍ୟ ସମ୍ପନ୍ନ ହେବା ନେଇ ସୂଚନା ମିଳିଛି। ଗୁଳିକାଣ୍ଡ ସମୟରେ ଉପସ୍ଥିତ ଥିବା ଉପର ବାରହାକାମୁ ରେଞ୍ଜ ଫରେଷ୍ଟ ଗାର୍ଡ ହିମାଂଶୁ ଶେଖର ସେଠୀ ଠାକୁରମୁଣ୍ଡା ଥାନାରେ ଅଭିଯୋଗ ପରେ ଥାନା କେସ୍ (ନଂ. ୬୪/୧୩) ଅନୁଯାୟୀ ମାମଲା ରୁଜୁ ହୋଇଛି। ଘଟଣା ପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଗୋଗନେନୀ, ଉତ୍ତର ଶିମିଳିପାଳ ଉପ କ୍ଷେତ୍ର ନିର୍ଦ୍ଦେଶକ ଡିଏନ ସାଇକିରଣ, ଡିଏଫ୍‌ଓ ଶ୍ରୀକାନ୍ତ ନାଏକ, ମୟୂରଭଞ୍ଜ ଏସ୍‌ପି ବି ଗଙ୍ଗାଧର, ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗଇ, ଠାକୁରମୁଣ୍ଡା ଥାନା ଅଧିକାରିଣୀ ରାଞ୍ଜୁ ହାସିନା କୁଲୁ କରଞ୍ଜିଆରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ପକ୍ଷରୁ ଶିମିଳିପାଳ ପାଦ ଦେଶରେ ଥିବା ଗ୍ରାମଗୁଡ଼ିକରେ ଚଢ଼ାଉ ଜାରି ରହିଛି। ଏସ୍‌ପି ବି. ଗଙ୍ଗାଧର କହିଛନ୍ତି, ୩ ଜଣକୁ ଅଟକ ରଖି ତଦନ୍ତ ଚାଲିଛି। ଶିକାରୀଙ୍କୁ ଧରିବାକୁ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ସମେତ ବିଭିନ୍ନ ଥାନାର ଅଫିସରମାନଙ୍କୁ ମୃତୟନ କରାଯାଇଛି। ଖବରପାଇ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ପହଞ୍ଚି ଶୋକ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ମାସକରେ ବନ୍ଧୁକ ମୁନରେ ଗଲାଣି ୩ ଜୀବନ

କାଠ ମାଫିଆଙ୍କ ଦ୍ୱାରା ପରିଚାଳିତ ଏଜେଣ୍ଟ ଓ ଶିକାରୀମାନେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ପ୍ରବେଶ କରି ଜୀବଜନ୍ତୁ ଶିକାର କରିବା ସହ ମୂଲ୍ୟବାନ କାଠଚାଲାଣ କରିବାରେ ଲାଗିଛନ୍ତି। ଏହାକୁ ନେଇ ବନବିଭାଗ ପକ୍ଷରୁ କୋମ୍ବିଂ ଅପରେଶନ ଆରମ୍ଭ କରାଯାଉଥିବାରୁ ଅପରାଧୀମାନେ ହିଂସ୍ର ହୋଇପଡ଼ିଛନ୍ତି। ଗତ ମେ' ୨୨ ତାରିଖରେ ବାଙ୍ଗିରିପୋଷି ରେଞ୍ଜ ବାଉଁଶଖାଳ ବିଟ୍ ଅଞ୍ଚଳରେ ଶିକାରୀ ଗୁଳିରେ ଫରେଷ୍ଟଗାର୍ଡ ବିମଳ କୁମାର ଜେନାଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ପୋଲିସ ଓ ବନବିଭାଗ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇ ସମସ୍ତ ଅପରାଧୀଙ୍କୁ ଗିରଫ କରିବା ସହ ବନ୍ଧୁକ ଜବତ ହୋଇଥିଲା। ଏହି ଘଟଣାର କିଛି ଦିନ ପରେ ଜୁନ୍ ୨ରେ ଚହଲା ରେଞ୍ଜ ଅଞ୍ଚଳରେ ଶିକାରୀ ଓ ବନକର୍ମଚାରୀ ମୁହାଁମୁହିଁ ହୋଇଥିଲେ। ଏଥିରେ ଆତ୍ମରକ୍ଷା ଲାଗି ବନ କର୍ମଚାରୀମାନେ ଗୁଳି ଚଳାଇବାରୁ ଶିକାରୀ ଜଗନ୍ନାଥ ହେମ୍ବ୍ରମଙ୍କ ମୃତ୍ୟୁ ଘଟିଥିଲା। ବେଆଇନ ଦେଶୀ ବନ୍ଧୁକ ସହିତ ମାରଣାସ୍ତ୍ର ବ୍ୟବହାର କରି ଶିକାରୀମାନେ କର୍ମଚାରୀଙ୍କୁ ଅତର୍କିତ ଆକ୍ରମଣ କରୁଛନ୍ତି। ବନ୍ଧୁକ ମୁନରେ ଆଖିବୁଜା ଗୁଳିଚାଳନା କରିବାରୁ ମାସକ ମଧ୍ୟରେ ଜଣେ ଶିକାରୀ ଓ ଦୁଇ ବନକର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଶିମିଳିପାଳର ସୁରକ୍ଷା ଦୃଷ୍ଟିକୋଣରୁ ଅଭୟାରଣ୍ୟକୁ ଜନଶୂନ୍ୟ କରି ବିସ୍ଥାପିତଙ୍କୁ ଥଇଥାନ ପୂର୍ବକ ରୋଜଗାର ଯୋଗାଇ ଦେବା ସହ ଅରଣ୍ୟ ନିବାସ ଭଳି ଅନ୍ୟାନ୍ୟ ରିସର୍ଟଗୁଡ଼ିକ ବନ୍ଦ କରିବା ପାଇଁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ଓ ପିସିସିଏଫ ଓଡ଼ିଶାଙ୍କ ନିକଟରେ ଦାବି କରିଛନ୍ତି।

# ମୃତଦେହ ପୋତାକୁ ନେଇ ଉତ୍ତେଜନା

ଉମରକୋଟ, ୧୭।୬(ସନ୍ତୋଷ ଶତପଥୀ)

## ପୁଅ ଧର୍ମ ପରିବର୍ତ୍ତନ କରିଥିବାରୁ ବାପା ମୃତଦେହକୁ ଶ୍ମଶାନ ବାରଣ ଘଟଣା



ପ୍ରଶାସନିକ ଅଧିକାରୀମାନେ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ପୁଅ ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ତାଙ୍କ ବାପାଙ୍କ ମୃତ୍ୟୁ ପରେ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରିବାକୁ ଗ୍ରାମବାସୀ ବାରଣ କରିଥିଲେ। ଏହାପରେ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇ ଗାଁ ବାହାର ଏକ ସରକାରୀ ସ୍ଥାନରେ ମୃତଦେହ ଶୁକ୍ରବାର ବିଳମ୍ବିତ ରାତିରେ ପୋତାଯାଇଥିଲା। ମୃତଦେହ ପୋତାଯାଇଥିବା ସ୍ଥାନ ନିକଟ ଗ୍ରାମର ଲୋକେ ଏହାକୁ ବିରୋଧ କରିଥିଲେ। ସର୍ବସାଧାରଣ ସ୍ଥାନରେ ମୃତଦେହ ପୋତିବାକୁ ନେଇ ଅସନ୍ତୁଷ୍ଟ ଅଞ୍ଚଳବାସୀ ଶୁକ୍ରବାର ରାତିରୁ ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ସେମାନଙ୍କୁ ବୁଝାଶୁଝା କରିଥିଲେ। ପୁନର୍ବାର ଉକ୍ତ ସ୍ଥାନରେ କୌଣସି ମୃତଦେହ ସତ୍କାର କରାଯିବ ନାହିଁ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

ସୂଚନାନୁଯାୟୀ, ଶୁକ୍ରବାର ବେହେଡ଼ା ପଞ୍ଚାୟତ ସିଉନାଗୁଡ଼ା ଗ୍ରାମର ଡମ୍ବୁ ସାନ୍ତା (୫୫)ଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ସାନପୁଅ ଧର୍ମ ପରିବର୍ତ୍ତନ କରିଥିଲେ। ଡମ୍ବୁ ସାନପୁଅଙ୍କ ପାଖରେ ରହୁଥିବାରୁ ଗ୍ରାମବାସୀ ହିନ୍ଦୁ ଶ୍ମଶାନରେ ମୃତଦେହ ସତ୍କାର କରିବାକୁ ମନା କରିଥିଲେ। ଏହାପରେ ମୃତକଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ଉମରକୋଟ ଉପଖଣ୍ଡ ଅଧିକାରୀ, ସ୍ଥାନୀୟ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ମୃତଦେହ ଅନ୍ୟତ୍ର ଏକ ସ୍ଥାନରେ ସତ୍କାର କରାଯିବାକୁ ନେଇ ମୃତକଙ୍କ ପରିବାରକୁ ଅଧିକାରୀମାନେ ବୁଝାଇଥିଲେ। ପରିବାର ଲୋକେ ସେଥିରେ ରାଜି ହେବାପରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରଶାସନ ସହାୟତାରେ ମୂର୍ତ୍ତିମା ନିକଟ ଏକ ମୋରମ ଖାଦାନରେ ମୃତଦେହ ପୋତାଯାଇଥିଲା। ଏହି ଖବର ଜାଣିବା ପରେ ଖାଦାନ ନିକଟରେ ରହୁଥିବା ୩ଗାଁର ଉତ୍ତ୍ୟକ୍ତ ଲୋକେ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ପୋତାଯାଇଥିବା ମୃତଦେହକୁ ସେଠାରୁ ବାହାରକରି ଅନ୍ୟତ୍ର କେଉଁଠି ସତ୍କାର କରିବାକୁ ସେମାନେ ଜିଦ୍ ଧରିଥିଲେ। ମୃତଦେହକୁ କୌଣସି ପରିସ୍ଥିତିରେ ବାହାର କରାଯିବ ନାହିଁ ବୋଲି ପ୍ରଶାସନିକ ଅଧିକାରୀମାନେ ରୋକ୍‌ଠୋକ୍ ମନା କରିଥିଲେ। ଏହାପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଶୁକ୍ରବାର ରାତିରୁ ହିଁ ରାଇଘର–ଉମରକୋଟ ରାସ୍ତାକୁ ଅବରୋଧକରି ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ଏସ୍‌ଆଇ ଅକ୍ଷୟ ମିଶ୍ର, ସନ୍ତୋଷ ମାଝି, ସୌମେନ୍ଦ୍ର ସେଠ, ଏଏସ୍‌ଆଇ ଶରତ ଚନ୍ଦ୍ର କୁଟୁରୁକା, ରାମଚନ୍ଦ୍ର ବେହେରା, ସୁଖଦେ ଛାତ୍ରୀୟା ଓ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ ଥିଲେ। ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ତହସିଲଦାର ତୁଳା ମୁଦୁଲି, ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଉମରକୋଟ ଏସ୍‌ଆଇ ନୀଳିମା ପାଣିଗ୍ରାହୀ ଧାରଣାରେ ବସିଥିବା ଲୋକଙ୍କ ସହ ଆଲୋଚନା କରିଥିଲେ। ପୁନର୍ବାର ଉକ୍ତ ସ୍ଥାନରେ କୌଣସି ମୃତଦେହ ସତ୍କାର କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ଶନିବାର ସନ୍ଧ୍ୟାରେ ହଟିଥିଲା।

## ୧୮ ଘଣ୍ଟା ଉମରକୋଟ୍-ରାଇଘର ରାସ୍ତାରୋକୋ କଲେ ଉତ୍ତ୍ୟକ୍ତ ଲୋକେ

# ସୋନପୁର ସବୁଠୁ ଉତ୍ତପ୍ତ

## ୪୫° ସେଲସିୟସ୍ ଉପରେ ୫ ସହର

ଭୁବନେଶ୍ୱର, ୧୭।୬(ଅନିଲ ଦାସ)

ଚାରିଆଡ଼େ ଉତ୍ତପ୍ତ ପରିବେଶ। ଲମ୍ବିଚାଲିଛି ତତଲା ଦିନ। ପାଣିପାଗ ବିଜ୍ଞାନୀଙ୍କ ପୂର୍ବାନୁମାନ ଗୋଳମାଳିଆ ହୋଇଯାଉଛି। ଦିନେ କି ସପ୍ତାହେ ନୁହେଁ, ମାସାଧିକ କାଳ ଗରମ ପ୍ରକୋପ ଜାରିରହିଛି। ତାତିରେ କେବେ ବିରାମ ଲାଗିବ ତାହା ଆକଳନ କରାଯାଇ ପାରୁନାହିଁ। ଅନ୍ୟପକ୍ଷରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ମଧ୍ୟ ଚିନ୍ତା ବଢ଼ାଇଲାଣି। ପାଗ ଅନୁକୂଳ ହେଉ ନ ଥିବାରୁ ନିକଟରେ ମୌସୁମୀ ଆଗମନ ଆଶା କ୍ଷୀଣ। ଆସନ୍ତା ୨୧ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ହିଟ୍‌ୱେଭ ଜାରିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଶନିବାର ସୋନପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୫.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ୫ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ସମ୍ବଲପୁର ୪୫.୪, ହୀରାକୁଦ ୪୫.୧ ଏବଂ ବଲାଙ୍ଗୀରରେ ୪୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ଝାରସୁଗୁଡ଼ାରେ ୪୪.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଅନୁଗୋଳ ୪୪.୭, ସୁନ୍ଦରଗଡ଼ ୪୪.୫, ନୟାଗଡ଼ ୪୪.୫, ବରଗଡ଼ ୪୪.୪, ଭୁବନେଶ୍ୱର ୪୪.୩, ତାଳଚେର ୪୪, ଢେଙ୍କାନାଳ ୪୩.୬, ଟିଟିଲାଗଡ଼ ୪୩.୫, ଖୋର୍ଦ୍ଧା ୪୩.୫, ରାଉରକେଲା ୪୩.୪, ନୂଆପଡ଼ା ୪୩.୪, ଦେବଗଡ଼ ୪୨.୫, ବାରିପଦା ୪୨.୪, ଜଗତ୍‌ସିଂହପୁର ୪୨.୪, କଟକ ୪୨.୧, ଫୁଲବାଣୀ ୪୨, ଭବାନୀପାଟଣା ୪୧.୮, କେନ୍ଦୁଝର ୪୧.୪, ଭଦ୍ରକ ୪୦.୫, ବ୍ରହ୍ମପୁର ୪୦.୫, କେନ୍ଦ୍ରାପଡ଼ା ୪୦.୨, ଯାଜପୁର ୪୦ ଏବଂ ଛତ୍ରପୁରରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସୋନପୁର, ବୌଦ୍ଧ, ଅନୁଗୋଳ, ଦେବଗଡ଼, କେନ୍ଦୁଝର, କଟକ, ନୟାଗଡ଼, ଖୋର୍ଦ୍ଧା ଏବଂ ବଲାଙ୍ଗୀର ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଢେଙ୍କାନାଳ, ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି ଏବଂ ନୂଆପଡା ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

**BUYERS REQUIRED FOR VANAMEI SHRIMP**
ବନମେଇ ଚିଙ୍ଗୁଡ଼ି ପାଇଁ କ୍ରେତା ଆବଶ୍ୟକ

- ଆମେ ଉଚ୍ଚ ଗୁଣମାନର ବନମେଇ ଚିଙ୍ଗୁଡ଼ି ଚାଷ କରୁଥିବା ଏକ କମ୍ପାନୀ ଅଟୁ
- ଆମେ ବନମେଇ ଚିଙ୍ଗୁଡ଼ି ପାଇଁ ସମ୍ଭାବ୍ୟ କ୍ରେତା ଆବଶ୍ୟକ କରୁଛୁ
- ଚିଙ୍ଗୁଡ଼ିର ଗଣନା 40 -100 ମଧ୍ୟରେ ଅଟେ
- ପରିମାଣ 20 -25 ଟନ୍ ମଧ୍ୟରେ ଅଟେ
- କୌଣସି ମଧ୍ୟସ୍ଥି ରହିବେ ନାହିଁ, ସିଧାସଳଖ ଚାଷୀ ଓ କ୍ରେତାଙ୍କ ମଧ୍ୟରେ ନେଣଦେଣ ସଞ୍ଚାଳିତ ହେବ
- We are a company that is doing high quality farming of **VANAMEI SHRIMP**
- We require potential buyers of VANAMEI SHRIMP
- Shrimp count ranges between 40 – 100
- Quantity ranges between 20 – 25 TON
- No middlemen is involved, transaction will be done from direct farmer to buyer

Location: CHANDBALI, DISTT. BHADRAK, ODISHA,
ସ୍ଥାନ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା CALL +91 – 77357 48087

# ୩୬ ପୌର ସଂସ୍ଥା ପାଇଁ ୨୨୫.୫୩ କୋଟି

## ମୁକ୍ତା ଯୋଜନାରେ ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ

### ୩ ପର୍ଯ୍ୟାୟରେ ମୋଟ ୮୩୩.୨୧ କୋଟି ମଞ୍ଜୁର

ଭୁବନେଶ୍ୱର, ୧୭।୬(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୨୦୨୩–୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନାର ତୃତୀୟ ପର୍ଯ୍ୟାୟରେ ରାଜ୍ୟର ଉତ୍ତର ରାଜସ୍ୱ ଡିଭିଜନ ଅଞ୍ଚଳରେ ଥିବା ୧୦ଟି ଜିଲାର ୩୬ ପୌରାଞ୍ଚଳ ପାଇଁ ୨୨୫.୫୩ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ସେହି ଜିଲାଗୁଡ଼ିକ ହେଲା ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ଝାରସୁଗୁଡ଼ା ଏବଂ ଦେବଗଡ଼। ଏହି ଜିଲାଗୁଡ଼ିକ ପାଇଁ ଅନୁମୋଦିତ ସମସ୍ତ ପ୍ରକଳ୍ପ କାର୍ଯ୍ୟ ମିଶନ ଶକ୍ତି ଗ୍ରୁପ୍ ଦ୍ୱାରା କରାଯିବ। ମୁକ୍ତା ଯୋଜନା ଅଧୀନରେ ଉକ୍ତ ପୌରାଞ୍ଚଳଗୁଡ଼ିକର ସମସ୍ତ ୱାର୍ଡର ବିକାଶ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି। ପ୍ରତ୍ୟେକ ପ୍ରକଳ୍ପ ଦୀର୍ଘସ୍ଥାୟୀ ପରିବେଶ ଅନୁକୂଳ।

ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫–ଟି ସଚିବ ଭି.କେ. ପାଣ୍ଡିଆନ ଜୁନ୍ ୧୬ ତାରିଖରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ନେଇ ୪୨ଟି ପୌର ସଂସ୍ଥାର ଜନପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ମୁକ୍ତା ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ କ୍ଷୁଦ୍ର ପାର୍କ, ଖୋଲା ଜିମ୍, ପିଲାଙ୍କ ଖେଳିବା ଜାଗା, ଖେଳପଡ଼ିଆ, ୱାକିଂ ଟ୍ରାକ୍, ଭେଣ୍ଡିଂ ଜୋନ ଆଦି ରହିଛି। ସହରାଞ୍ଚଳର ଗରିବ ଶ୍ରମିକ ଓ ଅନ୍ୟ ରାଜ୍ୟକୁ ଚାଲିଯାଉଥିବା ଶ୍ରମିକମାନଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଯୋଜନା ୨୦୨୦ ଏପ୍ରିଲ ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହି ଯୋଜନା ରାଜ୍ୟର ସମସ୍ତ ୧୧୫ଟି ପୌରସଂସ୍ଥାରେ କାର୍ଯ୍ୟକାରୀ କରାଯାଉଛି। ରାଜ୍ୟର ସମସ୍ତ ପୌର ସଂସ୍ଥା ପାଇଁ ୩ଟି ପର୍ଯ୍ୟାୟରେ ମୁକ୍ତା ଯୋଜନାରେ ସମୁଦାୟ ୮୩୩.୨୧ କୋଟି ଟଙ୍କା ମଞ୍ଜୁର କରାଗଲାଣି।

**DAYANAND INSTITUTE**
Dhanupali, Sambalpur- 768005
Helpline- 8763032587, 9938895475, 9437158817
**ADMISSION OPEN**
NTT- Regular and Distance Mode
Eligibility- +2 & Above (Only Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility- Any Graduate With 40% mark
Affiliated to Utkal University of Culture, Recognized by Govt. of Odisha
OFFICE TIME 8AM TO 1PM
Please visit at – theday.co.in

**ଭାରତୀୟ ଜୀବନ ବୀମା ନିଗମ**
LIC भारतीय जीवन बीमा निगम LIFE INSURANCE CORPORATION OF INDIA
ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ
ଇଞ୍ଜିନିୟରିଂ ବିଭାଗ
"ଜୀବନ ଦୀପ", ଏକ୍ଜିବିଶନ୍ ରୋଡ୍, ପାଟନା–୮୦୦୦୦୧।
ଫୋନ୍ ନଂ. ୦୬୧୨–୨୫୦୧୧୧୮/୨୫୦୩୦୧୪
ଏକ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣିତ ବିଭାଗ

**ଆର୍କିଟେକ୍ଟ ଡିଜାଇନ୍ ପ୍ରତିଯୋଗିତା**

ଭାରତୀୟ ଜୀବନ ବୀମା ନିଗମ ନିମ୍ନଲିଖିତ କାର୍ଯ୍ୟ ପାଇଁ ଏକକାଳୀନ ଦର ଭିତ୍ତିରେ ଯୋଗ୍ୟ ଆର୍କିଟେକ୍ଟ/ଆର୍କିଟେକ୍ଟ ଫାର୍ମଗୁଡ଼ିକଠାରୁ ୱେବ୍‌ସାଇଟ୍ http://www.tenderwizard.com/LIC ମାଧ୍ୟମରେ ଇ–ବିଡ୍ ଆହ୍ୱାନ କରୁଛି:

| | |
|---|---|
| ବିଡ୍ ନଂ. | ଏଲ୍‌ଆଇସିଆଇ/ଇସିଜେଡ୍‌ଓ/ଇଏନ୍‌ଜିକି./୨୦୨୩–୨୪/୦୭ |
| କାର୍ଯ୍ୟର ନାମ | ଡିଜାଇନ୍ ପ୍ରତିଯୋଗିତା ମାଧ୍ୟମରେ ସେକ୍ଟର–VI, ସିଡିଏ, ବିଡାନାସୀ, କଟକ, ଓଡ଼ିଶାଠାରେ ଆମ ପଲିସିଧାରକଙ୍କ ହାଉସିଂ ସ୍କିମ୍‌ରେ ଡୁପ୍ଲେକ୍ସ ନିର୍ମାଣ ନିମନ୍ତେ ପରାମର୍ଶଦାତା ତଥା ଆର୍କିଟେକ୍ଟଙ୍କ ନିଯୁକ୍ତି ନିମନ୍ତେ ଇ–ଟେଣ୍ଡର। |
| ବିକ୍ରୟ ଅବଧି (ଡାଉନ୍‌ଲୋଡିଂ) | ତା୧୯।୦୬।୨୦୨୩, ୧୭.୩୦ ଘଟିକାରୁ ତା୧୦।୦୭।୨୦୨୩ରିଖ ୧୭.୩୦ ଘଟିକା |
| ପ୍ରାକ୍-ବିଡ୍ ବୈଠକ | ତା୦୫।୦୭।୨୦୨୩, ୧୧.୩୦ ଘଟିକା, ସ୍ଥାନ: କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଭାରତୀୟ ଜୀବନ ବୀମା ନିଗମ, 'ଜୀବନ ପ୍ରକାଶ', ନୂଆପାଟନା, କଟକ – ୭୫୩୦୦୧ଙ୍କ କାର୍ଯ୍ୟାଳୟ |
| ଅନ୍‌ଲାଇନ୍ ବିଡ୍ ଦାଖଲ ସମାପ୍ତି ତାରିଖ ଓ ସମୟ | ତା୧୭।୦୭।୨୦୨୩ରିଖ ୨୩.୫୯ ଘଟିକା |
| ପ୍ରାକ୍‌ଯୋଗ୍ୟତା ଏବଂ ବୈଷୟିକ ବିଡ୍ ଖୋଲାଯିବାର ତାରିଖ ଓ ସମୟ | ତା୧୮।୦୭।୨୦୨୩ରିଖ, ୧୫.୩୦ ଘଟିକା ପରଠାରୁ |
| ଟେଣ୍ଡର ପ୍ରକ୍ରିୟାକରଣ ଦେୟ | ଟ.୨,୩୬୦.୦୦ ଜିଏସ୍‌ଟି ସମେତ, ତା୧୭।୦୭।୨୦୨୩ରିଖ, ୨୩.୫୯ ଘଟିକା ମଧ୍ୟରେ ଏନ୍‌ଇଏଫ୍‌ଟି ଜରିଆରେ ସ୍ଥାନାନ୍ତର କରାଯିବା ଆବଶ୍ୟକ |
| ଯୋଗାଯୋଗ ଇ-ମେଲ୍ | ecz_engg@licindia.com |
| ଉପସ୍ଥାପନା ତାରିଖ | 'ପ୍ରାକ୍‌ଯୋଗ୍ୟତା ଏବଂ ବୈଷୟିକ ବିଡ୍' ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହୋଇଥିବା ଏବଂ ଟେଣ୍ଡର ପ୍ରକ୍ରିୟାକରଣ ଦେୟ ଜମା କରିଥିବା ବ୍ୟକ୍ତିମାନଙ୍କୁ ସୂଚିତ କରାଯିବ। |
| ମୂଲ୍ୟ ବିଡ୍ ଖୋଲାଯିବାର ତାରିଖ | ପରେ ସୂଚିତ କରାଯିବ |

ଦ୍ରଷ୍ଟବ୍ୟ: ଉପରୋକ୍ତ ଟେଣ୍ଡର ସଂକ୍ରାନ୍ତରେ କୌଣସି ଯୋଗପତ୍ର/ଶୁଦ୍ଧିପତ୍ର/ବିକ୍ରୟ ତାରିଖ ବୃଦ୍ଧି କେବଳ http://www.tenderwizard.com/LIC ୱେବ୍‌ସାଇଟ୍‌ରେ ଜାରି କରାଯିବ ଏବଂ ଗଣମାଧ୍ୟମରେ କୌଣସି ପୃଥକ୍ ଅଧିସୂଚନା ଜାରି କରାଯିବ ନାହିଁ। ତେଣୁ ବିଡରମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜକୁ ସର୍ବଦା ସୂଚିତ ରଖିବା ପାଇଁ ଉକ୍ତ ୱେବ୍‌ସାଇଟ୍ ନିୟମିତ ଭାବେ ପରିଦର୍ଶନ କରିବେ।
ତାରିଖ: ୧୮।୦୬।୨୦୨୩ ଅତିରିକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ)

## ଖଟିଆରେ ବୁହାହେଲେ ଗର୍ଭବତୀ



ଭବାନୀପାଟଣା, ୧୭।୬(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଖମନପଡ଼ାର ଭୋଳାନାଥ ଗଉଡ଼ଙ୍କ ସ୍ତ୍ରୀ ନନ୍ଦିନୀ ପ୍ରସବ ବେଦନା ହେବାରୁ ଆମ୍ବୁଲାନ୍ସକୁ ଡକାଯାଇଥିଲା। ହେଲେ ଗାଁ ପାଖ ଇନ୍ଦ୍ରାବତୀ ଓ ବାଲିଯୋର ନଦୀ ଉପରେ ବ୍ରିଜ୍ ନ ଥିବାରୁ କାଠ ପୋଲରେ ଆମ୍ବୁଲାନ୍ସ ଯାଇ ନ ପାରି ଦୂରରେ ଅଟକିଯାଇଥିଲା। ଗ୍ରାମବାସୀ ଏକ ଖଟିଆରେ ନନ୍ଦିନୀଙ୍କୁ ଦେଢ଼ କି.ମି. ଦୂର ଥୁଆମୂଳ ରାମପୁର–କାଶୀପୁର ମୁଖ୍ୟ ରାସ୍ତାରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

## ୬ ସୂଚନା ସେବା ଅଧିକାରୀ ହେଲେ ଉପନିର୍ଦ୍ଦେଶକ

ଭୁବନେଶ୍ୱର, ୧୭।୬(ଅନିଲ ଦାସ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନ ବିଭିନ୍ନ କାର୍ଯ୍ୟାଳୟରେ ଅବସ୍ଥାପିତ ଓଡ଼ିଶା ସୂଚନା ସେବା ବର୍ଗର ୬ଜଣ ବରିଷ୍ଠ ଅଧିକାରୀଙ୍କୁ ଉପନିର୍ଦ୍ଦେଶକ(ଡେପୁଟି ଡାଇରେକ୍ଟର) ଭାବରେ ପଦୋନ୍ନତି ଦିଆଯାଇଛି। ସେମାନେ ହେଲେ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଭଣ୍ଡାର ଅଧିକାରୀ ସୁରଜିତ ମିଶ୍ର, ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ରକ୍ଷକ କୁମାର ନାୟକ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପତି, ମୁଖ୍ୟାଳୟର ସୂଚନା ଅଧିକାରୀ ଦୀପ୍ତିମୟୀ ମହାପାତ୍ର, ବରଗଡ଼ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଏବଂ କଟକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର।

ଏ ନେଇ ଶନିବାର ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ଅଧିକାରୀମାନେ ଅନ୍ୟାଦେଶ ପର୍ଯ୍ୟନ୍ତ ବର୍ତ୍ତମାନ ଅବସ୍ଥାପିତ ସ୍ଥାନରେ କାର୍ଯ୍ୟ କରିବେ। ସେମାନେ ବିଭାଗୀୟ କର୍ତ୍ତୃପକ୍ଷ ତଥା ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ପଦୋନ୍ନତି ପାଇଥିବା ଅଧିକାରୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

nsm NATIONAL SUPERCOMPUTING MISSION
INFRASTRUCTURE | APPLICATIONS | R&D | HRD
ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ
(ଏମ୍‌ଇଆଇଟିୱାଇ, ଭାରତ ସରକାରଙ୍କ ଏକ ବୈଜ୍ଞାନିକ ସୋସାଇଟି)
सी डैक CDAC

**ସାମାଜିକ ଭାବେ ବଞ୍ଚିତ ସମୂହ (ଏସ୍‌ସି ଏବଂ ଏସ୍‌ଟି ଯୁବବର୍ଗ)ଙ୍କ ନିମନ୍ତେ ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ (ଏଚ୍‌ପିସି) ପିଜି ଡିପ୍ଲୋମା**

**ସେପ୍ଟେମ୍ବର ୨୦୨୩ ବ୍ୟାଚ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ପଞ୍ଜୀକରଣ**



ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ (ଏମ୍‌ଇଆଇଟିୱାଇ), ଭାରତ ସରକାରଙ୍କ ଦ୍ୱାରା ପାଣ୍ଠିପ୍ରାପ୍ତ ଜାତୀୟ ସୁପରକମ୍ପ୍ୟୁଟିଂ ମିଶନ୍ (ଏନ୍‌ଏସ୍‌ଏମ୍) ଅଧୀନରେ, ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ (ସି–ଡିଏସି) ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ପାଠ୍ୟକ୍ରମଗୁଡ଼ିକ ମଧ୍ୟରେ ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ (ଏଚ୍‌ପିସି)ରେ କୁଶଳୀ ଏବଂ ବିଶେଷଜ୍ଞ ମାନବ ସମ୍ବଳ ବିକାଶ ପାଇଁ କାମ କରୁଅଛି। ଇଞ୍ଜିନିୟରିଂ ଏବଂ ବିଜ୍ଞାନର ମନୋନୀତ ଶୃଙ୍ଖଳାରେ ପୋଷ୍ଟ ଗ୍ରାଜୁଏସନ କରିଥିବା ଭାରତର ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ସମ୍ପ୍ରଦାୟର ବ୍ୟକ୍ତିମାନଙ୍କଠାରୁ ସି–ଡିଏସି ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ (ଏଚ୍‌ପିସି) ପାଠ୍ୟକ୍ରମରେ ନାମଲେଖା ପାଇଁ ଏନ୍‌ଏସ୍‌ଏମ୍ ସି–ଡିଏସି କମନ୍ ଆଡ୍‌ମିଶନ୍ ଟେଷ୍ଟ (ସି–ସିଏଟି) ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି।

**ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ପାଠ୍ୟକ୍ରମ**
- ଏଚ୍‌ପିସି ସିଷ୍ଟମ୍ ଆଡ୍‌ମିନିଷ୍ଟ୍ରେଶନ୍ (ପିଜି–ଡିଏଚ୍‌ପିସିଏସ୍‌ଏ)
- ଏଚ୍‌ପିସି ଆପ୍ଲିକେଶନ୍ ପ୍ରୋଗ୍ରାମିଂ (ପିଜି–ଡିଏଚ୍‌ପିସିଏପି)

**ଗୁରୁତ୍ୱପୂର୍ଣ୍ଣ ତାରିଖ**
ଅନ୍‌ଲାଇନ୍ ପଞ୍ଜୀକରଣର ଶେଷ ତାରିଖ: ଜୁଲାଇ ୦୫, ୨୦୨୩
ଏନ୍‌ଏସ୍‌ଏମ୍ ସି-ଡିଏସି କମନ୍ ଆଡ୍‌ମିଶନ୍ ଟେଷ୍ଟ : ଜୁଲାଇ ୧୫-୧୬, ୨୦୨୩
ପାଠ୍ୟକ୍ରମ ଆରମ୍ଭ: ସେପ୍ଟେମ୍ବର ୦୮, ୨୦୨୩

**ପାଠ୍ୟକ୍ରମ ଓ ଯୋଗ୍ୟତାର ମୁଖ୍ୟ ବିନ୍ଦୁ:**
- କେବଳ ଭାରତର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ଆବେଦନ କରିପାରିବେ
- ଦରଖାସ୍ତ ଏବଂ ପାଠ୍ୟକ୍ରମ ଦେୟ ଛାଡ଼ କରାଯାଇଛି
- କେବଳ ୬ ମାସର ପାଠ୍ୟକ୍ରମ ଅବଧି ପାଇଁ ସାମାନ୍ୟ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ
- ୯୦୦ ଘଣ୍ଟିଆ ପାଠ୍ୟକ୍ରମର ସଫଳ ପ୍ରଶିକ୍ଷଣ ଏବଂ ପ୍ରମାଣନ ପରେ ପ୍ଲେସ୍‌ମେଣ୍ଟ ସୁଯୋଗ

CBC - 06132/12/0009/2324

ନାମଲେଖା ପାଇଁ ଯୋଗ୍ୟତା, ନାମଲେଖା ପଦ୍ଧତି, ନାମଲେଖା ପାଠ୍ୟଖସଡ଼ା, ସମୟସୂଚୀ ସମ୍ବନ୍ଧୀୟ ବିବରଣୀ ଏବଂ ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ପାଇଁ ସି–ଡିଏସିର ଏସିଟିଏସ୍ ୱେବ୍‌ସାଇଟ୍ https://www.cdac.in/NSMTrainingSCST ପରିଦର୍ଶନ କରନ୍ତୁ।

ॲक्टस acts ISO 9001:2015 Organisation
ପ୍ରଶିକ୍ଷଣ କେନ୍ଦ୍ର: ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ ଟ୍ରେନିଂ ସ୍କୁଲ୍,
ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ, ସି–ଡିଏସି ଇନୋଭେସନ୍ ପାର୍କ, ପଞ୍ଚବଟୀ, ପାଷାଣ, ପୁଣେ ୪୧୧୦୦୮, ମହାରାଷ୍ଟ୍ର, ଭାରତ, ଟେଲି: ୦୨୦–୨୫୫୦୩୧୦୦, ୧୦୭, ୧୩୪, ୧୩୬, ଇ–ମେଲ୍: actssupport@cdac.in

**ବିଜ୍ଞପ୍ତି**
**ବାହାନଗା ବଜାର (ବାଲେଶ୍ୱର)ର**
**ଦୁଃଖଦ ରେଳ ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟ/ଆତ୍ମୀୟଙ୍କ ନିମନ୍ତେ**

ଏତଦ୍ୱାରା 02.06.2023ରେ ବାହାନଗା ବଜାର, ଜିଲ୍ଲା-ବାଲେଶ୍ୱର (ଓଡ଼ିଶା)ରେ 12841 ଶାଲିମାର-ଏମ୍‌ଜିଆର ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ଏବଂ 12864 ଏସ୍‌ଏମ୍‌ଭିବି ହାଓଡ଼ା ଏକ୍ସପ୍ରେସ୍ ମଧ୍ୟରେ ସଂଘଟିତ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ/ଆତ୍ମୀୟମାନଙ୍କୁ ଅଚିହ୍ନା ମୃତକଙ୍କ ସହ ସମ୍ପର୍କ ସିଦ୍ଧ କରିବା ନିମନ୍ତେ ନିଜର ଡିଏନ୍‌ଏ ନମୁନା ପ୍ରଦାନ କରିବାକୁ ଭାରତୀୟ ରେଳ ଅନୁରୋଧ ଜଣାଉଛି।

**ସ୍ଥାନ**
**ଆକାଡେମିକ ବ୍ଲକ (କମିଟି ରୁମ),**
**AIIMS, ଭୁବନେଶ୍ୱର**

ଦୟାକରି ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରନ୍ତୁ:

**139**
ଭାରତୀୟ ରେଳ ହେଲ୍‌ପ୍ଲାଇନ୍

ଶ୍ରୀ ଦିଗମ୍ବର ପାଢ଼ି, ସହାୟକ କାର୍ମିକ ଅଧିକାରୀ
ମୋବାଇଲ-8455887604

ଶ୍ରୀ ବିଶ୍ୱନାଥ ପାଢ଼ି, ସହାୟକ ବାଣିଜ୍ୟ ପ୍ରବନ୍ଧକ
ମୋବାଇଲ-8455885967

ଶ୍ରୀ ବି.ତପନ କୁମାର, ଲୋକସମ୍ପର୍କ ଅଧିକାରୀ
ମୋବାଇଲ-8455885040

ଶ୍ରୀ ବିକାଶ କୁମାର, ଲୋକସମ୍ପର୍କ ଅଧିକାରୀ
ମୋବାଇଲ-8455885041

ଭୁବନେଶ୍ୱର ରେଳ ଷ୍ଟେସନଠାରେ ସହାୟତା: 0674-2534027
ପୂର୍ବ ତଟ ରେଳପଥ କଣ୍ଟ୍ରୋଲ ରୁମ୍, ଭୁବନେଶ୍ୱରଠାରେ ସହାୟତା: 8455885999
ଏବଂ ଖୋର୍ଦ୍ଧା ରୋଡ଼ଠାରେ ସହାୟତା: 8455887999

ଭାରତୀୟ ରେଳ

D-3/23

## ସଂକ୍ଷେପରେ

### ନିଟ୍ ପରୀକ୍ଷାରେ ୨ ଛାତ୍ରଙ୍କ ସଫଳତା



**କର୍ଲାମୁଣ୍ଡା,୧୭।୬(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ଦୁଇଜଣ ଛାତ୍ର ସର୍ବଭାରତୀୟ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ଜଣାପଡ଼ିଛି। ଏହି ଖବର ପ୍ରଚାର ହେବା ମାତ୍ରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏହି ବ୍ଲକର ଡୁକେରମାଲ ଗ୍ରାମର ଜନ୍ମେଜୟ ସାହୁ ଓ ଗୀତା ସାହୁଙ୍କ ପୁତ୍ର ସଞ୍ଜିବ ସାହୁ ୬୨୪ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଜୋରାଡ଼ବରା ଗ୍ରାମର ବିମଳ ସାହୁ ଓ କୁନି ସାହୁଙ୍କ ପୁତ୍ର ଅଜିତ କୁମାର ସାହୁ ୬୨୩ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଦୁଇ ଛାତ୍ରଙ୍କ ସଫଳତା ପାଇଁ ବିଧାୟକ ଭୂପିନ୍ଦର ସିଂଙ୍କ ସହ ତୈଳିକ ହଳଦିଆ ବୈଶ୍ୟ ସାହୁ ସମାଜ କଳାହାଣ୍ଡି, କର୍ଲାମୁଣ୍ଡା ପ୍ରେସ କ୍ଲବ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

### ବିଶିଷ୍ଟ ଚାଷୀଙ୍କ ପରଲୋକ

**ଖଡ଼ିଆଳ,୧୭।୬(ସୁଜିତ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବଡଦୋହେଲ ପଞ୍ଚାୟତ ଅନ୍ତର୍ଗତ ସାନଦୋହେଲ ଗ୍ରାମର



ବୋଧନ ଗହୀର(୭୫)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ବିଶିଷ୍ଟ ଚାଷୀ ଓ ଧର୍ମପ୍ରାଣ ବ୍ୟକ୍ତି ଥିଲେ। ପାରାଲିସିସ ଓ କୀଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ରାୟପୁରେ ସେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଶନିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଶଯ୍ୟା ନିକଟରେ ୨ ପୁଅ ଓ ୪ ଝିଅ ଉପସ୍ଥିତ ଥିଲେ। ସୁନ୍ଦର ନଦୀକୂଳ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କ ବଡ଼ ପୁଅ ଯୋଗେଶ୍ୱର ଗହୀର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପ୍ରଧାନମନ୍ତ୍ରୀ ବୀମା ଯୋଜନାରେ ମିଳିଲା ୨ ଲକ୍ଷ ଟଙ୍କା



**ନୂଆପଡ଼ା,୧୭।୬(ମକାରୁ ବେମାଲ):** ନୂଆପଡ଼ା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ କର୍ଲାକୋଟ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ପଲସଦା ଗ୍ରାମର ନାକ ପ୍ରଧାନୀଙ୍କୁ ୨ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରା ଯାଇଛି। ତାଙ୍କ ସ୍ତ୍ରୀ ହରିପ୍ରିୟା ପ୍ରଧାନୀ ଗତ ୨୦୨୧ ଜୁନ ୨୨ ରେ ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବାବେଳେ ୨୦୨୧ ମଇ ୨୧ରେ ମାତ୍ର ୧୨ ଟଙ୍କା ପ୍ରିମିୟମ ଦେଇ ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ଲାକୋଟ ଶାଖାରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା କରିଥିଲେ। ମୃତ ହରିପ୍ରିୟାଙ୍କ ସ୍ୱାମୀଙ୍କୁ ବ୍ୟାଙ୍କ ଶାଖା ପରିଚାଳକ ଦେବରାଜ ମେହେର ୨ ଲକ୍ଷ ଟଙ୍କା ବୀମା ସହାୟତା ରାଶି ପ୍ରଦାନ କରିଛନ୍ତି। ସରକାରଙ୍କର ବିଭିନ୍ନ ବୀମା ଯୋଜନା ରହିଛି। ବୀମାଭୁକ୍ତ ହୋଇଥିଲେ ଭବିଷ୍ୟତରେ କାର୍ଯ୍ୟକୁ ଆସେ ବୋଲି ଅଞ୍ଚଳର ଜନସାଧାରଣଙ୍କୁ ବୀମା କରିବା ପାଇଁ ଆହ୍ୱାନ କରିଛନ୍ତି।

### ସାନ୍ଦୁଲ ନଦୀରୁ ବାଲି ଚୋରା ଚାଲାଣ

**ନର୍ଲା,୧୭।୬(ସନ୍ତୋଷ ପାତ୍ର):** ନର୍ଲା ତହସିଲ ଅନ୍ତର୍ଗତ ବେହେରାପାଟି ନିକଟରେ ପ୍ରବାହିତ ହେଉଥିବା ସାନ୍ଦୁଲ ନଦୀ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସାନ୍ଦୁଲ ନଦୀର ତଳ ଏବଂ ଉପର ମୁହାଣରୁ ବର୍ଷବର୍ଷ ଧରି ବେଆଇନ୍ ଭାବେ ବାଲି ଚୋରା ଚାଲାଣ ଏବଂ ନଦୀ ଖନନ ହେବାରୁ ମୃତ୍ତିକା କ୍ଷୟ ହେଉଥିବା ସହିତ ପରିବେଶ ପ୍ରଦୂଷଣ ହେଉଛି। ଯଦ୍ୱାରା ନଦୀ କୂଳିଆ ଚାଷୀମାନଙ୍କର ଜମି ଓ ଫସଲ ବର୍ଷା ଦିନେ ନଷ୍ଟ ହେଉଥିବା ସମ୍ଭାବନା ରହିଛି। ରାତି ଦିନ ଜେସିବି ଦ୍ୱାରା ଚୋରା ବାଲି ଚାଲାଣ ହେବାରୁ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି। ପ୍ରଶାସନର ନାକ ତଳେ ବାଲି ଚୋରା ଚାଲାଣ ହେଉଥିଲେ ମଧ ପ୍ରଶାସନ ଚୁପ୍ ରହିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ ସ୍ଥାନୀୟ ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ତେଣୁ ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କେନ୍ଦୁପତ୍ର ତୋଳାଳିଙ୍କ ବକେୟା ଅର୍ଥ ପୈଠ କର

- ରଥଯାତ୍ରା ପୂର୍ବରୁ ଅର୍ଥ ପୈଠ କରିବାକୁ ସାଧାରଣ ସଭାରେ ଦାବି
- କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ କର୍ମଚାରୀଙ୍କ ସମସ୍ୟା ଉପରେ ସାଧାରଣ ସଭା

**ନୂଆପଡ଼ା,୧୭।୬(ମକାରୁ ବେମାଲ)**

ଖରିଆର ରୋଡ କେନ୍ଦୁପତ୍ର ରେଞ୍ଜ ଅଧିନସ୍ଥ କୁଲିଆବନ୍ଧା ଫଡିଘର ଠାରେ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ କର୍ମଚାରୀଙ୍କ ସମସ୍ୟା ଉପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦୁପତ୍ର ତୋଳାଳି, ବନ୍ଧାଳିଙ୍କ ବକେୟା ଅର୍ଥ ରଥଯାତ୍ରା ପୂର୍ବରୁ ପୈଠ କରିବାକୁ ସଭାରେ ଦାବି ହୋଇଥିଲା। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ସଭା ହୋଇଥିଲା। ସରକାରଙ୍କୁ ବାରମ୍ବାର ବିଭିନ୍ନ ସମସ୍ୟା ଉପରେ ଦାବି ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ପ୍ରସ୍ତୁତି ସଭା କରାଯାଇଥିଲା। ଗତ ଜୁନ ୧ ରେ ଖଡିଆଳ ଡିଭିଜନ ଶାଖା ପକ୍ଷରୁ କେନ୍ଦୁପତ୍ର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ବିଶାଳ ଶୋଭାଯାତ୍ରାରେ ବାହାରି



କେନ୍ଦୁପତ୍ର ତୋଳାଳି ଆନ୍ଦୋଳନ ପାଇଁ ପ୍ରସ୍ତୁତି ସଭା କରୁଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ତୋଳାଳି ସହାୟତା ରାଶି ମାଗି ନ ଥିଲେ। ତୋଳାଳିଙ୍କୁ କେନ୍ଦୁପତ୍ର ଲାଭାଂଶରୁ ବୋନସ ଦେବା ପାଇଁ ଦାବି କରିଥିଲେ। ବୋନସ କେନ୍ଦୁପତ୍ର ତୋଳାଳି ଓ ସିଜିନାଲ ଷ୍ଟାଫ ପାଇଁ ସରକାରଙ୍କ କୌଣସି ଦୟା ନୁହେଁ। ବରଂ ସେମାନଙ୍କ ଅଧିକାର ଅଟେ। ଓଡିଶାର ମହାନ ପର୍ବ ରଥଯାତ୍ରା ଆସନ୍ତା ୨୦ରେ ଅନୁଷ୍ଠିତ ହେବ। ହେଲେ କେନ୍ଦୁପତ୍ର ବିଭାଗ ବର୍ତ୍ତମାନ ସୁଦ୍ଧା ତୋଳାଳିଙ୍କ ପତ୍ର ଅର୍ଥ ପୈଠ କରି ନାହାନ୍ତି। ଆସନ୍ତା ୨ ଦିନ ଭିତରେ ସମସ୍ତ ବକେୟା ଅର୍ଥ ପୈଠ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନର ୧୭ ଦିନ ବିତି ଯାଇଥିଲେ ମଧ୍ୟ ରାଜ୍ୟ ସରକାର କୌଣସି ଉତ୍ତର ରଖି ନ ଥିବାରୁ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ପ୍ରତ୍ୟେକ ଫଡି ଅଞ୍ଚଳରେ ଏକ ପ୍ରସ୍ତୁତି ସଭା ମାନ କରାଯାଉଛି। ଏହି ସଭାରେ କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ପାଣିଗ୍ରାହୀଙ୍କ ସମେତ ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆ, ଖରିଆର ରୋଡ ରେଞ୍ଜ କମିଟି ସଭାପତି ସନ୍ତୋଷ ସାହୁ, ସମ୍ପାଦକ ଗୌତମ ବରିହା, ସୁବନ୍ତ ଶବର ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପାୱାର ଲିଫ୍ଟିଙ୍ଗ ଚାମ୍ପିୟନଶିପରେ ଯବାନଙ୍କୁ ୩ ସ୍ୱର୍ଣ୍ଣ ପଦକ




ପ୍ରତିଯୋଗିତା ସମୟରେ ହରେନ୍ଦ୍ର।

**ନୂଆପଡ଼ା,୧୭।୬(ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଭେଲା ଗାଁର ଜଣେ ଯୁବକ ହରେନ୍ଦ୍ର ନିଆଲ ଦେଶସେବା କରିବା ସହ ପାୱାର ଲିଫ୍ଟିଙ୍ଗ ପ୍ରତିଯୋଗିତାରେ ଭାଗ ନେଇ ଏକା ଥରକେ ୩ଟି ସ୍ୱର୍ଣ୍ଣପଦକ ହାସଲ କରି ଗ୍ରାମ ଓ ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି। ୨୦୧୦ ମସିହାରେ ସିଆଇଏସ୍ଏଫ୍ ସେନା ଭାବେ ଭାରତୀୟ ସେନାରେ ଯୋଗ ଦେଇଥିଲେ। ବର୍ତ୍ତମାନ ରାଉରକେଲାରେ ଚାକିରି ଜୀବନ ବିତାଉଛନ୍ତି। ଦେଶସେବା କରିବା ସହ ନିଜ ଗାଁ ଓ ଜିଲା ପାଇଁ ଗୌରବ ଆଣିଛନ୍ତି। ଗତ ୧୪ରେ ଛତିଶଗଡ଼ ରାଜ୍ୟ ରାୟପୁରସ୍ଥିତ ପାୱାର ଲିଫ୍ଟିଙ୍ଗ ଆସୋସିଏସନ ଦ୍ୱାରା ପାୱାର ଲିଫ୍ଟିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଦେଶସେବକ ହରେନ୍ଦ୍ର ନିଆଲ ଭାଗନେଇ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୬୦ କିଲୋଗ୍ରାମ ଡେଡ୍ ଲିଫ୍ଟରେ ପ୍ରଥମ, ୧୧୦ କିଲୋଗ୍ରାମ ବେଞ୍ଚ ପ୍ରେ ପ୍ରତିଯୋଗିତାରେ ପ୍ରଥମ ଓ ୬୦ କିଲୋଗ୍ରାମ ଟୁ ହାଣ୍ଡ ଲିଫ୍ଟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ୩ ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରଥମ ଥର ପାଇଁ ଏକା ଥରକେ ୩ ଟି ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଭେଲା ଗ୍ରାମ ତଥା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଶନିବାର ସେ ରାୟପୁରରୁ ନିଜ ଗାଁକୁ ଆସିଥିବା ବେଳେ ତାଙ୍କୁ ଗ୍ରାମବାସୀ ତରଫରୁ ଭବ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ଆଗକୁ ଅନ୍ତର୍ଜାତୀୟ ସ୍ତରରେ ଭାଗ ନେବା ପାଇଁ ଲକ୍ଷ୍ୟ ରଖିଥିବା ହରେନ୍ଦ୍ର କହିଛନ୍ତି।

# ରକ୍ତଦାନ ଶିବିର: ୯୯ ୟୁନିଟ ରକ୍ତ ସଂଗ୍ରହ




ଅତିଥିମାନେ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ଖଡ଼ିଆଳ,୧୭।୬(ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ଅଗ୍ରସେନ ଭବନଠାରେ ମାରୱାଡି ଯୁବାମଞ୍ଚ ଓ ନବଜ୍ୟୋତି ଶାଖା ମିଳିତ ଉଦ୍ୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ପ୍ରାନ୍ତୀୟ ଯୁବାମଞ୍ଚର ୧୦୬ ଟି ଶାଖା ତରଫରୁ ରାଜ୍ୟ ସାରା ୨୫୦ ଟି ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୧୧୧୧ ପଏଣ୍ଟ ରକ୍ତ ସଂଗ୍ରହ ଲକ୍ଷ ରଖାଯାଇ ଥିବାରୁ ଏହି ଶିବିର ଆୟୋଜିତ ହୋଇଥିବା କୁହାଯାଇଛି। ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଓ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏଥିରେ ଯୋଗଦାନ କରି ରାଜ୍ୟରେ ରକ୍ତ ଅଭାବକୁ ଏହା ଦୂର କରିବାରେ ସହାୟକ ହୋଇ ପାରିବ ବୋଲି କହିଥିଲେ। ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତାଙ୍କ ସମେତ ୯୮ଜଣ ରକ୍ତଦାନ କରିବା ସହ ଦରକାର ସମୟରେ ଅନ୍ୟକୁ ରକ୍ତ ଦେଇ ଜୀବନ ବଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ କେନ୍ଦ୍ର ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିଲା ଓ ସଂଗୃହୀତ ରକ୍ତ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ସଂରକ୍ଷିତ ରଖାଯିବ ବୋଲି ଜଣାପଡିଛି। ମାରୱାଡ଼ି ଯୁବାମଞ୍ଚ ସଭାପତି ହିତେଶ ଅଗ୍ରୱାଲ, ସମ୍ପାଦକ ବିକାଶ ଅଗ୍ରୱାଲ, ସଂଯୋଜକ ଅନ୍ତରୀକ୍ଷ ଜୈନ, ନବଜ୍ୟୋତି ଶାଖାର ସଭାପତି ପୁଷ୍ପା ଅଗ୍ରୱାଲ, ସଂଯୋଜିକା ସଙ୍ଗୀତା ଅଗ୍ରୱାଲ ସମେତ ରୀଙ୍କୁ ଅଗ୍ରୱାଲ, ବନିତା ଜୈନ ସହ ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

### ନାବାଳିକା ଅପହରଣ, ପ୍ରତାରଣା ଅଭିଯୋଗ: ଯୁବକ କୋର୍ଟ ଚାଲାଣ

**କୋକସରା,୧୭।୬ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)**

ଜଣେ ନାବାଳିକାଙ୍କୁ ଗତ ୨ ମାସ ତଳେ ଅପହରଣ ଓ ପ୍ରେମ ପ୍ରତାରଣା ଅଭିଯୋଗରେ କଳାହାଣ୍ଡି ଜିଲା କୋକସରା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନୂଆପଡାର ନିତ୍ୟାନନ୍ଦ ପାଣିଗ୍ରାହୀ(୧୯)। ଅଞ୍ଚଳର ଜଣେ ନାବାଳିକାଙ୍କୁ ସେବିବାହର ପ୍ରତିଶ୍ରୁତି ଦେଇ ୨ମାସ ତଳେ ହାଇଦ୍ରାବାଦର ଗାନ୍ଧୀପୁରମରେ ନେଇ ରଖିଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଗତ ତା୮।୪।୨୩ଖିରେ କୋକସରା ଥାନାରେ ଅଭିଯୋଗ କରାଯାଇଥିଲା। ତେବେ ଗତ ଶୁକ୍ରବାର ନାବାଳିକାକୁ ଯୁବକ ନିଜ ସମ୍ପର୍କୀୟଙ୍କ ଘରେ କୋକସରା ବ୍ଲକ ବାବେକୋହରା ଗାଁରେ ଆଣି ରଖିଥିବା ନେଇ ପୋଲିସ ସେଠାକୁ ଯାଇ ଉଦ୍ଧାର କରିଥିଲା। ଯୁବକ ଫେରାର ମାରୁଥିବାବେଳେ କାଉଡୋଳା ବସଷ୍ଟାଣ୍ଡରୁ ଗିରଫ କରାଯାଇଥିଲା ବୋଲି ତଦନ୍ତକାରୀ ପୋଲିସ ଏସଆଇ ଗୋପବନ୍ଧୁ ନାଏକ ସୂଚନା ଦେଇଛନ୍ତି।

### ରେଳ ଦୁର୍ଘଟଣା ପୀଡ଼ିତଙ୍କ ଲାଗି ରକ୍ତଦାନ ଶିବିର

**କଣ୍ଟାବାଞ୍ଜି, ୧୭।୬(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ମାରୱାଡି ଯୁବାମଞ୍ଚ ଶାଖା ଦ୍ୱାରା ଶନିବାର ଏକ ରକ୍ତଦାନ ଶିବିର ସ୍ଥାନୀୟ ବିଜୁ ପଟ୍ଟନାୟକ ରେଡକ୍ରସ ରକ୍ତ ଭଣ୍ଡାରରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣା ପୀଡିତମାନଙ୍କ ଉଦ୍ଦେଶ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି, ସେଜି ସିଂ ସାଲୁଜା, ଟ୍ରକ ମାଲିକ ସଂଘ ସଭାପତି ପରବଜିତ ସାଲୁଜା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିଲେ। ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

### 'ଭାଷା ସୁରକ୍ଷାର ସୀମାନ୍ତ ପ୍ରହରୀ ଥିଲେ'



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

**ସିନାପାଲି, ୧୭।୬(ମନଫୁଲ ମେହେର)**

**କବି ଚଣ୍ଡିଚରଣ ବିଶିଙ୍କ ଜୟନ୍ତୀ ସଭାରେ ବକ୍ତାଙ୍କ ମତ**

ଛତିଶଗଡ ସୀମାରେ ରହି ଜୀବନତମାମ ସାହିତ୍ୟ ସାଧନା ଓ ଭାଷା ସୁରକ୍ଷା ଦିଗରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଦେଇଥିବା କବି ଚଣ୍ଡିଚରଣ ବିଶିଙ୍କ ଜୟନ୍ତୀ ଶନିବାର ନୂଆପଡା ଜିଲା ସିନାପାଲିଠାରେ ପାଳିତ ହୋଇଯାଇଛି। ସ୍ଥାନୀୟ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ହାଇସ୍କୁଲ ପରିସରରେ ଆୟୋଜିତ ଜୟନ୍ତୀ ସଭାରେ ଶିକ୍ଷାବିତ୍ ବିଜୟ କୁମାର ଯୋଷୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ମନୋଜ ମେହେର, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଭାନୁ କଶ୍ୟପ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ କବିପୁତ୍ର ଉମାନନ୍ଦ ବିଶି ମଞ୍ଚାସୀନ ଥିଲେ। ରଶ୍ମିରଞ୍ଜନ ସା ସ୍ୱାଗତ ଭାଷଣ ଦେଇଥିଲେ। କବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କଣ୍ଠଶିଳ୍ପୀ ବୈକୁଣ୍ଠ ମେହେର କବିଙ୍କ ରଚିତ ସଙ୍ଗୀତ ଗାନ କରିଥିଲେ। ଗଙ୍ଗାଧର ସାରସ୍ୱତ ସମିତିର ସଭାପତି ବୈଷ୍ଣବ ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ତରୁଣ କୁମାର ମେହେର, ତୁଳସୀରାମ ମେହେର, ଲଳିତ ସୁନାରୀ, ଧ୍ରୁବଚରଣ ପଧାନ, ମୁରଲୀଧର ସା, ଗୌତମ ମେହେର, ଜଇତରାମ ନାୟକ, ଚିନ୍ତାମଣି ସାହୁ, ଗୌରଚନ୍ଦ୍ର ଦଣ୍ଡସେନା, ସୁବ୍ରତ ମେହେର, ବଂଶୀଧର ଜଗତ, ପ୍ରେମାନନ୍ଦ ମେହେର, ତ୍ରିନାଥ ମେହେର, ପ୍ରଦ୍ୟୁମ୍ନ ସିଂହ ଚିନ୍ଦା, ନିକୁଞ୍ଜବିହାରୀ ସା, ସାର୍ଯ୍ୟ ମେହେର, ରୂପେଶ ଚନ୍ଦ୍ର ମେହେର, ଭ୍ରମରବର ବାଗ ପ୍ରମୁଖ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ଲୋଚନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁନାଗଡ଼ରୁ-ପ୍ରୟାଗରାଜ ରେଳ ଚଳାଇବା ଦାବି

**ଭବାନୀପାଟଣା,୧୭।୬ (ଉତ୍ତମ କୁମାର ଦାଶ)**



**ରେଳମନ୍ତ୍ରୀଙ୍କୁ ପତ୍ର ଦେଲେ ପ୍ରଦୀପ୍ତ**

କଳାହାଣ୍ଡି ଜିଲା ଜୁନାଗଡ-ଭବାନୀପାଟଣା ଦେଇ ଉତ୍ତରପ୍ରଦେଶ ସ୍ଥିତ ପ୍ରୟାଗରାଜକୁ ଏକ ସାପ୍ତାହିକ ଟ୍ରେନ୍ ଚଳାଇବା ଦାବି ନେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ନୂଆଦିଲ୍ଲୀରେ ଭବାନୀପାଟଣା ବିଧାୟକ ତଥା ପୂର୍ବତନ ବିରୋଧିଦଳ ନେତା ପ୍ରଦିପ୍ତ ନାଏକ ସାକ୍ଷାତ କରି ଏକ ପତ୍ର ଦେଇଛନ୍ତି। ଏହି ଟ୍ରେନ୍ ଚାଲିଲେ କଳାହାଣ୍ଡି ଜିଲା ସମେତ ପଡୋଶୀ ନୂଆପଡା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡା ଜିଲାର ଅନେକ ଲୋକ ଉପକୃତ ହେବେ ବୋଲି ସେ କହିଛନ୍ତି। ମୁଖ୍ୟତଃ ପ୍ରୟାଗରାଜକୁ ଏହି ରେଳ ଚଳାଚଳ କଲେ ଉପରୋକ୍ତ ଜିଲାର ଅନେକ ଲୋକ ନିଜ ସମ୍ପର୍କୀୟ ଓ ବନ୍ଧୁଜନକ ଅନ୍ତିମ ସଂସ୍କାର ପରେ ଅସ୍ଥି ବିସର୍ଜନ ଓ ପିଣ୍ଡଦାନ ପାଇଁ ସହାୟକ ହେବ ବୋଲି ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ,ଗତ କିଛି ଦିନ ତଳେ ପ୍ରଦୀପ୍ତ କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ନିତୀନ ଗଡକରିଙ୍କୁ ମଧ ସାକ୍ଷାତ କରିଥିଲେ। ଏହି ସମୟରେ ସେ ଭବାନୀପାଟଣା ଓ କେସିଙ୍ଗା ସହରରେ ଟ୍ରାଫିକ ସମସ୍ୟାର ନିରାକରଣ ପାଇଁ ଏକ ବାଏପାସ ରାସ୍ତା ନିର୍ମାଣ, କେସିଙ୍ଗା, ଭବାନୀପାଟଣା ଓ ଜୁନାଗଡକୁ ଯାଉଥିବା ରାସ୍ତାକୁ ଚାରି ଲେନ୍ କରିବା ଓ ଭୁବନେଶ୍ୱରରୁ ଆଠଗଡ, ଆଠମଲ୍ଲିକ, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଭଦ୍ରାଞ୍ଚଳମ ଦେଇ ହାଇଦ୍ରାବାଦ ପର୍ଯ୍ୟନ୍ତ ଏକ ଗ୍ରୀନ ଏକ୍ସପ୍ରେସ ୱେ ନିର୍ମାଣ କରିବା ଆଦି ଦାବି କରିଥିଲେ। ସେହିପରି କେସିଙ୍ଗାଠାରେ ୩୨୪କୋଟି ଟଙ୍କା ଅଟକଳରେ ନିର୍ମାଣ ହେବାକୁ ଥିବା ଆରଓବିର ଭୂମି ପୂଜନ ପାଇଁ କଳାହାଣ୍ଡିକୁ ଆସିବା ପାଇଁ ସେ କେନ୍ଦ୍ରମନ୍ତ୍ରୀ ଗଡକରିଙ୍କୁ ନିମନ୍ତ୍ରଣ କରିଥିଲେ। କରୋନା ପରେ ପ୍ରଦୀପ୍ତଙ୍କ ଦେହ ଅସୁସ୍ଥ ହେବାରୁ ଦୀର୍ଘମାସ ଧରି ସେ ନୂଆଦିଲ୍ଲୀରେ ଚିକିତ୍ସିତ ହେଉଥିଲେ। ଏବେ ସେ ସୁସ୍ଥ ହେବା ପରେ ନିଜ ଜିଲାର ବିଭିନ୍ନ ସମସ୍ୟା ଓ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରୁଥିବା ଓ ପତ୍ର ମାଧ୍ୟମରେ ଜଣାଉଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ କଳାହାଣ୍ଡି ଜିଲାରେ ଏବେ ମଧ ତାଙ୍କ ଲୋକପ୍ରିୟତା ପୂର୍ବପେକ୍ଷା ଆହୁରି ଅଧିକ ରହିଛି।

### ଯୁବକଙ୍କ ମୃତଦେହ ରେଳବ୍ରିଜ ତଳୁ ଜବତ

**ସଇଁତଳା,୧୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ରେଳ ଷ୍ଟେଶନ ନିକଟ ସିଲେଟପଡ଼ା ଦେଇ ଯାଇଥିବା ରେଳବ୍ରିଜ ତଳୁ ଜଣେ ଯୁବକଙ୍କ ମୃତଦେହ ଟିଟିଲାଗଡ଼ ଜିଆରପି ଜବତ କରିଛି। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ଏକ ଟ୍ରେନରୁ ଯୁବକ ଜଣକ ଖସିପଡ଼ି ବ୍ରିଜ ତଳେ ଥିବା ଖୁମ୍ବର ଗୋଲେଇ କଂକ୍ରିଟରେ ପାଖରେ ପଡ଼ିଥିଲେ। ମୁଣ୍ଡଫାଟି ପ୍ରବଳ ରକ୍ତସ୍ରାବ ହେବା ପରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଅନୁମାନ କରାଯାଉଛି। ମୃତଦେହ ନିକଟରେ ଏକ ମୋବାଇଲ ଫୋନ ପଡ଼ିଥିଲା। ସକାଳେ ସିଲେଟପଡ଼ାର କେତେଜଣ ଲୋକ ଶୌଚ ପାଇଁ ଯାଇଥିବାବେଳେ ବ୍ରିଜତଳେ ଜଣେ ଯୁବକ ପଡ଼ିଥିବା ଦେଖିଥିଲେ। ଖବର ପାଇ ଟିଟିଲାଗଡ଼ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା

**ଭବାନୀପାଟଣା,୧୭।୬ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶିଶୁ ଶ୍ରମିକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକ ଓ ତନ୍ମୟ କୁମାର ଦରୱାନ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଶୋଭାଯାତ୍ରାରେ ବିକାଶ ଜିଏନଏମ ଟ୍ରେନିଂ କେନ୍ଦ୍ରର ଛାତ୍ରୀଛାତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ, ଅଙ୍ଗନୱାଡି କର୍ମୀ, 'ଶକ୍ତି' କର୍ମକର୍ତ୍ତା, ୟୁନିସେଫ୍ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ, ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ସାମିଲ ଥିଲେ। ଶୋଭାଯାତ୍ରାରେ ଶିଶୁ ଶ୍ରମିକ ନିରାକରଣ ସମ୍ବନ୍ଧୀୟ ସଚେତନତା ସ୍ଲୋଗାନ ଦିଆଯାଇଥିଲା। ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶାର ଲକ୍ଷ୍ୟ ଧାର୍ଯ୍ୟରେ ଏହି ସଚେତନତା ବାର୍ତ୍ତା ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି। ସଚେତନତା ଶୋଭାଯାତ୍ରା ସମୟରେ ଜିଲା ଶ୍ରମ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳ,ସହକାରୀ ଶ୍ରମ ଅଧିକାରୀ ଜିତମ୍ ମାଝୀ, ଡିଆଇପିଆର୍ଓ ମନୋଜ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ,ଶୈଳେନ୍ଦ୍ର ମହାପାତ୍ର, ୟୁନିସେଫ୍ କର୍ମଚାରୀ ଦିବ୍ୟରଞ୍ଜନ ଯୋଶୀ,ଶିଶୁ ସୁରକ୍ଷା ୟୁନିଟର ଅଂଶୁମାନ ବାବୁ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କେସିଙ୍ଗା ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ

**ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ**

**କେସିଙ୍ଗା,୧୭।୬(ଡୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଓ ସହରରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେସିଙ୍ଗା ସହରରେ ଏବଂ ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଗତ ମାର୍ଚ୍ଚରୁ ଜୁନ ୧୭ ପର୍ଯ୍ୟନ୍ତ ଜାରି ରହିଛି। ଗତ ମାର୍ଚ୍ଚ ୧ରୁ ୩୧ତାରିଖ ଯାଏ ୩୮ରୁ ୩୯ଡିଗ୍ରୀ ତାପମାତ୍ରା ରହିଥିଲା। ସେହିପରି ଏପ୍ରିଲରେ ୩୯ ରୁ ୪୩ ଡିଗ୍ରୀ ରହିଥିବାବେଳେ ମେ ମାସରେ ୩୯ ରୁ ୪୫ଡିଗ୍ରୀ ତାପମାନ ରହିଥିଲା। ବର୍ତ୍ତମାନ ଜୁନ ମାସ ୧ ରୁ ୧୭ତାରିଖ ଯାଏ ୪୩ ରୁ ୪୫ଡିଗ୍ରୀ ତାପମାନ ରହୁଛି। ଶନିବାର ସକାଳ ୮ଟା୩୦ରେ ୪୨ଡିଗ୍ରୀ ତାପମାନ



କେସିଙ୍ଗା ବ୍ଲକର ବାଲସି ଗ୍ରାମରେ ସକାଳ ୯ଟାରେ ରାସ୍ତା ଜନଶୂନ୍ୟ।

ରହିଥିବାର କେସିଙ୍ଗା ସିଡବ୍ଲ୍ୟୁସି ବିଭାଗ ପକ୍ଷରୁ ଜଣାପଡିଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଲୋକେ ଦୂର ରାସ୍ତାକୁ ଯିବା ପାଇଁ ଭୟ କରୁଛନ୍ତି। ସକାଳ ୮ରୁ ଗ୍ରୀଷ୍ମପ୍ରବାହ ହେଉଥିବାରୁ ସହର ଓ ଗ୍ରାମାଞ୍ଚଳରେ ଜନଶୂନ୍ୟ ହୋଇଥିବାର ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳରେ ନଦୀ, ନାଳ, ବନ୍ଧ, ପୋଖରୀ ଶୁଖି ଯିବାରୁ ଗୃହପାଳିତ ପ୍ରାଣୀ ଯଥା ଗାଇ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦି ଗୃହପାଳିତ ପ୍ରାଣୀ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଦିନରାତି ଗୁଳଗୁଳି ପାଗ ସାଙ୍ଗକୁ ବିଦ୍ୟୁତ୍ କାଟ ଯୋଗୁ ଲୋକଙ୍କ ଆଖିରେ ନିଦ ନାହିଁ। କେସିଙ୍ଗା ନିକଟରେ ଥିବା ତେଲନଦୀ ବାଲିରୁ ଉତ୍ତପ୍ତ ପ୍ରବାହ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୮ ଜୁନ୍, ୨୦୨୩



## ସଂକ୍ଷେପରେ

### ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

ବାଉଁଶୁଣୀ,୧୭।୬(ଦେବାଶିଷ ନେପାକ): ବୌଦ୍ଧ ଜିଲା ବାଉଁଶୁଣୀ ଥାନା ପୋଲିସ ପକ୍ଷରୁ ଚଢାଉ କରାଯାଇ ଏକ ପୁରୁଣା ମାମଲାର ଫେରାର ଅଭିଯୁକ୍ତଙ୍କୁ ଶୁକ୍ରବାର ରାତିରେ ସାହାଜପାଲ ଛକ ନିକଟରୁ ଗିରଫ କରାଯାଇଥିଲା । ଶନିବାର ସକାଳେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ମଧ୍ୟାହ୍ନରେ କୋଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୧୪ ମସିହାରେ ଟାଇଞ୍ଜନ ଗ୍ରାମ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ଉକ୍ତ ମାମଲାର ଅଭିଯୁକ୍ତ ଟାଇଞ୍ଜନ ଗ୍ରାମର ଆନନ୍ଦ କହଁରଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ସେ ଗତ ୯ ବର୍ଷ ହେବ ଫେରାର ଥିଲେ । ଶୁକ୍ରବାର ବିଳମ୍ବିତ ରାତିରେ ସେ ସାହାଜପାଲ ନିକଟରେ ବୁଲାବୁଲି କରୁଥିବା ନେଇ ବାଉଁଶୁଣୀ ଥାନା ଅଧିକାରୀ ଅରୁଣ କୁମାର ସିଂଙ୍କୁ ସୂଚନା ମିଳିଥିଲା। ଫଳରେ ପୋଲିସ ପକ୍ଷରୁ ଗଠିତ ଏକ ଟିମ୍ ସାହାଜପାଲରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

### ଛାତ୍ରୀଙ୍କ କୃତିତ୍ୱ: ପ୍ରାଣୀ ବିଜ୍ଞାନରେ ଚତୁର୍ଥ

ବୌଦ୍ଧ,୧୭।୬(ଅଜିତକୁମାର ବାରିକ): ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ରୀ ପ୍ରିୟା କୁମାରୀ ଗୁପ୍ତା ଚଳିତବର୍ଷ ପ୍ରାଣୀ ବିଜ୍ଞାନରେ ସ୍ନାତକ ସମ୍ମାନରେ ଚତୁର୍ଥ ସ୍ଥାନ ଅଧିକାର କରି କୃତିତ୍ୱ ଲାଭ କରିଛନ୍ତି। ତାଙ୍କର



ଏହି କୃତିତ୍ୱ ପାଇଁ ସେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା, ବିଭାଗୀୟ ମୁଖ୍ୟ ଅଧାପିକା ଗୀତାଞ୍ଜଳି ମହାପାତ୍ର ତଥା ଅନ୍ୟ ଅଧାପିକା ଅଧାପକ ଓ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଚଳିତବର୍ଷ ପ୍ରାଣୀ ବିଜ୍ଞାନରେ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଅଧାପିକା ଅଧାପକମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରିୟା କୁମାରୀ ହେଉଛନ୍ତି ବୌଦ୍ଧ ସହରର ଅରୁଣ ଗୁପ୍ତାଙ୍କ ଝିଅ ।

### ଅଗ୍ନିବିପନ୍ନଙ୍କୁ ସହାୟତା

ବିନିକା,୧୭ । ୬(ରାମଗୋପାଳ ବାଘ): ବିନିକା ବ୍ଲକ ଅନ୍ତର୍ଗତ ପଳସାପାଲି ଗ୍ରାମରେ ଗତ ସୋମବାର ଦିନ ଚାଷ ଜମିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବାରୁ ୧୦ ଗୋଟି ଗାଈ, ମଇଁଷି, ଫଳ ଗଛ ସହିତ ୪ ଜଣଙ୍କ ଘର ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ଖବର ପାଇ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଉକ୍ତ ଗ୍ରାମକୁ ଯାଇ ଅଗ୍ନିବିପନ୍ନ ପରିବାରକୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ତାଙ୍କ ସହ ବିନିକା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଶୋକ ନନ୍ଦ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତ୍ତିବାସ ମିଶ୍ର ଯାଇଥିଲେ ।

# ମଣ୍ଡିରେ ପଡ଼ି ରହିଛି ଧାନ

ସୋନପୁର,୧୭।୬(ମୃତ୍ୟୁଞ୍ଜୟ ଶତପଥୀ)

- ଚାଷୀଙ୍କୁ ବର୍ଷା ଭୟ
- ୨୯୬୭୩ ଚାଷୀବିକିଛନ୍ତି ୨୧.୫୬ଲକ୍ଷ କୁଇଣ୍ଟାଲ ଧାନ

ସୁବର୍ଣ୍ଣପୁର ଜିଲାରେ ମେ ୨୨ ତାରିଖରୁ ରବି ଧାନ କିଣା ଆରମ୍ଭ ହୋଇଛି। ଶନିବାର ସନ୍ଧ୍ୟା ସୁଦ୍ଧା ୨୯ ହଜାର ୬୭୩ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। କିନ୍ତୁ ଜିଲାର ବିଭିନ୍ନ ମଣ୍ଡିରେ ଏବେ ବି ହଜାର ହଜାର ବସ୍ତା ଧାନ ପଡିରହିଛି। ଆଉ କିଛି ଦିନ ପରେ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ। ଆସନ୍ନ ବର୍ଷାକୁ ନେଇ ଚାଷୀ ଭୟଭୀତ ହୋଇ ପଡିଛନ୍ତି। ବିଳମ୍ବରେ ଜିଲାରେ ଧାନ କ୍ରୟ ଆରମ୍ଭ ହୋଇଥିବାରୁ ଉଲୁଣ୍ଡା ଓ ତରଭା ବ୍ଲକର କିଛି ମଣ୍ଡିରେ ଏବେ ବି ବହୁ ପରିମାଣର ବସ୍ତା ଧାନ ପଡିରହିଛି। ମହିଳା ଏସଏଚଜି ଯେଉଁ ସ୍ଥାନରେ ଧାନ କିଣୁଛି ସେଠାରେ ଖୋଲା ଆକାଶ ତଳେ ଧାନ କିଣାଯାଉଛି। ଧାନଗୁଡିକୁ ପଲିଥିନରେ ଢଙ୍କା ଯାଇଥିଲେ ମଧ ବର୍ଷା ହେଲେ ଭିତରେ ପାଣି ପ୍ରବେଶ କରିବାର ସମ୍ଭାବନା ରହିଛି। ତେବେ ଆରଏମ୍‌ସି ମାର୍କେଟ୍ ୟାର୍ଡ, ଏସଏଚଜି ଓ ଭିତ୍ତିଭୂମି ଥିବା ଅଧିକାଂଶ ପ୍ରାଥମିକ କୃଷି ସମବାୟ ସମିତିଗୁଡିକରେ ଧାନ କ୍ରୟ ସରି ଆସିଲାଣି। ଡୁଙ୍ଗୁରିପାଲି ବ୍ଲକର ସାରସମାଲ, ଉଲୁଣ୍ଡା ବ୍ଲକର



ଉଲୁଣ୍ଡା ବ୍ଲକ ଜାଲୋଏ ମଣ୍ଡିରେ ଶତାଧିକ ବସ୍ତା ଧାନ ପଡିରହିଛି।

ଜାଲୋଏ, କାଦୋବର, କୋଟସମଲାଇ ଓ ତରଭା ବ୍ଲକର ବଡଭଇଁରୋ ଭଳି ମଣ୍ଡିରେ ଧାନ ଉଠାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଟାର୍ଗେଟ୍ ପାଇଥିବା ସମ୍ବଲପୁରର ମିଲର୍ସମାନେ ୨୦ ତାରିଖ ପୂର୍ବରୁ ସମସ୍ତ ଧାନ ଉଠାଇବେ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ମଣ୍ଡିକୁ ଆସୁଥିବା ଧାନକୁ କିଛି ଏସ୍‌ଏଚଜି ଓ ପ୍ୟାକ୍ସ ତତ୍କାଳ ଏଣ୍ଟ୍ରି କରୁନାହାନ୍ତି। ବ୍ୟବସାୟୀଙ୍କ ଠାରୁ କିଣି ମିଲ୍‌ରେ ଆଗୁଆ ରଖା ଯାଇଥିବା ଧାନକୁ ଆଗ କାଗଜପତ୍ରରେ ଏଣ୍ଟ୍ରି କରିଥିବା ଚାଷୀ ସଂଗଠନଗୁଡିକ ପକ୍ଷରୁ ଅଭିଯୋଗ ହୋଇଛି। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଚାଷୀ ଯେମିତି କଟ୍‌ନୀ ଛଟ୍‌ନୀର ଶିକାର ନ ହୋଇ ସୁରୁଖୁରୁରେ ଧାନ ବିକ୍ରି କରି ପାରିବେ ସେଥିପ୍ରତି ପ୍ରଶାସନ ଯତ୍ନବାନ ହେବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଓଲଟା। କଟ୍‌ନୀ ଛଟ୍‌ନୀ ନ ହେଲେ ମିଲର୍ସ ଧାନ ଉଠାଉ ନାହାନ୍ତି। ଏଫଏକ୍ୟୁ ଆଳ ଦେଖାଇ ମିଲର୍ସମାନେ କୁଇଣ୍ଟାଲ ପ୍ରତି ୩ରୁ ୪ କେଜି ଧାନ କାଟି ନେଉଛନ୍ତି। ରବି ଧାନ ବିକ୍ରି ପାଇଁ ଚଳିତ ଥର ୩୫ ହଜାର ୫୮୦ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ସୁବର୍ଣ୍ଣପୁର ଜିଲାର ୫୦ ମିଲର୍ସ ଓ ସମ୍ବଲପୁର ଜିଲାର ୧୫ ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇଛି। ୬୦ଟି ପ୍ୟାକ୍ସ ଓ ୩୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଧାନ କ୍ରୟ ହେଉଛି। ଜିଲାର ଚାଷୀଙ୍କ ଠାରୁ ୨୧ଲକ୍ଷ ୫୬ହଜାର ୬୮୩ କୁଇଣ୍ଟାଲ ଧାନ କ୍ରୟ କରାଗଲାଣି। ବିନିକା, ସୋନପୁର ଓ ବୀରମହାରାଜପୁର ବ୍ଲକରେ ମଣ୍ଡିକୁ ଆଉ ଧାନ ଆସୁ ନ ଥିବା ଜଣାପଡିଛି। ସେହିଭଳି ଧାନ ବିକ୍ରି ଟଙ୍କା ମିଳିବାରେ ବିଳମ୍ବ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ବିଶିପଡା ଗ୍ରାମର ଚାଷୀ ଜନ୍ମେଜୟ ବିଶି ଗତ ୪ ତାରିଖରେ ବିଶିପଡା ପ୍ୟାକ୍ସରେ ୧୩୫ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ତାଙ୍କୁ ଏ ପର୍ଯ୍ୟନ୍ତ ଧାନ ବିକ୍ରି ଟଙ୍କା ମିଳିନି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ କୁହନ୍ତି ଚାଷୀଙ୍କ ଧାନ ସୋମବାର ସୁଦ୍ଧା ଉଠାଇବା ପାଇଁ ଉଦ୍ୟମ କରୁଛୁ। ମିଲର୍ସଙ୍କୁ ଟାର୍ଗେଟ୍ ଦିଆଯାଇଛି। ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି।

# ବର୍ଷା ପାଇଁ ଇନ୍ଦ୍ରପୂଜା



ଇନ୍ଦ୍ର ଯଜ୍ଞ ପାଇଁ ପୂଜାର୍ଚ୍ଚନା ଚାଲିଛି ।

ବୌଦ୍ଧ,୧୭।୬(ଅଜିତ କୁମାର ବାରିକ)

ବୌଦ୍ଧ ଏକ କୃଷିଭିତ୍ତିକ ଜିଲା। ଜିଲାରେ ଚାଷ କହିଲେ ଧାନ ଚାଷକୁ ବୁଝାଏ। ଅକ୍ଷୟ ତୃତୀୟା ଦିନ ଚଷା ପୁଅ ଚାଷ ପାଇଁ ଅନୁକୂଳ କରିଥିବା ବେଳେ ଜିଲାରେ ବର୍ଷାର ଦେଖା ନାହିଁ। ବର୍ତ୍ତମାନ ସାରା ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପାରଦ ୪୪ ଡିଗ୍ରୀ ଉପରେ ରହୁଛି। ଯେମିତି ଲାଗୁଛି ଆକାଶରୁ ଅଗ୍ନି ବର୍ଷା ହେଉଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପ୍ରାଚୀନ କାଳରୁ ବିଶ୍ୱାସ ରହିଛି ଇନ୍ଦ୍ର ଦେବତାଙ୍କୁ ପୂଜା କଲେ ବର୍ଷା ହୋଇଥାଏ। ଶନିବାର ଦିନ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବାଣୀଭୂଷଣପୁର ଗ୍ରାମ ପଞ୍ଚାୟତର ଠିକିଯୋର ଗ୍ରାମରେ ଇନ୍ଦ୍ର ଦେବତାଙ୍କୁ ସନ୍ତୁଷ୍ଟ କରିବାକୁ ଇନ୍ଦ୍ର ଯଜ୍ଞ ହୋଇଛି । ଇନ୍ଦ୍ର ଯଜ୍ଞ ପାଇଁ ପଞ୍ଚାୟତର ୧୮ ଖଣ୍ଡ ଗ୍ରାମର ଜନସାଧାରଣ ସାମିଲ ହୋଇଛନ୍ତି। ଗୋପାଳ ପଣ୍ଡା ମୁଖ୍ୟ ପୂଜକ ଭାବେ ଯୋଗ ଦେଇ ପୂଜା କରିଥିଲେ। ପ୍ରଭାତ କୁମାର ପ୍ରଧାନ, ଗୋବର୍ଦ୍ଧନ ମଲିକ, ପ୍ରଶାନ୍ତ ଦେହୁରୀ, ଦାଶରଥି ପ୍ରଧାନ, କୃଷ୍ଣ ମଲିକ, ଉଗ୍ରେସନ ଦେହୁରୀ, ନୀଳମଣି ଭୋଇ, ଭୀମସେନ ବେହେରା, ଭକ୍ତ ନାଏକ, ଯତ୍ନ ନାଏକ, ନୀଳାମ୍ବର ପ୍ରଧାନ,ବିଜୟ ନାଏକଙ୍କ ସମେତ ବିଭିନ୍ନ ଗ୍ରାମର ଲୋକେ ସାମିଲ ଥିଲେ ।

# ପ୍ରାପ୍ୟ ପାଇଁ ବିଡିଓଙ୍କୁ ଦାବିପତ୍ର

ତରଭା,୧୭।୬(ମାନଭଞ୍ଜନ ମିଶ୍ର)

ତରଭା ବ୍ଲକ ଅନ୍ତର୍ଗତ ମରାଡୁଗୁଛା ଗ୍ରାମ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବିଭିନ୍ନ ଉନ୍ନୟନ କାମ କରାଯାଇଛି। ତେବେ ଏହି ଯୋଜନାରେ କାମ କରିଥିବା ଶ୍ରମିକ ପ୍ରାପ୍ୟ ନ ପାଇ ତରଭା ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ମରାଡୁଗୁଛାର କୁର୍ମିବନ୍ଧ ଓ ବିଭିନ୍ନ ବନ୍ଧ ତଥା କଟାଗୁଡିକରେ ବହୁ ଶ୍ରମିକ କାମ କରିଥିଲେ । କିନ୍ତୁ କାମ କରି ମଜୁରି ନ ପାଇବାରୁ ଶୁକ୍ରବାର ଶତାଧିକ ଶ୍ରମିକ ବ୍ଲକ ସମ୍ମୁଖରେ ଧାରଣା ଦେବା ସହ ବିଡ଼ିଓ ଅନିଲ କୁଲୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଶ୍ରମିକମାନେ ଧାରଣାରୁ ଉଠିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ମନମୋହନ ସାହୁ, ସମିତି ସଭ୍ୟ ମାର୍କଣ୍ଡ ନାଗ, ମିତ୍ରବ୍ରତ ମିଶ୍ର, ତହସିଲ ନାଗ, ଆର୍ତ୍ତ ହରିପାଲ, ପ୍ରଦୀପ ନାଗ, ଦଶରଥ ନାଗ ପ୍ରମୁଖ ସାମିଲ ଥିଲେ ।

# ଜିଲା ବିଜେଡିର ନୂତନ କମିଟି ସଦସ୍ୟ ଘୋଷଣା



ଝସକେତନ



ଦ୍ୱାରିକା ନାଥ ସାହୁ



ସୋମନଥ ମିଶ୍ର



ରଞ୍ଜିତ ରଥ



କିଶୋର ହୋତା

ଅମରପାଲି,୧୭।୬(ପୀତାମ୍ବର ସାହୁ)

**ବିଭିନ୍ନ ପଦବୀରେ ବୀରମହାରାଜପୁର ବ୍ଲକର ସଦସ୍ୟ**

ସୁବର୍ଣ୍ଣପୁର ଜିଲା ବିଜେଡିର ନୂତନ କମିଟି ଘୋଷଣା କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଦଳର ସମ୍ପାଦକ ମାନସ ମଙ୍ଗରାଜ ଏହି ନୂତନ କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଏହି କ୍ରମରେ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ତିନି ବ୍ଲକ ସମେତ ଗୋଟିଏ ଏନଏସିର ସଭାପତିଙ୍କ ନାମ ମଧ ଘୋଷଣା କରାଯାଇଛି। ବୀରମହାରାଜପୁର ବ୍ଲକ ପାଇଁ ସ୍ୱୟମ୍ଭୁନାଥ ଖଣ୍ଡଗିରି,ଉଲୁଣ୍ଡା ବ୍ଲକ ପାଇଁ ବର୍ତ୍ତମାନର ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ବିନିକା ବ୍ଲକ ପାଇଁ ପୂର୍ବତନ ଜିଲା ପରିଷଦ ଦ୍ୱାରିକା ନାଥ ସାହୁଙ୍କୁ ବ୍ଲକ ବିଜେଡି ସଭାପତି ଭାବେ ଘୋଷଣା କରାଯାଇଥିବା ବେଳେ ବିନିକା ଏନଏସି ପାଇଁ ସୋମନାଥ ମିଶ୍ରଙ୍କୁ ବିଜେଡି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏହାସହିତ ଜିଲା କମିଟିର ୧୧ଜଣିଆ ଉପସଭାପତିଙ୍କ ମଧ୍ୟରୁ ବୀରମହାରାଜପୁର ବ୍ଲକର ରଞ୍ଜିତ ରଥ, ମୃତ୍ୟୁଞ୍ଜୟ ପଧାନ ଓ କିଶୋର ହୋତା ଙ୍କୁ ଜିଲା ବିଜେଡିର ଉପସଭାପତି ଭାବେ ଘୋଷଣା କରାଯାଇଛି। ସେହିପରି ଜିଲା ବିଜେଡି କମିଟିର ୧୫ଜଣ ବିଶିଷ୍ଟ ସାଧାରଣ ସମ୍ପାଦକଙ୍କ ମଧ୍ୟରୁ ବୀରମହାରାଜପୁର ବ୍ଲକର ସତ୍ୟଞ୍ଜିବ ମିଶ୍ର, ଲଳିତ ପାତ୍ର, ଧିରେନ୍ଦ୍ର ନାରାୟଣ ପଣ୍ଡା,ଖଣ୍ଡହତା ସମିତି ସଭ୍ୟ ବିନୋବାନନ୍ଦ ପଧାନ,ମୀନକେତନ ମହାକୁର ଓ ମୁର୍ଷୁଣ୍ଡି ସରପଞ୍ଚ ମନୋଜ ସାହୁଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଜିଲା କମିଟିର ୧୭ ଜଣ ଯୁଗ୍ମ ସମ୍ପାଦକଙ୍କ ମଧ୍ୟରୁ ବୀରମହାରାଜପୁର ବ୍ଲକର ପ୍ରଦୀପ ମିଶ୍ର, ବିଦ୍ୟାଧର ସାହୁ ଓ ବୈଦ୍ୟନାଥ କର୍ମୀଙ୍କୁ ଜିଲା ବିଜେଡିର ଯୁଗ୍ମ ସମ୍ପାଦକ ଭାବେ ଘୋଷଣା କରାଯାଇଛି। ଜିଲା ବିଜେଡି କମିଟିର ୨୩ ଜଣ ସମ୍ପଦକଙ୍କ ମଧ୍ୟରୁ ବୀରମହାରାଜପୁର ବ୍ଲକର ଶିବ ପ୍ରସାଦ ମିଶ୍ର,ମଧୁସୂଦନ ପଣ୍ଡା ଓ ସଞ୍ଜିବ ଦେହୁରୀଙ୍କୁ ସମ୍ପାଦକ ଭାବେ ଘୋଷଣା କରାଯାଇଛି।

# ସାଇକେଲରେ ନେଲେ ମୃତଦେହ

**ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ମହାପ୍ରୟାଣ ଗାଡ଼ି**

ବିନିକା,୧୭ । ୬ ( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମହାପ୍ରୟାଣ ଗାଡି ନ ଥିବାରୁ ଜଣେ ଅସହାୟ ବୃଦ୍ଧାଙ୍କ ମୃତଦେହକୁ ଶେଷରେ ସାଇକେଲରେ ନେବାକୁ ପଡିଛି।

ପ୍ରକାଶ ଯେ, ବିନିକା ବ୍ଲକ ଅନ୍ତର୍ଗତ ମେଘେଲା ଗ୍ରାମର ବୃଦ୍ଧା ରୁକ୍ମଣୀ ସାହୁ(୭୧) ଏକାକୀ ରହୁଥିଲେ । ତାଙ୍କ ସ୍ୱାସ୍ଥ୍ୟବସ୍ଥା ହଠାତ୍ ବିଗିଡି ଯିବାରୁ ଗ୍ରାମର ଶାନ୍ତନୁ ଗୁରୁ ତାଙ୍କୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଗାଡି ନ ଥିବାରୁ ବିନିକା ଅଞ୍ଚଳର ସ୍ୱେଚ୍ଛାସେବୀ ସମ୍ବିତ ନେପାକ, ପ୍ରଶାନ୍ତ ଦଣ୍ଡସନା, ସୁରୁ ବେହେରା, ଆଶିଷ ମେହେର, ସମ୍ପତି ସେଠ, ଧର୍ମେନ୍ଦ୍ର ସାହୁ ଓ ସମ୍ପତି ଧରୁଆ ପ୍ରମୁଖ ଏକ ସାଇକେଲରେ ମୃତଦେହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗାଁ ଶ୍ମଶାନକୁ ନେଇଥିଲେ। ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସ୍ୱେଚ୍ଛାସେବୀଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଯଥାଶୀଘ୍ର ମହାପ୍ରୟାଣ ଗାଡି ଯୋଗାଇ ଦେବା ପାଇଁ ସ୍ଥାନୀୟ ବିଧାୟକ ବିହିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ବିଜେଡି ଜିଲା ସଭାପତି ସରୋଜ କର୍ମଙ୍କୁ ସମ୍ବର୍ଦ୍ଧନା



ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ସରୋଜ କୁମାର କର୍ମଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ତରଭା,୧୭।୬(ମାନଭଞ୍ଜନ ମିଶ୍ର)

ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କର୍ମଙ୍କ ଉପରେ ଦଳୀୟ ନେତୃତ୍ୱ ଆସ୍ଥା ପ୍ରକଟ କରି ତାଙ୍କୁ ପୁଣିଥରେ ବିଜେଡି ସୋନପୁର ଜିଲା ସଭାପତି କରିଥିବାରୁ ତରଭା ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। କର୍ମ ପୁଣିଥରେ ବିଜେଡିର ଜିଲା ସଭାପତି ନିର୍ବାଚିତ ହୋଇଥିବାରୁ ଶନିବାର ପୂର୍ବାହ୍ନରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତରଭା ବ୍ଲକ ପରିସରରେ ଥିବା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ,ଦଳୀୟ ନେତୃବୃନ୍ଦ ଓ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।ଏହି କାର୍ଯ୍ୟକ୍ରମରେ ସୋନପୁର ଜିଲା ସରପଞ୍ଚ ସଂଘ ସଭାପତି ଗଣନାଥ ସାହୁ, ତରଭା ବ୍ଲକ ସରପଞ୍ଚ ସଂଘ ସଭାପତି ଅଶ୍ୱିନୀ ବିଶି, ମରାଡୁଗୁଛା ସରପଞ୍ଚ ମନମୋହନ ସାହୁ, ବ୍ରାହ୍ମଣୀ ସରପଞ୍ଚ କୁଶଳେଶ୍ୱର ପାଣ୍ଡେ,ବ୍ରାହ୍ମଣୀ ସମିତି ସଭ୍ୟ ରାମ ସାହୁ, ଜିଲା ସାଧାରଣ ସମ୍ପାଦକ ସୁବାଷ ସେଠୀ,ପବିତ୍ର ମିଶ୍ର, ମିତ୍ରବ୍ରତ ମିଶ୍ର, ଜନାର୍ଦ୍ଦନ ଥନାପତି, ତରଭା ବ୍ଲକ ସାମ୍ବାଦିକ ସଂଘ ସଭାପତି ଅଶୋକ ସାହୁ, ସମ୍ପାଦକ ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ତରଭା ଏନଏସି ତରଫରୁ ମଧ କର୍ମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏଥିରେ ଏନଏସି ଅଧ୍ୟକ୍ଷଙ୍କ ପ୍ରତିନିଧି ମଧୁସୂଦନ ପାଣ୍ଡେ, କାଉନସିଲର ଅକବର ଅଲ୍ଲୀ ଓ ସୁରେନ୍ଦ୍ର ଦଳବେହେରା ସାମିଲ ଥିଲେ।

# ବରିଷ୍ଠ ନାଗରିକଙ୍କ ପାଇଁ ସଭାଗୃହ ଉଦ୍‌ଘାଟିତ

ବୌଦ୍ଧ,୧୭।୬(ଅଜିତ କୁମାର ବାରିକ)

ବୌଦ୍ଧର ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ସଭାଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବୌଦ୍ଧଗଡ ଏନଏସି ପକ୍ଷରୁ ଗୁଣ୍ଡିଚା ମନ୍ଦିର ନିକଟରେ ନିର୍ମିତ ଏହି ସଭାଗୃହକୁ ଉଦ୍‌ଘାଟନ କରି ମନ୍ତ୍ରୀ ଅମାତ କହିଥିଲେ, ଏହି ଗୃହରେ ବରିଷ୍ଠ ନାଗରିକମାନେ ଏଣିକି ସେମାନଙ୍କ ଅବସର ସମୟ କାଟି ପାରିବେ । ଏଥିସହିତ ଜିଲାର ବିକାଶ ସଂପର୍କରେ ସେମାନେ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଜିଲାପାଳ ସତ୍ୟ ରଞ୍ଜନ ସାହୁ,ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ଉପାଧ୍ୟକ୍ଷା ସୁଭାଷିନୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ବୌଦ୍ଧ,୧୭।୬(ଅଜିତ କୁମାର ବାରିକ)

ବୌଦ୍ଧରେ ଗଡଜାତ ଅମଳରୁ ପାଳିତ ହୋଇ ଆସୁଥିବା ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଭଳି ବୌଦ୍ଧ ରଥଯାତ୍ରାର ମଧ ପ୍ରସିଦ୍ଧି ଓ ବିଶେଷତ୍ୱ ରହିଛି। ବର୍ତ୍ତମାନ ବୌଦ୍ଧରେ ଦେବୋତ୍ତର ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ପକ୍ଷରୁ ରଥଯାତ୍ରା ପାଇଁ ସମସ୍ତ ଆୟୋଜନ ହୋଇଆସୁଛି । ଜିଲା ପ୍ରଶାସନ ଓ ସ୍ଥାନୀୟ ବିଭିନ୍ନ ସଂଗଠନର ପ୍ରତିନିଧି ଓ ସହରର ବୁଦ୍ଧଜୀବୀମାନେ ମିଳିତ ଭାବରେ ରଥଯାତ୍ରାର ସମସ୍ତ ଦାୟିତ୍ୱ ସଂପାଦନ କରଥାନ୍ତି। ଏବେଠୁ ଆଗାମୀ ରଥଯାତ୍ରା ପାଇଁ ବୌଦ୍ଧ ସହର ଚଳଚଞ୍ଚଳ ହେବାରେ ଲାଗିଛି। ରଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ବର୍ତ୍ତମାନ ରଙ୍ଗ କାମ ଜୋରସୋରରେ ଚାଲିଛି । ବୌଦ୍ଧ ରଥର ସ୍ୱତନ୍ତ୍ରତା ହେଉଛି ଘୂର୍ଣ୍ଣାୟମାନ ରଥ। କାଠରେ ନିର୍ମିତ ଏହି ରଥ ୧୦ ଚକ ବିଶିଷ୍ଟ । ୪୮ ଫୁଟ ଉଚ୍ଚତା ଏବଂ ୨୪ ଫୁଟ ଚଉଡାରେ ରାଜରାଜୁଡା ଶାସନ ସମୟରୁ ନିର୍ମାଣ କରାଯାଇଛି। ରଥ କେବଳ ପ୍ରତିବର୍ଷ ମରାମତି ହୋଇଆସୁଛି।



ବୌଦ୍ଧରେ ରଥର ରଙ୍ଗ କାମ ଚାଲିଛି ।

**ବୌଦ୍ଧ ରଥ ହେଉଛି ଘୂର୍ଣ୍ଣାୟମାନ**

ଅନ୍ୟପକ୍ଷରେ ବଡଦାଣ୍ଡରୁ ଗଛଗୁଡିକ ସଫା କରାଯାଉଥିବା ବେଳେ ସଫେଇ କାମ ଜୋରସୋରରେ ଚାଲିଛି। ଗତ ଶୁକ୍ରବାର ଦିନ ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଗୁଣ୍ଡିଚା ମନ୍ଦିର ସଜେଇ ହେବାରେ ଲାଗିଛି। ବୌଦ୍ଧର ରଥଯାତ୍ରା ଦେଖିବାକୁ ନିକଟବର୍ତ୍ତୀ ଅନୁଗୋଳ, ସମ୍ବଲପୁର, ସୋନପୁର, କନ୍ଧମାଳ ଜିଲା ତଥା ପଡେଶୀ ଗ୍ରାମର ଲୋକମାନେ ଆସିଥାନ୍ତି। ଫଳରେ ରଥଯାତ୍ରାରେ ପ୍ରବଳ ଜନସମାଗମ ହୋଇଥାଏ। ଚଳିତବର୍ଷ ପଶ୍ଚିମ ଓଡିଶାରେ ଅଗ୍ନିବର୍ଷା ହେଉଥିବା ବେଳେ ବୌଦ୍ଧ ଜିଲାରେ ପାରଦ ୪୪ ଡିଗ୍ରୀ ଉପରେ ରହୁଛି। ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଯଦି ବର୍ଷା ନ ହୁଏ ବୌଦ୍ଧ ରଥଯାତ୍ରା ଏକ ପ୍ରକାର ଫିକା ପଡିବ ବୋଲି ଆଶଙ୍କା ଦେଖାଦେଇଛି। ଚଳିତବର୍ଷ ରଥଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ମୀନାବଜାର ପଡିବାର ଅଛି। ଏହାଛଡା ରଥଯାତ୍ରା ଯେପରି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେଥିପ୍ରତି ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟି ଗୁରୁତ୍ୱ ଦେଇଛି।

# ଚେରୁପାଲି ଟାଟା ପାୱାର ଅଫିସ୍ ଆଗରେ ବିକ୍ଷୋଭ

ଡୁଙ୍ଗୁରିପାଲି,୧୭।୬(ଦୀନବନ୍ଧୁ ସୁନା)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ମନଇଚ୍ଛା ବିଦ୍ୟୁତ କାଟ କରାଯାଉଛି। ଏହାର ପ୍ରତିବାଦରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଭାଜପା ପକ୍ଷରୁ ଟାଟା ପାୱାର ପଶ୍ଚିମ ଓଡିଶା ବିଦ୍ୟୁତ ବିତରଣ ସଂସ୍ଥାର ଫଟାମୁଣ୍ଡାସ୍ଥିତ ଚେରୁପାଲି ଟାଟା ପାୱାର ଅଫିସ ସେକ୍ସନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ଅଭିଯୋଗ କରିଛି ବିଦ୍ୟୁତ ବିତରଣ କମ୍ପାନୀ ଟାଟା ପାୱାର ଅରାଜକତାର ସମସ୍ତ ସୀମା ଉଲ୍ଲଂଘନ କରିଛି । ଡୁଙ୍ଗୁରିପାଲି ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହୁଥିବା ବେଳେ ସାମାନ୍ୟ ପବନ, ଧୂଳିଝଡ଼ରେ ମନଇଚ୍ଛା ବିଦ୍ୟୁତ କାଟ କରାଯାଉଛି। ଫଳରେ ଉପଭୋକ୍ତା ଗରମରେ ହନ୍ତସନ୍ତ ହେଉଛନ୍ତି। ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାର ଦାୟିତ୍ୱ ନେଇଥିବା ଟାଟା ପାୱାର ସମସ୍ତ ଚୁକ୍ତି ଓ ନିୟମକୁ ଖିଲାପ କରୁଛି। ତେଣୁ ଶକ୍ତିମନ୍ତ୍ରୀ ପ୍ରତାପ ଦେବଙ୍କୁ ବହିଷ୍କାର କରିବାକୁ ଦଳର ନେତୃବୃନ୍ଦ ଦାବି କରିଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ ନ ହେଲେ ଭାଜପା ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଚେତାବନୀ ଦେଇଛି। ବିକ୍ଷୋଭରେ ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ଜିଲା ସମ୍ପାଦକ ହେମନ୍ତ ବିଶ୍ୱାଳ, ଶୁଖା ମଣ୍ଡଳ ସଭାପତି ସୁରେଶ ପଧାନ, ରାମପୁର ମଣ୍ଡଳ ସଭାପତି ରୂପଧର ପଧାନ, ଡୁଙ୍ଗୁରିପାଲି ମଣ୍ଡଳ ସମ୍ପାଦକ ବାସୁଦେବ ନାଏକ, ଓବିସି ମୋର୍ଚ୍ଚା ସଭାପତି ଗୋବିନ୍ଦ ବାରିକ, ପ୍ରବୀର କୁମାର ସାହୁ, ବସନ୍ତ ପତି, ଅନାକାର ବିଶେଶ୍ୱର, ସନ୍ୟାସୀ ବାବୁ, ଭାରତ ପଧାନ, ବେଣୁଧର ବିଶ୍ୱାଳ, ନବକୃଷ୍ଣ ଦନ୍ତା, ସୁନିଲ ମେହେର, ଦେବରାଜ ବେହେରା, ରଥ ସାହୁ, ନେହେରୁ ପଧାନ, ନିମାଁଇ ଚରଣ ସାହୁ, ଜୟନ୍ତ ବରିହା, ଅକ୍ଷୟ ପଧାନ ଓ ଚନ୍ଦ୍ରକେତୁ ମହାଲିଙ୍ଗ ପ୍ରମୁଖ ସାମିଲ ହୋଇଥିଲେ ।



ଟାଟା ପାୱାର ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

**ଅଘୋଷିତ ବିଦ୍ୟୁତ୍ କାଟର ପ୍ରତିବାଦ**

## ସଂକ୍ଷେପରେ

### ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର

ରେଢାଖୋଲ,୧୭।୬(ଅଚ୍ୟୁତାନନ୍ଦ ପୁରୋହିତ): ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ରେଢାଖୋଲ ଥାନା ଦଲକି ଗ୍ରାମରେ ଶନିବାର ଏହି ଘଟଣା ଘଟିଛି। ଗୁରୁତର ମହିଳା ପ୍ରଭାତି ପ୍ରଧାନଙ୍କୁ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀ କରୁଣାକର ପ୍ରଧାନଙ୍କୁ ଗିରଫ କରିଛି। ଏ ନେଇ ଥାନା କେସ୍ ନଂ.୧୪୪ରେ ଏକ ମାମଲା ରୁଜୁ ହୋଇଛି। ରବିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନାମତେ କୌଣସି କାରଣକୁ ନେଇ ଶନିବାର ମଧାହ୍ନରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ମଧରେ ଝଗଡା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ କରୁଣାକର ଏକ ଟାଙ୍ଗିଆରେ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଛାତିରେ ଗୁରୁତର ଆଘାତ ଲାଗିଛି।

### ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ରଜ ମହୋତ୍ସବ

ସମ୍ବଲପୁର,୧୭।୬(ବି.ଶଙ୍କର): ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହିଳା ମଣ୍ଡଳ ସଭାନେତ୍ରୀ ପଦ୍ମଜା ସିଂ ସ୍ୱାଗତ ଭାଷଣ ଦେବା ସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଡାକ୍ତର ରେଣୁ ଅଗ୍ରୱାଲ ମୁଖ୍ୟଅତିଥି ଓ ବିମଳା ପ୍ରସାଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପସଭାନେତ୍ରୀ ଆଲପାନା ଶୁକ୍ଳା ରାଓ, ସରିତା ପଟେଲ, ଆରତୀ ବୋରା, ଶ୍ମୀ ବେହୁରା, ଅଞ୍ଜଳି ବାପଟ ଯୋଗଦେଇ ରଜ ଉତ୍ସବ ଉପରେ ଆଲୋକପାତ କରିଥିଲେ। ଜାଗୃତି ମହିଳା ମଣ୍ଡଳ ସଦସ୍ୟା କବିତା ଦାସ, ଅଂଶ କୁମାର, ପ୍ରୀତି ମହାନ୍ତି, ଜୟଶ୍ରୀ ପଟ୍ଟନାୟକ, ରେଣୁ ପାଣ୍ଡେଙ୍କ ଉଦ୍ୟମରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ସଚିବ ଆଶା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିନିତା ସିହ୍ନା ଓ ଅଳକା ମେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ମହାବିଦ୍ୟାଳୟ ଅଧକ୍ଷ ସମ୍ମିଳନୀ

ସମ୍ବଲପୁର,୧୭।୬(ବି.ଶଙ୍କର): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାରସ୍ଥିତ ମାନବ ସମ୍ବଳ ବିକାଶ କେନ୍ଦ୍ରଠାରେ ମହାବିଦ୍ୟାଳୟ ଅଧକ୍ଷ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ମାନବ ସମ୍ବଳ ବିକାଶ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ବୁଲୁ ମହାରଣାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ, ପ୍ରଫେସର ସଂଯୁକ୍ତା ଦାଶ, ପ୍ରଫେସର ପ୍ରଦୀପ୍ତ ବେହେରା ଓ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଥିଲେ। ଏନ୍ଏଡି ଏକାଡେମୀ ବ୍ୟାଙ୍କ ଅଫ କ୍ରେଡିଟ ଜୋନାଲ ସଂଯୋଜକ ରବି ପଣ୍ଡା, ରାଜ୍ୟ ସଂଯୋଜକ ଲୋପାମୁଦ୍ରା ନାୟକ ଯୋଗଦେଇ ଆଲୋଚନା କରିଥିଲେ। ସେହିପରି ଡ. ହିମାଂଶୁ ଶେଖର ମିଶ୍ର ଏନ୍‌ଇପି -୨୦୨୦ ଉପରେ ଆଧାରିତ ସ୍ନାତକ ସ୍ତରର ନିୟମାବଳୀ ଓ ସିଲାବସ ଉପରେ ଆଲୋଚନା କରଥିଲେ। ସମ୍ମିଳନୀରେ ୧୦୫ଟି ଅନୁବନ୍ଧିତ ମହାବିଦ୍ୟାଳୟର ଅଧକ୍ଷ ଯୋଗଦେଇଥିଲେ।

### ଷ୍ଟାଡିୟମ ପରିସରରୁ ଚନ୍ଦନଗଛ ଚୋରି

ଦେବଗଡ଼,୧୭।୬(ଶଶାଙ୍କ ଶେଖର ଝାଙ୍କର): ଶୁକ୍ରବାର ରାତିରେ ଦେବଗଡ଼ ସହର ପୁରୁଣାଗଡ଼ସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ପରିସରରୁ ଦୁର୍ବୃତ୍ତମାନେ ତିନୋଟି ମୂଲ୍ୟବାନ ଚନ୍ଦନ ଗଛ କାଟି ନେଇଛନ୍ତି। ୧୫ ବର୍ଷ ପୁରୁଣା ଗଛର ଲମ୍ବ ୯ରୁ ୧୦ ହାତ ଓ ମୋଟେଇ ୪ରୁ ୫ ଇଞ୍ଚ। ଖବର ନେବାରେ ଜଣାଯାଏ ଯେ, ଶନିବାର ସକାଳେ ଷ୍ଟାଡିୟମକୁ ଖେଳି ଆସୁଥିବା ଖେଳାଳିମାନେ ଏହା ଦେଖିଥିଲେ। ସଙ୍ଗେ ସଙ୍ଗେ ଜିଲା କ୍ରୀଡା ସମ୍ପାଦକ ଧୀରେନ୍ଦ୍ର ନାୟକଙ୍କୁ ଖବର ଦେଇଥିଲେ। ସମ୍ପାଦକ ନାୟକ ଆସି ଦେଖିବା ପରେ ଦେବଗଡ଼ ପୋଲିସ ଏବଂ ଡିଏଫ୍ଓ ଜିଲାପାଳ, ଏସ୍‌ପିଙ୍କୁ ଲିଖିତ ସୂଚନା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଓ ବନବିଭାଗ ମାମଲା ରୁଜୁ କରିବା ସହ ଅନୁସନ୍ଧାନ ଚଳାଇଛି। ସୂଚନାଯୋଗ୍ୟ, ଗତ କିଛି ବର୍ଷ ପୂର୍ବେ ଦେବଗଡ଼ ସହରର ଡିଏଫ୍ଓଙ୍କ ବାସଭବନ ପରିସର, ରଙ୍ଗିଆଗୁଡା, ତଥଁଳାସାହିର ୩ଜଣ ବ୍ୟକ୍ତିଙ୍କ ଘରବାଡ଼ିରୁ ଓ ସହରର ଗୋପାଳଜି ମନ୍ଦିର ପରିସର, କଣ୍ଢଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଥିବା ମୂଲ୍ୟବାନ ଚନ୍ଦନ ଗଛ ସବୁ କାଟି ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଥିଲେ। ପୁଣି ଚନ୍ଦନ କାଠ ଚୋର ସକ୍ରିୟ ହୋଇଥିବା ଚର୍ଚ୍ଚା ହେଉଛି।

# 'ରାଜନୀତିରେ ଧାର୍ମିକ ଧ୍ରୁବୀକରଣକୁ ଆୟୁଧ କରାଯାଉଛି'

ସମ୍ବଲପୁର,୧୭।୬(ଶୁଭାଶିଷ ପାଢୀ)


ବକ୍ତବ୍ୟ ରଖୁଛନ୍ତି ମୁଖ୍ୟଅତିଥି।


ସଭାରେ ଉପସ୍ଥିତ ଶ୍ରୋତାମାନେ।

**୭୫ ବର୍ଷରେ ଭାରତୀୟ ଗଣତନ୍ତ୍ର ଆହ୍ୱାନ ଓ ସମ୍ଭାବନା ଶୀର୍ଷକ ଆଲୋଚନାଚକ୍ର**

ସ୍ୱାଧୀନତା ଆନ୍ଦୋଳନ ସମୟରେ ମୂଲ୍ୟବୋଧ ଉପରେ ନିର୍ମିତ ସମ୍ବିଧାନକୁ କୁଠାରଘାତ କରାଯାଉଛି। ସାମାଜିକ ସହାବସ୍ଥାନକୁ ବିକୃତ କରିବାକୁ ଦକ୍ଷିଣପନ୍ଥି ଷଡଯନ୍ତ୍ର କରୁଛନ୍ତି। ଭାରତ ତଥା ବିଶ୍ୱର ଅନେକ ଦେଶରେ ଧାର୍ମିକ ସଂଖ୍ୟା ଗରିଷ୍ଠତାର ଅତ୍ୟାଚାର ଫଳରେ ସଂଖ୍ୟାଲଘୁଙ୍କ ଜୀବନ ବିପନ୍ନ ହେବା ସହ ସାମଗ୍ରିକ ବିକାଶ ବ୍ୟାହତ ହେଉଛି। ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଆକ୍ରମଣ ବଜାୟ ରଖିବା ପାଇଁ ମୁଖ୍ୟଧାରାର ଗଣମାଧ୍ୟମକୁ ବସମ୍ବଦ କରିବା ବର୍ତ୍ତମାନ ସରକାରର ରାଜନୀତିରେ ପରିଣତ ହୋଇଛି। ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଶନିବାର ଭାରତୀୟ ଜୀବନ ବୀମା ନିଗମ ସମ୍ବଲପୁର ଡିଭିଜନ କର୍ମଚାରୀ ସଂଘ ପକ୍ଷରୁ ୭୫ ବର୍ଷରେ ଭାରତୀୟ ଗଣତନ୍ତ୍ର ଆହ୍ୱାନ ଓ ସମ୍ଭାବନା ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇଆଇଟି ପୂର୍ବତନ ପ୍ରଫେସର ତଥା ଐତିହାସିକ ରାମ ପୁନିୟାନି କହିଥିଲେ।

ସେ ଆହୁରି କହିଥିଲେ, ଗଣତନ୍ତ୍ରର ଆନ୍ଦୋଳନ ସ୍ଥିତିକୁ ଏକଛତ୍ରବାଦୀ ଶକ୍ତି ପ୍ରୟୋଗ କରୁଛି। ଦେଶର ରାଷ୍ଟ୍ରୀୟ ସମ୍ପତ୍ତିକୁ ସମାନ୍ୟ ପୁଞ୍ଜିପତିଙ୍କ ହାତରେ ଟେକି ଦେବା ଫଳରେ ସମାଜରେ ଆୟ ଓ ସମ୍ପତ୍ତିର ବୈଷମ୍ୟ ଗୁରୁତର ସଙ୍କଟ ସୃଷ୍ଟି କରିଛି । ଲୋକମାନଙ୍କ ବୈଜ୍ଞାନିକ ଚିନ୍ତାଧାରାକୁ ଧୁଳିସାତ୍ କରାଯାଉଛି। ମୌଳିକ ସଭ୍ୟତାକୁ ପାଠ୍ୟକ୍ରମରୁ ବାଦ୍ ଦେବା ପ୍ରଗତିଶୀଳର ପରିପନ୍ଥୀ। ରାଜତନ୍ତ୍ର ପରିଚାୟକ ଭଳି ସଂସଦ ସ୍ଥାପନ କରିବା ଗଣତନ୍ତ୍ରରେ ଗ୍ରହଣୀୟ ନୁହେଁ। ଧାର୍ମିକ ଧ୍ରୁବିକରଣକୁ ଆୟୁଧ କରି ନିର୍ବାଚନୀ ବୈତରଣୀ ପାର୍ ହେବା ଭଳି ଘୃଣ୍ୟ ରାଜନୀତି ଦେଶର ଧର୍ମ ନିରପେକ୍ଷତା ଉପରେ ଶକ୍ତ ଆଘାତ ଦେଇଛି ବୋଲି ପ୍ରଫେସର ପୁନିୟାନୀ ବକ୍ତବ୍ୟ ଦେଇଥିଲେ। ବରିଷ୍ଠ ଖବରଦାତା ଶିବ ଶଙ୍କର ନନ୍ଦ ସଭା ପରିଚାଳନା କରିଥିଲେ। ସଂଗଠନ ସଭାପତି ରାଜୀବ ଲୋଚନ ଦାସ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ମୀନ ରଞ୍ଜନ ବିଶି ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସଂଘମିତ୍ରା ଷଡଙ୍ଗୀ ଅତିଥିଙ୍କୁ ସ୍ୱାଗତ କରିଥିଲେ ।

## କମଳାକାନ୍ତ ସାର୍କ ଶିକ୍ଷକ ଫେଡେରେଶନ ମହାସଚିବ ମନୋନୀତ

ସମ୍ବଲପୁର,୧୭।୬(ବି.ଶଙ୍କର)

ସାର୍କ ଶିକ୍ଷକ ଫେଡେରେଶନର ମହାସଚିବ ଭାବେ କମଳାକାନ୍ତ ତ୍ରିପାଠୀ ମନୋନୀତ ହୋଇଛନ୍ତି। ଏହି ଅବସରରେ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ତାଙ୍କୁ ଅଭିନନ୍ଦନ ଜଣାଇଛି। ରାଜ୍ୟ ସଂଘ ସାଧାରଣ ସମ୍ପାଦକ ବଭ୍ରୁବାହନ ଭୋଇ କହିଛନ୍ତି, ଗତ ୧୨ ତାରିଖରେ କାଠମାଣ୍ଡୁଠାରେ ଶିକ୍ଷକମାନଙ୍କର ସାର୍କ ସମ୍ମିଳନୀ ହୋଇଥିଲା। ଏଥିରେ ବିଭିନ୍ନ ଦେଶର ପ୍ରତିନିଧି ଭାଗନେଇଥିଲେ। ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ମହାସଂଘ ମହାସଚିବ କମଳାକାନ୍ତ ଯୋଗଦେଇ ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହାପରେ ସର୍ବସମ୍ମତିକ୍ରମେ କମଳାକାନ୍ତଙ୍କୁ ସାର୍କ ଶିକ୍ଷକ ମହାସଚିବ ଭାବେ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ତାଙ୍କ ଦିଗ୍‌ଦର୍ଶନରେ ରାଜ୍ୟ ଶିକ୍ଷକ ସଂଘ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ । ଏଥିସହ ଆସନ୍ତା ସେପ୍ଟେମ୍ବରରୁ ତାଙ୍କ ନେତୃତ୍ୱରେ ପୁରୁଣା ପେନ୍‌ସନ ପାଇଁ ଶିକ୍ଷାରଥ ଭ୍ରମଣ କରିବା କାର୍ଯ୍ୟକ୍ରମ ରହିଛି।

# ଜିଲା ମହିଳା ଟି-୨୦ ଦଳର କଟକ ଯାତ୍ରା

ସମ୍ବଲପୁର,୧୭।୬(ବି.ଶଙ୍କର)


ଜିଲା ମହିଳା ଟି-୨୦ ଟିମ୍ ଖେଳାଳୀମାନେ।

ଚଳିତ ମାସ ୧୯ ତାରିଖରୁ କଟକ ଷ୍ଟାଡିୟମରେ ଆନ୍ତଃ ଜିଲା ମହିଳା ଟି-୨୦ କ୍ରିକେଟ ଲିଗ୍ ଆରମ୍ଭ ହେବ। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସମ୍ବଲପୁର ଜିଲା ଦଳ ଭାଗନେବ। ତେଣୁ ଶନିବାର ଜିଲାର ମହିଳା ଦଳ କଟକ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଦଳରେ ୧୮ଜଣ ଖେଳାଳି ଓ ୨ଜଣ ଅଫିସିଆଲ ରହିଛନ୍ତି। ଦଳରେ ଶ୍ରେୟା ଚକ୍ର ଅଧିନାୟିକା ଓ ସ୍ନେହା ଚକ୍ରବର୍ତ୍ତୀ ଉପ ଅଧିନାୟିକା ଥିବାବେଳେ ସୌମ୍ୟଦର୍ଶନ ମହାନ୍ତି କୋଚ ଓ ରୋନକ ରାଜ ବାଗ ମ୍ୟାନେଜର ରହିଛନ୍ତି। ୧୯ ତାରିଖରେ ପ୍ରଥମ ମ୍ୟାଚ ସମ୍ବଲପୁର ଦଳ ଢେଙ୍କାନାଳ ବିପକ୍ଷରେ ଖେଳିବ। ସମ୍ବଲପୁର ଷ୍ଟେଶନରେ ଦଳକୁ ଜିଲା କ୍ରିକେଟ ଆସୋସିଏଶନ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଓ କ୍ରିକେଟ ସମ୍ପାଦକ ଅବିନାଶ ନନ୍ଦଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇ ସଫଳତା କାମନା କରିଛନ୍ତି ।

## ଏସ୍‌ଏଚ୍‌ଜି କେନ୍ଦ୍ର ପରିଦର୍ଶନ କଲେ କୃଷି ଅଧିକାରୀ

କୁଚିଣ୍ଡା,୧୭।୬(ବିରଞ୍ଚି ଦର୍ଶା)

ଜୈବିକ ଖତ ପ୍ରସ୍ତୁତ ଓ କୃଷି ଯନ୍ତ୍ରପାତି ଯୋଗାଣ ପାଇଁ ଚୟନ ହୋଇଥିବା ଏସ୍‌ଏଚ୍‌ଜି କେନ୍ଦ୍ରକୁ ଶନିବାର ବ୍ଲକ କୃଷି ଅଧିକାରୀ ପରିଦର୍ଶନ କରିଛନ୍ତି। କୁଚିଣ୍ଡା ବ୍ଲକରେ କୃଷି ବିଭାଗ ପକ୍ଷରୁ ଅଣଧାନ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉଛି। ଏହାକୁ ଲୋକାଭିମୁଖୀ କରିବା ପାଇଁ ଜୈବିକ କୃଷି ଓ କୃଷି ଯନ୍ତ୍ରପାତି ସାହାଯ୍ୟରେ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ବ୍ଲକ କୃଷି ଅଧିକାରୀ ଶାନ୍ତନୁ କରାଲି, ସହକାରୀ କୃଷି ଅଧିକାରୀ ସସ୍ମିତା କିରୋ, ରୋପ ସଂଯୋଜିକା ତୃପ୍ତିମୟୀ ଦାସ ପ୍ରମୁଖ ପାରୁଆଭାଡ଼ି ପଞ୍ଚାୟତର ପଣ୍ଡରିକଟା ଓ ହାଡିପାଲି ପଞ୍ଚାୟତର କିଣ୍ଡିରା ଗ୍ରାମର ମହିଳା ଏସ୍‌ଏଚ୍‌ଜି କେନ୍ଦ୍ର ପରିଦର୍ଶନ କରି ଏହି ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ଉଭୟ ଏସ୍‌ଏଚ୍‌ଜି ପାଇଁ ୨୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରି ଅନୁମୋଦନ ପାଇଁ ଖୁବ୍‌ଶୀଘ୍ର ଜିଲାକୁ ପଠାଇବାକୁ କୃଷି ଅଧିକାରୀ କରାଲି କହିଥିଲେ।

## ରକ୍ଷିତାଙ୍କୁ ଠେଙ୍ଗାରେ ପିଟି ମାରିଲେ ବଙ୍ଗାଳି ମିସ୍ତ୍ରି

ରେଢାଖୋଲ,୧୭।୬(ଅଚ୍ୟୁତାନନ୍ଦ ପୁରୋହିତ)

ରକ୍ଷିତାଙ୍କୁ ଠେଙ୍ଗାରେ ପିଟି ମାରିଦେଇଛନ୍ତି ଜଣେ ବଙ୍ଗାଳି ମିସ୍ତ୍ରି। ମୃତା ମହିଳା ହେଲେ ସମ୍ବଲପୁର ଜିଲା ରେଢାଖୋଲ ସହର ଯଦୁମଣିପାଟନାର ସଲମି ମିଞ୍ଜି। ଶୁକ୍ରବାର ବିଳମ୍ବିତ ରାତିରେ ଘଟଣା ଘଟିଥିବାବେଳେ ଶନିବାର ଏ ନେଇ ରେଢାଖୋଲ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଥାନା କେସ୍ ନଂ.୧୪୩/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ସଲମି ପୂର୍ବରୁ ବିବାହିତା ଓ ତାଙ୍କର ଗୋଟିଏ ୮ ବର୍ଷର ଝିଅ ଓ ୧୧ ବର୍ଷର ପୁଅ ଅଛନ୍ତି। ପଶ୍ଚିମବଙ୍ଗରୁ ଆସି ରେଢାଖୋଲରେ ରାଜମିସ୍ତ୍ରି ଭାବେ କାମ କରୁଥିବା ଅବଦୁଲ ଶେଖଙ୍କ ଅଧୀନରେ ସଲମି ଶ୍ରମିକ ଭାବେ କାମ କରୁଥିଲେ। ଏପରିସ୍ଥଳେ ଅବଦୁଲ ବିଭିନ୍ନ ପ୍ରଲୋଭନ ଦେଖାଇ ସଲମିଙ୍କୁ ରକ୍ଷିତା ଭାବେ ୩ ବର୍ଷ ହେବ ରଖିଥିଲେ। ସେମାନେ ଉଭୟ ଅନୁଗୋଳ ଜିଲା ବାଗେଡିଆରେ ରହି କାମ କରୁଥିବା ବେଳେ ୩ଦିନ ହେବ ରେଢାଖୋଲ ଆସି ରଥଡେିଳା ସାହିରେ ରହୁଥିଲେ। ତାଙ୍କର ଏକ ୨ବର୍ଷର ଶିଶୁପୁତ୍ର ମଧ ରହିଛି। ଶୁକ୍ରବାର ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅବଦୁଲ ଏକ ଠେଙ୍ଗାରେ ସଲମିଙ୍କୁ ପିଟି ମାରିଦେଇଥିଲେ। ପରେ ଶିଶୁପୁତ୍ରକୁ ଧରି ଫେରାର ହୋଇଯାଇଥିଲେ। ପଡୋଶୀଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ତାଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ମୃତା ସଲମିଙ୍କ ନାନୀ ସରିତା ଗିଲୁଆ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସବିତାବାଳା ସେଠୀ କହିଛନ୍ତି।

# ମାସେ ହେବ ଅନ୍ଧାରରେ ବଡ଼ଖାଲ ଗ୍ରାମ


ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ଦେବଗଡ଼,୧୭।୬ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ରମ୍ଭେଇ ଗ୍ରାମ ପଞ୍ଚାୟତର ବଡ଼ଖାଲ ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ପୋଡ଼ି ଯାଇଛି। ଦୀର୍ଘ ପ୍ରାୟ ଏକ ମାସ ହେବ ଉକ୍ତ ଗ୍ରାମ ସମ୍ପୂର୍ଣ୍ଣ ଭାବେ ଅନ୍ଧକାରରେ ରହିଛି। ଫଳରେ ଶନିବାର ଗ୍ରାମବାସୀ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇ ସମସ୍ୟା ଜଣାଇଥିଲେ।

ଏଣେ ପ୍ରବଳ ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଗ୍ରାମବାସୀଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ଏହା ସତ୍ତ୍ୱେ ବିଦ୍ୟୁତ୍ ବିଭାଗ (ଟିପିଡବ୍ଲ୍ୟୁଓଡିଏଲ୍) କର୍ତ୍ତୃପକ୍ଷ ସେଠାରେ ଏକ ନୂଆଁ ଟ୍ରାନ୍ସଫର୍ମର ବସାଇବାକୁ ଉଚିତ ମଣିନାହାନ୍ତି। ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ଗତ ମେ ମାସ ୨୦ତାରିଖରେ ପୋଡ଼ି ଯାଇଥିଲା। ଏନେଇ ଗ୍ରାମବାସୀ ବିଭାଗୀୟ ବାରକୋଟ ସେକସନ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହା ସହ ନୂତନ ଟ୍ରାନ୍ସଫର୍ମର ବସାଇବା ପାଇଁ ଗୁହାରୀ କରିଥିଲେ। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ନୂତନ ଟ୍ରାନ୍ସଫର୍ମର ବସାଇବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଏବଂ ନୈରାଶ୍ୟ ଭାବ ସୃଷ୍ଟି ହୋଇଛି। ଶନିବାର ଗ୍ରାମର ପ୍ରମିଳା ବାରା, ମରିୟମ ଡୁଙ୍ଗଡୁଙ୍ଗ ଓ ଫୁଲମନୀ ଲାକଡାଙ୍କ ନେତୃତ୍ୱରେ ଗ୍ରାମବାସୀ ବାଧ ହୋଇ ଦେବଗଡସ୍ଥିତ ବିଦ୍ୟୁତ୍ ବିଭାଗ (ଟିପିଡବ୍ଲ୍ୟୁଓଡିଏଲ୍) ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଏମର୍ମରେ ପୁଣି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଗ୍ରାମବାସୀଙ୍କ ସହ ଦେବଗଡ଼ ଜିଲା କଂଗ୍ରେସ ସଭାପତି ସେମ ହେମ୍ରମ ମଧ ସାମିଲ ହୋଇଥିଲେ।

## ଜିଆଖତ ପ୍ରସ୍ତୁତି ସଚେତନତା ସଭା

କୁଚିଣ୍ଡା,୧୭।୬(ବିରଞ୍ଚି ଦର୍ଶା)

କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ସଭାଗୃହରେ ଶନିବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆୱାର୍ଡ ପକ୍ଷରୁ ଜିଆଖତ ପ୍ରସ୍ତୁତି ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଆୱାର୍ଡ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ବକ୍ସମା ସରପଞ୍ଚ ସରସ୍ୱତୀ ଠାକୁର, ସମିତି ସଭ୍ୟା ରଶ୍ମି କୁସୁମ ଓ ଏମ୍‌ବିକେ ହୁମାସୀନି ଠାକୁର ଯୋଗଦେଇ ଜୈବିକ ପଦ୍ଧତି ଚାଷ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସିଡିପି ଏମ୍‌ଏଲ୍‌ଆଇପି ପ୍ରକଳ୍ପ ଅଧୀନରେ ମନୋନୀତ ହୋଇଥିବା ଟାଇଁସରର ଶ୍ରୀମା, ସରଧାପାଲିର ମା' ମଙ୍ଗଳା ଓ ଭେଲୁଆପାଲର କୋଣାର୍କ ଏସ୍‌ଏଚ୍‌ଜି ଗ୍ରୁପର ୩୦ ସଭ୍ୟା ଯୋଗ ଦେଇଥିଲେ।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ କମ୍ୟୁନିଟି ହଲ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କମ୍ପାନୀ କର୍ମକର୍ତ୍ତା ଓ ଅନ୍ୟମାନେ।

ସମ୍ବଲପୁର,୧୭।୬(ବି.ଶଙ୍କର)

ଜେଏସ୍‌ଡବ୍ଲ୍ୟୁ ବିପିଏସ୍ଏଲ୍ ସିଏସ୍‌ଆର୍ ବିଭାଗ ପକ୍ଷରୁ ସମ୍ବଲପୁର ଜିଲା ପିତାପାଲି ଗ୍ରାମରେ ଏକ କମ୍ୟୁନିଟି ହଲ୍ (ଗୋଷ୍ଠୀ ସଦନ କେନ୍ଦ୍ର) ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କମ୍ପାନୀର ସିଏସ୍‌ଆର୍ ମୁଖ୍ୟ ବିଶାଲ ରାଜ, ସିଭିଲ ପ୍ରୋଜେକ୍ଟର ଆସୋସିଏଟ୍ ଉପାଧକ୍ଷ ମିହିର ମିଶ୍ର, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲଙ୍କ ସମେତ ସାଲଡ ପଞ୍ଚାୟତ ସମିତି ସଭ୍ୟ, ୱାର୍ଡମେମ୍ବର ଉପସ୍ଥିତ ଥିଲେ। ସିଏସ୍‌ଆର୍ ମୁଖ୍ୟ ରାଜ କହିଥିଲେ, ଗ୍ରାମପଞ୍ଚାୟତ ଓ ସ୍ଥାନୀୟ ସମ୍ପ୍ରଦାୟର ସେବା କରିବା ଲକ୍ଷ୍ୟରେ ଏହି କେନ୍ଦ୍ର ନିର୍ମାଣ କରାଯାଇଛି। ବିଭିନ୍ନ ସାମାଜିକ କାର୍ଯ୍ୟକଳାପ ଆୟୋଜନ କରିବା, ସ୍ଥାନୀୟ ଗୋଷ୍ଠୀ ସେମାନଙ୍କର ନିୟମିତ ସାମାଜିକ କାର୍ଯ୍ୟ, ଜୀବିକା ବୃଦ୍ଧି ପାଇଁ ଉପାର୍ଜନ କାର୍ଯ୍ୟକଳାପ ଉପରେ ତାଲିମ ଦେବା ଲାଗି ଏହି କେନ୍ଦ୍ର ଆଦର୍ଶ ସ୍ଥାନ ହେବ ବୋଲି ସେ କହିଛନ୍ତି।

## ହିଣ୍ଡାଲ୍‌କୋ ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର,୧୭।୬(ଶୁଭାଶିଷ ପାଢୀ)

ହିଣ୍ଡାଲ୍‌କୋ ପାୱାର କର୍ମଚାରୀ ସଂଘ, ହୀରାକୁଦ ପାୱାର କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିଅନ ଓ ମାରୱାଡି ଯୁବାମଞ୍ଚ ମିଳିତ ଆନୁକୂଲ୍ୟରେ ହୀରାକୁଦଠାରେ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋ ମାନବସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ପ୍ଲାଣ୍ଟ ମ୍ୟାନେଜର ପ୍ରାଞ୍ଜଳ ପାଠକ, ଏଚ୍‌ଆର୍ ଶୁଭଶ୍ରୀ ମହାପାତ୍ର, ପୂର୍ବତନ ସମ୍ବଲପୁର ମ୍ୟୁନିସିପାଲିଟି ଉପାଧକ୍ଷ ତଥା ହିଣ୍ଡାଲ୍‌କୋ ପାୱାର କର୍ମଚାରୀ ସଂଘ ସଭାପତି ସିଦ୍ଧାର୍ଥ ସାହା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।


ଜଣେ ରକ୍ତଦାତାଙ୍କୁ ସମ୍ମାନିତ କରାଯାଉଛି।

# ରେଙ୍ଗାଲି ଷ୍ଟେଶନରେ ପୁନଃ ଟ୍ରେନ୍ ରହଣି ଦାବି

ରେଙ୍ଗାଲି, ୧୭।୬ (ଦେବବ୍ରତ ପଣ୍ଡା)


ଦାବିପତ୍ର ଦେବା ଅବସରରେ ବରିଷ୍ଠ ନାଗରିକମାନେ।

ସମ୍ବଲପୁର ଜିଲା ରେଙ୍ଗାଲି ରେଳ ଷ୍ଟେଶନରେ ସମଲେଶ୍ୱରୀ ଓ ରାଜ୍ୟରାଣୀ ଟ୍ରେନ୍‌ର ପୁନଃ ରହଣୀ ପାଇଁ ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ଷ୍ଟେଶନର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ଏହି ଷ୍ଟେଶନରେ ବିଗତ ଦିନରେ ପ୍ରାୟ ସମସ୍ତ ଏକ୍ସପ୍ରେସ ଟ୍ରେନ ରହଣୀ କରୁଥିଲା। କରୋନା ମହାମାରୀ ପରେ ସମଲେଶ୍ୱରୀ ଓ ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନ୍ ପୁନଃ ରହଣୀ ପାଇଁ ଆଜି ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇନାହିଁ। ଫଳରେ ରେଙ୍ଗାଲି ଜଣସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ୧୫ଦିନ ମଧ୍ୟରେ ଉକ୍ତ ଦୁଇଟି ଟ୍ରେନର ପୁନଃ ରହଣୀ ପାଇଁ କୌଣସି ନିଷ୍ପତ୍ତି ନ ନେଲେ ପରିଷଦ ରେଳରୋକ କରିବା ପାଇଁ ବାଧ ହେବ ବୋଲି ଚେତାବନୀ ଦେଇଥିଲେ। ପରିଷଦର ସଭାପତି ତଥା ରେଙ୍ଗାଲି ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗରଡ଼ିଆ, ସମ୍ପାଦକ ଅନ୍ତର୍ଯାମୀ ପାଣି, ବସନ୍ତ ନାୟକ, ବିନୋଦ ନନ୍ଦ, ସଲିମ ଖାଁ, ସଲେଗ୍ରାମ ସାହୁ, ସୁବାସ ସିଂଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ପୋଲିସ ବାବୁଙ୍କ ପରକୀୟା ପ୍ରୀତି ଧରାପଡିଲା

**ସ୍ତ୍ରୀ ପହଞ୍ଚିବାରୁ ଫେରାର ପାଲିଲେ ପ୍ରେମିକା**

**ବଲାଙ୍ଗୀର, ୧୭।୬ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ସହରରେ ଶୁକ୍ରବାର ରାତିରେ ଜଣେ ପୋଲିସ ବାବୁଙ୍କ ପରକୀୟା ପ୍ରୀତିକୁ ତାଙ୍କ ସ୍ତ୍ରୀ ଧରିଥିଲେ। ପ୍ରେମିକାଙ୍କ ଘରେ ଥିବାବେଳେ ତାଙ୍କ ସ୍ତ୍ରୀ ସେଠାରେ ଅଚାନକ ପହଞ୍ଚି ଯାଇଥିଲେ। ହୋହଲ୍ଲା ହେବା ପରେ ଟାଉନ୍ ଥାନା ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପୋଲିସ ବାବୁଙ୍କୁ ଟାଉନ୍ ଥାନାକୁ ଆଣିଥିଲେ। ତେବେ ଏନେଇ କୌଣସି ଅଭିଯୋଗ ନହେବାରୁ ପରେ ପୋଲିସ ବାବୁଙ୍କୁ ଛାଡି ଦିଆଯାଇଛି। ବଲାଙ୍ଗୀର ଟାଉନ ଥାନା ଅନ୍ତର୍ଗତ ଏକ ପଡ଼ାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଘଟଣା ଘଟିଥିଲା। ରିଜର୍ଭ ପୋଲିସରେ କାର୍ଯ୍ୟରତ ଜଣେ ହାବିଲଦାର ୭ ବର୍ଷ ତଳେ ବଙ୍ଗୋମୁଣ୍ଡା ଅଞ୍ଚଳରେ ବିବାହ କରିଥିଲେ। ତାଙ୍କର ଏକ ଶିଶୁପୁତ୍ର ଅଛନ୍ତି । ହେଲେ ଏଇ ପୋଲିସ ବାବୁ ଜଣକ ବଲାଙ୍ଗୀର ସହରରେ ଜଣେ ମହିଳାଙ୍କ ସହ ସମ୍ପର୍କରେ ରହିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହାବିଲଦାର ଜଣକ ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇଥିବାବେଳେ ତାଙ୍କ ସ୍ତ୍ରୀ ସେଠାରେ ପହଞ୍ଚିବା ପରେ ହୋହଲ୍ଲା ହୋଇଥିଲା। ଘଟଣାଟି ସହରରେ ଚର୍ଚ୍ଚାର ବିଷୟ ହୋଇଛି।

### ଧର୍ମପ୍ରାଣା ଯଶୋବନ୍ତୀ ପଣ୍ଡାଙ୍କ ପରଲୋକ



**ବଲାଙ୍ଗୀର, ୧୭।୬(ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ସହର ଟିକ୍ରାପଡା ନିବାସୀ ସ୍ୱର୍ଗତ ହରେକୃଷ୍ଣ ପଣ୍ଡାଙ୍କ ସ୍ତ୍ରୀ ଯଶୋବନ୍ତୀ ପଣ୍ଡା (୯୧)ଙ୍କ ଶନିବାର ସକାଳ ୮ଟାରେ ପରଲୋକ ହୋଇଛି। ସେ ଜଣେ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ । ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ ପୁଅ ପୀତବାସ ପଣ୍ଡା, ପୁତ୍ରବଧୂ ତୃପ୍ତିମୟୀ ଉପସ୍ଥିତ ଥିଲେ। ବିୟୋଗ ଖବର ପାଇବା ପରେ ପ୍ରଫେସର ମଧୁସୂଦନ ପତି, ନାଗରିକ କମିଟି ସଭାପତି ଇଂ ବେଲାରସିଂ ଭୋଇ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ଆଇନଜୀବୀ ଗୋପାଳ ପାଣିଗ୍ରାହୀ, ଜଷ୍ଟିସ୍ ଗୋବିନ୍ଦ ପାଣିଗ୍ରାହୀ, ବିଶ୍ୱନାଥ ତ୍ରିପାଠୀ, ସୁଧାନିଧି ହୋତା, ଧର୍ମେନ୍ଦ୍ର ନନ୍ଦ, ଶ୍ରୀକାନ୍ତ ଶର୍ମା ଏବଂ ପଡାବାସୀ ତାଙ୍କ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତା ଯଶୋବନ୍ତୀଙ୍କ ଅନ୍ୟଦୁଇ ପୁତ୍ର ଶ୍ରୀନିବାସ, ବିଶ୍ୱବାସଙ୍କ ସହ ୪ ଜଣ ଝିଅ ଅଛନ୍ତି । ସ୍ଥାନୀୟ ବିଭୂତିପଡା ଶ୍ମଶାନରେ ସ୍ୱର୍ଗତା ପଣ୍ଡାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ପୀତବାସ ପଣ୍ଡା ମୁଖାଗ୍ନି ଦେଇଥିଲେ ।

### ଗ୍ରୀଷ୍ମ ପ୍ରବାହକୁ ବଳି ପଡୁଛି ଜଳକଷ୍ଟ

**ଲାଠୋର, ୧୭।୬(ଭୁବନେଶ୍ୱର ବାରିକ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଅନ୍ତର୍ଗତ କନ୍ଦେଇଛାପର ଗ୍ରାମ ଦଳିତ ପଡ଼ାରେ ପାନୀୟ ଜଳସମସ୍ୟା ଦେଖାଦେଇଛି। ପଡାରେ ଗୋଟିଏ ନଳକୂପ ରହିଛି । ଖରାଦିନେ ଭୂତଳ ଜଳ ହ୍ରାସ ହେବା ଯୋଗୁଁ ସେହି ନଳକୂପରୁ କାମ୍ ପାଣି ବାହାରୁଛି। ଫଳରେ ସେଠାରେ ବାସ କରୁଥିବା ୨୩ ପରିବାରର ୧୬୦ରୁ ଊର୍ଦ୍ଧ୍ୱ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମ ପ୍ରବାହ ଓ ତାତିରେ ସନ୍ତୁଳି ହେଉଥିବା ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରୁଛି ଜଳକଷ୍ଟ। ପଡାର ଡୋଲାମଣି ଜାଲ, ସନ୍ତୋଷ ହିଆଲ, ରମେଶ ହିଅଲ, ଜଳନ୍ଧର ଜାଲ, ସୁଦର୍ଶନ ଜାଲ, ଗୌତମ ହିଆଲ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଗ୍ରାମର ଅନ୍ୟ ପଡ଼ାରେ ନୂକଳପରେ ସୋଲାର ପମ୍ପ ଲଗାଯାଇଥିବାରୁ ସହଜରେ ପାଣି ଉପଲବ୍ଧ ହେଉଛି। ହେଲେ ବାରମ୍ବାର କହିଲେ ସୁଦ୍ଧା ଦଳିତ ପଡ଼ାରେ ସୋଲାର ପମ୍ପ ମାଧ୍ୟମରେ ଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯାଉନାହିଁ। ଏନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରେ ସୋଲାର ପମ୍ପ କଥା ପଞ୍ଚାୟତ କିମ୍ବା ବ୍ଲକ ବୁଝିବେ। ବର୍ତ୍ତମାନ କନ୍ଦେଇଛାପର ଗ୍ରମରେ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ତେବେ ପ୍ରକଳ୍ପ ନିର୍ମାଣ ଯାଏ ପଡାରେ ଥିବା ନଳକୂପରେ ସୋଲାର ପମ୍ପ ଲଗାଇବା ବ୍ୟବସ୍ଥା କରିବାକୁ ପଡାବାସୀ ଦାବି କରିଛନ୍ତି।

# ବେଆଇନ ନିର୍ମାଣ ଭାଙ୍ଗିଲା ପ୍ରଶାସନ

**ବେଲପଡା, ୧୭।୬(ମନୋଜ ମିଶ୍ର)**



ସଂରକ୍ଷିତ ଜଙ୍ଗଲ ଜମିରେ ନିର୍ମିତ ଘରକୁ ଜେସିବିରେ ଭଙ୍ଗା ଯାଉଛି।

ବଲାଙ୍ଗୀର-କଣ୍ଟାବାଞ୍ଜି ମୁଖ୍ୟରାସ୍ତାର କପାଣି ବସ୍‌ଷ୍ଟାଣ୍ଡ ନିକଟରେ ସରକାରୀ ଜମି ଅକ୍ତିଆର କରି ନିର୍ମାଣ କରାଯାଇଥିବା ଗୃହକୁ ଶନିବାର ପ୍ରଶାସନ ଜେସିବି ଲଗାଇ ଭାଙ୍ଗି ଦେଇଛି। ବାରମ୍ବାର ନୋଟିସ୍ ଦିଆଯିବା ସତ୍ତ୍ୱେ ବେଆଇନ ନିର୍ମାଣ କରିଥିବା ଅଜିତ ବେହେରା କର୍ଣ୍ଣପାତ କରୁ ନ ଥିଲେ। ଓଲଟି ସେହି ଘର ନିକଟରେ ରହୁଥିବା ଅନ୍ୟ ଜଣଙ୍କୁ ଯାତାୟତ ପାଇଁ ରାସ୍ତା ଛାଡି ନ ଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ତାଗିଦ ସତ୍ତ୍ୱେ ନ ମାନିବା ଏବଂ ତହସିଲ କର୍ତ୍ତୃପକ୍ଷଙ୍କୁ ଦୁର୍ବ୍ୟବହାର କରିବା ପରେ ଶନିବାର ତହସିଲ ପ୍ରଶାସନ ଆକ୍ସନ ମୁଡକୁ ଆସିଥିଲା। ତହସିଲଦାର ପ୍ରଶାନ୍ତି ପଧାନଙ୍କ ଉପସ୍ଥିତିରେ ଜବରଦଖଲକୁ ହଟାଯାଇଥିଲା। ନିଜ ନାମରେ ରଏତି ଜମିଥିଲେ ବି ସରକାରୀ ଗ୍ରାମ୍ୟ ଜଙ୍ଗଲରେ ଅଜିତ ବେଆଇନଭାବେ ଏକ ଘର ନିର୍ମାଣ କରିଥିଲେ। ସୂଚନାମତେ, ବେଲପଡା ତହସିଲ ଅନ୍ତର୍ଗତ ମାଲିଝର ମୌଜାର ଖାତା ୪୦୬ରେ ୬ ଏକର ୬୦ଡିସିମିଲ ସଂରକ୍ଷିତ ଗ୍ରାମ୍ୟ ଜଙ୍ଗଲ ରହିଛି। ଏହି ଜମିରୁ ପ୍ରାୟ ୫୦ ଡିସିମିଲ ଜାଗାକୁ ଅଜିତ ବେଆଇନ ଜବରଦଖଲ କରି ଘର ତିଆରି କରି ପରିବାର ସହ ରହୁଥିଲେ।

**ସରକାରୀ ଜମିରେ ହୋଇଥିଲା ଦାମୀ କୋଠା**

# କାର୍ ଭିତରୁ ବାଳକର ମୃତଦେହ ଜବତ

**ଟିଟିଲାଗଡ଼, ୧୭।୬(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ଘଣ୍ଟବାହାଲି ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଅପରାହ୍ନରେ ଗାଁ ଦାଣ୍ଡରେ ରଖାଯାଇଥିବା କାର୍ ଭିତରୁ ଜଣେ ବାଳକର ମୃତଦେହ ଜବତ ହୋଇଛି। ମୃତକ ଗାଁର ଅନାମି ଜାନିଙ୍କ ପୁଅ ବେଦବ୍ୟାସ (୧୦)। ଖବର ପାଇ ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ଥାନା ଆଇଆଇସି ମନୋଜ ପଧାନ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ବେଦବ୍ୟାସଙ୍କ ମୁଣ୍ଡ ଏବଂ ଶରୀରର ଅନ୍ୟ କେତେକ ସ୍ଥାନରେ ରକ୍ତ ଦାଗ ରହିଛି । ଏହା ସହ କାର୍ ଭିତରେ ବାନ୍ତି ପଡିଥିବା ଦେଖାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନା ପଠାଇଛି। ରାତି ହୋଇଯାଇଥିବାରୁ ରବିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ପଧାନ କହିଛନ୍ତି। ଗ୍ରାମର ଯୁଗେଶ୍ୱର ଛତର ତାଙ୍କ କାର୍‌କୁ ଘର ସାମନା ରାସ୍ତାରେ ରଖିଥିଲେ। ଅପରାହ୍ନ ପ୍ରାୟ ୪ଟା ବେଳକୁ ତାଙ୍କ ଡ୍ରାଇଭର ଗାଡି ପାଖକୁ ଆସି ପୋଛାପୋଛି କଲାବେଳେ ଭିତରେ କେହି ଥିବା ଦେଖିଥିଲେ। ଡୋର ଖୋଲିବା ପରେ ଭିତରେ ଏକ ଛୋଟ ପିଲା ପଡିଥିବା ଦେଖି ଅନ୍ୟମାନଙ୍କୁ ଡାକିଥିଲେ। ମୃତକଙ୍କ ପରିବାର ଲୋକେ କହିଛନ୍ତି ବେଦବ୍ୟାସ ପ୍ରାୟ ୩ଟା ବେଳେ ଘରୁ ଖେଳିବାକୁ ଦାଣ୍ଡକୁ ଆସିଥିଲା। ତେବେ ସେ କାର୍ ଭିତରକୁ ଗଲେ ସେ ନେଇ କିଛି ଜାଣି ପାରୁ ନ ଥିବା ସେମାନେ କହିଛନ୍ତି। ପାଖରେ ଏକ ଚୁଡାମିଲ ଥିବାରୁ ସବୁ ବେଳେ ଲୋକଙ୍କ ଯାତାୟାତ ଲାଗିରହିଥିଲା। ଏଭଳିସ୍ଥଳେ କିଭଳି ଭାବରେ ବେଦବ୍ୟାସ କାର୍ ଭିତରକୁ କିପରି ଗଲେ ଅଥବା ତାଙ୍କୁ କେହି ହତ୍ୟା କରି ଭିତରେ ପକାଇ ଚାଲିଗଲେ ସେ ନେଇ ଭିନ୍ନ ଆଲୋଚନା ହୋଇଛି। ପୋଲିସ ଏ ନେଇ ଗ୍ରାମବାସୀଙ୍କୁ ଅଧିକ ପଚରାଉଚରା ସହ ତଦନ୍ତ ଜାରି ରଖିଛି।

# ଶହେ ବୋତଲ କଫ ସିରପ୍ ଜବତ, ୪ ଗିରଫ




ଜବତ କଫସିରପ ଓ ଗିରଫ ଅଭିଯୁକ୍ତ।

**ଖପ୍ରାଖୋଲ, ୧୭।୬(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବେଆଇନ କଫ ସିରପ କାରବାର ଉପରେ ସିରିଏଲ ଚଢାଉ ଜାରି ରଖିଛି। ଶୁକ୍ରବାର ବଡ଼ ଗୁର୍ଜିଭଟା ଗାଁ ନିକଟରେ ପାଟ୍ରୋଲିଂ ପୋଲିସ ବାକକରେ କଫସିରପ ଚାଲାଣ ବେଳେ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲାଠୋର ଥାନା ଜମଚୁଆଁର କମଳାକାନ୍ତ ଖମାରୀ(୪୦), ଜଗନ୍ନାଥ ଶବର (୨୮), ସହାଜପାଣିର ଧ୍ରୁବା ମେହେର(୩୪) ଓ ତୁରେକେଲା ଥାନା ମହନିଲହ ଗାଁର ଧବଳେଶର ସାହୁ (୪୮)। ମୁଖ୍ୟ ଅଭିଯୁକ୍ତ ତୁରେକେଲା ଥାନା ମଲିକଦୋରୋ ଗାଁର ତ୍ରିନାଥ ରଣା ଫେରାର ହୋଇଯାଇଛନ୍ତି। ସେମାନଙ୍କଠାରୁ ୧୦୧ ବୋତଲ କଫ ସିରପ, ଏକ ଷ୍ଟ୍ରିପ ନିଶା ବଟିକା, ଦୁଇଟି ପଲସର ବାଇକ, ୪ଟି ମୋବାଇଲ ଫୋନ ସହ ନଗଦ ୧୪ ଶହ ଟଙ୍କା ଜବତ କରାଯାଇଛି। ଶନିବାର ଖପ୍ରାଖୋଲ ଥାନାରେ ଏକ ଖବରଦାତା ସମ୍ମିଳନୀ କରି ପୋଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୯୪/୨୩)ରୁଜୁ କରି ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜା ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

ଖପ୍ରାଖୋଲ ପୋଲିସ ବଡ଼ଗୁର୍ଜିଭଟା ଗାଁ ନିକଟରେ ମଧ୍ୟାହ୍ନରେ ପାଟ୍ରୋଲିଂ ବେଳେ ଦୁଇଟି ପଲସରରେ ଚାରିଜଣ ଯୁବକ ଯାଉଥିବା ବେଳେ ସେମାନଙ୍କୁ ସନ୍ଦେହରେ ଅଟକାଇ ଥିଲା। ତନଖି ବେଳେ ସେମାନଙ୍କଠାରୁ କଫସିରପ ଜବତ ହୋଇଥିଲା। ଅଭିଯୁକ୍ତମାନେ ତୁରେକେଲା, ଲାଠୋର, ବେଲପଡା, ଖପ୍ରାଖୋଲ ଅଞ୍ଚଳରେ କଫସିରପ କାରବାର ଚଳାଇଥିବା ପଚରାଉଚରା ବେଳେ ଜଣାପଡିଥିଲା। ସୂଚନାଯୋଗ୍ୟ ଯେ, ଶୁକ୍ରବାର ଖପ୍ରାଖୋଲ ପୋଲିସ ବେଆଇନ କଫ ସିରପ କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରିଥିଲା।

## ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**ଲୋଇସିଂହା, ୧୭।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଗଲାପାଲି ଗ୍ରାମରେ ପାଇପ ବୋଝେଇ ଟ୍ରାକ୍ଟର ଓଲଟି ଶନିବାର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସୁଜିତ ଦାଶ(୧୭)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏକ ମାମଲା(୧୦୯/୨୩) ରୁଜୁ ହୋଇଛି। ଭାଲିଆମୁଣ୍ଡା ଗ୍ରାମକୁ ସୁକତେଲ ନଦୀରୁ ଜଳ ଯୋଗାଣ କାମ ଚାଲିଛି। ଅଗଲାପାଲିରେ ପାଇପ ପୋତା କାମ ଚାଲିଛି। ଗଚ୍ଛିତ ଥିବା ସାପ୍ତାହିକ ବଜାର ନିର୍ମାଣାଧୀନ ଓଭରହେଡ ଟାଙ୍କି ନିକଟରୁ ପାଇପ ଯୋଗାଣ ହେଉଛି। ପାଇପ ପରିବହନ ପାଇଁ ଅଗଲାପାଲିର ଏକ ଟ୍ରାକ୍ଟର ନିୟୋଜିତ ହୋଇଛି ଯେଉଁଥିରେ ସୁଜିତ ଡ୍ରାଇଭର ଥିଲେ। ଶନିବାର ସାପ୍ତାହିକ ବଜାରରୁ ସେ ପାଇପ ଲଦି ନେଉଥିବାବେଳେ ଭାରସାମ୍ୟ ହରାଇ ଓଲଟିପଡିଥିଲା। ଇଞ୍ଜିନ ସୁଜିତଙ୍କ ଉପରେ ଚାପି ହୋଇଯାଇଥିଲା। ପୋଲିସ ପହଞ୍ଚିବା ବେଳକୁ ମୃତଦେହ ଓ ଟ୍ରାକ୍ଟର ଇଞ୍ଜିନ ନ ଥିଲା। ଟ୍ରଲି ଓ ପାଇପ ପଡିଥିଲା। ପରେ ମୃତଦେହ ଓ ଟ୍ରାକ୍ଟର ଇଞ୍ଜିନକୁ ଜବତ କରାଯାଇଥିବା ତଦନ୍ତକାରୀ ଅଧିକାରୀ ରୀନାକାନ୍ତି ଡୁମଡୁମ କହିଛନ୍ତି। ଜଣେ ନାବାଳକଙ୍କୁ କିପରି ଟ୍ରାକ୍ଟର ଚଳାଇବାକୁ ଦିଆଯାଉଥିଲା ତାକୁ ନେଇ ପ୍ରଶ୍ନ ଉଠିଛି।

# ଟ୍ରେନରେ ଅସୁସ୍ଥ ହୋଇପଡିଲେ ଝାଡ଼ଖଣ୍ଡ ବିଧାୟକ



ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଜରୁରିକାଳୀନ ୱାର୍ଡରେ ଝାଡ଼ଖଣ୍ଡ ବିଧାୟକ ଷ୍ଟିଫେନ୍ ମରାଣ୍ଡି।

**ବଲାଙ୍ଗୀର, ୧୭।୬ (ବୀରେନ୍ଦ୍ର କୁମାର ଝାଙ୍କର)**

- ବଲାଙ୍ଗୀରରେ ଓହ୍ଲାଇ ବିବିଏମ୍‌ସିଏଚ୍‌ରେ ଭର୍ତ୍ତି ହେଲେ
- କଡ଼ା ସୁରକ୍ଷା ବଳୟରେ ବୁର୍ଲା ସ୍ଥାନାନ୍ତର

ଝାଡ଼ଖଣ୍ଡ ପ୍ରଦେଶ ମହେଶପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଜେଏମ୍‌ଏମ୍‌ର ପୂର୍ବତନ ନେତା ଷ୍ଟିଫେନ ମାରାଣ୍ଡି ଟ୍ରେନ୍‌ରେ ଯାଉଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ବଲାଙ୍ଗୀର ରେଳଷ୍ଟେଶନରେ ଜରୁରୀକାଳୀନ ଭାବେ ଓହ୍ଲାଇ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କୁ ଉଚ୍ଚତର ଚିକିତ୍ସା ଆବଶ୍ୟକ ହେବାର ରାତାରାତି ବୁର୍ଲା ଭିମାସାର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ବିଧାୟକ ମାରାଣ୍ଡି କୌଣସି ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ତାମିଲନାଡୁର ଭେଲୋର ଯାଇଥିଲେ। ସେଠାରୁ ଟ୍ରେନ୍ ଯୋଗେ ଝାରଖଣ୍ଡ ଫେରୁଥିବାବେଳେ ଅସୁସ୍ଥତା ଅନୁଭବ କରିଥିଲେ। ଫଳରେ ବଲାଙ୍ଗୀର ରେଳ ଜଙ୍କସନଠାରେ ତାଙ୍କୁ ଜରୁରୀକାଳୀନ ଭାବେ ଓହ୍ଲାଇ ଦିଆଯାଇଥିଲା। କଡା ସୁରକ୍ଷା ଭିତରେ ଆରପିଏଫ୍ ପୋଲିସ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ସେଠାରେ ଜରୁରୀକାଳୀନ କକ୍ଷରେ ତାଙ୍କୁ ଭର୍ତ୍ତି କରାଯାଇଥିଲା ଓ ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିଥିଲେ। ଏ ସମ୍ପର୍କରେ ଖବର ପାଇ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷିକା ଡା. ମାନସୀ ପଣ୍ଡା, ଟାଉନ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ସମେତ ଅନ୍ୟ ଅଧିକାରୀ ଓ ହସ୍ପିଟାଲ ଷ୍ଟାପ୍ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ।

# ଖରିଫ ଚାଷ ତାଲିମ ଶିବିର

**ସୁସ୍ଥ ଜୀବନ ପାଇଁ ଜୈବିକ ପଦ୍ଧତିରେ ଚାଷ ଜରୁରୀ**

**ଦେଓଗାଁ, ୧୭।୬(କୃଷ୍ଣପ୍ରସାଦ ପାଣିଗ୍ରାହୀ)**



ଦେଓଗାଁ ବ୍ଲକ ସଭାଗୃହରେ ଖରିଫ ଚାଷ ସମ୍ପର୍କିତ ତାଲିମ ଶିବିର।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ଏଫଇଏସ ତଥା ବ୍ଲକ କୃଷି ପରାମର୍ଶ କେନ୍ଦ୍ର ଆନୁକୂଲ୍ୟରେ ଖରିଫଚାଷ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି(ଏଫଇଏସ) ଜିଲା ସଂଯୋଜକ ସୁଜିତ କୁମାର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ ଯୋଗଦେଇ ମୃତ୍ତିକାର ଉର୍ବରତା ତଥା ମାଟିର ସ୍ୱାସ୍ଥ୍ୟ ପରିଚାଳନା ଉପରେ ଆଲୋକପାତ କରିଥିଲେ। ରାସାୟନିକ ସାର ଓ କୀଟନାଶକର ବହୁଳ ପ୍ରୟୋଗ ଯୋଗୁ ମାଟି, ପାଣି ପବନ ବିଷାକ୍ତ ହେବାସହ ରୋଗ ମାତ୍ରା ବୃଦ୍ଧିପାଇଛି। ଏଣୁ ଜୈବିକ ପଦ୍ଧତିରେ ଚାଷ କରିବା ନିତାନ୍ତ ଜରୁରୀ ବୋଲି କହିଥିଲେ। ତାଲିମଦାତାଭାବେ ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ପ୍ରଭାବୀ ଯୋଗାଯୋଗ, ଫସଲ ଜ୍ୟାମିତି କଣ, ଜେବିକ ପଦ୍ଧତିରେ ବିଭିନ୍ନ ଅର୍କ ତିଆରି ଓ ତାର ଉପକାର ଆଦି ବିଷୟରେ ତାଲିମ ପ୍ରଦାନ କରିଥିଲେ । ଓଡିଶା ଜୀବିକା ମିଶନର ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆ ସମସ୍ତେ ଏକ ମିଶନ ଭାବେ କାର୍ଯ୍ୟକଲେ ଆଗକୁ ଏହା ଫଳପ୍ରଦ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। କୃଷକସାଥି ମାନଙ୍କ ମଧ୍ୟରେ ନିରନ୍ତର କୃଷି ଓ ଖରିଫ ଚାଷକୁ ନେଇ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକର ୨୬ ପଞ୍ଚାୟତରୁ କୃଷକ ସାଥୀ, କୃଷି କର୍ମଚାରୀ, ଏମବିକେ ଆଦି ୪୮ଜଣ ଉପସ୍ଥିତ ଥିଲେ।

# ବିଜୁ ଛାତ୍ର ଜନତା ଦଳର ସାଙ୍ଗଠନିକ ବୈଠକ

**ଲୋଇସିଂହା, ୧୭।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଆଗଲପୁର ବ୍ଲକ ସାନଫାସଡ ଶିବ ମନ୍ଦିର ପରିସରରେ ବିଜୁ ଛାତ୍ର ଜନତା ଦଳର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ଜନତା ଦଳକୁ ଆହୁରୀ ସଂଗଠିତ ଓ ସୁଦୃଢ଼ କରିବାକୁ ଆତିଥିମାନେ ଆହ୍ୱାନ ଜଣାଇଥିଲେ । ବ୍ଲକ ଯୁବ ସଭାପତି ନାରାୟଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା ମୁଖ୍ୟଅତିଥି, ବ୍ଲକ ସଭାପତି ପଞ୍ଚୁ ପଧାନ, ଜିଲା ଛାତ୍ର ସଭାପତି ସୁମନ ନନ୍ଦ, ଜିଲା ପରିଷଦ ସଭ୍ୟା ବୀଣାପାଣି ଦାଶ, ଲୋଇସିଂହା ଓ ପୁଇଁତଳା ବ୍ଲକ ଛାତ୍ର ସଭାପତି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲ। ଯୁବ ଛାତ୍ରଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଯୁବ ଶକ୍ତି ହିଁ ଦଳର ପ୍ରମୁଖ ଶକ୍ତି ବୋଲି ଅତିଥି କହିଥିଲେ । ଏହିଅବସରରେ ବହୁ ଯୁବକଙ୍କ ସମେତ ବାବୁ ଫାସଡ ପଞ୍ଚାୟତର ସମିତି ସଭ୍ୟା ଯଶୋବନ୍ତୀ ଦଲାଇ କଂଗ୍ରେସ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ । ବ୍ଲକ ବିଜୁ ଛାତ୍ର ବିଜେଡି ସଭାପତି ଆନନ୍ଦନନ୍ଦ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ ।



ବୈଠକରେ ଉପସ୍ଥିତ ବିଜେଡି ନେତୃବର୍ଗ।

# ଡାଲଖାଇ ନୃତ୍ୟଗୀତ ଅପଭ୍ରଂଶକୁ ନେଇ ଉଦ୍‌ବେଗ

**ଲୋଇସିଂହା, ୧୭।୬(ସୁଶାନ୍ତ ବାରିକ)**



ମାଟ୍ରିକ ଟପ୍ପର ଛାତ୍ରଦ୍ୱୟ ଅତିଥିଙ୍କ ଦ୍ୱାରା ସମ୍ମାନିତ ହେଉଛନ୍ତି।

**ଲୋକକଳା ସଙ୍ଗମ-୨୩ ଉଦ୍‌ଯାପିତ**

ବଲାଙ୍ଗୀର ଜିଲା ଲୋଇସିଂହା ସୁରସଙ୍ଗମ ନାଟ୍ୟ ମଣ୍ଡପରେ ଚାଲିଥିବା ଲୋକକଳା ସଙ୍ଗମ-୨୩ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ନିହାର ରଞ୍ଜନ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ପୁଇଁତଳା ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ ମୁଖ୍ୟ ଅତିଥି, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ବରିହା, ନଜୁରୁଲ୍ଲା ଖାଁ, ଅନୁଷ୍ଠାନ ଉପଦେଷ୍ଟା ଚମରା ଚୌହାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପଧାନ କହିଥିଲେ ଯେ, କଳା ବଞ୍ଚିଲେ ଯାଇ ସମାଜ ବଞ୍ଚିବ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାର କଳା ଓ କଳାକାରଙ୍କୁ ସମ୍ମାନ ଦେବା ସହ କଳାକାର ଭତ୍ତା ଦେଇ ପ୍ରୋତ୍ସାହନ ଦେଇ ଆସୁଛନ୍ତି ବୋଲି କହିଥିଲେ । ଭିତ୍ତିଭୂମି ନଥାଇ ମଧ୍ୟ ସୁରସଙ୍ଗମ ଅନୁଷ୍ଠାନର ଏପରି ଆୟୋଜନକୁ ମୁଖ୍ୟ ଅତିଥି ପ୍ରସଂଶା କରିଥିଲେ। କଳା ପ୍ରତି ରୁଚି ରଖୁଥିବା ଶିଶୁମାନଙ୍କ ପାଇଁ ଗ୍ରୀଷ୍ମକାଳୀନ ତାଲିମର ବ୍ୟବସ୍ଥା ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ ସମ୍ମାନୀତ ଅତିଥି ଖାଁ। ଏଠାରେ ଯେ କୌଣସି ବଷୟରେ ଏକାଡେମୀ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାକୁ ଅନୁଷ୍ଠାନକୁ ଅନୁରୋଧ କରିଥିଲେ ଉପଦେଷ୍ଟା ଚୌହାନ। ଅନୁଷ୍ଠାନର ଶୋଚନୀୟ ଅବସ୍ଥାରେ ଥିବା ଘରର ପନୁରୁଦ୍ଧାର ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ବିଜେଡି ବ୍ଲକ ସଭାପତି ବେହେରା। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ଭଲ ମାର୍କ ରଖିଥିବା ସ୍ଥାନୀୟ ଶିଶୁ ମନ୍ଦିର ଦୁଇଜଣ ଛାତ୍ର ଶୁଭେନ୍ଦୁ ପଟେଲ ଓ ଓମପ୍ରକାଶ ପଧାନଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ସେହିପରି ଶଶୀକଳା ସତୀ ସମ୍ମାନ ଚନ୍ଦାବତୀ ପାଣ୍ଡେ, ନସରୁଲ୍ଲା ସ୍ମୃତି ସମ୍ମାନ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅହଲ୍ୟା ମ୍ଲଳିକ, ରାମଲୀଳା କଳାକାର ଦୀନବନ୍ଧୁ ବେହେରାଙ୍କୁ ନସରୁଲ୍ଲା ସମ୍ମାନରେ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଥିଲା। ସଭା ପୂର୍ବରୁ ଡାଲଖାଇ ଉପରେ ମନ୍ଥନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡା ଗୁରୁଶ୍ରୀ ଘାସିରାମ ମିଶ୍ର(ବଲାଙ୍ଗୀର), ଦେବେନ୍ଦ୍ର ନାଏକ( ତରଭା), ନେହେରୁ ସରାଫ(ବରଗଡ) ଓ ସାଳଗ୍ରାମ ହୋତା (ଲୋଇସିଂହା) ଯୋଗଦେଇ ଡାଲଖାଇ ଉପରେ ଆଲୋଚନା କରିଥିଲେ। ଡାଲଖାଇ ନାଚ ଓ ଗୀତକୁ ଅପଭ୍ରଂଶ କରାଯାଉଥିବାରୁ ଆଲୋଚକ ଉଦ୍‌ବେଗ ପ୍ରକାଶ କରିଥିଲେ। ନିସାର ଅହମ୍ମଦ ନିସାର ଓ ସରୋଜ ବିଶ୍ୱାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବ୍ୟବସାୟୀଙ୍କ ପରଲୋକ

ପାଇକମାଲ,୧୭।୬(ବଡ ଶତପଥୀ): ବରଗଡ଼ ଜିଲା ପାଇକମାଲର ବିଶିଷ୍ଟ ବ୍ୟବସାୟୀ କ୍ଷେତ୍ରବାସୀ ସାହୁ (୮୭)ଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଶନିବାର ପାଇକମାଲ ବଜାର ପାଖରେ ଥିବା ଶ୍ମଶାନ ଘାଟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସମ୍ପନ ହୋଇଛି।

# ଥମୁନି ତାତି, ଅଂଶୁଘାତ ନେଉଛି ଜୀବନ



ଗ୍ରୀଷ୍ମ ପ୍ରବାହ ଯୋଗୁ ଯୁବତୀମାନେ ଓଢ଼ଣୀ ଘୋଡ଼ାଇ ଯାଉଛନ୍ତି ।

ବରଗଡ଼,୧୭।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ତାପମାତ୍ରା ୪୪ ଡିଗ୍ରୀରୁ ତଳକୁ ଖସୁନାହିଁ। ଏଭଳି ସ୍ଥିତିରେ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି । ଅନ୍ୟପଟେ ବାରମ୍ବାର ବିଦ୍ୟୁତ କାଟ୍ ଯୋଗୁ ଘରେ ରହିବା ମଧ୍ୟ କଷ୍ଟସାଧ୍ୟ ହୋଇପଡୁଛି । ଅସହ୍ୟ ଗୁଳୁଗୁଳି ଏବଂ ଅସମ୍ଭାଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ ଅଂଶୁଘାତର ସମ୍ମୁଖୀନ ହେଉଛନ୍ତି। ଇତିମଧ୍ୟରେ ଜିଲାର ଭଟଲି ବ୍ଲକ ଅଞ୍ଚଳର ଜଣେ ଅଂଶୁଘାତରେ ମୃତ୍ୟୁବରଣ କରିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଆହୁରି ୩ ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ମିଳିଥିବାବେଳେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି । ବିଗତବର୍ଷ ତୁଳନାରେ ଏଥର ଅଧିକ ଗୁଳୁଗୁଳି, ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ସକାଳ ୭ଟାରୁ ତାତି ଆରମ୍ଭ ହେଉଥିବାବେଳେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରହୁଛି। ଦିନରାତି ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏହାସତ୍ତ୍ୱେ ଏହାର ମୁକାବିଲା ପାଇଁ ଅନ୍ୟ ବର୍ଷ ପ୍ରଶାସନିକ ପ୍ରସ୍ତୁତି ଯେଭଳି ରହିଥିଲା, ଏଥର ତାହା ପରିଲକ୍ଷିତ ହେଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି ।

### ଏମାନେ ଯାହା କୁହନ୍ତି...

#### ଅଭାବ ରହିଛି ଜଳଛତ୍ର, ଆଶ୍ରୟସ୍ଥଳୀ



"ଗ୍ରୀଷ୍ମଦିନେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ପ୍ରମୁଖ ସ୍ଥାନ, ବସଷ୍ଟାଣ୍ଡ, ରାସ୍ତାର ଛକସ୍ଥାନରେ ପର୍ଯ୍ୟାପ୍ତ ଜଳଛତ୍ର ବ୍ୟବସ୍ଥା କରାଯିବା ଦରକାର। ମାତ୍ର ଏବେ ତାହା ଧର୍ମକୁ ଆଖିଠାର ଭଳି କାଁ ଭାଁ କେଉଁଠି ଦେଖିବାକୁ ମିଳୁଛି। ସେହିପରି ପୂର୍ବରୁ ଗ୍ରୀଷ୍ମ ପ୍ରବାହ ସମୟରେ ପୌର ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଉଥିଲା। ଏଥର ତାହା ମଧ୍ୟ କେଉଁଠି ହୋଇନାହିଁ । ଫଳରେ ରାସ୍ତାରେ ଯାଉଥିବା ଲୋକେ ପାନୀୟଜଳ ଏବଂ ଖରାଦାଉରୁ ଆଶ୍ରୟ ନେବା ପାଇଁ ହଟହଟାର ସମ୍ମୁଖୀନ ହେଉଛନ୍ତି।

–ଶିବାନନ୍ଦ ମଟାରୀ, ସମାଜସେବୀ, ବରଗଡ଼

#### ସଜାଗ, ସଚେତନ ରହିବା ଦରକାର



"ଜଙ୍ଗଲ ନଷ୍ଟ, ବୃହତ ଶିଳ୍ପାନୁଷ୍ଠାନ, ଆଧୁନିକ ଜୀବନଶୈଳୀ, ବ୍ୟାପକ ଯାନବାହନ ବ୍ୟବହାର, ପିଚୁ, କଂକ୍ରିଟ୍ ରାସ୍ତା ଆଦି କାରଣ ଯୋଗୁ ତାତି ବଢ଼ି ଚାଲିଛି। ଏହାର ପ୍ରତିକାର ପାଇଁ ଏବେଠାରୁ ସମସ୍ତେ ସଜାଗ, ସଚେତନ ନ ରହିଲେ ଆଗକୁ ପରିସ୍ଥିତି ଆହୁରି ଅସମ୍ଭାଳ ହେବ। ବର୍ତ୍ତମାନ ଯେଭଳି ଗ୍ରୀଷ୍ମ ପ୍ରବାହ ହେଉଛି, ଦିନ ୧୧ଟା ପରେ ଜରୁରୀ ନ ଥିଲେ ପଦାକୁ ବାହାରିବା ଉଚିତ ନୁହେଁ । ସେହିପରି ପ୍ରତିକାର ପାଇଁ ପ୍ରତିବର୍ଷ ପର୍ଯ୍ୟାପ୍ତ ବୃକ୍ଷରୋପଣର ଆବଶ୍ୟକତା ରହିଛି । ସମ୍ମିଳିତ ଉଦ୍ୟମରେ ହିଁ ତାପମାତ୍ରା ବୃଦ୍ଧିକୁ ପ୍ରତିହତ କରିହେବ।

–ବୈଲୋଚନ ପ୍ରଧାନ, ପରିବେଶବିତ୍, ବରଗଡ଼

#### ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା



"ଅଂଶୁଘାତ ରୋଗୀଙ୍କ ପାଇଁ ଜିଲାର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ କକ୍ଷ ଖୋଲାଯାଇଛି। ଯେଉଁ ଅଂଶୁଘାତ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି, ସେମାନଙ୍କୁ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଏପର୍ଯ୍ୟନ୍ତ ଜିଲାର ଜଣେ ଅଂଶୁଘାତରେ ମୃତ୍ୟୁବରଣ କରିଥିବା ସ୍ପଷ୍ଟ ହୋଇଛି। ଅନ୍ୟ ଯେଉଁ ଅଂଶୁଘାତଜନିତ ଅଭିଯୋଗ ଆସୁଛି, ସେଗୁଡ଼ିକର ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଟାଣଖରାରେ ବାହାରକୁ ଅଯଥାରେ ନ ବାହାରିବାକୁ ପରାମର୍ଶ ଦିଆଯିବା ସହିତ ସଚେତନ କରାଯାଇଛି ।

–ଡା. ଚାରୁବାଳା ରଥ, ସିଡ଼ିଏମ୍ଓ, ବରଗଡ଼

## ସଂକ୍ଷେପରେ

### ଛାତରୁ ପଡ଼ି ଆହତ ଯୁବକଙ୍କ ମୃତ୍ୟୁ

ଭେଡ଼େନ,୧୭।୬(ସୁଦନ ମହାକୁର): ବରଗଡ଼ ଜିଲା ଭେଡ଼େନ ଥାନା ଅାଁଳାପାଲି ପଞ୍ଚାୟତ ଅନ୍ତର୍ଗତ ବରଗାଁରେ ଘର ଛାତରୁ ଖସିପଡ଼ି ଚିକିତ୍ସାଧୀନ ଥିବା ମୋହନ ସାହୁଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ଗତ ୬ ତାରିଖରେ ମୋହନ ନିଜ ଛାତରୁ ଆକସ୍ମିକ ଭାବେ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଭିମ୍ସାରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ଭେଡ଼େନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୩) ରୁଜୁ ହୋଇଛି।

### କଫ ସିରପ୍ ଜବତ, ୨ ଗିରଫ

ପଦ୍ମପୁର,୧୭।୬ (ପ୍ରଦୀପ୍ତ ଦାଶ): ଅପମିଶ୍ରତ କଫ ସିରଫ ଚାଲାଣ କରୁଥିବା ବେଳେ ପଦ୍ମପୁର ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଇରପାଲିର ରବିନ୍ଦ୍ର ମେହେର, ପଦ୍ମପୁର ହନୁମାନପଡାର ଫକିର ଖାନ ଓ ଡଙ୍ଗାଗାଟ ଗ୍ରାମର ଅମିନ ବେହେରା। ସେମାନଙ୍କଠାରୁ ବିପୁଳ ପରିମାଣର କଫ୍ ସିରପ୍, ନିଶା ଦ୍ରବ୍ୟ ସମେତ ଗୋଟିଏ ବାଇକ୍ (ଓଡ଼ି୧୭ଏସ୍/୯୪୬୩) ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଦୁଇଟି ମାମଲା (ନଂ.୧୫୫/୨୩ ଓ ନଂ.୧୫୭/୨୩) ରୁଜୁ କରିଛି।

### ଟପ୍ ଟେନ୍‌ରେ ଅଞ୍ଚଳ କଲେଜର ଛାତ୍ରୀଛାତ୍ର

ପଦ୍ମପୁର,୧୭।୬ (ପ୍ରଦୀପ୍ତ ଦାଶ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷାଫଳ ପ୍ରକାଶ ପାଇଛି। ଟପ୍ ଟେନରେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଛାତ୍ରୀଛାତ୍ର ରହିଛନ୍ତି। ଅଧକ୍ଷ ଡ. ଲଳିତେନ୍ଦୁ ନାୟକ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟପ୍ ଟେନ୍‌ରେ ପଦାର୍ଥ ବିଜ୍ଞାନର ଅନନ୍ୟା ରାଉତ ୪ର୍ଥ ସ୍ଥାନ, ଗଣିତରେ ଭୋଜରାଜ ସାହୁ ୫ମ, ଅର୍ଥନୀତିରେ କିଶୋର ମେହେର ୧୦ମ, ଉଦ୍ଭିଦ ବିଜ୍ଞାନରେ ଅବିନାଶ ବରଖୁଣ୍ଟିଆ ୫ମ, ବାଣିଜ୍ୟ ବିଭାଗରେ ଓମକାର ଦିବ୍ୟଦର୍ଶନ ୫ମ ସ୍ଥାନ ଅଧିକାର କରିଛନ୍ତି।

### ରୋଷେଇ ଘର ଉଦ୍‌ଘାଟିତ



ପଦ୍ମପୁର,୧୭।୬ (ପ୍ରଦୀପ୍ତ ଦାଶ): ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଆହାର କେନ୍ଦ୍ରରେ ଏକ ସ୍ଥାୟୀ ରୋଷେଇ ଘର ଶନିବାର ଉଦ୍‌ଘାଟିତ ହୋଇଛି। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଏନ୍‌ଏସି ଅଧକ୍ଷା ସାବିତ୍ରୀ ବାଗଙ୍କ ସମେତ ମିଶନ ଶକ୍ତି ମା' ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବରପାଲି,୧୭।୬ (ଚିତ୍ତରଞ୍ଜନ ସାହୁ): ରଥଯାତ୍ରା ପାଇଁ ବରପାଲି ଜଗନ୍ନାଥ ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବରପାଲି ଜମିଦାର ଲାଲ ବିକ୍ରମ ସିଂଦେଓଙ୍କ ଅଧକ୍ଷତାରେ ଏହି ବୈଠକ ହୋଇଥିଲା। ବୈଠକରେ ନିଷ୍ପତ୍ତି ଅନୁସାରେ, ଆସନ୍ତା ୨୦ ତାରିଖ ଅପରାହ୍ନ ୪ଟା ୩୦ରେ ପହଣ୍ଡି ବିଜେ ହେବା ସହ ଠାକୁର ରଥରେ ବିଜେ ହେବେ। ସନ୍ଧ୍ୟା ୫ଟା ୩୦ରେ ରଥଟଣା ଆରମ୍ଭ ହେବ। ଚଳିତବର୍ଷ ରଥ ଥାନା ଛକ ପର୍ଯ୍ୟନ୍ତ ଯିବା ପରେ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିବେ। ବୈଠକରେ ମନ୍ଦିର ପୂଜକ ଉପେନ୍ଦ୍ର ପୂଝାରୀ, ବାଳକୃଷ୍ଣ ପୂଝାରୀ, ପିନାକୀ ଦାଶ, ଜୟ କୁମାର ମିଶ୍ର, ପ୍ରଶାନ୍ତ ସାହୁ, ଚିତ୍ତରଞ୍ଜନ ସାହୁ, ହର୍ଷ ବେହେରା, ସୂର୍ଯ୍ୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପଣ୍ଡିତ ବିଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ନୂତନ ଥାନାଧିକାରୀଙ୍କୁ ସ୍ୱାଗତ

ବରପାଲି,୧୭।୬ (ଚିତ୍ତରଞ୍ଜନ ସାହୁ): ବରପାଲି ଥାନାର ନୂତନ ଥାନାଧିକାରୀ ଜୟରଶ୍ମି ସେଠୀଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସଂଘ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ନେତୃତ୍ୱରେ ଖବରଦାତା ବାଲକିଶୋର ଖାଡଙ୍ଗା, ହର୍ଷ ବେହେରା, ସୂର୍ଯ୍ୟ ଦାଶ ପ୍ରମୁଖ ଥାନାକୁ ଯାଇ ନୂତନ ଥାନାଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଆଇନ ଶୃଙ୍ଖଳା ଉପରେ ଆଲୋଚନା କରିଥିଲେ।

## ବୈଠକ ବର୍ଜନ କଲେ ସମିତି ସଭ୍ୟ, ସରପଞ୍ଚ

ବରପାଲି ବ୍ଲକ

ବରପାଲି,୧୭।୬(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକରେ ସରପଞ୍ଚ ଓ ସମିତି ସଭ୍ୟଙ୍କ ଅଗୋଚରରେ ସମସ୍ତ କାର୍ଯ୍ୟ ହେଉଥିବା ଅଭିଯୋଗ କରି ଶୁକ୍ରବାର ହେବାକୁ ଥିବା ସମିତି ବୈଠକକୁ ସମିତି ସଭ୍ୟ ତଥା ସରପଞ୍ଚ ସଂଘ ସମେତ ଜିଲା ପରିଷଦ ସଭ୍ୟ ବର୍ଜନ କରି ବ୍ଲକ ପରିସରରେ ଧାରଣାରେ ବସିଥିଲେ। ସରପଞ୍ଚ ସଂଘ ସଭାପତି ଅଧିକାରୀ ବାରିକ କହିଥିଲେ, ଜନପ୍ରତିନିଧି ନିଜ ପଞ୍ଚାୟତର କୌଣସି କାର୍ଯ୍ୟ, ଟେଣ୍ଡର ବିଷୟରେ ଜାଣି ପାରୁନାହାନ୍ତି। ବ୍ଲକ ପରିସରରେ ସରପଞ୍ଚ ଓ ସମିତି ସଭ୍ୟଙ୍କ ବସିବା ପାଇଁ ବ୍ୟବସ୍ଥା ନାହିଁ। ପ୍ରଚଣ୍ଡ ଖରାରେ ଗଛ ତଳେ ଛିଡା ହେବାକୁ ପଡୁଛି ବୋଲି ସେ ଅଭିଯୋଗ କରିଥିଲେ। ନିର୍ବାଚିତ ପ୍ରତିନିଧିଙ୍କ ପାଇଁ ଏକ ଶୌଚାଳୟ ନିର୍ମାଣ ପାଇଁ ୨୦୨୨ରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ହେଲେ ଆଜିଯାଏ କାର୍ଯ୍ୟ ଆରମ୍ଭ ହୋଇନାହିଁ। ବ୍ଲକ ପରିସରରେ ଶୌଚାଳୟ ନ ଥିବାରୁ ମହିଳା ପ୍ରତିନିଧିମାନେ ହଇରାଣ ହେଉଥିବା ଅଭିଯୋଗ କରିଥିଲେ। ବ୍ଲକ ଅଧକ୍ଷା ରୀନା ଥଇତ ପ୍ରତିନିଧିଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ସରପଞ୍ଚ ସଂଘ ସଭାପତି ଅଧିକାରୀ ବାରିକ, ସମ୍ପାଦକ ବିନୟ ଗଡତୀୟା ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ।

## ଯୁକ୍ତ ୩ ଶେଷବର୍ଷ ପରୀକ୍ଷାରେ ବିକାଶର ସଫଳତା



ଅଲିଭା ସିଂ



ଅନୁସୂୟା ସାହୁ



ଶ୍ରୀୟା ପ୍ରଧାନ



ଦେବାୟୁଷ ଭୋଇ

ବରଗଡ଼,୧୭।୬(ପ୍ରେମାନନ୍ଦ ଖମାରୀ)

ଚଳିତ ବର୍ଷ ଯୁକ୍ତ ୩ ଶେଷବର୍ଷ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ବରଗଡ଼ ସ୍ଥିତ ବିକାଶ ଡିଗ୍ରୀ କଲେଜ ବିଭିନ୍ନ ବିଭାଗର ୪ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୧୦ଜଣ ତାଲିକାରେ ରହିଛନ୍ତି। ଉକ୍ତ କଲେଜର ଅନସୂୟା ସାହୁ ଅର୍ଥନୀତି ସମ୍ମାନରେ ୮.୭୪ ସିଜିପିଏ ରଖି ତୃତୀୟ, ଦେବାୟୁଷ ଭୋଇ ଇଂରାଜୀରେ ୮.୬୧ ସିଜିପିଏ ରଖି ତୃତୀୟ, ଶ୍ରୀୟା ପ୍ରଧାନ ରାଜନୀତି ବିଜ୍ଞାନରେ ୮.୯୬ ସିଜିପିଏ ରଖି ଚତୁର୍ଥ ଏବଂ ଅଲିଭା ସିଂ ରସାୟନ ବିଜ୍ଞାନରେ ୯.୧୮ ସିଜିପିଏ ରଖି ବିଶ୍ୱବିଦ୍ୟାଳୟର ଦଶମ ର୍ୟାଙ୍କରେ ରହିଛନ୍ତି ବୋଲି ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ପ୍ରକାଶ କରିଛନ୍ତି। ସେହିପରି କଲେଜର ୭ ଛାତ୍ରୀଛାତ୍ର ୯ସିଜିପିଏରୁ ଉର୍ଦ୍ଧ୍ୱ ରଖିଥିବାବେଳେ ୮୮ଜଣ ଛାତ୍ରୀଛାତ୍ର ୮ସିଜିପିଏରୁ ଅଧିକ ରଖିଛନ୍ତି। ଉକ୍ତ କଲେଜର ଶତ ପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇବା ସହିତ କଲେଜର ଉଚ୍ଚମାନର ଶିକ୍ଷାକୁ ପ୍ରଶଂସା କରିଛନ୍ତି। ସେହିପରି ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ବିକାଶ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡଃ ସମରେନ୍ଦ୍ର ନାଥ ପଣ୍ଡା, ଉପାଧ୍ୟକ୍ଷ ଆର.ଏସ.ଭି କ୍ରୀଷ୍ଣାଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଟ୍ରେନରେ କଟି ଯୁବକଙ୍କ ମୃତ୍ୟୁ

ବରଗଡ଼,୧୭।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ପାଣିଛତର ଓଭରବ୍ରିଜ ନିକଟ ରେଳ ଧାରଣାରେ କଟି ଶନିବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ପରିଚୟ ମିଳିପାରି ନାହିଁ । ତେବେ ଘଟଣାସ୍ଥଳ ନିକଟରେ ଏକ ବାଇକ୍ (ଓଡ଼ି୧୭ପି/୦୬୩୫) ରଖାଯାଇଛି। ମୃତ ଯୁବକ ଜଣକ ସେଠାରେ ବାଇକ୍ ରଖି ରେଳ ଧାରଣାରେ ଆତ୍ମହତ୍ୟା କରିଥିବା ସାଧାରଣରେ ଆଲୋଚନା ହେଉଛି। ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ବରଗଡ଼ ରୋଡ୍ ଷ୍ଟେଶନ ଛାଡ଼ିବା ପରେ ଯୁବକ ଜଣକ ରେଳ ଧାରଣା ଉପରକୁ ଯାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ଏବଂ ଜିଆରପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

## ମୁକ୍ତା ଯୋଜନା ସମୀକ୍ଷା କଲେ ୫-ଟି ସଚିବ

ପଦ୍ମପୁର,୧୭।୬ (ପ୍ରଦୀପ୍ତ ଦାଶ)

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପଦ୍ମପୁର ଏନ୍‌ଏସି ପାଇଁ ମୁକ୍ତା ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅନୁମୋଦନ ହୋଇଥିବା ଅନୁଦାନର ଭିଡିଓ କନଫରେନ୍ସ ମାଧମରେ ୫-ଟି ସଚିବ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ବିଧାୟିକା ବର୍ଷା ସିଂ ବରିହା, ଏନ୍‌ଏସି ଅଧକ୍ଷା ସାବିତ୍ରୀ ବାଗ, ଉପାଧକ୍ଷା ଭାରତୀ ପଟ୍ଟନାୟକ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, କାଉନସିଲର କ୍ଷୀର ସାନବର୍ଷା, ଲକ୍ଷ୍ମୀ ସାହୁ, କବିତା ସେଠ, ସୁମିତ ଘିଭେଲା, ସଂଯୁକ୍ତା ପୃଷ୍ଟି, ବିଜେଡି ଟାଉନ ସଭାପତି ନବ କିଶୋର ସାହୁ, ରଜନୀ ଦାଶ ସୁନୀଲ ପାଣିଗ୍ରାହୀ, ମୁକ୍ତା ଯୋଜନାର ସମସ୍ତ କର୍ମକର୍ତ୍ତା, ମିଶନ ଶକ୍ତିର ସମସ୍ତ କର୍ମକର୍ତ୍ତା ଓ ପଦ୍ମପୁରର ଯୁବ ଖେଳାଳି ଯୋଗ ଦେଇଥିଲେ।

## ଇମ୍ପେରିୟାଲ କଲେଜର ସଫଳତା

ବରଗଡ଼,୧୭।୬(ପ୍ରେମାନନ୍ଦ ଖମାରୀ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷାରେ ବରଗଡ଼ ଇମ୍ପେରିୟଲ କଲେଜର ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ଶିକ୍ଷା ସମ୍ମାନରେ କଲେଜର ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଶିକ୍ଷା ସମ୍ମାନରେ କଲେଜର ଛାତ୍ରୀ ମାନସ୍ୱିନୀ ମିଶ୍ର ୮.୯୭ ସିଜିପିଏ ସହିତ ବିଶ୍ୱବିଦ୍ୟାଳୟ ସ୍ତରରେ ନବମ ସ୍ଥାନ ଅଧିକାରୀ କରିଛନ୍ତି। ସେହିପରି ରାଜନୀତି ବିଜ୍ଞାନ ସମ୍ମାନରେ ଟିଟୁ କୁମାର ମୁନା ୮.୭୦ ସିଜିପିଏ ସହିତ ଦଶମ ସ୍ଥାନରେ ରହିଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତା ପାଇଁ କଲେଜର ଚେୟାରମ୍ୟାନ ଦୀପକ ଗୋୟଲ ଏବଂ ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



ମାନସ୍ୱିନୀ ମିଶ୍ର



ଟିଟୁ କୁମାର ମୁନା

## ଦୁର୍ଦ୍ଦିନରେ କେନ୍ଦୁପତ୍ର ତୋଳାଳି, କର୍ମଚାରୀ

ପଦ୍ମପୁର,୧୭।୬ (ପ୍ରଦୀପ୍ତ ଦାଶ)

ଚଳିତ ବର୍ଷ ପଦ୍ମପୁର କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀମାନେ ଅଦ୍ୟାବଧି କେନ୍ଦୁପତ୍ର ତୋଳା ପ୍ରାପ୍ୟ ପାଇ ପାରିନାହାନ୍ତି। ବର୍ତ୍ତମାନ କେତେକ ସ୍ଥାନରେ କେନ୍ଦୁପତ୍ର ବନ୍ଧାଇ ଆରମ୍ଭ ହୋଇଛି। ସେମାନେ ମଧ ଆର୍ଥିକ ଅନଟନରେ ଗତି କରୁଛନ୍ତି। କେନ୍ଦୁପତ୍ର ତୋଳାଳି ଅନେକ ଆଶା ରଖି କେନ୍ଦୁପତ୍ର ସଂଗ୍ରହ କରନ୍ତି। ହେଲେ ଚଳିତ ବର୍ଷ ଏହାର ବ୍ୟତିକ୍ରମ ଦେଖାଦେଇଛି। ପରିଶ୍ରମ କରି ଭୋକ ଉପାସରେ ଦିନ କାଟୁଥିବା କେନ୍ଦୁପତ୍ର ଶ୍ରମିକମାନଙ୍କ ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଭେଡେନରେ ରୋଗୀ କଲ୍ୟାଣ ସମିତି ବୈଠକ




ବୈଠକରେ ଉପସ୍ଥିତ ଅତିଥି ଓ ପରିଚାଳନା କମିଟି ସଦସ୍ୟଗଣ।

ଭେଡ଼େନ,୧୭।୬(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ସୁଶାନ୍ତ କରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧକ୍ଷ ଡୋଲାମଣି କ୍ଷେତି, ବିଇଓ ମଛିନ୍ଦ୍ର ମଲ୍ଲିକ, ସିଡ଼ିପିଓ ଆଲଫ୍ରାନ୍ସ ଟେଟେ, ଜିଲା ପରିଷଦ ସଭ୍ୟା ପଦ୍ମିନୀ ଗଡ଼ତିଆ, ପିଙ୍କି ବଡେଇ, ଏବିଡ଼ିଓ ପ୍ରିତିଶ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପରିଚାଳନା କମିଟିର ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିବା ବେଳେ ସୁପରଭାଇଜର ବିହାରି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ରୀଷ୍ମ ଅବକାଶ ଅବଧି ବୃଦ୍ଧି ଦାବି

ବରଗଡ଼,୧୭।୬(ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆସନ୍ତା ୨୧ତାରିଖରୁ ସ୍କୁଲଗୁଡ଼ିକୁ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ତାତି ଥମି ନ ଥିବା ଯୋଗୁ ଗ୍ରୀଷ୍ମ ଅବକାଶକୁ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଓଡ଼ିଶା ଅଭିଭାବକ ସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ଦାବି କରାଯାଇଛି। ଏହି କ୍ରମରେ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ବିମଳ କୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



ସ୍ମାରକପତ୍ର ପ୍ରଦାନ କରିଥିବା ଅଭିଭାବକ ସଂଘର ପ୍ରତିନିଧିବୃନ୍ଦ ।

## ତନିସ୍କରେ ଦିବ୍ୟାନୀ କଲେକ୍ସନ ଉନ୍ମୋଚିତ

ବରଗଡ଼, ୧୭।୬(ପ୍ରେମାନନ୍ଦ ଖମାରୀ)

ରଥଯାତ୍ରା ଉପଲକ୍ଷେ ବରଗଡ଼ରେ ତନିସ୍କର ଦିବ୍ୟାନୀ କଲେକ୍ସନ ବଜାର ପ୍ରବେଶ କରିଛି। ଶନିବାର ଭଟଲି ଛକ ନିକଟ ତନିସ୍କ ଶୋ ରୁମ୍‌ରେ ଦିବ୍ୟାନୀ କଲେକ୍ସନରେ ରହିଥିବା ସୁନା ଗହଣା ବିକ୍ରି ଶୁଭାରମ୍ଭ ହୋଇଛି। ପୁରୋହିତ ଜେନେରାଲ ହସ୍ପିଟାଲର ମୁଖ୍ୟ ପରିଚାଳିକା ମମତା ପୁରୋହିତ ଏବଂ ସାଇ ମଲ୍ଟି ହସ୍ପିଟାଲର ଡା. ଅର୍ଚ୍ଚନା ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏ ନେଇ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ତନିସ୍କ ଶୋ ରୁମ୍‌ର ପ୍ରୋପ୍ରାଇଟର ଆକାଶ ଅଗ୍ରୱାଲ କହିଥିଲେ, ତନିସ୍କର ଦିବ୍ୟାନୀ କଲେକ୍ସନରେ ରହିଥିବା ଗହଣା ସମ୍ପୂର୍ଣ୍ଣ ନିଆରା। ରଥଯାତ୍ରାକୁ ଦୃଷ୍ଟିରେ ରଖି ଓଡ଼ିଶାର ସଂସ୍କୃତି, ପରମ୍ପରାକୁ ନେଇ ଗହଣା ନିର୍ମିତ ତଥା ପ୍ରସ୍ତୁତ ହୋଇଛି । ସେହିପରି ଶୋ ରୁମ୍‌ର ଷ୍ଟୋର ମ୍ୟାନେଜର ତରୁନ କୁମାର କହିଥିଲେ, ତନିସ୍କ ତରଫରୁ ଏବେ ଗ୍ରାଣ୍ଡ୍ ଗୋଲ୍ଡ ଏକ୍ସଚେଞ୍ଜ ଅଫର ଚାଲିଛି। ବାହାର ଜୁଏଲେରିରୁ କିଣିଥିବା ଗହଣା ଏକ୍ସଚେଞ୍ଜ କଲେ ଶତପ୍ରତିଶତ ଏକ୍ସଚେଞ୍ଜ ଭ୍ୟାଲ୍ୟୁ ମିଳିବା ବ୍ୟବସ୍ଥା ରହିଛି। ଏହି ଅଫର ଆସନ୍ତା ଏକ ମାସ ପର୍ଯ୍ୟନ୍ତ ଚାଲିବ। ଉକ୍ତ ସମୟ ମଧ୍ୟରେ ତନିସ୍କରୁ ଗୋଲ୍ଡ ଜୁଏଲେରି କ୍ରୟ କଲେ ୨୦ ପ୍ରତିଶତ ମେକିଂ ଚାର୍ଜ ଛାଡ଼ କରାଯିବ। କାର୍ଯ୍ୟକ୍ରମରେ ତନିସ୍କ ଶୋ ରୁମ୍ ପ୍ରୋପ୍ରାଇଟର ଅଗ୍ରୱାଲଙ୍କ ସ୍ତ୍ରୀ ସରୋଜ ଓ ପୁଅ ରାହୁଲ ପ୍ରମୁଖ ଉପସ୍ଥିତ ଥିଲେ ।




ତନିସ୍କ ବରଗଡ଼ ଶୋ ରୁମ୍‌ରେ ଦିବ୍ୟାନୀ କଲେକ୍ସନର ଶୁଭାରମ୍ଭ କରାଯାଉଛି ।

## ସଂକ୍ଷେପରେ

### ଷ୍ଟୋଭ ଫାଟି ମହିଳା ଗୁରୁତର

**ରାଉରକେଲା,୧୭।୬(ଦିନେଶ ମିଶ୍ର):** ରୋଷେଇ କରୁଥିବା ବେଳେ ଷ୍ଟୋଭ ଫାଟିଯିବାରୁ ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ସ୍ଥିତ ଖଡିଆପଡା ବସ୍ତିର ଜଣେ ମହିଳା ଗୁରୁତର ହୋଇଛନ୍ତି। ମହିଳା ଜଣଙ୍କ ହେଲେ ଆଶା ଖଡିଆ(୩୨)। ତାଙ୍କୁ ପ୍ରଥମେ ଆର୍‌ଜିଏଚ୍ ଏବଂ ପରେ ଭିମସାର ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଶନିବାର ସକାଳେ ବିଦ୍ୟୁତ କାଟ ହୋଇଥିବାବେଳେ ଆଶା ଏକ ଷ୍ଟୋଭ ଯୋଗେ ରୋଷେଇ କରୁଥିଲେ। ସେ ଷ୍ଟୋଭରେ ପମ୍ପ ଦେଉଥିବାବେଳେ ହଠାତ ଫାଟିଯାଇଥିଲା। ଫଳରେ କିରୋସିନ ନିଆଁ ତାଙ୍କ ଦେହ ସାରା ଖେଳାଇ ହୋଇଯାଇଥିଲା। ଚିତ୍କାର କରିବାରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ନିଆଯାଇଥିଲା।

### ତମ୍ବା ତାର ଚୋରି, ଜଣେ ଗିରଫ

**ରାଉରକେଲା,୧୭।୬(ଦିନେଶ ମିଶ୍ର):** ଆରଏସ୍‌ପିରୁ ତମ୍ବା ତାର ଚୋରି କରି ବେଳେ ଟାଙ୍ଗରପାଲି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲାଲ୍‌ବିଲ୍‌ଡିଂ ଅଞ୍ଚଳର ପ୍ରୀତମ୍ ସେଠିଆର(୩୬)। ତାଙ୍କଠାରୁ ଚୋରି ତାର ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୯୭।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଲାଲ୍‌ବିଲ୍‌ଡଂ ବସ୍ତିର ପ୍ରୀତମ୍ ଶୁକ୍ରବାର ବିଳମ୍ବିତ ରାତିରେ ଆରଏସ୍‌ପି ପାଚେରି ଡେଇଁ କାରଖାନା ଭିତରକୁ ପଶିଥିଲେ ଏବଂ ଷ୍ଟକିୟାର୍ଡରୁ ୧୨ କେ.ଜି ତମ୍ବା ତାର ଚୋରି କରୁଥିଲେ। ଏହି ସମୟରେ କାରଖାନାରେ କାର୍ଯ୍ୟରତ ସିଆଇଏସ୍‌ଏଫ୍ ଯବାନମାନେ ତାଙ୍କୁ କାବୁ କରି ନେଇ ଟାଙ୍ଗରପାଲି ପୋଲିସକୁ ହସ୍ତାନ୍ତର କରିଥିଲେ।

### ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

**ରାଉରକେଲା,୧୭।୬(ସଙ୍ଗୀତା ଜେନା):** ସ୍ମାର୍ଟସିଟି ରାଉରକେଲାରେ ପୁଣି ପଲସର ଆତଙ୍କ ଦେଖାଦେଇଛି। ଶନିବାର ସନ୍ଧ୍ୟାରେ ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ବିଏଲ ଛକରେ ଜଣେ ବୃଦ୍ଧା ରାସ୍ତାରେ ଯାଉଥିବା ବେଳେ ୨ଜଣ ଦୁର୍ବୃତ୍ତ ପଲସର ବାଇକରେ ଆସି ତାଙ୍କ ବେକରୁ ସୁନାଚେନ୍ ଛଡାଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକ ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ ସଫଳ ହୋଇ ନ ଥିଲେ। ବୃଦ୍ଧା ଜଣଙ୍କ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ (ରାତି୯ଟା) ଏତଲା ହୋଇ ନ ଥିବା ପୋଲିସ କହିଛି।

### ଗଛକୁ ପିଟିଲା ବାଇକ୍, ଚାଳକ ମୃତ

**ରାଉରକେଲା,୧୭।୬(ଦିନେଶ ମିଶ୍ର):** ବିଶ୍ରା ଥାନା ଗଞ୍ଜୁର ଅଞ୍ଚଳରେ ଜଣେ ବାଇକ୍ ଚାଳକ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ କମଲ ସିଂ(୩୮)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କମଲ ଶନିବାର ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ କାଳବୈଶାଖୀ ହେବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲେ। ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆର୍ଥିକସ୍ତରରେ ସଶକ୍ତ ହେବାକୁ ପରାମର୍ଶ

## ମୁଦ୍ରା ଯୋଜନା ଉପରେ କର୍ମଶାଳା

**ରାଉରକେଲା,୧୭।୬(ବିପ୍ଳବ ରଞ୍ଜନ ଦାଶ)**



କର୍ମଶାଳାରେ ଉପସ୍ଥିତ ଏସ୍‌ଏଚ୍‌ଜି ମହିଳା ଏବଂ ଅନ୍ୟମାନେ।

ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ୨୦ଟି ଏସ୍‌ଏଚ୍‌ଜିର ମହିଳାମାନେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ଭର୍ଚୁଆଲରେ ମହିଳାମାନଙ୍କ ସହ ଭାବ ବିନିମୟ କରିଥିଲେ। ଏହାସହ ମହିଳାମାନେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁକ୍ତା ଯୋଜନା ଅଧୀନ ପ୍ରକଳ୍ପଗୁଡିକର ତଦାରଖ ଦାୟିତ୍ୱରେ ରହି ସରକାରଙ୍କ ଘୋଷିତ ୭.୫ ପ୍ରତିଶତ ପ୍ରୋତ୍ସାହନ ଅର୍ଥରାଶି ପାଇ ଆର୍ଥିକ ସ୍ତରରେ ସଶକ୍ତ ହେବା ପାଇଁ ସଚିବ ଆହ୍ୱାନ ଦେଇଥିଲେ। ଏସଏଚ୍‌ଜି ମହିଳାମାନେ ୨୦୨୨-୨୩ ଆର୍ଥିକ ବର୍ଷରେ ମୁକ୍ତା ଯୋଜନାର ସମସ୍ତ ପ୍ରୋତ୍ସାହନ ରାଶି ପାଇଥିବା ଉଲ୍ଲେଖ କରିଥିଲେ। କର୍ମଶାଳାରେ ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇ ସଭାପତିତ୍ୱ କରିଥିଲେ। ଚଳିତ ଆର୍ଥିକ ବର୍ଷରେ ମୁକ୍ତା ଯୋଜନା ଅଧୀନରେ ସହରର ଡ୍ରେନ, ରାସ୍ତା, ଖୋଲା ସ୍ଥାନର ଉନ୍ନତୀକରଣ, ସହରୀ ସୌନ୍ଦର୍ଯ୍ୟକରଣ, କାନ୍ଥ ଚିତ୍ରଣ, ଆଲୋକୀକରଣ, ଖେଳ ପଡିଆଗୁଡିକର ଉନ୍ନତୀକରଣ, ଜିମ୍ ନିର୍ମାଣ, ବରିଷ୍ଠ ନାଗରିକଙ୍କ ବସିବା ସ୍ଥାନ ନିର୍ମାଣ ଆଦି କାର୍ଯ୍ୟ ଯେଭଳି ଭାବେ ଶୀଘ୍ର ସମ୍ପନ୍ନ ହେବ ସେ ଦିଗରେ କାର୍ଯ୍ୟ କରିବାକୁ ଭୋଇ ଏସ୍‌ଏଚଜି ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ଏସ୍‌ଏଚ୍‌ଜିର ପଞ୍ଚସୂତ୍ର ନିୟମ ମୁତାବିକ ମହିଳାମାନଙ୍କୁ ପ୍ରକଳ୍ପ ତଦାରଖ ପାଇଁ ଚୟନ କରାଯିବ। ଆଗାମୀ ଦିନରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ସୁଦକ୍ଷ ଭାବେ ପ୍ରକଳ୍ପ କାର୍ଯ୍ୟ ତଦାରଖ ଲାଗି ବିଭିନ୍ନ ଦକ୍ଷତାଭିତ୍ତିକ ତାଲିମ ପ୍ରଦାନ କରାଯିବ ବୋଲି ସେ କହିଥିଲେ। କର୍ମଶାଳାରେ ଆରଏମସି ପୂର୍ବତନ ଅଧକ୍ଷା ରଶ୍ମିବାଳା ମିଶ୍ର ଓ ବିଧାୟକଙ୍କ ପ୍ରତିନିଧି ଛବି ମହାନ୍ତି ଉପସ୍ଥିତ ଥିଲେ। ମାଁ ତାରିଣୀ ଏସ୍‌ଏଚ୍‌ଜିର ଜ୍ୟୋତ୍ସ୍ନା ନାୟକ, ମାଁ ମଙ୍ଗଳା ଏସ୍‌ଏଚ୍‌ଜିରୁ ମାୟାରାଣୀ ପାତ୍ର ପ୍ରମୁଖ ନିଜ ନିଜ ପ୍ରକଳ୍ପ କାର୍ଯ୍ୟ ସଂକ୍ରାନ୍ତ ଅନୁଭୂତି ଉପସ୍ଥାପନ କରିଥିଲେ।

# ଓଡିଆ ଶାସ୍ତ୍ରୀୟ ସଙ୍ଗୀତର ଐତିହ୍ୟ ମହାନ୍


ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଶାନ୍ତ ନନ୍ଦଙ୍କୁ ସମ୍ମାନିତ କରାଯାଉଛି।

## ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା,୧୭।୬(ବିପ୍ଳବ ରଞ୍ଜନ ଦାଶ)**

ରଜପର୍ବ ପାଳନ ପରିପ୍ରେକ୍ଷୀରେ ରାଉରକେଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ପରିଚୟ' ଆନୁକୂଲ୍ୟରେ ଭଞ୍ଜଭବନ ପ୍ରେକ୍ଷାଳୟରେ ଚାଲିଥିବା ଆନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ-୨୦୨୩ ଶୁକ୍ରବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ ଓ ସାଂସ୍କୃତିକ ବିକାଶ କ୍ଷେତ୍ରରେ ରାଉରକେଲା ପରିଚୟ ଅନୁଷ୍ଠାନର ଭୂମିକା ଅତୁଳନୀୟ ବୋଲି କହିଥିଲେ। ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ବିଭମ ସାମନ୍ତସିଂହାର, ସମାଜସେବୀ କମଳ ଅଗ୍ରୱାଲ, ଓଡିଆ ସଙ୍ଗୀତ ଏକାଡେମୀର ପ୍ରମୁଖ ସଦସ୍ୟ ଡ. ସମର ମୁଦାଲି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଲିଓଡ୍ ଜଗତର ଲୋକପ୍ରିୟ ଅଭିନେତା ପ୍ରଶାନ୍ତ ନନ୍ଦ ଯୋଗଦେଇ ଓଡ଼ିଆ ଶାସ୍ତ୍ରୀୟ ସଙ୍ଗୀତର ଐତିହ୍ୟ ମହାନ ଏବଂ ଓଡିଶୀ କେବଳ ଭାରତ ନୁହେଁ ବିଶ୍ୱ ଦରବାରରେ ପରିଚିତ ବୋଲି ମତ ଦେଇଥିଲେ। ପରେ ଅନୁଷ୍ଠାନ ତରଫରୁ ପ୍ରଶାନ୍ତ ନନ୍ଦଙ୍କୁ ପରିଚୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉଡାନ ଭାରତୀୟ ନାଟ୍ୟମ ଗ୍ରୁପ, ଜଗନ୍ନାଥ କଳା ପରିଷଦ, ତ୍ରିଷା ଡ୍ୟାନ୍ସ ଏକାଡେମୀ, ମ୍ୟୁଜିକ ସର୍କଲ ଦେବ ନୃତ୍ୟମ୍, ନୃତ୍ୟ ସାଧନା, ରାହୁଲ ଡ୍ୟାନ୍ସ ଏକାଡେମୀ, କ୍ରୀଷ୍ଟମ ଡ୍ୟାନ୍ସ ଗ୍ରୁପ୍, କଥକ କୁଇନ୍ ସହ ବାଂଲାଦେଶର ଶିଳ୍ପକଳା ଏକାଡେମୀ ଗ୍ରୁପ୍ ଡ୍ୟାନ୍ସକୁ ସର୍ବଶ୍ରେଷ୍ଠ ଶାସ୍ତ୍ରୀୟ, ଉପଶାସ୍ତ୍ରୀୟ ନୃତ୍ୟ ପ୍ରତିଭା ଦଳ ଭାବେ ପୁରସ୍କୃତ କରାଯାଇଥିଲା। ୩ଦିନ ଧରି ଚାଲିଥିବା ଆନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ ଆୟୋଜନରେ ଅନୁଷ୍ଠାନର ସଭାପତି ଅଶୋକ ସେଠୀ, ଉପସଭାପତି ପଞ୍ଚାନନ ମହାପାତ୍ର, ସମ୍ପାଦକ ପଞ୍ଚାନନ ପାତ୍ର, ଯୁଗ୍ମ ସମ୍ପାଦକ ସୁଧୀର ଚରଣ ଦାସ, ସୂର୍ଯ୍ୟରଶ୍ମୀ ଦାଶ, ସଂଯୋଜିକା ଗାୟତ୍ରୀ ବିଶୋୟୀ, ଜନ୍ମେଜୟ ମହାନ୍ତି, ପୂଜା ସେନାପତି, ପ୍ରଜ୍ଞା ପରିମିତା ପାଣିଗ୍ରାହୀ ଏବଂ ଦିନେଶ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ରାଉରକେଲା ସମସ୍ୟା ନେଇ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ



ରାଉରକେଲା ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ରାଉରକେଲା,୧୭।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରାଞ୍ଚଳର ବିଭିନ୍ନ ସମସ୍ୟା ନେଇ ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ କୁହାଯାଇଛି, ଟାଉନଶିପ୍ ଅଞ୍ଚଳର ଅନେକ କ୍ୱାର୍ଟର ଖାଲି ପଡିଥିବାରୁ ସେଗୁଡିକ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ପାଲଟିଛି। ଚୋରି ବୃଦ୍ଧି ପାଉଥିବା ବେଳେ ଆମ ପୋଲିସ ବୈଠକ ବନ୍ଦ ଯୋଗୁ ପୋଲିସ ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରହୁନାହିଁ। ଫଳରେ ସହରରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ, ସେକ୍ଟର-୭, ୧୭ ଛକ ଓ ସେକ୍ଟର-୨୦ ପାଣିଟାଙ୍କି ଛକରେ ଆଲୋକ ବ୍ୟବସ୍ଥା ଥାଇ ମଧ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଉକ୍ତ ଛକରେ ରାତିରେ ଚୋରି, ଛିନତାଇ ହେଉଛି। ସେକ୍ଟର-୨୧ ନୟାବଜାର ପ୍ରବେଶ ପଥରେ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ବହୁ ସମୟରେ ମାଡ଼ପିଟ୍ ଯୋଗୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ତେବେ ଏସବୁ ସମସ୍ୟା ଦିଗରେ ଦୃଷ୍ଟି ଦିଆଯିବ ବୋଲି ଏସ୍‌ପି ମହାପାତ୍ର କହିଛନ୍ତି।

# ଲାଡେଲ ଲାଇନିଂ ଲାଇଫ୍‌ର ନୂଆ ରେକର୍ଡ

## ରାଉରକେଲା ଷ୍ଟିଲ ପ୍ଲାଣ୍ଟ

**ରାଉରକେଲା,୧୭।୬(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଷ୍ଟିଲ ମେଲ୍ଟିଂ ଶପ୍-୧ ବିଭାଗ ମିକ୍ସର ଲାଡେଲ ଲାଇନିଂ ଲାଇଫ କ୍ଷେତ୍ରରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ବିଭାଗ ଜୁନ୍ ୧୩ ତାରିଖରେ ମିକ୍ସର ଲାଡେଲ ନମ୍ବର ୭ରେ ଏକକ ଅଭିଯାନ ଅନ୍ତର୍ଗତ ସର୍ବକାଳୀନ ଶ୍ରେଷ୍ଠ ୬୨୨ଟି ହିଟ୍ ହାସଲ ପୂର୍ବକ ଏହି ବର୍ଗରେ ଅଦ୍ୟାବଧି ଅନନ୍ୟ ସଫଳତା ଲାଭ କରିଛି। ସୂଚନାଯୋଗ୍ୟ, ଏଥିପୂର୍ବରୁ ଏପ୍ରିଲ ମାସରେ ବିଭାଗ ୧୨୦ ହିଟର ସର୍ବୋଚ୍ଚ ଲାଇନିଂ ଲାଇଫ ହାସଲ କରି ଷ୍ଟିଲ ଲାଡେଲ ଲାଇଫ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରିଥିଲା। ରିଫ୍ରାକ୍ଟୋରି ଇଞ୍ଜିନିୟରିଂ (ସେବା) ବିଭାଗ ଏବଂ ଏସ୍‌ଏମ୍‌ଏସ୍-୧ ବିଭାଗ ସାମୂହିକଙ୍କ ମିଳିତ ସହଯୋଗରେ ଏହି ରେକର୍ଡ ହାସଲ ହୋଇପାରିଥିଲା। ବିଭାଗ ଦ୍ୱୟ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ ଦ୍ୱାରା ଏହି କୃତିତ୍ୱ ହାସଲ ହୋଇଥିଲା। ଏସଏମଏସ-୧ର କାର୍ଯ୍ୟକ୍ଷମ ଆବଶ୍ୟକତା ପୂରଣ ପାଇଁ ରିଫ୍ରାକ୍ଟୋରି ଏବଂ ଅପରେଶନାଲ ରକ୍ଷଣାବେକ୍ଷଣ ଅଭ୍ୟାସରେ କ୍ରମାଗତ ଉତ୍ସର୍ଗୀକୃତ ଉନ୍ନତି, ଠିକ୍ କାର୍ଯ୍ୟଧାରା ସୁନିଶ୍ଚିତ କରିବା ଏବଂ ସମ୍ପୂର୍ଣ୍ଣ କ୍ୟାମ୍ପେନରେ ଲାଡେଲର ଠିକ ନିରୀକ୍ଷଣ, ଲାଇନିଂ ସହ ତ୍ରୁଟିଶୂନ୍ୟ ମେଳ ପାଇଁ ଠିକ ଲାଇନ ପ୍ରୋଫାଇଲ କାଟିବା, ଧାତୁ ଜୋନ ଏବଂ ସ୍ଲାଗ୍ ଜୋନର ଅଧ୍ୟୟନ ତଥା ତଦନୁଯାୟୀ ଇଟା ସଂରଚନା ଏବଂ ଲାଇନ ପ୍ୟାଟର୍ନ ରୂପାନ୍ତରଣ, ପ୍ରଥମ ଲାଇଫଠାରୁ ଆରମ୍ଭ କରି ଅଭିଯାନର ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ହିଟ୍ ପରେ ଏସଏମଏସ-୧ର ଉଭୟ ରିଫ୍ରାକ୍ଟୋରି ଏବଂ ଅପରେଶନ ସାମୁଦାୟିକ ଦ୍ୱାରା ଲେଡଲର ବ୍ୟବସ୍ଥିତ ଯାଞ୍ଚ ଓ ପରବର୍ତ୍ତୀ ଉତ୍ତାପରେ ସଂଶୋଧନ କାର୍ଯ୍ୟ ସମ୍ପାଦନ କରିବା ସାମିଲ ଥିଲା। ଆରଏସପି ଉତ୍ପାଦକତା, ବୈଷୟିକ ଆର୍ଥିକ ପରିମାପକତାରେ ଉନ୍ନତି ସାଧନ ତଥା ଉତ୍ପାଦନ ଖର୍ଚ୍ଚ କମ୍ କରି ପ୍ରତିଦ୍ୱନ୍ଦ୍ୱିତାମୂଳକ ଇସ୍ପାତ ବଜାରରେ ତିଷ୍ଠି ରହିବା ପାଇଁ ସହାୟତା ପ୍ରଦାନ ନିମନ୍ତେ ରିଫ୍ରାକ୍ଟୋରି ଇଞ୍ଜିନିୟରିଂ (ସେବା) ବିଭାଗର ନିରନ୍ତର ପ୍ରୟାସର ଏହା ଉଦାହରଣ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଝାଡ଼ଖଣ୍ଡ, ପୁଡୁଚେରି, ପଞ୍ଜାବ, ଆସାମ, ମହାରାଷ୍ଟ୍ର ବିଜୟୀ



ଝାଡଖଣ୍ଡ ଓ ତାମିଲନାଡୁ ମଧ୍ୟରେ ମ୍ୟାଚ୍‌ର ଏକ ଦୃଶ୍ୟ।

## ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍

**ରାଉରକେଲା,୧୭।୬(ଦିନେଶ ମିଶ୍ର)**

ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ତ୍ରୟୋଦଶ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ର ଷଷ୍ଠ ଦିନରେ ୬ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଝାଡ଼ଖଣ୍ଡ ଓ ତାମିଲନାଡୁ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଝାଡ଼ଖଣ୍ଡ ଦଳ ୮-୧ ଗୋଲରେ ତାମିଲନାଡୁକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ୍ ପଣ୍ଡିଚେରୀ ଓ ଗାନ୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପଣ୍ଡିଚେରୀ ଦଳ ଗାନ୍ସ ହକିକୁ ୫-୨ ଗୋଲରେ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ ପଞ୍ଜାବ ଓ ଦିଲ୍ଲୀ ହକି ମଧ୍ୟରେ ଖେଳାଯାଇଥିବା ବେଳେ ପଞ୍ଜାବ ୬-୨ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଥିଲା। ଚତୁର୍ଥ ମ୍ୟାଚ ଆସାମ ଓ ମିଜୋରାମ ମଧ୍ୟରେ ଖେଳା ଯାଇଥିବାବେଳେ ଆସାମ ୪-୨ ଗୋଲରେ ମିଜୋରାମକୁ ପରାସ୍ତ କରିଥିଲା। ପଞ୍ଚମ ମ୍ୟାଚ ବିହାର ଓ ମହାରାଷ୍ଟ୍ର ମଧ୍ୟରେ ଖେଳାଯାଇଥିଲା। ଏଥିରେ ମହାରାଷ୍ଟ୍ର ଦଳ ୭-୦ ଗୋଲରେ ବିହାରକୁ ପରାସ୍ତ କରିଥିଲା। ଶେଷ ମ୍ୟାଚ ତେଲଙ୍ଗାନା ଓ ବେଙ୍ଗଲ ମଧ୍ୟରେ ଜାରି ରହିଥିବାବେଳେ ରାତି ୧୦ଟା ପର୍ଯ୍ୟନ୍ତ ଉକ୍ତ ମ୍ୟାଚ୍‌ର କୌଣସି ଫଳାଫଳ ଜଣାପଡି ନ ଥିଲା।

# ସରିଲା ତ୍ରିଦିବସୀୟ ରଜ ମହୋତ୍ସବ

**ରାଉରକେଲା,୧୭।୬(ସଙ୍ଗୀତା ଜେନା)**


ଜଗଦା ବାଟ ମଙ୍ଗଳା ମନ୍ଦିର ହଲରେ ଆୟୋଜିତ ରଜ କାର୍ଯ୍ୟକ୍ରମ।

ଜଗଦା ସ୍ଥିତ ମା' ବାଟ ମଙ୍ଗଳା ମହିଳା ସମିତି ଓ ଜଗଦା ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଶକ୍ତିପୀଠ ହଲରେ ରଜ କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ବ୍ୟଞ୍ଜନ ଓ ଶଙ୍ଖ, ହୁଳହୁଳି ସମେତ ଅନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନୀଳଶୈଳ କଲେଜର ପ୍ରାଧ୍ୟାପିକା ଅନୁପମା ପ୍ରଧାନ, ଆକାଶବାଣୀ ରାଉରକେଲାର ନିର୍ଦ୍ଦେଶିକା ଆହ୍ଲାଦିନୀ ହୋତା ଯୋଗ ବିଚାରକ ଭାବେ ଦେଇଥିଲେ। ଶେଷ ରଜରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ସାରଦା ନାୟକ, ଏବିଇଓ ପ୍ରଶାନ୍ତ ବେହେରା, ଶିକ୍ଷାବିତ୍ ହୃଷୀକେଶ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସଭାନେତ୍ରୀ କୀର୍ତ୍ତିଲତା ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଜେଏସପିର ଉପଦେଷ୍ଟା ସଞ୍ଜୀବ ମହାନ୍ତି, ପ୍ରଭାତ ମହାନ୍ତି, ପିତାମ୍ବର ନାୟକଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ସୁନୀତା ପଟ୍ଟନାୟକ ମଞ୍ଚ ପରିଚାଳନା ଓ ସଂଯୁକ୍ତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୋଏଲନଗର ଭାଜପା ମଣ୍ଡଳ ମହିଳା ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର କୋଏଲନଗର ସି ବ୍ଲକ ପାର୍କରେ ରଜ ମହୋତ୍ସବ ଆୟୋଜନ କରାଯାଇଥିଲା। ମୋର୍ଚ୍ଚା ସଭାନେତ୍ରୀ ଲକ୍ଷ୍ମୀ ମିଶ୍ର, ଉପସଭାପତି ରୁକ୍ମଣୀ ନନ୍ଦ, ଇପ୍ସିତା ବିଶ୍ୱାଳ, ସମିତା ପାଢ଼ୀ, ଶ୍ରଦ୍ଧାଞ୍ଜଳି ଆଚାର୍ଯ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଛେଣ୍ଡ କଲୋନୀ ମହିଳା ବିଜେଡ଼ି ପକ୍ଷରୁ ରଜ ଉତ୍ସବ ପାଳିତ ହୋଇଥିଲା। ତାରିଣୀ ସେଠୀଙ୍କ ନେତୃତ୍ୱରେ ରଶ୍ମିବାଳା ମିଶ୍ର ଯୋଗ ଦେଇଥିଲେ। ଉତ୍କଳ ସ୍ନେହୀ ମହିଳା ସମିତି ପକ୍ଷରୁ ଆୟୋଜିତ ରଜ କାର୍ଯ୍ୟକ୍ରମରେ ସଭାନେତ୍ରୀ ସବିତା ସାହୁଙ୍କ ନେତୃତ୍ୱରେ ଗୀତାଞ୍ଜଳି ପାତ୍ର, ସ୍ନିଗ୍ଧା ସାମନ୍ତରାୟ, ସାବିତ୍ରୀ ଦାସ, ବିଜୟଲକ୍ଷ୍ମୀ ମିଶ୍ର, ସୁଜାତା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ୍ କରୁଛି ହନ୍ତସନ୍ତ

**ରାଉରକେଲା ,୧୭।୬(ସଙ୍ଗୀତା ଜେନା)**

ବର୍ତ୍ତମାନ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଫଳରେ ସକାଳ ହେଲେ ତାତି ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସେହିପରି ଇସ୍ପାତ ସହର ରାଉରକେଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବିଭିନ୍ନ ସମୟରେ ଅଘୋଷିତ ବିଦ୍ୟୁତ୍ ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଶନିବାର ରାଉରକେଲାରେ ପାରଦ ୪୩ ଡିଗ୍ରୀ ପାର କରିଥିବା ବେଳେ ଜଗଦା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ କରାଯାଇଥିଲା। ଫଳରେ ସରଣା ଛକରେ ଥିବା ୭୦ରୁ ଊର୍ଦ୍ଧ୍ୱ ପରିବାର ସମସ୍ୟାର ସମ୍ମୁଖୀନ ହୋଇଥିଲେ।

କିଛିଦିନ ତଳେ ସରଣା ଅଞ୍ଚଳରେ ମେଣ୍ଟେନାନ୍ସ ପାଇଁ ପ୍ରାୟ ୧୨ ଘଣ୍ଟା ବିଦ୍ୟୁତ୍ କାଟ କରାଯାଇଥିଲା। ମାତ୍ର ୫/୬ ଦିନ ପରେ ପୁଣି ମରାମତି ନାମରେ ଶନିବାର ସକାଳୁ ଅଘୋଷିତ ବିଦ୍ୟୁତ୍ କାଟ କରାଯାଇଥିଲା। ଫଳରେ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ୱେସ୍କୋ ଏସ୍‌ଡିଓ ଓ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସମ୍ବିତ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ସରଣା ଛକରୁ ପ୍ରାୟ ୨ ଶହ ମିଟର ମେନ ଲାଇନ କେବୁଲ ତାର ପରିବର୍ତ୍ତନ କରାଯାଉଛି। ଆଗାମୀ ଦିନରେ ବିଦ୍ୟୁତ୍ ସରବରାହକୁ ଠିକ ରଖିବାକୁ ଏପରି କରାଯାଉଛି। କିଛିଦିନ ତଳେ ମରାମତି କରାଯାଇଥିଲା। ହେଲେ ସେଥିରେ ବୈଷୟିକ ତ୍ରୁଟି ହେବାରୁ ପୁଣି ମରାମତି କରାଯାଇଛି ବୋଲି ପଣ୍ଡା କହିଥିଲେ। ସୂଚନାଯୋଗ୍ୟ, କେବୁଲ ପରିବର୍ତ୍ତନ କରାଯାଉଥିବା ଅଞ୍ଚଳରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଉକ୍ତ ଅଞ୍ଚଳ ସ୍ମାର୍ଟସିଟି ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଏଠାରେ ପାଇପ୍ ଜଳ ବ୍ୟବସ୍ଥା ନାହିଁ। ଫଳରେ ଲୋକେ ବିଦ୍ୟୁତ୍ ଉପରେ ଭରସା କରୁଛନ୍ତି।


ସରଣା ଅଞ୍ଚଳରେ ମରାମତି କାର୍ଯ୍ୟ।

# ଜୀବନ ରକ୍ଷା ପାଇଁ ସଚେତନତା ସୃଷ୍ଟି ମୂଳ ଉଦ୍ଦେଶ୍ୟ

## ଆର୍‌ଏସ୍‌ପିରେ ସୁରକ୍ଷା ପାର୍କ ଉଦ୍‌ଘାଟିତ

**ରାଉରକେଲା,୧୭।୬(ବିପ୍ଳବ ରଞ୍ଜନ ଦାଶ)**



ସୁରକ୍ଷା ପାର୍କ ଉଦ୍‌ଘାଟନ ସମୟରେ ଉପସ୍ଥିତ ଅତିଥିବୃନ୍ଦ।

ଆରଏସପିର ଷ୍ଟିଲ ମେଲ୍ଟିଂ ସପ୍-୨ (ଏସ୍‌ଏମ୍‌ଏସ୍-୨) ବିଭାଗରେ ଚାଲିଥିବା କାଷ୍ଟର-୪ ପ୍ରକଳ୍ପ ଅଞ୍ଚଳରେ ଏକ ସୁରକ୍ଷା ପାର୍କକୁ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ ଶନିବାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରକଳ୍ପ ବିଭାଗର ସିଜିଏମ୍ ଅନୀଶ ଜାମାୟାର, ପ୍ରକଳ୍ପ ବିଭାଗର ଜିଏମ୍ ଦେଓନେଶ୍ୱର ପ୍ରସାଦ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରାଙ୍କ ସମେତ ପ୍ରକଳ୍ପ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ, ମେସର୍ସ ଏସ୍‌ଏମ୍‌ଏସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍, ମେସର୍ସ ଏନ୍‌କେବି ପ୍ରାଇଭେଟ ଲିମିଟେଡର ସୁରକ୍ଷା ଅଧିକାରୀ, ପ୍ରତିନିଧି ଓ କର୍ମଚାରୀ ଉପସ୍ଥିତ ଥିଲେ।

ସେଫ୍ଟି ପାର୍କ ଏକ ଅଭିନବ ପ୍ରଦର୍ଶନ କ୍ଷେତ୍ର ଭାବେ କାର୍ଯ୍ୟ କରୁଛି ଯାହା ମାନକ ପ୍ରଣାଳୀ, କଣ କରିବା ଉଚିତ ଓ ଅନୁଚିତ, ବିଭିନ୍ନ ସୁରକ୍ଷା, ଅଗ୍ନି ଏବଂ ଜୀବନ ରକ୍ଷାକାରୀ ଉପକରଣ ପ୍ରଦର୍ଶନ କରେ। ଏଥିରେ ଖସିପଡିବା ପାଇଁ ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିର୍ବାପକ ଯନ୍ତ୍ର, ହାତ, ଚକ୍ଷୁ ଓ ପାଦ ସୁରକ୍ଷା ଉପକରଣ ଓ ଜୀବନ ରକ୍ଷାକାରୀ ଉପକରଣ ଏବଂ ଅନ୍ୟାନ୍ୟ ବିଷୟ ପ୍ରଦର୍ଶିତ ହେଉଛି। କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ବ୍ୟକ୍ତିଗତ ପ୍ରତିରକ୍ଷା ଉପକରଣର ଠିକ୍ ବ୍ୟବହାର, ନିର୍ମାଣ ଉପକରଣର ସୁରକ୍ଷିତ କାର୍ଯ୍ୟ ଏବଂ ନିର୍ମାଣ କାର୍ଯ୍ୟର ନିରାପଦ କାର୍ଯ୍ୟକାରିତା ପାଇଁ ସୁରକ୍ଷା ଓ ଜୀବନ ରକ୍ଷାକାରୀ ଉପକରଣର ପ୍ରଭାବଶାଳୀ ଉପଯୋଗ ବିଷୟରେ ସଚେତନତା ସୃଷ୍ଟି କରିବା ସୁରକ୍ଷା ପାର୍କ ପ୍ରତିଷ୍ଠା କରିବାର ମୂଳ ଉଦ୍ଦେଶ୍ୟ। ସେଫ୍ଟି ପାର୍କ ମୁଖ୍ୟତଃ ପ୍ରକଳ୍ପ ସାଇଟ୍‌ରେ ନିୟୋଜିତ ଠିକା ଶ୍ରମିକଙ୍କୁ ଉପକୃତ କରିବ। ଠିକା ଶ୍ରମିକଙ୍କ ମଧ୍ୟରେ ନିର୍ମାଣ ସୁରକ୍ଷା ଜ୍ଞାନକୌଶଳ ବଢାଇବା ଏବଂ କର୍ମକ୍ଷେତ୍ରରେ ଶୂନ୍ୟ ଶାରୀରିକ କ୍ଷତିର ଲକ୍ଷ୍ୟ ହାସଲ କରିବା ପାଇଁ ସୁରକ୍ଷା ପାର୍କ ହେଉଛି ଏକ ନିଆରା ପଦକ୍ଷେପ। ଉଭୟ କର୍ମଚାରୀ ଏବଂ କାରଖାନା ପାଇଁ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସାହୁ ପ୍ରବନ୍ଧନର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

## ସଂକ୍ଷେପରେ

### ସ୍ଥାପନ ହେବ ବୀର ବିକ୍ରମାଦିତ୍ୟ ସିଂହ ବରିହାଙ୍କ ପ୍ରତିମୂର୍ତ୍ତି

**ପାଇକମାଲ,୧୭।୬(ବଡ ଶତପଥୀ):** ପାଇକମାଲର ନୃସିଂହନାଥଠାରେ ବୋଡାସମ୍ବର ଜମିଦାର ସ୍ୱର୍ଗତ ବୀର ବିକ୍ରମାଦିତ୍ୟ ସିଂହ ବରିହା ସ୍ମୃତି କମିଟିର ପ୍ରଥମ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜବାହାରଲାଲ ସିଂ ବରିହା ଏଥିରେ ଅଧ୍ୟକ୍ଷତା କରିଥିଲେ। ବିକ୍ରମାଦିତ୍ୟଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତି ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ସ୍ଥାପନ କରିବା ସହ ଏକ ସ୍ମରଣିକା ପ୍ରକାଶନ ଓ ପ୍ରତିବର୍ଷ ତାଙ୍କ ଜନ୍ମଦିନ ପାଳନ କରିବା ପାଇଁ ସ୍ଥିର କରାଯାଇଥିଲା। ସୁରେନ୍ଦ୍ର ପ୍ରତାପ ସିଂହ ବରିହାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଆଇନଜୀବୀ ରାଜ କିଶୋର ସାହୁ ସଭା ପରିଚଳନା କରିଥିଲେ। ସ୍ମୃତି କମିଟି ସଦସ୍ୟ ଅଖିଳ ନେଗୀ, ସଦାଶିବ ବରିହା, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଜଗଦୀଶ ସାହୁ ମଞ୍ଚାସୀନ ଥିଲେ। ଅବିନାଶ ମିଶ୍ର, ଅଶୋକ ବହିଦାର, ଯୋଗେଶ୍ୱର ବରିହା, ଡା. ମୋହନ ପ୍ରସାଦ ନାୟକ, ଦୁର୍ଗାପ୍ରସାଦ ଅଗ୍ରୱାଲ, ଗୋବିନ୍ଦ ପଟେଲ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟା, ସୁରେଶ ରାମଚନ୍ଦାନୀ, ଡା. ନାରାୟଣ ପୁରୋହିତ, ସୁଶାନ୍ତ ନାଗ, ତୁଳାବତୀ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

### ହାତୀ ଆକ୍ରମଣରେ ଜଣେ ଗୁରୁତର



**ଭବାନୀପାଟଣା,୧୭।୬(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଙ୍ଗୁଡିସର ଯୋଜନା ନିକଟରେ ଶନିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କ ନାମ ଗଜିନ୍ଦ୍ର ଜାନୀ(୫୫)। ସେ ନିକଟସ୍ଥ ଝାରବନ୍ଧ ଗ୍ରାମର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଗଜିନ୍ଦ୍ର ଚିଙ୍ଗୁଡିସର ଗ୍ରାମରେ ଥିବା ଯୋଜନାକୁ ଗାଧୋଇବାକୁ ଆସୁଥିବାବେଳେ ହଠାତ୍ ଏକ ବଣୁଆ ହାତୀ ହାବୁଡରେ ପଡିଯାଇଥିଲେ। ଏହି ସମୟରେ ହାତୀଟି ପ୍ରଥମେ ଗଜିନ୍ଦ୍ରଙ୍କୁ ନିଜ ଶୁଣ୍ଡରେ ଟେକି ନେଇ ଜୋରରେ କଚାଡି ଦେଇଥିଲା। ପରେ ତାର ଦାନ୍ତରେ ଗଜିନ୍ଦ୍ରଙ୍କ ପେଟକୁ ଆଘାତ କରିଥିଲା।ଏହା ଦ୍ୱାରା ଗଜିନ୍ଦ୍ରଙ୍କ ପେଟର ଅନ୍ତନଳୀ ବାହାରି ପଡିବା ସହ ଗୁରୁତର ହୋଇଥିଲେ। ପରେ ସେଠାରେ ଥିବା ଲୋକ ପାଟି କରିବାରୁ ହାତୀଟି ଘଟଣାସ୍ଥଳରୁ ଚାଲିଯାଇଥିଲା। ଏପଟେ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଗଜିନ୍ଦ୍ରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଚିକିତ୍ସା ପରେ ଅଧିକ ସ୍ୱାସ୍ଥ୍ୟ ସେବା ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଅନ୍ୟପକ୍ଷରେ,ଏହି ଅଞ୍ଚଳକୁ ହାତୀ ଆସିଥିବା ଖବର ପାଇ ଜୁନାଗଡ ବନବିଭାଗ ହାତୀର ଗତିବିଧି ଉପରେ ନଜର ରଖି ତଦନ୍ତ କରୁଥିବାବେଳେ ଏହା ଭବାନୀପାଟଣା ବ୍ଲକ ତିଲଜୁଡି ଆଡୁ ଆସିଥିବା ସୂଚନା ମିଳିଛି।



**ସୁବର୍ଣ୍ଣପୁର ଜିଲା:** ପ୍ରଚଣ୍ଡ ଖରା ଯୋଗୁ ସୋନପୁର ବ୍ଲକ ଛକ ଖାଁ ଖାଁ ।

# ୩୨ ଘଣ୍ଟା ପରେ ଡିଏଚ୍ଏଚ୍‌ରେ ପାଣି ମିଳିଲା

**ସୋନପୁର,୧୭।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍)ରେ ଶନିବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରରୁ ବିଭିନ୍ନ ୱାର୍ଡକୁ ସଂଯୋଗ କରୁଥିବା ପାଣି ପାଇପ ଲାଇନ୍ ଫାଟି ଯାଇଥିଲା। ପାଇପ ଲାଇନ ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଠା ନିର୍ମାଣ ହୋଇଥିବାରୁ ପାଣି ପାଇପ୍ ଫାଟିଥିବା ଅଭିଯୋଗ ହୋଇଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଅପରାହ୍ନରୁ ମରାମତି କାମ ଚାଲିଥିଲେ ହେଁ ତାହା ସମ୍ପୂର୍ଣ୍ଣ ହେବାକୁ ଦୀର୍ଘ ୩୨ ଘଣ୍ଟା ଲାଗିଲା। ଏହି ସମୟ ଭିତରେ ଇନ୍‌ଡୋରରେ ଚିକିତ୍ସିତ ହେଉଥିବା ଶତାଧିକ ରୋଗୀ ଓ ପରିଜନ ପାଣି ପାଇଁ ହନ୍ତସନ୍ତ ହେଲେ। ଶୌଚ ପାଇଁ ରୋଗୀଙ୍କୁ ପାଣି ଟୋପାଏ ମିଳିଲାନି। ସେମାନଙ୍କ ଦୁଃଖ ଶୁଣିବାକୁ କେହି ନଥିଲେ। ବିକଳ୍ପ ବ୍ୟବସ୍ଥା କରା ଯାଇ ନଥିଲା । ତେବେ ପାଇପ ମରାମତି ପରେ ଶନିବାର ରାତି ୯ଟା ପରେ ଚିକିତ୍ସାଳୟର ବିଭିନ୍ନ ବିଭାଗକୁ ଜଳଯୋଗାଣ ହୋଇଛି। ଏଠାରେ ଶନିବାର ସର୍ବୋଚ୍ଚ ତାପମାତ୍ରା ୪୫.୭ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମରେ ରୋଗୀ ହଇରାଣ ହୋଇଥିଲେ। ଶଯ୍ୟା ଅଭାବରୁ ରୋଗୀ ବାରଣ୍ଡାରେ ଶୋଇ



ଡାକ୍ତରଖାନାରେ ପାଣି ଅପେକ୍ଷାରେ ରୋଗୀମାନେ ।

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲାରେ ରୋଗୀ ହନ୍ତସନ୍ତ**

ରହି ଚିକିତ୍ସିତ ହେଉଥିବା ବେଳେ ପାଣି ଅଭାବ ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଥିଲା। ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଏବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଅଛନ୍ତି । ତାଙ୍କ ନିର୍ବାଚନ ମଣ୍ଡଳୀରେ ଥିବା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ସ୍ଥିତିକୁ ନେଇ ସୋସିଆଲ ମିଡିଆରେ ଜୋର ଚର୍ଚ୍ଚା ହୋଇଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ଜିଲାର ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଘଲା ଗ୍ରାମର ବୃଦ୍ଧା ରୁକ୍ମଣୀ ସାହୁଙ୍କ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିଲା। ମୃତଦେହକୁ ଘରକୁ ନେବା ପାଇଁ ମହାପ୍ରାୟାଣ ଗାଡି ମିଳି ନଥିଲା। ଫଳରେ ରୁକ୍ମଣୀଙ୍କ ମୃତଦେହକୁ ସାଇକେଲରେ ଘରକୁ ନେବାକୁ ପଡିଥିଲା। ଏହି ଉଭୟ ଘଟଣା ଜିଲାର ସ୍ୱାସ୍ଥ୍ୟସେବାର ସ୍ଥିତିକୁ ପଦାରେ ପକାଇଛି ।

# ଦୁଇ ଯୁବକଙ୍କୁ ନିସ୍ତୁକ ମାଡ଼: ଜଣେ ମୃତ, ଜଣେ ଗୁରୁତର

**ନୂଆପଡ଼ା,୧୭।୬(ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ଥାନା ଅଧୀନ କାଣ୍ଡେତାରା ଗାଁର ୨ ଯୁବକଙ୍କୁ ନିସ୍ତୁକ ମାଡ଼ ମରାଯାଇଛି। ସେମାନଙ୍କ ମଧ୍ୟରୁ ନିରନ ବଗର୍ତି (୩୦)ଙ୍କ ମୃତ୍ୟୁ ହୋଇଥିବାବେଳେ ଗିରିଧାରୀ ରଣା (୨୫) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶନିବାର ସକାଳେ ଉଭୟଙ୍କୁ ମୁମୂର୍ଷୁ ଅବସ୍ଥାରେ ଗଣ୍ଡାମେର ଛକରୁ ସ୍ଥାନୀୟ ଲୋକେ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଆମ୍ବୁଲାନ୍ସ ଯୋଗେ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନିରନଙ୍କ ମୃତ୍ୟୁ ହୋଇଥିବାବେଳେ ଗିରିଧାରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନିରନଙ୍କୁ ପିଟି ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ କୋମନା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା (ନଂ.୧୬୧/୨୩ ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ବର୍ତ୍ତମାନ ଦୁଇ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଗିରିଧାରୀ ସୁସ୍ଥ ହେଲେ ପ୍ରକୃତ ଘଟଣା ଜଣାପଡିବ। ୩ ଜଣ ଯୁବକ ଏମାନଙ୍କୁ ଟଙ୍କା ମାଗିଥିଲେ । ଏମାନେ ଟଙ୍କା ନ ଦେବାରୁ ନିସ୍ତୁକ ମାଡ ମାରି ମରିଗଲା ବୋଲି ଭାବି ସେଠାରୁ ଚାଲି ଯାଇଥିଲେ ବୋଲି ପୋଲିସ ସୂଚନାରୁ ଜଣାପଡିଛି।

ନିରନ ଓ ଗିରିଧାରୀ ଶୁକ୍ରବାର ବଲାଙ୍ଗୀର ଜିଲା ଲାଠୋର ଯାଉଛୁ ବୋଲି ଘରେ କହି ଯାଇଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସୂଚନା ପାଇ ନ ଥିଲେ । ଶନିବାର ସକାଳେ ପରିବାର ଲୋକେ ଏକ ଫୋନକଲ୍ ପାଇ ଘଟଣାସ୍ଥଳକୁ ଯାଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରିଥିଲେ।

ନିରନ ଜଣେ ଗରିବ ଶ୍ରମିକ ଶ୍ରେଣୀର ଲୋକ। ସେ ଦିନ ମଜୁରି କରି ପରିବାର ପ୍ରତି ପୋଷଣ କରୁଥିଲେ। ତାଙ୍କ ସ୍ତ୍ରୀ ୪ ବର୍ଷ ତଳେ ମୃତ୍ୟୁବରଣ କରିଥିବା ବେଳେ ୯ ବର୍ଷର ଝିଅ ସନ୍ତୋଷିନୀଙ୍କୁ ଧରି ମୂଲ ଲାଗି ଚଳୁଥିଲେ । ବର୍ତ୍ତମାନ ନିରନ ଚାଲିଯିବାରୁ ୯ ବର୍ଷର ଝିଅ ବାପା ମାଆ ଛେଉଣ୍ଡ ହୋଇଗଲା । ଜିଲା ପ୍ରଶାସନ ପକ୍ଷରୁ ସନ୍ତୋଷିନୀଙ୍କ ସ୍ଥାୟୀ ଥଇଥାନ କରିବା ପାଇଁ ଗ୍ରାମବାସୀ ଓ ପରିବାର ଲୋକେ ଦାବି କରିଛନ୍ତି।

# ବିଜେଡିର ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ




କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ଖଡ଼ିଆଳ,୧୭।୬(ସୁଜିତ କୁମାର ପ୍ରଧାନ)**

ଖଡ଼ିଆଳ କଲ୍ୟାଣ ମଣ୍ଡପ ଦୁଇରେ ନୂଆପଡା ଜିଲା ବିଜୁ ଜନତା ଦଳର ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ସ୍ତରୀୟ କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇ ଯାଉଛି। ମୁଖ୍ୟ ଅତିଥି ଭାବେ ଅତାବିରା ବିଧାୟିକା ତଥା ନୂଆପଡା ଜଲା ପର୍ଯ୍ୟବେକ୍ଷକ ସ୍ନେହାଙ୍ଗିନା ଛୁରିଆ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ବିଜେଡି ସଭାପତି ମନୋଜ ମିଶ୍ର, ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ମଞ୍ଚାସୀନ ହୋଇ ଦଳ କିପରି ଆଗାମୀ ୨୦୨୪ ନିର୍ବାଚନରେ ବିଜୟୀ ହେବ ସେନେଇ ପ୍ରସ୍ତୁତ ରହିବାକୁ କର୍ମୀମାନଙ୍କୁ କହିଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପାଞ୍ଜଳି ପାଣ୍ଡେ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା, ତନୟା ଶବର, ଜିଲା ଉପସଭାପତି ମନୋଜ ଦୀପ, ଖଡ଼ିଆଳ ନଗର ସଭାପତି ଦୀପକ ଖମାରୀଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ପ୍ରଶାସନ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**କୋକସରା,୧୭।୬ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

ଚଳିତ ମାଟ୍ରିକ, ଉଚ୍ଚ ମାଧ୍ୟମିକ, ୟୁପିଏସସି ଓ ନିଟ୍ ପରୀକ୍ଷାରେ କୋକସରା ବ୍ଲକ ପାଇଁ ଗୌରବ ଆଣିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ଶନିବାର କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମାନପତ୍ର ସହ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ କୋକସରା ବିଡ଼ିଓ ଉତ୍ତମ କୁମାର ବାଗ, ତହସିଲଦାର ଦେବବ୍ରତ କରାଟି, ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଆଲୁମିନା କ୍ରୀଷ୍ଟା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିବା ପରେ ବ୍ଲକର ମାଟ୍ରିକ, ଯୁକ୍ତ ଦୁଇ, ୟୁପିଏସସି, ନିଟ ପରୀକ୍ଷାର୍ଥୀଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଆଗକୁ ମଧ୍ୟ ଭଲ ପାଠପଢି ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରି ବ୍ଲକର ନାମ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୋକସରା ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୨୨ ଛାତ୍ରୀଛାତ୍ର, ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ୨ ଜଣ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅତିଥିମାନେ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ଏହା ବ୍ୟତୀତ ବ୍ଲକର କାଉଡୋଳା ଗ୍ରାମର ସିଦ୍ଧାନ୍ତ ବେଶ୍ରା ସର୍ବଭାରତୀୟ ପ୍ରଶାସନିକ ସେବା ୟୁପିଏସସିରେ ୮୯୯ ରେଙ୍କ ଓ ନିଟ ପରୀକ୍ଷାରେ ସର୍ବ ଭାରତୀୟ ରେଙ୍କ ୧୫୫୭୦ ରେ ସଫଳତା ପାଇଥିବା ମୋଟେରଗ୍ରାମର ସୁଶାନ୍ତ କୁମାର ନାଏକଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଛାତ୍ରୀଛାତ୍ରମାନେ ସମ୍ବର୍ଦ୍ଧିତ ହେବାପରେ ଏହିଭଳି ସମ୍ବର୍ଦ୍ଧନା ଉତ୍ସବ ଆମକୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। ଏହା ବ୍ୟତୀତ ମୋ ସ୍କୁଲ ଅଭିଯାନରେ ମହତ ଅବଦାନ ପାଇଁ ଲଡୁଗାଁ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ରୀ କ୍ରୀଷ୍ଟା ଅଗ୍ରୱାଲଙ୍କୁ ବେଷ୍ଟ ଆଲୁମିନା ଭାବେ ଟ୍ରଫି ଦେଇ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କ୍ରୀଷ୍ଟା ଛାତ୍ରୀଛାତ୍ରଙ୍କୁ ଜୀବନରେ ସଫଳ ମଣିଷ ହେବାକୁ ଶିକ୍ଷା, ବାପା ମା'ଙ୍କ ସଂସ୍କାର, ଗୁରୁଙ୍କ ଆଶୀର୍ବାଦ ହିଁ ପ୍ରେରଣା ଦେଇଥାଏ ବୋଲି ପରାମର୍ଶ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ନୋଡାଲ ସିଆରସି ବୈକୁଣ୍ଠ ଜାଲ, ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗ ପ୍ରମୁଖ ସହଯୋଗ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସରେ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ଓ ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।



ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

# ମୁକ୍ତା ଯୋଜନାର ଶୁଭାରମ୍ଭ

**କଣ୍ଟାବାଞ୍ଜି, ୧୭।୬(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦରସ୍ଥିତ ଉତ୍ଥାନ ହାଉସରେ ଭିଡିଓ କନଫରେନସିଂ ଯୋଗେ ମୁକ୍ତା ଯୋଜନାର ବିଭିନ୍ନ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଏହା କଣ୍ଟାବାଞ୍ଜି ଏନଏସିର ୧୬ ୱାର୍ଡର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମକୁ ୫ଟି ସଚିବ ଭି.କେ.ପାଣ୍ଡିଆନ ଭିଡିଓ କନଫରେନସିଂ ଯୋଗେ ଭୁବନେଶ୍ୱରରୁ ଉଦ୍‌ଘାଟନ କରିଛନ୍ତି। ୪୭ଟି ଯୋଜନାରୁ ୩୭ଟି ରାସ୍ତା ଓ ୧୦ଟି ଓପନ ସ୍ପେସ ଡେଭଲପମେଣ୍ଟ ମଧ୍ୟରେ ମିନି ପାର୍କ ରହିଛି । ସମସ୍ତ ୪୭ଟି ଯୋଜନା ପାଇଁ ୩କୋଟି ୫୦ଲକ୍ଷ ବ୍ୟୟ ବରାଦ ହୋଇଛି। ଯୋଜନାର ଶୁଭାରମ୍ଭ ସମୟରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଏନଏସି ନଗରପାଳ ବରିୟାମ ସିଂ ସାଲୁଜା, ଉପାଧ୍ୟକ୍ଷା ମନୋରମା ରାଉତ, ଏନଏସି ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ, କଣ୍ଟାବାଞ୍ଜି ଏନଏସିର ସମସ୍ତ କାଉନସିଲରଙ୍କ ସହ ୩ଟି ସକ୍ରିୟ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ସଭ୍ୟା ଉପସ୍ଥିତ ଥିଲେ ।

# ବରଗାଁରୁ ଅପହରଣ, ସିନାପାଲିରୁ ଉଦ୍ଧାର

**ଦେଓଗାଁ,୧୭।୬(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

- ସଖୀ ସେଣ୍ଟର ଗଲେ ଉଦ୍ଧାର ନାବାଳିକା
- ଜେଲଗଲେ ଅଭିଯୁକ୍ତ

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ବରଗାଁରୁ ଜଣେ ନାବାଳିକା(୧୬)ଙ୍କୁ ଜଣେ ବ୍ୟକ୍ତି ଅପହରଣ କରିନେଇଥିବା ନେଇ ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ବ୍ୟକ୍ତି ଓ ନାବାଳିକାଙ୍କୁ କଳାହାଣ୍ଡି ଜିଲା ସିନାପାଲିରୁ ଉଦ୍ଧାର କରିଛି। ଅଭିଯୁକ୍ତ କାର୍ତ୍ତିକ ନାଏକ(୫୦)ଓ ପୀଡିତାଙ୍କ ଡାକ୍ତରୀମାଇନା କରାଯାଇଛି। ଶନିବାର କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହଜତକୁ ପଠାଇ ଦିଆଯାଇଥିବା ବେଳେ ନାବାଳିକାଙ୍କୁ ବଲାଙ୍ଗୀରସ୍ଥିତ ସଖୀ ସେଣ୍ଟରରେ ରଖାଯାଇଥିବା ଥାନାଧିକାରୀ ତାରାବତୀ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାନୁସାରେ ସମ୍ପୃକ୍ତ ନାବାଳିକାଙ୍କ ଭିଣୋଇଙ୍କ ସହ କଳାହାଣ୍ଡି ଜିଲା କାଲୋପଲା ଗାଁର କାର୍ତ୍ତିକ ନାଏକ ଏକ ମୋଲୋଡିରେ କାମ କରୁଥିଲେ। ଏଥିପାଇଁ ନାବାଳିକାଙ୍କ ଘରକୁ ତାଙ୍କର ଯାଆସ ଥିଲା। କୌଣସି ଭାବରେ ପ୍ରଲୋଭିତ କରି ଗତ ଅପ୍ରେଲ ୨୧ରେ କାତ୍ତିକ ତାଙ୍କ ସାଥୀରେ ନାବାଳିକାଙ୍କୁ କୁଆଡେ ନେଇ ଯାଇଥିଲେ। ଝିଅକୁ ନପାଇ ପରିବାର ଲୋକେ ବନ୍ଧପଡା ଫାଣ୍ଡିରେ ଉକ୍ତ ଦିନ ଝିଅ ନିଖୋଜ ନେଇ ଲିଖିତଭାବେ ଅଭିଯୋଗ କରିଥିଲେ। ଘଟଣାର ୫୬ ଦିନ ପରେ ପୋଲିସ ଅଭିଯୁକ୍ତ ଓ ନାବାଳିକାଙ୍କୁ ଧରିଛି। ଏନେଇ ଥାନାରେ ଅପହରଣ ଓ ପୋକ୍‌ସୋ ଆକ୍ଟରେ ଏକ ମାମଲା(୮୧/୨୩)ରୁଜୁ କରାଯାଇଛି ।

# ରାଜ୍ୟ ସଭାପତିଙ୍କ ନିଷ୍ପତ୍ତି ବିରୋଧରେ କେନ୍ଦ୍ରକୁ ଜଣାଇଲା ଜିଲା କଂଗ୍ରେସ

**ନୂଆପଡ଼ା,୧୭।୬(ମକାରୁ ବେମାଲ)**

ନୂଆପଡା ଜିଲା କଂଗ୍ରେସ ସଭାପତି ପଦ ସୁରେଶ ଆଜାଦଙ୍କୁ ଘୋଷଣା କରିବା ଦିନ ଠାରୁ ଜିଲା କଂଗ୍ରେସରେ ଅସନ୍ତୋଷ ବଢିବାରେ ଲାଗିଛି। ଏହାକୁ ନେଇ ସର୍ବସମ୍ମତିକ୍ରମେ ଏକ ଦାବିପତ୍ର ରାଜ୍ୟ ତଥା କେନ୍ଦ୍ରୀୟ କଂଗ୍ରେସ ମୁଖ୍ୟଙ୍କୁ ପଠାଯାଇଛି। ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଘାସିରାମ ମାଝିଙ୍କ ନେତୃତ୍ୱରେ ପ୍ରତିବାଦ ସଭା କରାଯାଇଥିଲା। ବର୍ତ୍ତମାନ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲାର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ରାଜ୍ୟ ସଭାପତି ଶରତ କୁମାର ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ବିରୋଧ କରାଯାଇଛି। ଏହା ନୂଆପଡା ଜିଲା କଂଗ୍ରେସ ବିରୋଧି ହୋଇଛି। ଏହି ନିଷ୍ପତିକୁ ଶୀଘ୍ର ପ୍ରତ୍ୟାହାର କରି ନୂତନ ସଭାପତି ନିର୍ବାଚନ କରିବାକୁ ଦାବି କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ନୂଆପଡା ଜିଲାରେ ଆଦିବାସୀ ନେତା ଘାସିରାମ ମାଝିଙ୍କ ତୃଣମୂଳସ୍ତରରେ ତାଙ୍କର ସ୍ଥିତି ମଜବୁତ ରହିଛି ଓ ଆଗାମୀ ନିର୍ବାଚନରେ ଟିକେଟ ପାଇଁ ଦାବିଦାର ଅଛନ୍ତି। ତାଙ୍କ ସ୍ଥାନରେ ନିଜେ ଶରତ ପଟ୍ଟନାୟକ ନିର୍ବାଚନ ଲଢିବାକୁ ଏପରି ଚକ୍ରାନ୍ତ କରିଛନ୍ତି ବୋଲି ଜିଲା କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଉଛି। ଗତ ୯ରେ ପ୍ରଦେଶ କଂଗ୍ରେସ କମିଟିର ସୁପାରିଶ କ୍ରମେ ଜାତୀୟ କଂଗ୍ରେସ କମିଟି ତରଫରୁ ଆଜାଦଙ୍କୁ ଜିଲା ସଭାପତି ଭାବେ ଘୋଷଣା କରାଯାଇଥିଲା । ଏନେଇ ଗତ ୧୨ ତାରିଖ ନୂଆପଡାଠାରେ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରତିବାଦ ସଭା ଓ ୧୩ରେ ଖଡିଆଳଠାରେ ପ୍ରତିବାଦ ସଭା ବସିଥିଲା। ଠିକ ସେହି ଦିନ ଜିଲାର କର୍ମକର୍ତ୍ତା ମଣ୍ଡଳୀ ଭବାନୀପାଟଣା ଯାଇ ଦଳର ପୁରୁଣା ନେତା ଭକ୍ତଚରଣ ଦାସଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ସବୁ ବିଷୟରେ ମୋତେ ମଧ୍ୟ ଜଣା ନାହିଁ ବୋଲି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାକୁ ନେଇ ଜାତୀୟ କଂଗ୍ରେସ କମିଟି ସାଧାରଣ ସମ୍ପାଦକ କେସି ବେଣୁଗୋପାଳ,ଡ.ଚେଲ୍ଲା କୁମାର,ରାଜ୍ୟ ସଭାପତି ପଟ୍ଟନାୟକଙ୍କୁ ପ୍ରେରଣ କରା ଯାଇଛି । ଜିଲା କଂଗ୍ରେସ କମିଟି ପୂର୍ବତନ ସଭାପତି ଘାସିରାମ ମାଝି, ଖଡିଆଳ ବ୍ଲକ ସଭାପତି ଶ୍ୟାମ ସୁନ୍ଦର କୁଳଦୀପ, ନୂଆପଡା ବ୍ଲକ ସଭାପତି ଜଗଦୀଶ ସାହୁ, କୋମନା ବ୍ଲକ ସଭାପତି କୈଳାଶ ଚନ୍ଦ୍ର ବାଗ, ବୋଡେନ ହୀରାଲାଲ ମାଝି, ସିନାପାଲି ଜୟପାଳ ନାଗ, ଖଡିଆଳ ଏନଏସି ସନ୍ତୋଷ ବୈଠାରୁ, ଖରିଆର ରୋଡ ଏନଏସି ମହମ୍ମଦ ଜୁନେଦ,ନୂଆପଡା ଏନଏସି ଆଲୋକ ଗୁରୁ ପ୍ରମୁଖ ସମେତ ଶତାଧିକ କଂଗ୍ରେସ କର୍ମୀ ଦସ୍ତଖତ କରିଛନ୍ତି।

# ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ: ଜିଲା ସମନ୍ୱୟ କମିଟି ବୈଠକ

**ଭବାନୀପାଟଣା,୧୭।୬ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଶନିବାର ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାର ଯୁବପିଢୀଙ୍କୁ ତମାଖୁ ସେବନର ଭୟାବହ ପରିଣାମ ବିଷୟରେ ସଚେତନତା ଓ ନିରାକରଣ ଅଭିଯାନ ଉପରେ ବିଶେଷ ଆଲୋଚନା ହୋଇଥିଲା। ତମାଖୁ ମୁକ୍ତ ଜିଲା ପାଇଁ ବିଭିନ୍ନ ପଦକ୍ଷେପ, ସଚେତନତା କାର୍ଯ୍ୟକ୍ରମ, ବିଦ୍ୟାଳୟରେ ତମାଖୁ ମୁକ୍ତ ପରିବେଶ, ସିଓଟିପିଏ ନିୟମ ୨୦୨୩କୁ ରୂପାୟନ ଓ ତ୍ୱରାନ୍ୱିତ ପଦକ୍ଷେପ, ସ୍କ୍ୱାଡ୍ ଓ ଫାଇନ୍, ତମାଖୁ ମୁକ୍ତ ଗ୍ରାମ ଘୋଷଣା ଉପରେ ବିଶେଷ ଯୋଜନାକୁ ରୂପାୟନ ପାଇଁ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଜନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂସ୍ଥା, ସମ୍ପୃକ୍ତ ସରକାରୀ ଅଧିକାରୀ, ଶିକ୍ଷକ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ରମାନଙ୍କୁ ସାମିଲ କରାଯାଇଛି। ୨୦୨୨-୨୩ ରେ କାର୍ଯ୍ୟକାରୀ ସ୍କ୍ୱାଡ୍ ଦ୍ୱାରା ୧୨ଟି ଜାଗାରେ ଚଢାଉ କରାଯାଇ ୧୮୧ ଆଇନ ଉଲଘଂନକାରୀଙ୍କଠାରୁ ୩୩,୫୦୦ ଟଙ୍କା ଫାଇନ୍ ଆଦାୟ କରାଯାଇଥିଲା। ସେହିପରି ଏହି କାର୍ଯ୍ୟକ୍ରମ ୩୧।୫।୨୦୨୩ ରୁ ୩୧।୭।୨୦୨୩ ପର୍ଯ୍ୟନ୍ତ ଚାଲୁରହିବ। ୨୦୨୩-୨୪ରେ ୯୨ ବିଦ୍ୟାଳୟ ଓ ୬ ମହାବିଦ୍ୟାଳୟରେ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ରୂପେ ଘୋଷଣା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବୈଠକରେ ସିଡିଏମଓ ଡ.ଗିରିଶ ଚନ୍ଦ୍ର ରାଉତ, ଡିପିଏଚ୍ଓ ଡ .ମନୋଜ ମାଝୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ନନ୍ଦ, ଡିପିଏମ ଅବନୀ ମହାପାତ୍ର, ଡିଆଇପିଆର୍ଓ ମନୋଜ ବେହେରା, ଡିଏଲଓ ସୁବାସ ଚନ୍ଦ୍ର ମଣ୍ଡଳ, ଡିପିଓ ପ୍ରହ୍ଲାଦ ପ୍ରଧାନ,ଅବକାରୀ ଅଧୀକ୍ଷକ ରଞ୍ଜନ ନାୟକ, ତଥା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏପିଡେମୀଓଲୋଜିଷ୍ଟ ନିହାର ରଞ୍ଜନ ଠାକୁର ପରିଚାଳନା କରିଥିଲେ।




ଜିଲା ସମନ୍ୱୟ କମିଟି ବୈଠକରେ ଅଧିକାରୀ।

## ସଂକ୍ଷେପରେ

### ସ୍ଥାପନ ହେବ ବୀର ବିକ୍ରମାଦିତ୍ୟ ସିଂହ ବରିହାଙ୍କ ପ୍ରତିମୂର୍ତ୍ତି

**ପାଇକମାଲ,୧୭।୬(ବଡ ଶତପଥୀ):** ପାଇକମାଲର ନୃସିଂହନାଥଠାରେ ବୋଡାସମ୍ବର ଜମିଦାର ସ୍ୱର୍ଗତ ବୀର ବିକ୍ରମାଦିତ୍ୟ ସିଂହ ବରିହା ସ୍ମୃତି କମିଟିର ପ୍ରଥମ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜବାହାରଲାଲ ସିଂ ବରିହା ଏଥିରେ ଅଧକ୍ଷତା କରିଥିଲେ। ବିକ୍ରମାଦିତ୍ୟଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତି ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ସ୍ଥାପନ କରିବା ସହ ଏକ ସ୍ମରଣିକା ପ୍ରକାଶନ ଓ ପ୍ରତିବର୍ଷ ତାଙ୍କ ଜନ୍ମଦିନ ପାଳନ କରିବା ପାଇଁ ସ୍ଥିର କରାଯାଇଥିଲା। ସୁରେନ୍ଦ୍ର ପ୍ରତାପ ସିଂହ ବରିହାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଆଇନଜୀବୀ ରାଜ କିଶୋର ସାହୁ ସଭା ପରିଚଳନା କରିଥିଲେ। ସ୍ମୃତି କମିଟି ସଦସ୍ୟ ଅଖିଳ ନେଗୀ, ସଦାଶିବ ବରିହା, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଜଗଦୀଶ ସାହୁ ମଞ୍ଚାସୀନ ଥିଲେ। ଅବିନାଶ ମିଶ୍ର, ଅଶୋକ ବହିଦାର, ଯୋଗେଶ୍ୱର ବରିହା, ଡା. ମୋହନ ପ୍ରସାଦ ନାୟକ, ଦୁର୍ଗାପ୍ରସାଦ ଅଗ୍ରୱାଲ, ଗୋବିନ୍ଦ ପଟେଲ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟା, ସୁରେଶ ରାମଚନ୍ଦାନୀ, ଡା. ନାରାୟଣ ପୁରୋହିତ, ସୁଶାନ୍ତ ନାଗ, ତୁଳାବତୀ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

### ଆକାଶରୁ ଅଗ୍ନିବର୍ଷା ଜାରି

**କ୍ରମାଗତ ଦ୍ୱିତୀୟ ଦିନରେ ସୁବର୍ଣ୍ଣପୁର ରାଜ୍ୟର ସବୁଠୁ ଉତ୍ତପ୍ତ**

**ସୋନପୁର,୧୭।୬(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଜିଲାରେ ପାରଦ ଉପରମୁହାଁ ହୋଇଛି । ଆକାଶରୁ ସତେ ଯେପରି ଅଗ୍ନି ବର୍ଷୁଛି । ଶୁକ୍ରବାର ଭଳି ଶନିବାର କ୍ରମାଗତ ଦ୍ୱିତୀୟ ଦିନ ପାଇଁ ସୁବର୍ଣ୍ଣପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି । ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୫.୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଶୁକ୍ରବାର ତାପମାତ୍ରା ୪୫.୬ ଡିଗ୍ରୀ ସେଲସିୟସ ଥିଲା । ଜିଲାର ସର୍ବୋଚ୍ଚ ତାପମାତ୍ରା କିଛି ଦିନ ହେବ ପ୍ରାୟ ୪୪ ଡିଗ୍ରୀ ଉପରେ ରହୁଥିଲା। ପ୍ରବଳ ତାତିରେ ଲୋକେ ଆଉଟୁ ପାଉଟୁ ହେଉଛନ୍ତି। ମହାନଦୀ ଓ ତେଲନଦୀ ତିନି ପଟୁ ଘେରି ରହିଥିବା ଏହି ସହର ଧିରେ ଧିରେ ତତଲା କଡେଇରେ ପରିଣତ ହେଲାଣି । ନଦୀରେ ଜଳ ପ୍ରବାହ ହ୍ରାସ ପାଇଥିବା ବେଳେ ନଦୀ ଶଯ୍ୟାର ପଥର ଖଣ୍ଡ ଓ ବାଲି ପାଇଁ ତାତି ବଢୁଛି । ସେହିପରି ରାଜାରାଜୁଡା ଅମଳରୁ ଥିବା ଜଳାଶୟଗୁଡିକ ପୋତି ହୋଇଗଲାଣି । ଏପ୍ରିଲ ମାସ ଆରମ୍ଭରୁ ଆକାଶରୁ ନିଆଁ ବର୍ଷିବା ଆରମ୍ଭ ହୋଇଛି। ଲୋକେ ତ୍ରାହି ତ୍ରାହି ଡାକିଲେଣି । ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏଁ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ପ୍ରବଳ ଖରା ଓ ଝାଞ୍ଜି ପବନ ଯୋଗୁ ରାସ୍ତାରେ ଯାତାୟତ କରିବା ମୁସ୍କିଲ ହୋଇପଡୁଛି। ରାସ୍ତାଘାଟ ଖାଁ ଖାଁ ଲାଗୁଛି । ଶନିବାର ଠାରୁ ସକାଳୁଆ ଅଫିସ ବଦଳରେ ପୂର୍ବାହ୍ନ ୧୦ଟାରେ ଅଫିସ ଖୋଲିଥିଲା । ମାତ୍ର ଅଫିସକୁ ସାଧାରଣ ଲୋକେ ଆସିବା ଦେଖିବାକୁ ମିଳି ନ ଥିଲା ।।


**ସୁବର୍ଣ୍ଣପୁର ଜିଲା:** ପ୍ରଚଣ୍ଡ ଖରା ଯୋଗୁ ସୋନପୁର ବ୍ଲକ ଛକ ଖାଁ ଖାଁ ।

# ୩୨ ଘଣ୍ଟା ପରେ ଡିଏଚ୍ଏଚ୍‌ରେ ପାଣି ମିଳିଲା

**ସୋନପୁର,୧୭।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍)ରେ ଶନିବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରରୁ ବିଭିନ୍ନ ୱାର୍ଡକୁ ସଂଯୋଗ କରୁଥିବା ପାଣି ପାଇପ ଲାଇନ୍ ଫାଟି ଯାଇଥିଲା। ପାଇପ ଲାଇନ ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଠା ନିର୍ମାଣ ହୋଇଥିବାରୁ ପାଣି ପାଇପ୍ ଫାଟିଥିବା ଅଭିଯୋଗ ହୋଇଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଅପରାହ୍ନରୁ ମରାମତି କାମ ଚାଲିଥିଲେ ହେଁ ତାହା ସମ୍ପୂର୍ଣ୍ଣ ହେବାକୁ ଦୀର୍ଘ ୩୨ ଘଣ୍ଟା ଲାଗିଲା। ଏହି ସମୟ ଭିତରେ ଇନ୍‌ଡୋରରେ ଚିକିତ୍ସିତ ହେଉଥିବା ଶତାଧିକ ରୋଗୀ ଓ ପରିଜନ ପାଣି ପାଇଁ ହନ୍ତସନ୍ତ ହେଲେ। ଶୌଚ ପାଇଁ ରୋଗୀଙ୍କୁ ପାଣି ଟୋପାଏ ମିଳିଲାନି। ସେମାନଙ୍କ ଦୁଃଖ ଶୁଣିବାକୁ କେହି ନଥିଲେ। ବିକଳ୍ପ ବ୍ୟବସ୍ଥା କରା ଯାଇ ନଥିଲା । ତେବେ ପାଇପ ମରାମତି ପରେ ଶନିବାର ରାତି ୯ଟା ପରେ ଚିକିତ୍ସାଳୟର ବିଭିନ୍ନ ବିଭାଗକୁ ଜଳଯୋଗାଣ ହୋଇଛି। ଏଠାରେ ଶନିବାର ସର୍ବୋଚ୍ଚ ତାପମାତ୍ରା ୪୫.୭ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମରେ ରୋଗୀ ହଇରାଣ ହୋଇଥିଲେ। ଶଯ୍ୟା ଅଭାବରୁ ରୋଗୀ ବାରଣ୍ଡାରେ ଶୋଇ ରହି ଚିକିତ୍ସିତ ହେଉଥିବା ବେଳେ ପାଣି ଅଭାବ ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଥିଲା। ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଏବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଅଛନ୍ତି । ତାଙ୍କ ନିର୍ବାଚନ ମଣ୍ଡଳୀରେ ଥିବା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ସ୍ଥିତିକୁ ନେଇ ସୋସିଆଲ ମିଡିଆରେ ଜୋର ଚର୍ଚ୍ଚା ହୋଇଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ଜିଲାର ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଘଲା ଗ୍ରାମର ବୃଦ୍ଧା ରୁକ୍ମଣୀ ସାହୁଙ୍କ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିଲା। ମୃତଦେହକୁ ଘରକୁ ନେବା ପାଇଁ ମହାପ୍ରାୟାଣ ଗାଡି ମିଳି ନଥିଲା। ଫଳରେ ରୁକ୍ମଣୀଙ୍କ ମୃତଦେହକୁ ସାଇକେଲରେ ଘରକୁ ନେବାକୁ ପଡିଥିଲା। ଏହି ଉଭୟ ଘଟଣା ଜିଲାର ସ୍ୱାସ୍ଥ୍ୟସେବାର ସ୍ଥିତିକୁ ପଦାରେ ପକାଇଛି ।


ଡାକ୍ତରଖାନାରେ ପାଣି ଅପେକ୍ଷାରେ ରୋଗୀମାନେ ।

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲାରେ ରୋଗୀ ହନ୍ତସନ୍ତ**

## ମନ ମୋହୁଛି 'କରମଣ୍ଡଳ ଦେଲା ଦାରୁଣ ଦୁଃଖ'

**ବାଉଁଶୁଣୀ,୧୭।୬(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ଅନ୍ତର୍ଗତ ବଉଦିଆପଡ଼ା ଗ୍ରାମର କୁନି କଳାକାର ଏବଂ ଯୁବ କଳାକାରମାନଙ୍କ ପ୍ରଚେଷ୍ଟାରେ ବାଲେଶ୍ୱର ବାହାନଗା ଟ୍ରେନ ଦୁର୍ଘଟଣାକୁ ନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଏହି କ୍ଷୁଦ୍ର ଚଳଚ୍ଚିତ୍ରକୁ ସୁମନ୍ତ ମେହେର ରଚନା କରିବା ସହିତ ନିର୍ଦ୍ଦେଶନା ଦେଇଛନ୍ତି। ବାହାନଗା ଟ୍ରେନ ଦୁର୍ଘଟଣାରେ ଶହ ଶହ ଯାତ୍ରୀ ପ୍ରାଣ ହରାଇଛନ୍ତି। ପ୍ରାଣ ହରାଇଥିବା ଯାତ୍ରୀମାନେ ସମସ୍ତେ ନିଜ ନିଜ କର୍ତ୍ତବ୍ୟ ପଥରେ ଯାତ୍ରା କରୁଥିଲେ। କିନ୍ତୁ ବାହାନଗାଠାରେ ପୂର୍ବରୁ ଜଗି ବସିଥିବା ଯମ ଟାଣି ନେଇଗଲା କେତେ ଲୋକଙ୍କ ଜୀବନ। ଏହି କ୍ଷୁଦ୍ର ଚଳଚ୍ଚିତ୍ରର କାହାଣୀ ହେଲା ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ନିଜ ଅଞ୍ଚଳରେ କାମ ନ ପାଇବା ପରେ ପରିବାର ଚଳାଇବା ପାଇଁ ବାହାର ରାଜ୍ୟକୁ କାମ କରିବା ପାଇଁ ଯାଇଥିଲା। ସେଠାରୁ ସେ ନିଜ ପିଲାଙ୍କ ପାଇଁ କିଛି ସାମଗ୍ରୀ ଓ ସ୍ତ୍ରୀ ପାଇଁ ଶାଢୀ ଆଣି ଖୁସିରେ ଘରକୁ ଫେରିବା ବାଟରେ କରମଣ୍ଡଳ ଟ୍ରେନ ଦୁର୍ଘଟଣାରେ ତାର ଜୀବନ ଚାଲିଗଲା। ଦୁର୍ଘଟଣାରେ ସ୍ୱାମୀଙ୍କ ଜୀବନ ଚାଲିଯାଇଥିବା ଖବର ପାଇ ସ୍ତ୍ରୀର ଦୁଃଖ କଣ ? ଏହାଛଡା ଦୁର୍ଘଟଣାଜନିତ ଶୋକ, ଦୁଃଖ, ସନ୍ତାପ ଓ ଅସହାୟତାକୁ ଅଭିନୟ ମାଧ୍ୟମରେ ବଖାଣିଛନ୍ତି କଳାକାର। ଏହାସହ ଗୁରୁତର ଯାତ୍ରୀଙ୍କ ରକ୍ତର ଆବଶ୍ୟକତା ଥିବା ଜାଣି ଯୁବକମାନେ କେମିତି ରକ୍ତଦାନ କରି ଜୀବନ ବଞ୍ଚାଇବା ପାଇଁ ବାହାରି ପଡ଼ିଥିଲେ ସେସବୁ ନେଇ ସମାଜକୁ ବାର୍ତ୍ତା ଦେଲା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏହି କ୍ଷୁଦ୍ର ଚଳଚ୍ଚିତ୍ର ମେହେର ଏଣ୍ଟରଟେନମେଣ୍ଟ ୟୁଟ୍ୟୁବ ଚ୍ୟାନେଲରେ ଅପଲୋଡ଼ ହୋଇଥିବା ବେଳେ କମ ସମୟ ମଧ୍ୟରେ ହଜାର ହଜାର ଦର୍ଶକ ଦେଖିଛନ୍ତି। ଏକ ହୃଦୟସ୍ପର୍ଶୀ ଘଟଣାକୁ ଜୀବନ୍ତ ଅଭିନୟ କରିଥିବା କୁନି କଳାକାରମାନଙ୍କୁ ନିଜ ନିଜ ମତାମତ ଦେଇ ଉତ୍ସାହିତ କରିଛନ୍ତି ଦର୍ଶକ। ଏହି କ୍ଷୁଦ୍ର ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ବାପା-ଶଶାଙ୍କ ଶେଖର ମେହେର, ମାଆ ଏ. ମେହେର ଅଭିନୟ କରିଥିଲେ । ପୁଅ ଭୂମିକାରେ ଅଧିବାସ ମେହେର, ସ୍ୱାଧୀନ ମେହେର, ଏ. ମେହେର, ରକ୍ତଦାତା ଭୂମିକାରେ ବାଦଲ ମେହେର, ଶୁଭମ ମେହେର, ବିନୋଦ ମେହେର,ମିଳନ ମେହେର ଅଭିନୟ କରିଥିଲେ । ଏହି କ୍ଷୁଦ୍ର ଚଳଚ୍ଚିତ୍ରଟିକୁ କ୍ୟାମେରାମ୍ୟାନ ଅକ୍ରୁର ମେହେର ସୁଟିଂ କରିଥିଲେ।




## ଦୁଇ ଟପ୍ପରଙ୍କୁ ସମ୍ବର୍ଦ୍ଧନା


କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଅମରପାଲି,୧୭।୬(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସାମ୍ବାଦିକ ଭବନ ସଭାଗୃହଠାରେ ଭାଜପା ପକ୍ଷରୁ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାର ଟପ୍ପରଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ଭାଜପା ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାସଙ୍କ ପୌରୋହିତ୍ୟରେ ସମ୍ବର୍ଦ୍ଧନା ସଭା ହୋଇଥିଲା । ଏଥିରେ ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବାଧିକ ନମ୍ବର ରଖି ପାସ କରିଥିବା ଛାତ୍ରୀ ବିଶ୍ୱରୂପା ସାହୁ ଏବଂ ଯୁକ୍ତ ଦୁଇ କଳାରେ ଜିଲାରେ ସର୍ବାଧିକ ନମ୍ବର ରଖି ପାସ୍ କରିଥିବା ଛାତ୍ରୀ ସୌଭାଗ୍ୟବତୀ ଥନାପତିଙ୍କୁ ଦଳ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ.ରଘୁନାଥ ଜଗଦଲା ଓ ବୀରମହାରାଜପୁରର ପୂର୍ବତନ ବ୍ଲକ ଅଧକ୍ଷ ସନ୍ତୋଷ କୁମାର ଭୋଇ ଯୋଗଦେଇ ଛାତ୍ରୀ ଦ୍ୱୟଙ୍କୁ ସମ୍ମାନିତ କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ନିଜସ୍ୱ ପାଣ୍ଠିରୁ ଉଭୟ ଛାତ୍ରୀଙ୍କୁ ୧୧ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ମଧ୍ୟ ପ୍ରଦାନ କରିଛନ୍ତି। ଏହାସହିତ ଦଳ ତରଫରୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଇଛି।

## ପ୍ରଶାସନ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**କୋକସରା,୧୭।୬**
**(ଦୁଷ୍ମନ୍ତ କୁମାର ପାଇଯୋଷୀ)**

ଚଳିତ ମାଟ୍ରିକ, ଉଚ୍ଚ ମାଧ୍ୟମିକ, ୟୁପିଏସସି ଓ ନିଟ୍ ପରୀକ୍ଷାରେ କୋକସରା ବ୍ଲକ ପାଇଁ ଗୌରବ ଆଣିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ଶନିବାର କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମାନପତ୍ର ସହ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ କୋକସରା ବିଡ଼ିଓ ଉତ୍ତମ କୁମାର ବାଗ, ତହସିଲଦାର ଦେବବ୍ରତ କରାଟି, ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝୀ, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଆଲୁମିନା କ୍ରୀଷ୍ଟା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିବା ପରେ ବ୍ଲକର ମାଟ୍ରିକ, ଯୁକ୍ତ ଦୁଇ, ୟୁପିଏସସି, ନିଟ ପରୀକ୍ଷାର୍ଥୀଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଆଗକୁ ମଧ୍ୟ ଭଲ ପାଠପଢି ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରି ବ୍ଲକର ନାମ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୋକସରା ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୨୨ ଛାତ୍ରୀଛାତ୍ର, ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ୨ ଜଣ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅତିଥିମାନେ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ଏହା ବ୍ୟତୀତ ବ୍ଲକର କାଉଡୋଳା ଗ୍ରାମର ସିଦ୍ଧାନ୍ତ ବେଶ୍ରା ସର୍ବଭାରତୀୟ ପ୍ରଶାସନିକ ସେବା ୟୁପିଏସସିରେ ୮୯୯ ରେଙ୍କ ଓ ନିଟ ପରୀକ୍ଷାରେ ସର୍ବ ଭାରତୀୟ ରେଙ୍କ ୧୫୫୭୦ ରେ ସଫଳତା ପାଇଥିବା ମୋଟେର ଗ୍ରାମର ସୁଶାନ୍ତ କୁମାର ନାଏକଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଛାତ୍ରୀଛାତ୍ରମାନେ ସମ୍ବର୍ଦ୍ଧିତ ହେବାପରେ ଏହିଭଳି ସମ୍ବର୍ଦ୍ଧନା ଉତ୍ସବ ଆମକୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। ଏହା ବ୍ୟତୀତ ମୋ ସ୍କୁଲ ଅଭିଯାନରେ ମହତ ଅବଦାନ ପାଇଁ ଲଡୁଗାଁ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ରୀ କ୍ରୀଷ୍ଟା ଅଗ୍ରୱାଲଙ୍କୁ ବେଷ୍ଟ ଆଲୁମିନା ଭାବେ ଟ୍ରଫି ଦେଇ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କ୍ରୀଷ୍ଟା ଛାତ୍ରୀଛାତ୍ରଙ୍କୁ ଜୀବନରେ ସଫଳ ମଣିଷ ହେବାକୁ ଶିକ୍ଷା, ବାପା ମା'ଙ୍କ ସଂସ୍କାର, ଗୁରୁଙ୍କ ଆଶୀର୍ବାଦ ହିଁ ପ୍ରେରଣା ଦେଇଥାଏ ବୋଲି ପରାମର୍ଶ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ନୋଡାଲ ସିଆରସି ବୈକୁଣ୍ଠ ଜାଲ, ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗ ପ୍ରମୁଖ ସହଯୋଗ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସରେ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ଓ ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।


ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## ମୁକ୍ତା ଯୋଜନାର ଶୁଭାରମ୍ଭ

**କଣ୍ଟାବାଞ୍ଜି, ୧୭।୬(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦରସ୍ଥିତ ଉତ୍ସାନ ହାଉସରେ ଭିଡିଓ କନଫରେନସିଂ ଯୋଗେ ମୁକ୍ତା ଯୋଜନାର ବିଭିନ୍ନ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଏହା କଣ୍ଟାବାଞ୍ଜି ଏନଏସିର ୧୬ ୱାର୍ଡର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମକୁ ୫ଟି ସଚିବ ଭି.କେ.ପାଣ୍ଡିଆନ ଭିଡିଓ କନଫରେନସିଂ ଯୋଗେ ଭୁବନେଶ୍ୱରରୁ ଉଦ୍‌ଘାଟନ କରିଛନ୍ତି। ୪୭ଟି ଯୋଜନାରୁ ୩୭ଟି ରାସ୍ତା ଓ ୧୦ଟି ଓପନ ସ୍ପେସ ଡେଭଲପମେଣ୍ଟ ମଧ୍ୟରେ ମିନି ପାର୍କ ରହିଛି । ସମସ୍ତ ୪୭ଟି ଯୋଜନା ପାଇଁ ୩କୋଟି ୫୦ଲକ୍ଷ ବ୍ୟୟ ବରାଦ ହୋଇଛି। ଯୋଜନାର ଶୁଭାରମ୍ଭ ସମୟରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଏନଏସି ନଗରପାଳ ବରିୟାମ ସିଂ ସାଲୁଜା, ଉପାଧକ୍ଷା ମନୋରମା ରାଉତ, ଏନଏସି ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ, କଣ୍ଟାବାଞ୍ଜି ଏନଏସିର ସମସ୍ତ କାଉନସିଲରଙ୍କ ସହ ୩ଟି ସକ୍ରିୟ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ସଭ୍ୟା ଉପସ୍ଥିତ ଥିଲେ ।

## ବୃକ୍ଷରୋପଣରେ ପ୍ରକୃତି ବନ୍ଧୁଙ୍କ ବଦାନ୍ୟତା

**ବରଗଡ଼,୧୭।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜର୍ଜ ହାଇସ୍କୁଲରୁ ନିକଟ ଅତୀତରେ ଅବସର ଗ୍ରହଣ କରିଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ଡ. ଡୋଲାମଣି ଶତପଥୀ ବୃକ୍ଷରୋପଣ ପାଇଁ ୨ ଅନୁଷ୍ଠାନକୁ ୧୦ହଜାର ଟଙ୍କା ଲେଖାଏଁ ଦାନ କରିଛନ୍ତି। ବରଗଡ଼ ଖଣ୍ଡହଥାର ନିଷ୍ଠା ପରିବାର ଏବଂ ଭେଡ଼େନ ବ୍ଲକ କୁବେଡ଼େଗା ହାଇସ୍କୁଲକୁ ସେ ଏହା ଦାନ କରିଛନ୍ତି। ଡ. ଶତପଥୀ ନିଜ ପେନସନ ଟଙ୍କାରୁ ଏହା ଦାନ କରିଥିବାବେଳେ ତାଙ୍କର ଏଭଳି ବଦାନ୍ୟତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ଶତପଥୀ ଏହା ଦାନ କରିଥିବାବେଳେ ବୃକ୍ଷରୋପଣ ପାଇଁ ପ୍ରତିବର୍ଷ ସେ ଏଭଳି ୨ ଅନୁଷ୍ଠାନକୁ ୧୦ହଜାର ଟଙ୍କା ଲେଖାଏଁ ଦାନ କରିବେ ବୋଲି ସେ ଘୋଷଣା କରିଥିଲେ। ସାହିତ୍ୟିକ ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର: ୫୩ ୟୁନିଟ ରକ୍ତ ସଂଗ୍ରହ

**ତରଭା,୧୭।୬(ମାନଭଞ୍ଜନ ମିଶ୍ର)**

ଓଡିଶା ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚ ତରଭା ଶାଖା ପକ୍ଷରୁ ସ୍ଥାନୀୟ ମାରୱାଡି ଧର୍ମଶାଳାଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମାରୱାଡି ଯୁବାମଞ୍ଚ ସଭାପତି ପ୍ରବୀଣ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତରଭା ଆଇଆଇସି ଅନିତା ଟିଟୋ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କ୍ଷୀରୋଦ କୁମାର ମିଶ୍ର, ମାଙ୍ଗେଲାଲ ଅଗ୍ରୱାଲ, ଅଖିଳ ଭାରତୀୟ ମାରୱାଡି ଯୁବାମଞ୍ଚର ଉପସଭାପତି ଦୀପକ ଛାପାଡିଆ ଯୋଗ ଦେଇଥିଲେ। ନିଖିଳ ଭାରତୀୟ ମାରୱାଡି ଯୁବାମଞ୍ଚ ଜୋନ ୫ର ସଙ୍ଗଠକ ପୀୟୁଷ ଅଗ୍ରୱାଲ ଉପସ୍ଥିତ ଥିଲେ। ଶିବିରରେ ୫୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଡା. ଦେବୀ ପ୍ରସାଦ ମହାପାତ୍ର, ସୁଜିତ କୁମାର ପୁରୋହିତ, ଶେଖ ଅବଦୁଲ ଅସରଫ, ଜୟଶ୍ରୀ ବେହେରା, ରଞ୍ଜିତ ବେହେରା, ଅକ୍ଷୟ ବାଗ, ଦେବେନ୍ଦ୍ର ନନ୍ଦ ଓ ଶ୍ରୀୟାକାନ୍ତ ପଟେଲ ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ। ମାରୱାଡି ଯୁବାମଞ୍ଚ, ମିଳିତ ଶିକ୍ଷକ ସଂଘ, ମାହେଶ୍ୱରୀ ସଂଗଠନ ଓ ଡ୍ରାଇଭର ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ।


ଶିବରରେ ଜଣେ ରକ୍ତଦାତା ରକ୍ତ ଦେଉଛନ୍ତି।

## ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ: ଜିଲା ସମନ୍ୱୟ କମିଟି ବୈଠକ

**ଭବାନୀପାଟଣା,୧୭।୬**
**(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଶନିବାର ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାର ଯୁବପିଢୀଙ୍କୁ ତମାଖୁ ସେବନର ଭୟାବହ ପରିଣାମ ବିଷୟରେ ସଚେତନତା ଓ ନିରାକରଣ ଅଭିଯାନ ଉପରେ ବିଶେଷ ଆଲୋଚନା ହୋଇଥିଲା। ତମାଖୁ ମୁକ୍ତ ଜିଲା ପାଇଁ ବିଭିନ୍ନ ପଦକ୍ଷେପ, ସଚେତନତା କାର୍ଯ୍ୟକ୍ରମ, ବିଦ୍ୟାଳୟରେ ତମାଖୁ ମୁକ୍ତ ପରିବେଶ, ସିଓପିଟିଏ ନିୟମ ୨୦୨୩କୁ ରୂପାୟନ ଓ ତ୍ୱରାନ୍ୱିତ ପଦକ୍ଷେପ, ସ୍କ୍ୱାଡ୍ ଓ ଫାଇନ୍, ତମାଖୁ ମୁକ୍ତ ଗ୍ରାମ ଘୋଷଣା ଉପରେ ବିଶେଷ ଯୋଜନାକୁ ରୂପାୟନ ପାଇଁ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଜନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂସ୍ଥା, ସମ୍ପୃକ୍ତ ସରକାରୀ ଅଧିକାରୀ, ଶିକ୍ଷକ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ରମାନଙ୍କୁ ସାମିଲ କରାଯାଇଛି। ୨୦୨୨-୨୩ ରେ କାର୍ଯ୍ୟକାରୀ ସ୍କ୍ୱାଡ୍ ଦ୍ୱାରା ୧୨ଟି ଜାଗାରେ ଚଢାଉ କରାଯାଇ ୧୮୧ ଆଇନ ଉଲଘଂନକାରୀଙ୍କଠାରୁ ୩୩,୫୦୦ ଟଙ୍କା ଫାଇନ୍ ଆଦାୟ କରାଯାଇଥିଲା। ସେହିପରି ଏହି କାର୍ଯ୍ୟକ୍ରମ ୩୧।୫।୨୦୨୩ ରୁ ୩୧।୭।୨୦୨୩ ପର୍ଯ୍ୟନ୍ତ ଚାଲୁରହିବ। ୨୦୨୩-୨୪ରେ ୯୨ ବିଦ୍ୟାଳୟ ଓ ୬ ମହାବିଦ୍ୟାଳୟରେ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ରୂପେ ଘୋଷଣା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବୈଠକରେ ସିଡିଏମଓ ଡ.ଗିରିଶ ଚନ୍ଦ୍ର ରାଉତ, ଡିପିଏଚ୍ଓ ଡ .ମନୋଜ ମାଝୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ନନ୍ଦ, ଡିପିଏମ ଅବନୀ ମହାପାତ୍ର, ଡିଆଇପିଆର୍ଓ ମନୋଜ ବେହେରା, ଡିଏଲଓ ସୁବାସ ଚନ୍ଦ୍ର ମଣ୍ଡଳ, ଡିପିଓ ପ୍ରହ୍ଲାଦ ପ୍ରଧାନ,ଅବକାରୀ ଅଧୀକ୍ଷକ ରଞ୍ଜନ ନାୟକ, ତଥା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏପିଡେମୀଓଲୋଜିଷ୍ଟ ନିହାର ରଞ୍ଜନ ଠାକୁର ପରିଚାଳନା କରିଥିଲେ।



ଜିଲା ସମନ୍ୱୟ କମିଟି ବୈଠକରେ ଅଧିକାରୀ।

## ସଂକ୍ଷେପରେ

### ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଅଂଶୁଘାତଜନିତ ମୃତ୍ୟୁ ସନ୍ଦେହ

**କୁଆଁରମୁଣ୍ଡା,୧୭।୬ (ମହେନ୍ଦ୍ର କୁମାର ସାହୁ) :** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ସରଣ୍ଡାମାଲର ରାଜେଶ ସୁରିନ(୪୦) ନାମକ ଜଣେ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଏକ ଆମ୍ବ ଗଛମୂଳେ ଶନିବାର ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଏହା ଅଂଶୁଘାତଜନିତ ବୋଲି ପରିବାର ତଥା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ମୃତଦେହକୁ କୁଆଁରମୁଣ୍ଡା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଛି । ରବିବାର ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ। ସୂଚନା ଥାଉକି, ରାଜେଶ ବଣେଇ ତହସିଲର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ। ରଜ ଛୁଟିରେ ସେ ଘରକୁ ଆସିଥିଲେ। ଶନିବାର ସକାଳ ୮ଟାରେ ସେ ଘରୁ ବାହାରଥିଲେ। ଘର ନିକଟରୁ ପ୍ରାୟ ଅଧ କି.ମି ଦୂରରେ ଥିବା ଏକ ଆମ୍ବଗଛ ମୂଳେ ଶୋଇଥିବା ଦେଖି ଗ୍ରାମାବସୀ ଉଠାଇବାକୁ ଚେଷ୍ଟା କରିଥିଲେ। ହେଲେ ରାଜେଶ ନ ଉଠିବାରୁ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚି କୁଆଁରମୁଣ୍ଡା ଫାଣ୍ଡିକୁ ଖବର ଦେଇଥିଲେ।

### ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ଶିବିର

**ସୁନ୍ଦରଗଡ଼,୧୭।୬(ଜୟନାରାୟଣ ମେଣ୍ଡୁଲି) :** ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ତସଲାଡ଼ିହି ଗ୍ରାମରେ ଆର୍ଥିକ ସେବା ବିଭାଗ, ଆର୍ଥିକ ମନ୍ତ୍ରାଳୟ ଓ ଭାରତ ସରକାରଙ୍କ ଆନୁକୂଲ୍ୟରେ ଏକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଂସଦ ଜୁଏଲ ଓରାମ, ବିଧାୟିକା କୁସୁମ ଟେଟେ, ଆର୍ଥିକ ସେବା ବିଭାଗର ନିର୍ଦ୍ଦେଶିକା ସୁଷମା କିଣ୍ଡୋ, ରାଜ୍ୟ ସ୍ତରୀୟ ବ୍ୟାଙ୍କ କମିଟି ଆବାହକ ଲିଙ୍ଗରାଜ ନାୟକ, ସମ୍ବଲପୁର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ମଣ୍ଡଳ ଅଜିତ କୁମାର ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଜନ ସୁରକ୍ଷା ବୀମା ଯୋଜନା ଓ ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟାତି ବୀମା ଯୋଜନା ଗୁଡ଼ିକର ଉପକାରିତା ସମ୍ପର୍କରେ ଅତିଥିମାନେ କହିଥିଲେ। ଏହି ସବୁ ଯୋଜନାରେ ସାମିଲ ହେବାପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ମୁଖ୍ୟ ଅଜିତ କୁମାର ମେହେର ଧନ୍ୟବାଦ ଦେଇଥିଲେ।

### ନାବାଳିକା ଅପହରଣ, ଯୁବକ କୋର୍ଟ ଚାଲାଣ

**କୋକସରା,୧୭।୬ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** ଜଣେ ନାବାଳିକାଙ୍କୁ ଗତ ୨ ମାସ ତଳେ ଅପହରଣ ଓ ପ୍ରେମ ପ୍ରତାରଣା ଅଭିଯୋଗରେ କଳାହାଣ୍ଡି ଜିଲା କୋକସରା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନୂଆପଡାର ନିତ୍ୟାନନ୍ଦ ପାଣିଗ୍ରାହୀ(୧୯)। ଅଞ୍ଚଳର ଜଣେ ନାବାଳିକାଙ୍କୁ ସେବିବାହର ପ୍ରତିଶ୍ରୁତି ଦେଇ ୨ମାସ ତଳେ ହାଇଦ୍ରାବାଦର ଗାନ୍ଧୀପୁରମରେ ନେଇ ରଖିଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଗତ ତା୮।୪।୨୩ରିଖରେ କୋକସରା ଥାନାରେ ଅଭିଯୋଗ କରାଯାଇଥିଲା।

# ବିଶେଷଜ୍ଞଙ୍କ ବିନା ଚାଲିଛି ଡାକ୍ତରଖାନା

- ରୋଗୀ ହନ୍ତସନ୍ତ
- ୫ ସର୍ଜନଙ୍କ ତତ୍ତ୍ୱାବଧାନରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର

**ବିଶ୍ରା,୧୭।୬(ବଟକୃଷ୍ଣ ସ୍ୱାଇଁ)**

ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ବିଶେଷଜ୍ଞ ଡାକ୍ତର। ଫଳରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୧ ଡାକ୍ତର ପଦବୀରୁ ମାତ୍ର ୫ ଜଣ ସର୍ଜନଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ କେନ୍ଦ୍ର ଚାଲିଛି। କେବଳ ଶିଶୁରୋଗ ବିଶେଷଜ୍ଞଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ଦିଆଯାଇଛି। ସେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ କେବେ ରୋଗୀ ଦେଖିନାହାଁନ୍ତି। ସର୍ବଦା ଅଫିସ୍ କାର୍ଯ୍ୟ ତଥା ପ୍ରଶାସନିକ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ପ୍ରତିଦିନ ଶହ ଶହ ରୋଗୀ ଏଠାକୁ ଆସୁଥିବା ବେଳେ ଡାକ୍ତରଖାନାରେ ଜଣେ ଡାକ୍ତରଙ୍କ ବ୍ୟତୀତ ଅନ୍ୟମାନଙ୍କ ଦର୍ଶନ ମିଳେନାହିଁ। କେବଳ ଆୟୁଷ ଡାକ୍ତର ଏହି ଡାକ୍ତରଖାନାକୁ ସାହା । ଏହି କେନ୍ଦ୍ରରେ ଶିଶୁ, ଶଲ୍ୟ, ଭେଷଜ, ସ୍ତ୍ରୀ-ପ୍ରସୂତି, ଅର୍ଥୋପେଡିକ୍, ଚକ୍ଷୁ ତଥା କର୍ଣ୍ଣ, ନାସା ଓ ଗଳା ବିଶେଷଜ୍ଞ ପଦବୀରେ ନିଯୁକ୍ତି ନାହିଁ । ନର୍ସ ଓ ଅନ୍ୟାନ୍ୟ କର୍ମଚାରୀଙ୍କ କଥା ନ କହିବା ଭଲ । ୧୩ ନର୍ସ ପଦବୀରୁ ୫ଟି ପଦବୀ ଖାଲି ପଡ଼ିଛି । ଆବଶ୍ୟକ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଯୁକ୍ତ ନ କରି ପଡ଼ୋଶୀ ରାଜ୍ୟରୁ ଡାକ୍ତର ଆମଦାନୀ କରିବା ସହ ରୋଗୀଙ୍କୁ ମୃତ୍ୟୁମୁଖକୁ ଠେଲି ଦିଆଯାଉଛି। ଏଠାରେ ଥିବା ଏକ୍ସରେ ମେଶିନକୁ ଉଠାଇ ଦିଆଯାଇଛି। ଫଳରେ ରୋଗୀମାନେ ଆର୍‌ଜିଏଚ୍ ଓ ଆଇଜିଏଚ୍ ଉପରେ ନିର୍ଭର କରୁଛନ୍ତି। ଦୁର୍ଘଟଣାଜନିତ ରୋଗୀ କିମ୍ବା ଗର୍ଭବତୀ ରୋଗୀଙ୍କୁ ମାଗଣାରେ ନେବାଆଣିବା ପାଇଁ ୧୦୮, ୧୦୨ ଆମ୍ବୁଲାନ୍ସ ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଯୋଗାଇ ଦିଆଯାଇଛି। ହେଲେ ଏହା ରୋଗୀଙ୍କ ସେବାରେ ଲାଗିପାରୁ ନାହିଁ । ଏହାର ଉପଯୁକ୍ତ ମରାମତି ଅଭାବରୁ ଏହା ନଷ୍ଟ ହେବାରେ ଲାଗିଛି। କୌଣସି ଗର୍ଭବତୀ ରୋଗୀ ଆସିଲେ ୧୦୨ ଆମ୍ବୁଲାନ୍ସ କର୍ମଚାରୀ ଅର୍ଥ ଦାବି କରୁଛନ୍ତି। ତେଣୁ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡ, ଆୟୁଷ୍ମାନ ଭାରତ ଯୋଜନା ପ୍ରହସନରେ ପରିଣତ ହୋଇଛି ବୋଲି ସେମାନେ କହିଛନ୍ତି। ଏନେଇ କୋକେରମା ଗ୍ରାମର ସାବନ କୁମାର ପ୍ରଧାନ କୁହନ୍ତି, ଖରାରେ ପଡ଼ିଯାଇଥିଲି । ଡାକ୍ତରଖାନା ଆସିଲି ଥରେମାତ୍ର ଡାକ୍ତର ଆସିଥିଲେ । ତା' ପରଠାରୁ ଆଉ କେବେ ଆସିନାହାନ୍ତି। ରୋଗୀଙ୍କୁ ଦିଆଯାଉଥିବା ସକାଳ ରୁଟି, ଦିନବେଳା ଭାତ ଓ ରାତିରେ ରୁଟି ଅତ୍ୟନ୍ତ ନିମ୍ନମାନର ବୋଲି ସେ କହିଛନ୍ତି। ଉଡୁଙ୍ଗ ଗ୍ରାମର ଶୁଲାବତୀ ସିଂ କହିଛନ୍ତି, ପ୍ରଥମେ ବିଶ୍ରା ଡାକ୍ତରଖାନାକୁ ଆସିଥିଲି। ହେଲେ ଏଠାରେ ଡାକ୍ତର ମୋତେ ଦେଖି ଆର୍‌ଜିଏଚ୍‌କୁ ପଠାଇ ଦେଇଥିଲେ । ସାନବିରିଙ୍ଗଝରର ପ୍ରସୂତି ମହିଳା ନରସିମା ପୂର୍ତ୍ତି କୁହନ୍ତି, ଶୁକ୍ରବାର ମୁଁ ଏଠାକୁ ଆସିଥିଲି। ଶନିବାର ମୋର ପ୍ରସବ ବେଦନା ହୋଇଥିଲା। ପ୍ରସବ ପରେ କୌଣସି ଡାକ୍ତର ମୋତେ ଦେଖିବାକୁ ଆସି ନାହାଁନ୍ତି। ମୋତେ ନିୟମିତ ଏଠାରୁ ଖାଦ୍ୟପେୟ ମିଳୁନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ । ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ପ୍ରକାଶ କୁମାର ସାହୁ ପଚାରିବାରୁ, ଡାକ୍ତର ହୁଅନ୍ତୁ ବା ବିଶେଷଜ୍ଞ ମୋ ହାତରେ ନାହାନ୍ତି। ସେସବୁ ସରକାରଙ୍କ ହାତରେ, କେବଳ ଶିଶୁ ବିଶେଷଜ୍ଞଙ୍କ ବ୍ୟତୀତ ୩ ବିଶେଷଜ୍ଞ ପଦବୀ ଖାଲିପଡ଼ିଛି । ଖାଦ୍ୟ ଯୋଗାଣ ଉପରେ ତଦାରଖ କରିବି ବୋଲି କହିଥିଲେ।

# ଶୁଖିଲା ପଡ଼ିଛି ଜଳାଶୟ, ପାଣି ପାଇଁ ଡହଳବିକଳ ପ୍ରାଣିଜଗତ



ଶୁଖିଲା ପଡ଼ିଥିବା ଜଳାଶୟ

**କୁତ୍ରା,୧୭।୬(ଦେବାଶିଷ ସାହୁ)**

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ଜଳାଶୟ ସବୁ ଶୁଖିଲା ପଡ଼ିଛି। ଫଳରେ ପାଣି ଟୋପାଏ ପାଇଁ ଡହଳବିକଳ ହେଉଛନ୍ତି ପ୍ରାଣିଜଗତ। ମେ ମାସ ସରି ଜୁନ ମାସ ସରିବାକୁ ବସିଲାଣି ତଥାପି ବର୍ଷାର ଦେଖାନାହିଁ। ଗାଁ ଗଣ୍ଡାରେ ଲୋକମାନେ ଗାଧୋଇବା ପାଇଁ ସାଧାରଣତଃ ପୋଖରୀ ତଥା ବହି ଯାଉଥିବା ଛୋଟଛୋଟ ଜଳଧାର ବା ନାଳର ପାଣି ଉପରେ ଭରସା କରିଥାନ୍ତି। ହେଲେ ପ୍ରଚଣ୍ଡ ଖରା ଯୋଗୁ ବିଭିନ୍ନ ସ୍ଥାନରେ ବହୁ ଦିନ ଧରି ଏସବୁରୁ ପାଣି ଶୁଖିଯାଇଛି। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳାଶୟ ସହିତ ନଳକୂପ, କୂଅର ପାଣି ମଧ୍ୟ ଶୁଖିଯାଉଛି। ଅନେକ ନଳକୂପରୁ ଗୋଳିଆ ପାଣି ବାହାରୁଛି। ଫଳରେ ପିଇବା ପାଣି ପାଇଁ ମଧ୍ୟ ଲୋକଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ଏଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଏମଜିଏନ୍‌ଆରଇଜିଏମ୍ ମାଧ୍ୟମରେ ପଖୋରି ଗୁଡିକରେ କିପରି ପାଣି ରହିବ ସେ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ଡାଲମିଆ ସିମେଣ୍ଟ ପକ୍ଷରୁ ରଜ ମହୋତ୍ସବ

**ରାଜଗାଙ୍ଗପୁର,୧୭।୬(ଅଶୋକ ପାଣି)**



ରଜ ମହୋତ୍ସବରେ ଉପସ୍ଥିତ ଅତିଥି ଓ କଳାକାର।

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ଥିବା ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ପକ୍ଷରୁ ୩ଦିନ ଧରି ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଝିଅ, ବୋହୂମାନଙ୍କ ମଧ୍ୟରେ ଝୋଟି, ହୁଳହୁଳି, ଶଙ୍ଖ ବଜାଇବା ପ୍ରତିଯୋଗିତା ସହ ଲୁଡୁ ଖେଳ, ଗୁଡ଼ି ଉଡ଼ାଇବା, ରଜପାନ ଓ ଦୋଳି ଖେଳ, ମ୍ୟୁଜିକାଲ ଚେୟାର, ମାର୍ବଲ ସ୍ପୁନ ରେସ, ଟଗ ଅଫ ୱାର, ସ୍କିପିଂ, ବାସ୍କେଟ ବଲ, ବୋହୂ ଚୋରି ଓ ମାଟି ହାଣ୍ଡି ରେସ ଭଳି ଅନେକ ଖେଳ ଅନୁଷ୍ଠିତ ହୋଇଥିଲା। ଶେଷ ଦିନରେ ସ୍ଥାନୀୟ କମ୍ପାନୀ ଅଡିଟୋରିଅମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଶ୍ୱିନୀ ଡାଲମିଆଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ଼ର ଜାତୀୟ ଉତ୍ପାଦନ ମୁଖ୍ୟ ଗଣେଶ ଜିରକୁଣ୍ଡୱାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡିସିବିଏଲ୍ ଓ ରାଜଗାଙ୍ଗପୁର ୟୁନିଟ୍ ମୁଖ୍ୟ ଚେତନ ଶ୍ରୀବାସ୍ତବ, ରଫ୍ୟାକ୍ଟୋରି ମୁଖ୍ୟ ବୀରେନ୍ଦ୍ର ପ୍ରସାଦ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କମ୍ପାନୀ ଡିସି ଦାସପଟ୍ଟନାୟକ ରଜ ପର୍ବର ବିଶେଷତ୍ୱ ଉପରେ ଉପସ୍ଥିତ ଦର୍ଶକଙ୍କୁ କହିଥିଲେ। ଏହି ଅବସରରେ ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ଗୀତିନାଟ୍ୟ ସଞ୍ଜୁଶ୍ରୀ ଡାଲମିଆ, ରାଧାରାଣୀ ପଟ୍ଟନାୟକ, ଜସ୍ମିନ ଦାସ, ସନ୍ଧ୍ୟା ପାଣିଗ୍ରାହୀ, ଅନୁଭା ଅଭିଲିପ୍ସା, ପ୍ରଭା ନାୟକ, ସୁନିତା ସାହୁ, ଲୁସି ମହାପାତ୍ର, ଇତିନା ମିଶ୍ର, ସାଇ ଭୱାନୀ, ଶର୍ମିଷ୍ଠା ଦାସ, ଗାରିମା ଡାଲମିଆ ଓ କଲୋନୀ ମହିଳାଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଅନ୍ୟ ଅତିଥିଭାବେ ସଙ୍ଗମ ମହିଳା ମଣ୍ଡଳର ସଭାନେତ୍ରୀ ପ୍ରୀତି ଜିରକୁଣ୍ଡୱାର, ଜାଗୃତି ମହିଳା ମଣ୍ଡଳ ସଭାନେତ୍ରୀ ସରୋଜ ଶ୍ରୀବାସ୍ତବ, ବର୍ଣ୍ଣାଳୀ ପ୍ରସାଦ ଓ ମହିଳା ମଣ୍ଡଳ ସଦସ୍ୟ ଉପସ୍ଥିତ ଥିଲେ। କମ୍ପାନୀର ଏଚ୍‌ଆର, ଆଡମିନ, ଇଷ୍ଟେଟ, ସୁରକ୍ଷା, ଦମକଳ, ସିମେଣ୍ଟ ଓ ରିଫ୍ୟାକ୍ଟୋରି ବିଭାଗର କର୍ମଚାରୀ ଓ ଅଧିକାରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଶେଷରେ ଜିରକୁଣ୍ଡୱାର ଉପସ୍ଥିତ ଦର୍ଶକଙ୍କୁ ରଜ ପର୍ବର ଶୁଭେଚ୍ଛା ଜଣାଇବା ସହ ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ।

# ଅନ୍‌ଲାଇନ ଲୁଟେରା ସକ୍ରିୟ, ଆକାଉଣ୍ଟରୁ ଚାଲିଗଲା ଟଙ୍କା

**ସୁନ୍ଦରଗଡ,୧୭।୬(ଜୟନାରାୟଣ ମେଣ୍ଡୁଲି) :** ସକ୍ରିୟ ହୋଇ ଉଠିଛନ୍ତି ସାଇବର ଲୁଟେରା। ଆଖି ପିଛୁଳାକେ ଆକାଉଣ୍ଟରୁ ଚାଲି ଯାଉଛି ଲକ୍ଷ ଲକ୍ଷ ଟଙ୍କା। ସୁନ୍ଦରଗଡ଼ ଟାଉନ ଥାନାରେ ଶନିବାର ଏଭଳି ୨ଟି ଅଭିଯୋଗ ହୋଇଛି। କେଶ ନଂ ୧୬୩/୨୩ ଏବଂ ୧୬୪/୨୩ରେ ୨ଟି ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ବନ୍ଧପାଲି ଗ୍ରାମର ଅମରେଶ କୁମାର ପଟେଲଙ୍କ ପାଖକୁ ଅଜଣା ଫୋନ ଆସିଥିଲା। ଆକ୍ସିସ୍ ବ୍ୟାଙ୍କର କ୍ରେଡିଟ କାର୍ଡ ବ୍ୟବହାର କରୁଛନ୍ତି ବୋଲି ପଚାରିବା ସହ ଏଥିରେ ତାଙ୍କ କାରବାର ବିଷୟରେ ବ୍ୟକ୍ତି ଜଣଙ୍କ ପଚାରି ବୁଝିଥିଲେ। ଅମରେଶ ତାଙ୍କ ଓଟିପିକୁ ଅଜ୍ଞାତ ବ୍ୟକ୍ତିଙ୍କ ସହ ସେୟାର କରିବାକୁ ତାଙ୍କ ଆକାଉଣ୍ଟରୁ ୩୦ହଜାର୨୦ଟଙ୍କା କଟି ଯାଇଥିଲା। ସେହିପରି ଟାଉନଥାନା ଅନ୍ତର୍ଗତ ବିଜାପଡ଼ାର ମଙ୍ଗୁଳି ଲାକ୍ରା ମଧ୍ୟ ଅନୁରୂପ ଭାବେ ଏଭଳି ଠକେଇର ଶିକାର ହୋଇଛନ୍ତି। ତାଙ୍କୁ ପାଖକୁ ଏକ ଫୋନ କଲ ଆସିଥିଲା। ସେ ଷ୍ଟେଟବ୍ୟାଙ୍କର ଜଣେ କର୍ମଚାରୀ ବୋଲି ନିଜକୁ ପରିଚୟ ଦେଇ ଗ୍ରାହକ ସେବା ଓ କ୍ରେଡିଟ କାର୍ଡ ଜାରି ରଖିବାକୁ ଇଚ୍ଛୁକ କି ନାହିଁ ବୋଲି ପଚାରିଥିଲେ। ଏହାପରେ ମଙ୍ଗଳୁ ଓଟିପି ନମ୍ବର ସେୟାର କରିଦେଇଥିଲେ। ଫଳରେ ତାଙ୍କର ୨ଟି କ୍ରେଡିଟ କାର୍ଡ ରୁ୫ଲକ୍ଷ ଟଙ୍କା କଟି ଯାଇଥିଲା।

# ବିନୟ ଟପ୍ପୋଙ୍କୁ ମିଳିଲା ଡକ୍ଟରେଟ ଉପାଧି

**ସୁନ୍ଦରଗଡ଼,୧୭।୬ (ଜୟନାରାୟଣ ମେଣ୍ଡୁଲି)**



ବିଶ୍ୱ ମାନବ ଅଧିକାର ସୁରକ୍ଷା ସଙ୍ଗଠନ ପକ୍ଷରୁ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡଭୋକେଟ ବିନୟ କୁମାର ଟପ୍ପୋଙ୍କୁ ଡକ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ସ୍ଥିତ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନବ ଅଧିକାର ସୁରକ୍ଷା ଓ ସାମାଜିକ ସେବା କାର୍ଯ୍ୟ ପାଇଁ ଟପ୍ପୋଙ୍କୁ ଏହି ଉପାଧି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟପ୍ପୋଙ୍କୁ ଏହି ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରିଛନ୍ତି। ନାଲକୋର ପୂର୍ବତନ ସିଏମ୍‌ଡି ତଥା ବେଦାନ୍ତ ଅଧ୍ୟକ୍ଷ ଡ.ତପନ କୁମାର ଚାନ୍ଦ, ଓୟୁଏଟି ଭାଇସଚାନସେଲର ପ୍ରଫେସର ପ୍ରଭାତ ରାଉଳ, ଦକ୍ଷିଣ ଆଫ୍ରିକା ସରକାରଙ୍କ ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶ ଦାତା ଡ.ଏସସି ପ୍ରଧାନ ଏବଂ ପୁରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଡ .ଟପ୍ପୋ ଜଣେ ଆଇନଜୀବୀ ତଥା ରାଜନତାଭାବେ ବିଭିନ୍ନ ସାମାଜିକ ସେବା ଓ ମାନବ ଅଧିକାର ସୁରକ୍ଷା କାର୍ଯ୍ୟ କରି ଆସୁଛନ୍ତି।

# ୟୁକୋ ବ୍ୟାଙ୍କ ପକ୍ଷରୁ ଜନ ସୁରକ୍ଷା ଅଭିଯାନ

**ସୁନ୍ଦରଗଡ,୧୭।୬ (ଜୟନାରାୟଣ ମେଣ୍ଡୁଲି)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀଗଣ।

ସୁନ୍ଦରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ ଭଷ୍ମା ପଞ୍ଚାୟତ କାର୍ଯ୍ୟାଳୟଠାରେ ୟୁକୋ ବ୍ୟାଙ୍କ ପକ୍ଷରୁ ଜନ ସୁରକ୍ଷା ଯୋଜନା ଅଭିଯାନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମ କୋର୍ଡିନେଟର ଯୋଗେଶ ନାୟକଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ନୂଆଦିଲ୍ଲୀର ଆଇଇଏସ୍‌ଡିଏଫଏସ୍ ସୁଷମା କିଣ୍ଡୋ ଯୋଗ ଦେଇଥିବା ବେଳେ ଭୁବନେଶ୍ୱରର ଏସଏଲ୍‌ବିସି ଏଜିଏମ୍ ଲିଙ୍ଗରାଜ ନାୟକ, ସମ୍ବଲପୁର ୟୁକୋ ବ୍ୟାଙ୍କ ଜୋନାଲ ହେଡ ରାଜେଶ କୁମାର ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଜନ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ସମ୍ପର୍କରେ ସୂଚନା ଦେଇ ଏହାର ସୁବିଧା ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୧୮ରୁ ୫୦ ବର୍ଷ ମଧ୍ୟରେ ବର୍ଷକୁ ୪୩୬ ଟଙ୍କା ପ୍ରିମିୟମ ଜମାକଲେ ୨ଲକ୍ଷ ଟଙ୍କାର ବୀମା ଏବଂ ୧୮ରୁ ୭୦ ବର୍ଷ ମଧ୍ୟରେ ବର୍ଷକୁ ୨୦ଟଙ୍କାର ବୀମା ଜମା କଲେ ଦୁର୍ଘଟଣା ଜନିତ ମୃତ୍ୟୁରେ ୨ଲକ୍ଷ ଟଙ୍କାର ବୀମା ଓ ଅଟଳ ପେନ୍‌ସନ ଯୋଜନାରେ ୧୮ରୁ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରିମିୟମ ଜମାକଲେ ପେନ୍‌ସନ ପାଇପାରିବେ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୟୁକୋବ୍ୟାଙ୍କ ଶାଖା ପରିଚାଳକ ସ୍ମିତାରାଣୀ ଡୁଙ୍ଗଡୁଙ୍ଗ, ଭଷ୍ମା ସରପଞ୍ଚ ଲଳିତ ମୋହନ ପ୍ରଧାନଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**ଲୋଇସିଂହା,୧୭।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଗଲାପାଲି ଗ୍ରାମରେ ପାଇପ ବୋଝେଇ ଟ୍ରାକ୍ଟର ଓଲଟି ଶନିବାର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସୁଜିତ ଦାଶ(୧୭)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏକ ମାମଲା(୧୦୯/୨୩) ରୁଜୁ ହୋଇଛି।

# ଅଖିଳ ଭାରତୀୟ ଅଘରିଆ ସମାଜ ବୈଠକ



ବୈଠକରେ ଉପସ୍ଥିତ ଅତିଥି।

**ହେମଗିରି,୧୭।୬(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିରିସ୍ଥିତ ନୂଆଡିହିରେ ଅଖିଳ ଭାରତୀୟ ଅଘରିଆ ସମାଜ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହେମଗିରି ଅଞ୍ଚଳର ନୂତନ ସାମାଜିକ କମିଟି ଗଠନ ହୋଇଥିଲା। ଏଥିରେ ସଭାପତିଭାବେ ରାମଲାଲ ପଟେଲ, ଉପ ସଭାପତି ବିଜୟ କୁମାର ପଟେଲ, କୋଷାଧ୍ୟକ୍ଷ ପୂରଣ ଚନ୍ଦ୍ର ନାୟକ, କେନ୍ଦ୍ରୀୟ ସମିତି ସୋଭାଭାମ ନାୟକ, ଜେନେରାଲ ସେକ୍ରେଟାରି ରାମ ପଟେଲ, ସେକ୍ରେଟାରି ବଳକୃଷନ ପଟେଲ, ମହିଳା ସଂଯୋଜିକା ଭାବେ ରୁକ୍ମିଣୀ ଚୌଧୁରୀ ଓ ସୁଶୀଲା ପଟେଲଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ଛତିଶଗଡ଼ ଦିନ ଦୟାଲ ପଟେଲ, ଦିନେସ ଚୌଧୁରୀ, ହେମଗିରି କ୍ଷେତ୍ରର ଅନେକ ପଦାଧିକାରୀ ଯୋଗଦେଇଥିଲେ।

# ଖୁବ୍‌ଶୀଘ୍ର ଜିଲା କଂଗ୍ରେସ କମିଟିର ପୁନର୍ଗଠନ କରାଯିବ

**ଦେବଗଡ଼,୧୭।୬ (ଶଶାଙ୍କ ଶେଖର ଝାଙ୍କର)**

ଖୁବଶୀଘ୍ର ଜିଲା କଂଗ୍ରେସ କମିଟିର ପୁନଃଗଠନ କରାଯିବ। ଆଗାମୀ ୧୫ ଦିନ ମଧ୍ୟରେ ଜିଲା କଂଗ୍ରେସ ଓ ଛାମୁଆ ସଙ୍ଗଠନରେ ଖାଲି ପଡିଥିବା ସମସ୍ତ ପଦପଦବୀ ପୂରଣ କରାଯିବା ସହ ବ୍ଲକ କଂଗ୍ରେସ କମିଟି ମଧ୍ୟ ପୁନଃ ଗଠନ କରାଯିବ। ଏଥିସହ ଆଗାମୀ ୨ମାସ ମଧ୍ୟରେ ପଞ୍ଚାୟତସ୍ତରୀୟ କମିଟି ଏବଂ ବୁଥ ସ୍ତରୀୟ କମିଟି ମଧ୍ୟ ଗଠନ କରାଯିବ ବୋଲି ନୂତନ ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ରମ୍ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ହେମ୍ରମ ତାଙ୍କର ବିବୃତ୍ତି ଜରିଆରେ ଜିଲା କଂଗ୍ରେସ କମିଟିର ସଭାପତି ଭାବେ ତାଙ୍କୁ ପୁଣିଥରେ ମନୋନୀତ କରାଯାଇଥିବାରୁ ସେ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖାଡଗେ, ସାଧାରଣ ସମ୍ପାଦକ କେସି ବେଣୁ ଗୋପାଳ, ଓଡିଶା ପ୍ରଭାରୀ ଏଲ୍. ଚେଲ୍ଲା କୁମାର ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳ ସ୍ତରରେ ସମସ୍ତ ବର୍ଗର ଲୋକଙ୍କୁ ଦଳରେ ସାମିଲ କରାଯିବା ସହ ଦଳକୁ ଅଧିକ ସୁଦୃଢ ଏବଂ କ୍ରିୟାଶୀଳ କରାଯିବ ଓ ଆଗାମୀ ନିର୍ବାଚନରେ ଦଳ ପକ୍ଷରୁ ଯାହାକୁ ବିଧାୟକ ପ୍ରାର୍ଥୀ କଲେ ମଧ୍ୟ ସମସ୍ତଙ୍କୁ ନେଇ ମିଳିମିଶି ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସଂକଳ୍ପ ବଦ୍ଧ ବୋଲି ହେମ୍ରମ ତାଙ୍କର ବିବୃତ୍ତିରେ ଉଲ୍ଲେଖ କରିଛନ୍ତି।

# ଜିଲା କଂଗ୍ରେସ ବୈଠକ, ନୂତନ ସଭାପତିଙ୍କୁ ଦାୟିତ୍ୱ

**ସମ୍ବଲପୁର,୧୭।୬(ଶୁଭାଶିଷ ପାଢୀ)**

ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଚୟନ ହୋଇଥିବା ଜିଲା ସଭାପତି ଆସଫ ଅଲ୍ଲିଖାନଙ୍କୁ ପୂର୍ବତନ ସଭାପତି ଅଶ୍ୱିନୀ ଗୁରୁ ସ୍ୱାଗତ କରି ଦାୟିତ୍ୱ ପ୍ରଦାନ କରିଥିଲେ। ସଭାପତି ଖାନ କହିଥିଲେ, ମିଳିମିଶି କାମ କଲେ ଦଳ ନିଶ୍ଚିତ ଭାବେ ଭଲ ପ୍ରଦର୍ଶନ କରିବ। ତୃଣମୂଳ ସ୍ତରରୁ ଦଳକୁ ମଜବୁତ କରିବାକୁ ହେଲେ ଆମକୁ ଲୋକମାନଙ୍କ ସହ ମିଶିବାକୁ ପଡିବ। ସେମାନଙ୍କ ସମସ୍ୟା ସମାଧାନ କରିବାକୁ ହେବ। ତା'ହେଲେ ଆସ୍ଥାଭାଜନ ହୋଇପାରିବା ବୋଲି କହିଥିଲେ। ନିରଞ୍ଜନ ତ୍ରିପାଠୀ, ଓମ୍‌ପ୍ରକାଶ ସାହାଣୀ, ମନୋରଞ୍ଜନ ଦାସ, ଚନ୍ଦ୍ରକାନ୍ତ ମହାନ୍ତି, ମହମ୍ମଦ ମୁକ୍ତାର, ସୁତାପା ମିତ୍ର, ମହମ୍ମଦ ସଲିମ, ବିଜୟଲକ୍ଷ୍ମୀ ବେହେରା, ମୋହନ ସା, ମହମ୍ମଦ ଜୁବେର, ଧର୍ମରାଜ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁପତ୍ର ତୋଳାଳିଙ୍କ ବିକ୍ଷୋଭ ପ୍ରଦର୍ଶନ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

**ସୁନ୍ଦରଗଡ଼,୧୭।୬(ଜୟନାରାୟଣ ମେଣ୍ଡୁଲି)**





ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା କେନ୍ଦୁପତ୍ର କର୍ମଚାରୀ ସଂଘ।

ବୋନସ, ମାସିକ ମଜୁରୀ ବୃଦ୍ଧି, କନ୍ୟା ବିବାହ ସହାୟତା ଏବଂ ଜିଏସ୍‌ଟି ପ୍ରତ୍ୟାହାର ଦାବି ପ୍ରତିବାଦରେ ଜିଲାପାଳଙ୍କ ଅଫିସ ଆଗରେ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଘ ନିଷ୍ପତ୍ତିକ୍ରମେ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନରେ ଉପ ସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ଡିଭିଜନ ସମ୍ପାଦକ କ୍ଷେତ୍ର ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ମାଦ୍ରିକାଲୋଠାରୁ ଶତାଧିକ କେନ୍ଦୁପତ୍ର ତୋଳାଳୀ ଏବଂ କର୍ମଚାରୀ ଏକ ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ, ତରୁଣ ସାହୁ, ଶୋଭାରାମ୍ ପ୍ରଧାନ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, କୁଞ୍ଜଲତା ଭିତିରିଆ, ରଜେଶ୍ୱର ମହାକୁଲ, ବିଘେଶ୍ୱର ମାଝି, ଦେବେନ୍ଦ୍ର ମାଝି, ନିରାକାର ଖିଲାରି, ନିରଞ୍ଜନ ଭାଇଁସାଲ, ସୁନୀତା ମାଝି, ତ୍ରିଲୋଚନ କିସାନ୍, ନରହରି ମହକୁଲ, ପର୍ଶୁରାମ ଖିଲାରୀ, ଦୁଲେଶ୍ୱର ମହକୁଲ୍, ବିରଞ୍ଚି ସାହୁ, ସାନିକା ଓରାମ, ଦୁର୍ଗା ମହନ୍ତ, ଦୂତୀଆ ଚାନ୍ଦ, ପବିତ୍ର ନାୟକ, ସୁକୁମାରୀ ରୋହିଦାସ, ସସ୍ମିତା ବାଗ, ବିଳାସିନୀ ବାଗ, ଅଷ୍ଟମୀ ବାଗରା, ନିଳୀମା ତିର୍କୀ, ସୁଶୀଳା ତିର୍କୀ, ଜୟନାରାୟଣତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବହୁ ସଂଖ୍ୟାରେ ତୋଳାଳୀ, କର୍ମଚାରୀ ଓ ବନ୍ଧେଇ ଶ୍ରମିକ ସମାବେଶରେ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

# ଗଞ୍ଜାମ ଜିଲା ଜାତୀୟ ସ୍ତରରେ ପୁରସ୍କୃତ



ଉପରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଜିଲାପାଳ।

### ଜଳ ଉତ୍ସ ସଂରକ୍ଷଣ ଓ ପରିଚାଳନା ପାଇଁ ପ୍ରଥମ ର୍‍ୟାଙ୍କ୍

**ଛତ୍ରପୁର, ୧୭।୬(ସନ୍ତୋଷ ପାଢ଼ୀ)**

ଗଞ୍ଜାମ ଜିଲା ପୁଣି ଥରେ ଜାତୀୟ ସ୍ତରରେ ସମ୍ମାନିତ ହୋଇଛି। ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ତରଫରୁ ଗଞ୍ଜାମ ଜିଲାକୁ ଚତୁର୍ଥ ଜାତୀୟ ଜଳ ପୁରସ୍କାର ୨୦୨୨ ମିଳିଛି। ଏଥିସକାଶେ ମନ୍ତ୍ରଣାଳୟ ପକ୍ଷରୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଉପରାଷ୍ଟ୍ରପତି ଜଗଦୀପ ଧନକର ଶନିବାର ନୂଆଦିଲୀଠାରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତି ଭାସନ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାକୁ ପ୍ରଥମ ର୍‍ୟାଙ୍କ୍ ଶ୍ରେଷ୍ଠ ଜିଲା କ୍ୟାଟେଗୋରିରେ 'ଜାତୀୟ ଜଳ ପୁରସ୍କାର-୨୦୨୨' ମିଳିଛି।

# ଏୟାର ଆମ୍ବୁଲାନ୍ସ ଗେଟ୍ ଖୋଲିଗଲା



ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ଅଟକିଥିବା ଏୟାର ଆମ୍ବୁଲାନ୍ସ।

**ସମ୍ବଲପୁର, ୧୭।୬(ଶୁଭାଶିଷ ପାଢୀ)**

ସମ୍ବଲପୁର ଜମାଦାରପାଲି ଏୟାରଷ୍ଟ୍ରିପରେ ଶନିବାର ଏକ ବଡଧରଣର ଦୁର୍ଘଟଣା ଟଳିଯାଇଛି। ଏକ ଘରୋଇ କମ୍ପାନୀ ଏୟାର ଆମ୍ବୁଲାନ୍ସ ଅବତରଣ କରିବା ସମୟରେ ଏହାର ଗେଟ୍ ଖୋଲିଯାଇଥିଲା। ଏହି ସମୟରେ ଗେଟ୍‌ରେ ଥିବା ତାର ଛିଣ୍ଡିଯାଇଥିଲା। ପରେ ଏହା ସୁରକ୍ଷିତ ଅବତରଣ କରିଥିବାବେଳେ ଏଥିରେ ଥିବା ପାଇଲଟଙ୍କ କୌଣସି କ୍ଷତି ହୋଇନାହିଁ।

ସୂଚନା ଅନୁସାରେ, ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ପୂର୍ବତନ ମନ୍ତ୍ରୀ ଷ୍ଟେଫିନ ମାରାଣ୍ଡି ଟ୍ରେନ୍ ଯୋଗେ ରାଞ୍ଚିରୁ ଭେଲୋର ଯାଉଥିଲେ। ହେଲେ ବଲାଙ୍ଗୀର ନିକଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ବଲାଙ୍ଗୀର ମେଡିକାଲ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସମ୍ବଲପୁର ବୁର୍ଲାର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ନେବା ପାଇଁ ଯୋଜନା କରାଯାଇ ଡକାଯାଇଥିଲା। ଅପରାହ୍ନ ପ୍ରାୟ ୨ଟା ସମୟରେ ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ଏହି ଘରୋଇ ଏୟାର ଆମ୍ବୁଲାନ୍ସ ଅବତରଣ କରିଥିଲା। ଏହି ସମୟରେ ଗେଟ୍ ଖୋଲିଯିବାରୁ ପ୍ରାୟ ଅଧଘଣ୍ଟା ଧରି ମରାମତି ଚାଲିଥିଲା। ପରେ ଏହା ଅସୁସ୍ଥ ଥିବା ପୂର୍ବତନ ମନ୍ତ୍ରୀଙ୍କୁ ନ ନେଇ ଫେରିଯାଇଥିଲା। ଏ ସମ୍ପର୍କରେ ଏଡିଏମ୍ ଅଜାମ୍ବର ମହାନ୍ତି କହନ୍ତି, ଏୟାର ଆମ୍ବୁଲାନ୍ସରେ ଯାନ୍ତ୍ରିକ ତ୍ରୁଟି ଥିବା ଯୋଗୁ ଅଟକି ରହିଥିଲା। ମରାମତି କରିବା ପରେ ଚାଲିଯାଇଥିଲା। ଖବର ପାଇ ସଦର ଏସ୍‌ଡିପିଓ ପ୍ରଦୀପ ସାହୁ ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ।

# ହାତୀଙ୍କୁ ଅଂଶୁଘାତ ଭୟ

- ଅସହ୍ୟ ଗ୍ରୀଷ୍ମପ୍ରବାହରେ ବନ୍ୟଜୀବନ ପ୍ରଭାବିତ
- ରେସ୍କ୍ୟୁ ସେଣ୍ଟରକୁ ଆସିଲା ଅସୁସ୍ଥ ମାଈ ହାତୀ

**ଅଧା ହେଲାଣି ଆଷାଢ଼। ହେଲେ ଅସହ୍ୟ ଗ୍ରୀଷ୍ମପ୍ରବାହରୁ ମିଳୁନାହିଁ ମୁକ୍ତି। ପ୍ରଚଣ୍ଡ ତାତି ଜନଜୀବନକୁ ଅତିଷ୍ଠ କରିପକାଇଥିବାବେଳେ ଏଥିରୁ ବାଦ୍ ପଡ଼ିନାହିଁ ବନ୍ୟଜୀବନ। ସଂରକ୍ଷିତ ଜଙ୍ଗଲରେ ପ୍ରାକୃତିକ ଜଳ ଉତ୍ସ ଶୁଖିଲା ପଡ଼ିଛି। ସୃଷ୍ଟି ହୋଇଛି ଖାଦ୍ୟ ସଙ୍କଟ। ପର୍ଯ୍ୟାପ୍ତ ପାଣି ଅଭାବ ଐତିହ୍ୟ ପ୍ରାଣୀ ହାତୀ ଜୀବନକୁ ବିପଦରେ ପକାଇଛି। ହସ୍ତୀବହୁଳ ଢେଙ୍କାନାଳ ଜିଲାରେ ଏହି ବିଶାଳକାୟ ସ୍ତନ୍ୟପାୟୀ ଜୀବ ଅଂଶୁଘାତର ଶିକାର ହେବା ଏବେ ବନ ବିଭାଗର ଚିନ୍ତା ବଢ଼ାଇଛି।**

**ଢେଙ୍କାନାଳ, ୧୭।୬(ରତନ ନାୟାର)**

ଢେଙ୍କାନାଳ ସଦର ରେଞ୍ଜ୍ ଅଧୀନ ମେଘା ସଂରକ୍ଷିତ ଜଙ୍ଗଲରୁ ଅଂଶୁଘାତର ଶିକାର ହୋଇଥିବା ଆନୁମାନିକ ୩ ବର୍ଷର ମାଈହାତୀକୁ ଶନିବାର ବନ ବିଭାଗ ଉଦ୍ଧାର କରିଛି। ଏହାକୁ ଟ୍ରାଙ୍କୁଲାଇଜ୍ କରି ଅଧିକ ଚିକିତ୍ସା ପାଇଁ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଛି। ହାତୀଟିର ପାଟିରେ ସଂକ୍ରମଣ ହୋଇଛି। ତେଣୁ ଏହାର ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବା ଲାଗି ରବିବାର ଭୁବନେଶ୍ୱର ଓୟୁଏଟିର ଏକ ବିଶେଷଜ୍ଞ ଦଳ ଆସିବ ବୋଲି ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସୁମିତ କୁମାର କର ସୂଚନା ଦେଇଛନ୍ତି।

ବନ ବିଭାଗର ସୂଚନା ଅନୁଯାୟୀ, ମେଘା ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଥିବା ୩୮ ଟିକିଆ ଦଳରେ ଉକ୍ତ ମାଈ ହାତୀ ସାମିଲ ଥିଲା। ତେବେ ଅସୁସ୍ଥ ହୋଇପଡ଼ିବା ପରେ ଏହାକୁ ହାତୀପଲ ପରିତ୍ୟାଗ କରିଥିଲେ। ଫଳରେ ଗତ ୯ ତାରିଖରୁ ଗୋଠରୁ ଅଲଗା ହୋଇ ହାତୀଟି ଏକାକୀ ବିଚରଣ କରୁଥିଲା। ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ଏହା ଦେଖିବା ପରେ ଜିଲା ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହା ପରେ ହାତୀର ସ୍ଥିତି ଯାଞ୍ଚ କରିବାକୁ ଏକ ଟିମ୍ ଜଙ୍ଗଲରେ ପହଞ୍ଚିଥିଲା। କପିଳାସ ପ୍ରାଣୀ ଉଦ୍ୟାନର ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ସହାୟତାରେ ଏହାକୁ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ଏଥିସହ



ଟ୍ରାଙ୍କୁଲାଇଜ୍ ପରେ ହାତୀକୁ କପିଳାସ ପ୍ରାଣୀଉଦ୍ୟାନସ୍ଥିତ ରେସ୍କ୍ୟୁ ସେଣ୍ଟରକୁ ନିଆଯିବା ଲାଗି ପ୍ରସ୍ତୁତି କରାଯାଉଛି।

ଶରୀରର ତାପମାତ୍ରା କମାଇବା ପାଇଁ ମୁଣ୍ଡରେ ପାଣି ଢଳାଯାଇଥିଲା। ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବା ପରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ହାତୀଟିକୁ କପିଳାସ ପ୍ରାଣୀ ଉଦ୍ୟାନକୁ ଅଣାଯାଇଛି। ଏଥିଲାଗି ଜେସିବି ସହାୟତାରେ ହାତୀ ଠାବ ହୋଇଥିବା ସ୍ଥାନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ପଡ଼ିଥିଲା। ଅନ୍ୟପଟେ ହାତୀ ପାଟିରେ ସଂକ୍ରମଣ ହୋଇଥିବାରୁ ସେ ଠିକ୍ ଭାବେ ଖାଦ୍ୟ ଗ୍ରହଣ କରିପାରୁନାହିଁ। ଏହାର କାରଣ ଅସ୍ପଷ୍ଟ ରହିଛି। ଅଧିକ ପରୀକ୍ଷା ନିରୀକ୍ଷା ପରେ ଏ ସମ୍ପର୍କରେ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

### ଜିଲାରେ ୨୫୦ ହାତୀ

ଢେଙ୍କାନାଳ ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ୨୫୦ ହାତୀ ଅଛନ୍ତି। ଅନୁକୂଳ ପରିବେଶ ପାଇଁ ବିଭିନ୍ନ ସମୟରେ ପଡ଼ୋଶୀ ଅନୁଗୋଳ, କେନ୍ଦୁଝର, ଯାଜପୁର, କଟକ ଏବଂ ଖୋର୍ଦ୍ଧା ଜିଲାରୁ ହାତୀମାନେ ଢେଙ୍କାନାଳକୁ ପ୍ରବେଶ କରୁଛନ୍ତି। ଏତେ ପରିମାଣର ହାତୀଙ୍କ ପାଇଁ ଖରାଦିନେ ଖାଦ୍ୟ ଓ ପାନୀୟ ସମସ୍ୟା ସୃଷ୍ଟି ହେଉଛି। ସେମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଛନ୍ତି। ଫଳରେ ହାତୀ-ମଣିଷ ସଂଘର୍ଷ ବଢ଼ିବାରେ ଲାଗିଛି। ଗତବର୍ଷ ହାତୀ ଆକ୍ରମଣରେ ୩୫ ଜଣଙ୍କ ଜୀବନ ଯାଇଥିଲା। ସେହିପରି ବିଭିନ୍ନ କାରଣରୁ ୧୬ ହାତୀ ମରିଥିଲେ। ତେବେ ଚଳିତ ବର୍ଷ ଗତ ମାସକ ଭିତରେ ହାତୀ ଆକ୍ରମଣରେ ୧୨ ଜଣଙ୍କ ମୃତ୍ୟୁ ଘଟିଲାଣି। ବିଶେଷକରି ଗୋଟିକିଆ ଦନ୍ତା ଅଧିକ ହିଂସ୍ର ହେଉଥିବାରୁ ଉପଦ୍ରୁତ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଛି। ସେହିପରି ଚଳିତବର୍ଷ ଶିକାରୀଙ୍କ ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଗୋଟିଏ ଏବଂ ଶାରୀରିକ ଅସୁସ୍ଥତା କାରଣରୁ ଗୋଟିଏ ଏହିଭଳି ୨ଟି ହାତୀର ମୃତ୍ୟୁ ଘଟିଥିବା ଜିଲା ବନଖଣ୍ଡ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସମ୍ବଲପୁର ବନଖଣ୍ଡରେ ହାତୀ ଅସୁରକ୍ଷିତ

**ସମ୍ବଲପୁର, ୧୭।୬(ଶୁଭାଶିଷ ପାଢୀ)**

ବନ୍ୟପ୍ରାଣୀ ବିଶେଷକରି ହାତୀ ସୁରକ୍ଷା ନେଇ ସରକାର ଚିନ୍ତିତ ଥିବା କହୁଛନ୍ତି। ହେଲେ ସମ୍ବଲପୁର ବନଖଣ୍ଡରେ ମୃତ୍ୟୁ ସଂଖ୍ୟାକୁ ଦେଖିଲେ ହାତୀ ଅସୁରକ୍ଷିତ ଥିବା ମନେହେଉଛି। ବନ ବିଭାଗ ରିପୋର୍ଟ ଅନୁଯାୟୀ ପ୍ରାୟ ୨ବର୍ଷରେ ଏହି ବନଖଣ୍ଡରେ ୮ ଗୋଟି ହାତୀଙ୍କ ମୃତ୍ୟୁ ଘଟିଛି। ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ବିଭିନ୍ନ ସମୟରେ ହାତୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି। ହାତୀ ମୃତ୍ୟୁ ହେବା ପରେ ବନ ବିଭାଗ ପକ୍ଷରୁ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଉଛି। ୨ବର୍ଷ ପୂର୍ବେ ସଦର ରେଞ୍ଜ ମୁଣ୍ଡେର ସଂରକ୍ଷିତ ଜଙ୍ଗଲରେ ଏକ ମୃତ ହାତୀକୁ ପୋଡି ତା'ର କଙ୍କାଳ ପୋତି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟରେ ଖବର ପ୍ରକାଶ ପାଇବା ପରେ ଶେଷରେ ବନ ବିଭାଗ ତଦନ୍ତ କରିଥିଲା। ଘଟଣାସ୍ଥଳରୁ ହାଡ଼, ପାଉଁଶ ଜବତ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଥିଲା। ଘଟଣାକୁ ପ୍ରାୟ ୨ବର୍ଷ ବିତିଯାଇଥିଲେ ମଧ୍ୟ ରିପୋର୍ଟ ଆସିନାହିଁ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

ସମ୍ବଲପୁର ବନଖଣ୍ଡ ଅଧୀନରେ ସଦର, ଧମା, ପଡିଆବାହାଲ ଭଳି ୩ଟି ରେଞ୍ଜ ରହିଛି। ଏହିସବୁ ରେଞ୍ଜ ଅଞ୍ଚଳରେ ବିଭିନ୍ନ କାରଣରୁ ହାତୀଙ୍କ ମୃତ୍ୟୁ ଘଟୁଛି। ରିପୋର୍ଟ ଅନୁଯାୟୀ, ୨୦୨୧ ଜାନୁୟାରୀ ୨୧ରେ ସମ୍ବଲପୁର ବନଖଣ୍ଡ ଝୁଝୁମୁରା ସେକ୍ସନ ଅଧୀନ କଂସର ଜଙ୍ଗଲରେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈହାତୀର ମୃତ୍ୟୁ ହୋଇଥିଲା। ସେହିପରି ୨୦୨୧ ନଭେମ୍ବର ୮ ତାରିଖ ରାତିରେ ସଦର ରେଞ୍ଜ ଅନ୍ତର୍ଗତ



ଧମା ରେଞ୍ଜ କୋଲଗାଁରେ ଠାବ ହୋଇଥିବା ହାତୀ କଙ୍କାଳ।

- ୨ବର୍ଷରେ ମଲେଣି ୮ ହାତୀ
- ଶିକାରୀ ମାରୁଛନ୍ତି, ବନ ବିଭାଗ ଲୁଚାଉଛି

ଆମଲିପାଣି ଗ୍ରାମ ଜଙ୍ଗଲ ନିକଟରେ ବନ୍ୟପ୍ରାଣୀ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈହାତୀର ମୃତ୍ୟୁ ଘଟିଥିଲା। ୨୦୨୨ ଜୁନ ୨୧ରେ ପଡ଼ିଆବାହାଲ ରେଞ୍ଜ ବଡସାହି ସେକ୍ସନ ଅଧୀନ ସାପଲହରା ପୋଖରୀରେ ପଡ଼ି ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ସେତେବେଳେ ଶିକାରୀ ଗୁଳିରେ ହାତୀର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ୨୦୨୨ ଜୁଲାଇ ୨୪ ତାରିଖରେ ଧମା ରେଞ୍ଜ ଅଞ୍ଚଳରୁ ପୋଡ଼ା ଜଳା ଅବସ୍ଥାରେ ୨ଟି ହାତୀ କଙ୍କାଳ ଠାବ ହୋଇଥିଲା। ତବଲୋଇ-ଦେଓଗାଁ ସଂରକ୍ଷିତ ଜଙ୍ଗଲର ତବଲୋଇ ଜଙ୍ଗଲରେ ଗୋଟିଏ ହାତୀର କଙ୍କାଳ ଠାବ ହୋଇଥିବା ବେଳେ ଅନ୍ୟଟି କୋଲଗାଁ ଜଙ୍ଗଲରୁ ମିଳିଥିଲା। ସ୍ୱତନ୍ତ୍ର ଟାସ୍କଫୋର୍ସ ଆସି ହାତୀ କଙ୍କାଳ ଜବତ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଥିଲା। ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ଓ ପରୀକ୍ଷା ରିପୋର୍ଟ କ'ଣ ଆସିଲା ତାହା ଜଣାଗଲା ନାହିଁ। ୨୦୨୨ ଡିସେମ୍ବର ୭ରେ ପଡ଼ିଆବାହାଲ ରେଞ୍ଜ ଟାମ୍ପରଗଡ ଧଳପାଳ ଜଙ୍ଗଲରେ ଏକ ମାଈହାତୀର ମୃତ୍ୟୁ ଘଟିଥିଲା। ଅନୁରୂପ ଭାବେ ୨୦୨୩ ଜାନୁୟାରୀ ୮ରେ ସଦର ରେଞ୍ଜ ଭୀମଖୋଜ ସେକ୍ସନ ଅଧୀନ ହାତୀବାରି-ବାନ୍ଦେର ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର ନିମନ୍ତେ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ୨୦୨୩ ଜୁନ ୧୩ରେ ସଦର ରେଞ୍ଜ ବସିଆପଡ଼ା ସେକ୍ସନ ବସିଆପଡ଼ା ବିଟ୍ ଅନ୍ତର୍ଗତ ରପଟା ନିକଟରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଆର୍‌ସିସିଏଫ୍ ଏସ୍. ଆଶିଷ କୁମାର କହିଛନ୍ତି, ହାତୀ ମୃତ୍ୟୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ପୂର୍ବରୁ ଜବତ ହୋଇଥିବା କଙ୍କାଳ ରିପୋର୍ଟ ଆସିବାରେ ବିଳମ୍ବ ହେଉଛି। ଏହାକୁ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# କୋଟିପତି ନିଲମ୍ବିତ ଯୋଗାଣ ଅଧିକାରୀ ଗିରଫ

**ଭୁବନେଶ୍ୱର, ୧୭।୬(ସୂର୍ଯ୍ୟକାନ୍ତ ବେହେରା)**

ନିଲମ୍ବିତ ହୋଇଥିବା ନୟାଗଡ ଜିଲାର ପୂର୍ବତନ ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ନାୟକଙ୍କ ବିପୁଳ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ନିଜ ଆୟଠାରୁ ୨୮୪% ଅଧିକ ସମ୍ପତ୍ତି ଠୁଳ କରିଥିବା ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇଛି। ଏହାସହ ସେ ସ୍ତ୍ରୀଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି କରିଥିବାରୁ ଭିଜିଲାନ୍ସ ଉଭୟଙ୍କ ନାମରେ ମାମଲା (ନଂ ୧୫/୨୩) ରୁଜୁ କରିଛି। ବ୍ରଜେନ୍ଦ୍ର ସରକାରୀ ଅଧିକାରୀ ହୋଇଥିବାରୁ ତାଙ୍କୁ ଗିରଫ ପରେ ସ୍ଥାନୀୟ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସର ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ଭୀମଟାଙ୍ଗୀସ୍ଥିତ ହାଉସିଂ ବୋର୍ଡ କଲୋନିର ପ୍ଲଟ୍ ନଂ. ଏ/ଏଲ୍-୫୫ରେ ଥିବା ଦୁଇ ମହଲା କୋଠା, ରାଜାରାଣୀ କଲୋନିସ୍ଥିତ ପ୍ଲଟ୍ ନଂ.୩୮୪/୨୩୨୮ରେ ଥିବା ୩ ମହଲା କୋଠା (୧.୪୫ କୋଟି ଟଙ୍କା), ପ୍ଲଟ୍ ନଂ. ୩୮୫/୨୩୨୯ରେ ଥିବା ୩ ମହଲା କୋଠା, ଲୁଇସ୍ ରୋଡ୍ ଗ୍ୟାରେଜ ଛକ ଓ ପୁରୁଣା ଭୁବନେଶ୍ୱର ଶିଶୁପାଳଗଡ଼ରେ ଗୋଟିଏ ଲେଖାଏ କୋଠା, ନିମାପଡ଼ା ଖେଲାର ବଜାରରେ ୧୦ଟି ଦୋକାନ ଘର



ବ୍ୟାଙ୍କ୍ ଲକରରୁ ମିଳିଥିବା ସୁନା ଅଳଙ୍କାର



ଗିରଫ ବ୍ରଜେନ୍ଦ୍ର କୁମାର ନାୟକ

- **ଆୟଠାରୁ ୨୮୪% ଅଧିକ ସମ୍ପତ୍ତି ଠୁଳ କରିଥିଲେ ବ୍ରଜେନ୍ଦ୍ର**
- **ବ୍ୟାଙ୍କରୁ ମିଳିଲା ୬୪୪.୪୫ ଗ୍ରାମ ସୁନା ଅଳଙ୍କାର**
- **ସ୍ତ୍ରୀଙ୍କ ନାମରେ ବି ମାମଲା**

ଓ ୨ହଜାର ବର୍ଗଫୁଟ୍ ବିଶିଷ୍ଟ ହଲ୍ ଥିବା ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଏବଂ ପୈତୃକ ଗାଁ ସୁନୁଗୋରଡ଼ିସ୍ଥିତ ପ୍ଲଟ ନଂ.୨୦୨ରେ ଥିବା ଫାର୍ମ ହାଉସ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଂ ପ୍ରୟାସ ଜାରି ରଖିଛି। ସେହିଭଳି ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୨ଟି ଓ ନିମାପଡ଼ାରେ ୫ ପ୍ଲଟ, ବ୍ୟାଙ୍କ ଓ ଜୀବନ ବୀମା ଜମା ୧.୫ କୋଟି, ୭.୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ ଓ ୩ଟି ବାଇକ ମଧ୍ୟ ଠାବ ହୋଇଛି। ସେହିପରି ସ୍ଥାନୀୟ ୟୁକୋ ବ୍ୟାଙ୍କ ଲକରରେ ବ୍ରଜେନ୍ଦ୍ର ଗଚ୍ଛିତ ରଖିଥିବା ୬୪୪.୪୫ ଗ୍ରାମ ସୁନା ଅଳଙ୍କାର ଉଦ୍ଧାର କରିଛି ଭିଜିଲାନ୍ସ ଟିମ୍।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସର ୮ଟି ଟିମ୍ ବ୍ରଜେନ୍ଦ୍ରଙ୍କ ଘର ସମେତ ନୟାଗଡ଼, ଭୁବନେଶ୍ୱର ଓ ପୁରୀର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଏହି ସ୍ଥାନ ମଧ୍ୟରେ ବ୍ରଜେନ୍ଦ୍ରଙ୍କ ନୟାଗଡ଼ ସିଏସ୍‌ଓ କାର୍ଯ୍ୟାଳୟସ୍ଥିତ କୋଠରି, ନୟାଗଡ଼ ମିଶ୍ର କଲୋନିରେ ଭଡ଼ାରେ ରହୁଥିବା ବାସଭବନ ଓ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ସୁନୁଗୋରଡ଼ି ଗ୍ରାମସ୍ଥିତ ପୈତୃକ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ହୋଇଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୨ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ଥିଲେ।

# ନୂଆପଡ଼ାରେ ଟ୍ରମା କେୟାର ସେଣ୍ଟର ଲାଗି ୭୫.୭୦ କୋଟି ମଞ୍ଜୁର

**ଭୁବନେଶ୍ୱର, ୧୭।୬(ଅଭିଜିତ ଦାସ)**

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଟ୍ରମା କେୟାର କେନ୍ଦ୍ର ନିର୍ମାଣ ନିମନ୍ତେ ରାଜ୍ୟ ସରକାର ୭୫.୭୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପ୍ରକଳ୍ପ ଖର୍ଚ୍ଚ ଆକଳନକୁ ପ୍ରଶାସନିକ ଅନୁମୋଦନ ଦେଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କେନ୍ଦ୍ରକୁ ଲେଭଲ-୩ ଟ୍ରମା କେୟାର ସେଣ୍ଟର ଭାବେ ବିକଶିତ କରାଯିବ। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନିୟମାବଳୀ ଅନୁଯାୟୀ ଏଥିରେ ଅତ୍ୟାଧୁନିକ ଚିକିତ୍ସା ଉପକରଣ, ଆଇସିୟୁ, ପର୍ଯ୍ୟବେକ୍ଷଣ କକ୍ଷ, ଲ୍ୟାବ ଆଦିର ବ୍ୟବସ୍ଥା ରହିବ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ୧୦୬ଟି ଟ୍ରମା କେୟାରରେ ୧୫୬୦ଟି ବେଡ୍ ରହିଛି। ଏହାଛଡ଼ା ୧୮ଟି ଘରୋଇ ସ୍ପେଶାଲିଷ୍ଟ ହସ୍ପିଟାଲର ଟ୍ରମା କେନ୍ଦ୍ରକୁ ମଧ୍ୟ ଟ୍ରମା କେୟାର ଚିକିତ୍ସା ନିମନ୍ତେ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଘରୋଇ ହସ୍ପିଟାଲ ଟ୍ରମା ସେଣ୍ଟରଗୁଡ଼ିକରେ ଦେୟମୁକ୍ତ ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଟ୍ରମା କେୟାର ଦେୟମୁକ୍ତ ଚିକିତ୍ସା ପାଣ୍ଠିର ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଛନ୍ତି।

# କୋରାପୁଟରୁ ପୁରୀ ଗଲା ୨ ମେଟ୍ରିକ ଟନ୍ ଗୁଡ଼

**କୋରାପୁଟ, ୧୭।୬(ଅମିତାଭ ବେହେରା)**

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ବ୍ୟବହାର ପାଇଁ କୋରାପୁଟରୁ ଶନିବାର ୨ ମେଟ୍ରିକ ଟନ୍ ଗୁଡ ପଠାଯାଇଛି। ଏହି ଗୁଡ଼ କାଫୋକ ଜରିଆରେ ପୁରୀର ଉତ୍ପାଦକ ଗୋଷ୍ଠୀ ନିକଟକୁ ପଠାଯାଇଥିବା ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରେଶନ କୁମାର କାର୍ତ୍ତିକ କହିଛନ୍ତି। ପୁରୀର ଉତ୍ପାଦକ ଗୋଷ୍ଠୀ ସହାୟତାରେ ଏହି ଗୁଡ଼ ଶ୍ରୀଜଗନ୍ନାଥ ମନ୍ଦିରକୁ ବିକ୍ରି କରାଯିବ। କୋରାପୁଟ ଜିଲାର କୋଟପାଡ, କୁନ୍ଦୁରା, ବୋରିଗୁମ୍ମା ଓ ଲକ୍ଷ୍ମୀପୁର ବ୍ଲକର ଚାଷୀମାନେ ଆଖୁ ଚାଷ କରୁଥିବାବେଳେ କୋରାପୁଟ ଆଗ୍ରୋ ପ୍ରଡକ୍ଟ ପ୍ରଡ୍ୟୁସର କମ୍ପାନୀ ଲିଃ ଚାଷୀଙ୍କଠାରୁ ଗୁଡ଼ କ୍ରୟ କରିଥାଏ। ଏହି ସଂଗୃହୀତ ଗୁଡ଼କୁ ଏବେ ପୁରୀ ପଠାଯାଇଛି ବୋଲି କାର୍ତ୍ତିକ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ପଠାଯାଇଥିବା ଗୁଡ଼ରୁ ୧ ମେଟ୍ରିକ ଟନ୍ ପୁରୀର ଶ୍ରୀଜଗନ୍ନାଥ ମନ୍ଦିରକୁ ବିକ୍ରି କରାଯିବ। ଆଉ ଗୋଟେ ଟନ୍ ଗୁଡ଼ ଆଗାମୀ ଦିନରେ ହେବାକୁ ଥିବା ପଲ୍ଲିଶ୍ରୀ ମେଳାରେ ବିକ୍ରି ପାଇଁ ରହିବ।

ସୂଚନାଯୋଗ୍ୟ, ରଥଯାତ୍ରା ଅବସରରେ ପୁରୀରେ ଆସନ୍ତା ୧୯ରୁ ୨୮ ପର୍ଯ୍ୟନ୍ତ ଜାତୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ହେଉଛି। ମେଳାରେ କୋରାପୁଟ ଜିଲା କୁନ୍ଦୁରା, ବୋରିଗୁମ୍ମା, କୋଟପାଡ ଅଞ୍ଚଳରୁ ଜୈବିକ ଗୁଡ଼ ସହ ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକରୁ ଲେମନ ଗ୍ରାସ୍ ତେଲ, ଲକ୍ଷ୍ମୀପୁର ବ୍ଲକରୁ ହଳଦୀଗୁଣ୍ଡ, କୋଟିଆ ଅଞ୍ଚଳର ଝାଡୁ, ସେମିଳିଗୁଡ଼ାରୁ ଗୋଲମରିଚ, ବୋରିଗୁମ୍ମା ଓ କୋଟପାଡ଼ ବ୍ଲକରୁ କଳାବତୀ ଚାଉଳ ଏବଂ କୋରାପୁଟ ବ୍ଲକରୁ ମାଣ୍ଡିଆ ଆଦି ସାମଗ୍ରୀ ପୁରୀକୁ ପଠାଯାଇଥିବା ଓର୍‌ମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କାର୍ତ୍ତିକ କହିଛନ୍ତି।

# କିରାଣିଙ୍କ ୩ କୋଟିର ସମ୍ପତ୍ତି

## ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ

**ବାରିପଦା, ୧୭।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଭିଜିଲାନ୍ସ ଜାଲରେ ମୟୂରଭଞ୍ଜ ଜିଲା ବାରିପଦା ସଦର ଉପଜିଲାପାଳ କାର୍ଯ୍ୟାଳୟର କୋଟିପତି କିରାଣି ରାମଚନ୍ଦ୍ର ସେନ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶନିବାର ଭିଜିଲାନ୍ସ ଚଢ଼ାଉ କରିଛି। ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଭିଜିଲାନ୍ସ ବିଭାଗର ୫ଟି ଟିମ୍ ସକାଳୁ ଏକାସଙ୍ଗେ ଚଢ଼ାଉ ଆରମ୍ଭ କରିଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ତାଙ୍କଠାରୁ ୩ କୋଟି ୨୬ ଲକ୍ଷ ୨,୧୨୦ଟଙ୍କାର ସମ୍ପତ୍ତି ଠାବ ହୋଇଛି।

ରାମଚନ୍ଦ୍ର କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଜମିର କିସମ ପରିବର୍ତ୍ତନ ଦାୟିତ୍ୱରେ ରହିଥିଲେ। ସରକାରୀ ଚାକିରିରେ ଥାଇ ମଧ୍ୟ ସେ ଜଣେ ସହଯୋଗୀଙ୍କ ସହ ଜମି କିଣାବିକା କାର୍ଯ୍ୟରେ ସମ୍ପୃକ୍ତ ରହି ପର୍ଯ୍ୟାପ୍ତ ପରିମାଣର ଅର୍ଥ ସଂଗ୍ରହ କରୁଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ବାରିପଦାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡାଙ୍କ ୱାରେଣ୍ଟ ବଳରେ ଚଢ଼ାଉ କରାଯାଇଛି। ଏକକାଳୀନ କୁଲିଅଣା ବ୍ଲକ ପଡିଆରୀପୁରରେ ଥିବା ତାଙ୍କ ୪ ମହଲା ବାସଭବନ, ଗାଙ୍ଗରାଜସ୍ଥିତ ୩ ମହଲା ମାର୍କେଟ କମ୍ପ୍ଲେକ୍ସ, ବାରିପଦା



ରାମଚନ୍ଦ୍ର ସେନ

ଉପଜିଲାପାଳ କାର୍ଯ୍ୟାଳୟ, ଶ୍ୟାମାଖୁଣ୍ଟା ତହସିଲ ଅଫିସରେ କିରାଣି ଥିବା ତାଙ୍କ ପୁଅଙ୍କ କାର୍ଯ୍ୟାଳୟ ଏବଂ ବାରିପଦା ୨୩ ନମ୍ବର ୱାର୍ଡର ତୁଳସୀ ଚଉରା ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଗୋଟିଏ ୩ ମହଲା ଓ ଗୋଟିଏ ୪ ମହଲା କୋଠା, ୧୬ଲକ୍ଷ ୧୬ହଜାର ଟଙ୍କାର ଜମି ବିକ୍ରି ଦଲିଲ ଯାହାର ପ୍ରକୃତ ମୂଲ୍ୟ ବହୁ ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଓ ବୀମା ଜମା, ୧୫ଟି ପ୍ଲଟ, ନଗଦ ୧୬,୯୨୦ଟଙ୍କା, ୩୦ ଲକ୍ଷ ୫୫ ହଜାର ଟଙ୍କାର ସୁନାଗହଣା ଓ ଘରକରଣା ଜିନିଷ, ୨୦ ଲକ୍ଷ ୫୦ହଜାର ଟଙ୍କାର ୩ଟି କାର୍, ୪ଟି ଦୁଇଚକିଆ ଗାଡ଼ି ଏପର୍ଯ୍ୟନ୍ତ ଠାବ ହୋଇଥିବା ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ନରହରି ନାୟକଙ୍କଠାରୁ ସୂଚନା ମିଳିଛି। ସମ୍ପୂର୍ଣ୍ଣ ତଦନ୍ତ ସରିଲେ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଜଣେ ଅତିରିକ୍ତ ଏସ୍‌ପି, ୫ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର ଓ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।




ରେନଲ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଚେନ୍ନାଇ ପ୍ଲାଣ୍ଟ ପରିସରରୁ ରୋନେର ୧୦ ଲକ୍ଷ ତମ ଯାନ ନିକଟରେ ଉତ୍ପାଦିତ ହୋଇଯାଇଛି। ଏହି ଅବସରରେ ରେନଲ୍ଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା କ୍ରଣ୍ଟି ସିଇଓ ଭେଙ୍କଟରାମ ମାମିଲାପେଲେ ପତାକା ଦେଖାଇ ରେନୋର ୧୦,୦୦,୦୦୦ତମ ଯାନକୁ ଉନ୍ମୋଚନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରୋନେର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## କେଏଫ୍‌ସିର ନ୍ୟୁ ସ୍ନାକର ରେଞ୍ଜ

**ଭୁବନେଶ୍ୱର,୧୭।୬**

ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍‌ଫର୍ମ କେଏଫ୍‌ସିର ନ୍ୟୁ ସ୍ନାକର ରେଞ୍ଜର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କେଏଫ୍‌ସି ସ୍ନାକର ରେଞ୍ଜ କେବଳ ୯୯ ଟଙ୍କାର ଅବିଶ୍ୱସନୀୟ ମୂଲ୍ୟରେ ଆଇକନିକ୍ କେଏଫ୍‌ସି ସ୍ୱାଦ ପ୍ରଦାନ କରୁଛି। ବିଶେଷକରି କେଏଫ୍‌ସିର ନୂତନ ତମ ଉତ୍ପାଦ ଉପଯୁକ୍ତ ସ୍ନାକିଂ ବିକଳ୍ପ ଭାବେ ଏହା ବେଶ୍ ସହାୟକ ହେବ। ସେହିଭଳି ଚିକେନ ଲଙ୍ଗର, ଭେଜ୍ ଲଙ୍ଗର, କ୍ଲାସିକ୍ ଚିକେନ୍ ରୋଲ୍, ରେଗୁଲାର ଚିକେନ୍ ପପ୍‌କର୍ନ ଭଳି କ୍ଲାସିକ୍ ମେନ୍ୟୁ ଖାଦ୍ୟ ସହିତ କ୍ରସର, ଚକୋ ଲାଭା, ଫ୍ରାଏଜ୍ ଓ ପେପ୍‌ସି ଭଳି ଲୋକପ୍ରିୟ ସାଇଡ୍‌ଗୁଡ଼ିକ ୯୯ଟଙ୍କାରେ ଉପଲବ୍ଧ ହେଉଛି। ନୂଆ କେଏଫ୍‌ସି ସ୍ନାକର ରେଞ୍ଜ ସହିତ ସ୍ନାକ୍ ଓ ଚିଲ୍ ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ ଡାଇନ୍-ଇନ୍ କିମ୍ବା ଟେକ୍‌ଆୱେ ସମୟରେ ନିଜ ପସନ୍ଦର ଖାଦ୍ୟକୁ ସମସ୍ତ କେଏଫ୍‌ସି ରେଷ୍ଟୁରାଣ୍ଟଗୁଡ଼ିକରେ କେବଳ ୯୯ ଟଙ୍କାରେ ଅର୍ଡର କରନ୍ତୁ।

## ନିଟ୍ (ୟୁଜି) ୨୦୨୩ରେ ଜିନ୍ଦେଗୀ ଫାଉଣ୍ଡେସନର ବାଜିମାତ୍




**ଭୁବନେଶ୍ୱର,୧୭।୬**

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ନିଟ୍ (ୟୁଜି) ଫଳାଫଳରେ ଜିନ୍ଦେଗୀ ଫାଉଣ୍ଡେଶନର ୧୩ରୁ ୧୩ ଜଣ ଛାତ୍ର ବାଜିମାତ୍ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନିଟ୍ (ୟୁଜି) ୨୦୨୩ର ଫଳାଫଳ ନିକଟରେ ପ୍ରକାଶିତ ହୋଇଯାଇଛି। ଉକ୍ତ ଫଳାଫଳ ଅନୁଯାୟୀ ଜିନ୍ଦେଗୀ ଫାଉଣ୍ଡେଶନର ୧୩ ଛାତ୍ରୀଛାତ୍ର ସଫଳତାର ସହ କୃତିତ୍ୱ ହାସଲ କରିଛନ୍ତି। ଏ ସମ୍ପର୍କରେ ଜିନ୍ଦେଗୀ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଜୟ ବାହାଦୁର ସିଂ କହିଛନ୍ତି, ଫାଉଣ୍ଡେଶନର ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ଆଶା ଓ ଲକ୍ଷ୍ୟ ପୂରଣ ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଉଛି। ଏପରିକି ୨୦୨୩-୨୪ ଶିକ୍ଷା ବର୍ଷରେ ଫାଉଣ୍ଡେଶନ ୧୩ ଛାତ୍ରୀଛାତ୍ର ଦେଶର ବିଭିନ୍ନ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଫାଉଣ୍ଡେଶନର ଛାତ୍ର ବିଶ୍ୱରଞ୍ଜନ ୭୨୦ରୁ ୬୪୦ ନମ୍ବର ଓ ସୂର୍ଯ୍ୟକାନ୍ତ ୬୦୪ ନମ୍ବର ରଖିଥିବାବେଳେ ଅନ୍ୟମାନେ ମଧ୍ୟ ଭଲ ନମ୍ବରରେ କୃତକାର୍ଯ୍ୟ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୭ବର୍ଷ ମଧ୍ୟରେ ଫାଉଣ୍ଡେଶନର ୧୦୩ ଜଣ ଛାତ୍ର ମେଡିକାଲ କଲେଜରେ ନାମ ଲେଖାଇବା ସହ କେତେଜଣ ଛାତ୍ର ଚିକିତ୍ସକ ମଧ୍ୟ ହୋଇସାରିଛନ୍ତି। ସୂଚନାଯୋଗ୍ୟ, ୨୦୧୭ରେ ଜିନ୍ଦେଗୀ ଫାଉଣ୍ଡେଶନ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା।

## ଟିଏସ୍‌ଏମ୍‌ଏଲ୍‌କୁ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର

**ଭୁବନେଶ୍ୱର,୧୭।୬**

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ତଥା ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ଓ ମାନ୍ୟତା ପ୍ରଦାନ କରାଯାଇଛି। ବିଶେଷକରି ପରିବେଶ ସଂରକ୍ଷଣ ଓ ଦୀର୍ଘସ୍ଥାୟୀ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଟିଏସ୍‌ଏମ୍‌ଏଲ୍‌କୁ 'କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର'ରେ ପୁରସ୍କୃତ କରାଯାଇଛି। ଶନିବାର ଏକ ୫ ତାରକା ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଟିଏସ୍‌ଏମ୍‌ଏଲ୍‌କୁ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର ଦିଆଯାଇଛି। ସେହିଭଳି ୨୦୨୨ ବର୍ଷର ପ୍ରଦର୍ଶନ ପାଇଁ ୫ ତାରକା ବର୍ଗରେ କମ୍ପାନୀ ଉପରୋକ୍ତ ପୁରସ୍କାର ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ୍ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍‌ଏସ୍) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା ପକ୍ଷରୁ ମିଳିତ ଭାବେ ଆୟୋଜିତ ଦୀର୍ଘସ୍ଥାୟୀ ପରିବେଶ ଓ ଜଳବାୟୁ ପରିବର୍ତ୍ତନ-୨୦୨୩ ଶୀର୍ଷକ ୮ମ ଜାତୀୟ ସେମିନାରର ଉଦ୍‌ଘାଟନୀ ତଥା ପୁରସ୍କାର ବିତରଣ ସମାରୋହରେ କମ୍ପାନୀକୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ।

ଏ ସମ୍ପର୍କରେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଏହି ସେମିନାର ଆୟୋଜନ କରିବା ଏବଂ ଶ୍ରେଷ୍ଠ ପ୍ରଥାକୁ ବାଣ୍ଟିବା ସହ ପରସ୍ପରଠାରୁ ଶିଖିବା ଲାଗି ଶିଳ୍ପକୁ ଏକ ମଞ୍ଚ ପ୍ରଦାନ କରିଥିବାରୁ ମୁଁ ଆଇକ୍ୟୁଇଏମ୍‌ଏସ୍ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶାକୁ ଧନ୍ୟବାଦ ଜଣାଉଛି। ଏପରିକି ଟାଟା ଷ୍ଟିଲ୍ ମାଇନିଂକୁ ପ୍ରଦାନ କରାଯାଇଥିବା ଉକ୍ତ ମାନ୍ୟତା ଆମକୁ ଏକ ସବୁଜ ଓ ଅଧିକ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଠନ କରିବା ଲାଗି ଆମ ଉଦ୍ୟମକୁ ଆଗକୁ ବଢ଼ାଇବାରେ ଉତ୍ସାହିତ କରିବ।

## ଖିମ୍‌ଜୀ ଜୁଏଲର୍ସର ବୈକୁଣ୍ଠ କଲେକ୍ସନ

**ଭୁବନେଶ୍ୱର,୧୭।୬ (ଅଭୟ ଦାଶ)**

ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ସୂକ୍ଷ୍ମ ଅଳଙ୍କାରର ବ୍ୟାପକ ଡିଜାଇନ 'ବୈକୁଣ୍ଠ କଲେକ୍ସନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷର ପବିତ୍ର ରଥଯାତ୍ରା ଉପଲକ୍ଷେ ଖିମ୍‌ଜୀ ଜୁଏଲର୍ସର ସ୍ୱତନ୍ତ୍ର ଉତ୍ପାଦ 'ବୈକୁଣ୍ଠ କଲେକ୍ସନ'ର ସୀମିତ ସଂଗ୍ରହକୁ ଶନିବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଏପରିକି ପ୍ରତିଷ୍ଠାନର ଅଭିଜ୍ଞ କାରିଗରଙ୍କର ସ୍ୱତନ୍ତ୍ର କାରିଗରିରେ ତିଆରି ହୋଇଥିବା ଉପରୋକ୍ତ ସଂଗ୍ରହଗୁଡ଼ିକୁ ଗ୍ରାହକମାନେ ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର, ପୁରୀ ଏବଂ କଟକସ୍ଥିତ ଶୋ'ରୁମ୍‌ଗୁଡ଼ିକରେ ୨୦୨୩ ଜୁନ୍ ୩୧ ମଧ୍ୟରେ କ୍ରୟ କରିପାରିବେ। ସେହିଭଳି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରୁ ଖିମ୍‌ଜୀର ବୈକୁଣ୍ଠ କଲେକ୍ସନ ପ୍ରେରିତ ହୋଇଛି। ଏପରିକି ହୃଦୟରୁ କାରିଗରି କରାଯାଇଥିବା ଉକ୍ତ ସଂଗ୍ରହ ମହାପ୍ରଭୁଙ୍କ ଭକ୍ତମାନଙ୍କର ନିକଟତର କରି ରଖିବ ବୋଲି ଆଶା କରାଯାଉଛି।




ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ହେଉଛି ଓଡ଼ିଶାବାସୀଙ୍କ ପାଇଁ ଏକ ଧାର୍ମିକ ଏବଂ ଭକ୍ତିର ମହାପର୍ବ। ବର୍ଷକୁ ଥରେ ଭକ୍ତମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅତି ନିକଟତର ହେବାର ଅପାର ସୁଯୋଗ ପାଇଥାନ୍ତି। ବିଶେଷକରି ଭକ୍ତି ଏବଂ ଭାବ ଓ ଆଧ୍ୟାତ୍ମିକତାର ଏହି ଉତ୍ସବ ପାଇଁ ଆମର ବୈକୁଣ୍ଠ କଲେକ୍ସନ ଉତ୍ସର୍ଗୀକୃତ। ଆମର ଗ୍ରାହକମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସେମାନଙ୍କ ହୃଦୟର ନିକଟତର କରିବା ଏବଂ ଆଶୀର୍ବାଦ ନେବା ପାଇଁ ସାହାଯ୍ୟ କରିବ।

ଉଲ୍ଲେଖଯୋଗ୍ୟ, 'ବୈକୁଣ୍ଠ କଲେକ୍ସନ' କେବଳ ସୀମିତ ସମୟ ପାଇଁ ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର, ପୁରୀ, ଚନ୍ଦ୍ରଶେଖରପୁର ଏବଂ କଟକ ସ୍ଥିତ ଶୋରୁମ୍‌ରେ ଉପଲବ୍ଧ। ଏପରିକି ଗ୍ରାହକମାନେ ଏହି ସ୍ୱତନ୍ତ୍ର ଅଳଙ୍କାର ମାଧ୍ୟମରେ ରଥଯାତ୍ରାକୁ ଭକ୍ତି ଏବଂ ଉତ୍ସାହ ସହ ପାଳନ କରିବେ।

## ଡାସଲ୍ଟ ସିଷ୍ଟମ ଆପଣାଇବ ଜେଏସ୍‌ଏଲ୍

**ଭୁବନେଶ୍ୱର,୧୭।୬**

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ତଥା ଭାରତର ଅଗ୍ରଣୀ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ସମସ୍ତ ୟୁନିଟ୍‌ରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଡାସଲ୍ଟ ସିଷ୍ଟମକୁ ଆପଣାଇବା ସହ ତା'ର ଉତ୍ପାଦନ ଯୋଜନା, ସିଡ୍ୟୁଲିଂ ଓ ନିର୍ବାହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖିଛି। ନିକଟରେ ଜେଏସ୍‌ଏଲ୍‌ର କ୍ଷମତାକୁ ବାର୍ଷିକ ଉତ୍ପାଦନ ୨.୯ ନିୟୁତ ଟନ୍ ଏମ୍‌ଟିପିଏରେ ପରିଣତ କରିବ। ଫଳରେ ଜେଏସ୍‌ଏଲ୍‌ର ୟୁନିଟ୍‌ଗୁଡ଼ିକରୁ ଉତ୍ପାଦିତଗୁଡ଼ିକୁ ମିଶ୍ରଣକରି ଦ୍ୱିଗୁଣିତ କରିବ ଓ ଜେଏସ୍‌ଏଲ୍‌ର ହିସାର (ହରିୟାଣା) ଏବଂ ଯାଜପୁର (ଓଡ଼ିଶା) ମଧ୍ୟରେ ଉତ୍ପାଦନ ଓ କାର୍ଯ୍ୟ ପରିଚାଳନାକୁ କ୍ରମାଗତ ଭାବେ ପରିଚାଳନା କରିବ।

ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ପୁରୁଣା ପ୍ରଣାଳୀକୁ ସୃଜନଶୀଳ ଭାବେ ଭାଙ୍ଗିବା ଓ ଡିଜିଟାଇଜେଶନ ଓ ସ୍ୱୟଂଚାଳିତ ସହ ନୂଆ ଯୁଗର ମଡେଲ ଗ୍ରହଣ କରିବା ଦିଗରେ ଆମର ଏହା ଆଉ ଏକ ସାହସିକ ପଦକ୍ଷେପ। ଏପରିକି କିଛି ବର୍ଷ ପୂର୍ବେ ଆମେ ଭାରତୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉଦ୍ୟୋଗରେ ଏକ ଅଗ୍ରଣୀ ଓ ପ୍ରଥମ ସଙ୍ଗଠନ ଥିଲୁ, ଯାହା ଫଳରେ ଆମ ସହିତ ସବୁ ବର୍ଗର ଗ୍ରାହକ ଯୋଡ଼ିହୋଇଥିଲେ। ସେହିଭଳି ବର୍ତ୍ତମାନ ଆମେ କାର୍ଯ୍ୟ କ୍ଷେତ୍ରରେ ୩୬୦ ଡିଗ୍ରୀର ଏକୀକରଣ ଦିଗରେ କାର୍ଯ୍ୟ କରୁଛୁ। ଅପରପକ୍ଷରେ ଜେଏସ୍‌ଏଲ୍‌ର ଭାଇସ୍ ପ୍ରେସିଡେଣ୍ଟ କୋରିନେ ବୁଲୋଟା କହିଛନ୍ତି, ଏହା ଆମକୁ ରିୟଲ ଟାଇମ ଭିଜିବିଲିଟି, ସିମୁଲେଶନ ଓ ଅପ୍ଟିମାଇଜେଶନ କ୍ଷମତା ବଢାଇବାରେ ସାହାଯ୍ୟ କରିବ। ଜିନ୍ଦଲ ଷ୍ଟେନ୍‌ଲେସ୍ ଉତ୍ପାଦନ ପ୍ରଣାଳୀର ଭର୍ଚୁଆଲ ଅଭିଜ୍ଞତା ଜିନ୍ଦଲ ଷ୍ଟେନ୍‌ଲେସକୁ କାର୍ଯ୍ୟକ୍ଷମତା ଓ ଉତ୍ପାଦର ଗୁଣବତ୍ତାକୁ ଉନ୍ନତ କରିବାରେ ବ୍ୟାପକ ସାହାଯ୍ୟ କରିବ।

**ଫୁର୍‌ସତ୍**

# ଅବସର ବିନୋଦନ ଆଣେ ନୂଆ ଉତ୍ସାହ

### ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସ

**ବ୍ୟ**ସ୍ତବହୁଳ ଜୀବନରେ ଅବସର ବିନୋଦନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ମନରେ ନୂଆ ଉତ୍ସାହ ସୃଷ୍ଟି କରିଥାଏ। ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ ୧୮ରେ ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସ ପାଳନ କରାଯାଇଥାଏ। ପିକ୍‌ନିକ୍ ବର୍ଷ ବର୍ଷ ଧରି ଅଧିକାଂଶ ସଂସ୍କୃତିର ଏକ ମୁଖ୍ୟ ପାଲଟିଛି। ଏହାର ଲୋକପ୍ରିୟତା ସିଧାସଳଖ ଫରାସୀ ବିପ୍ଳବ ସମୟରୁ ହୋଇଥିବା କୁହାଯାଇଥାଏ। ସ୍ଥଳବିଶେଷରେ ପିକ୍‌ନିକ୍‌ର ସଂଜ୍ଞା ଭିନ୍ନ ହୋଇପାରେ, କିନ୍ତୁ ଏକ ଉପଭୋଗ୍ୟ ଦିନ ପାଇଁ ଲୋକଙ୍କୁ ଏକାଠି କରିବାର ଏହା ଏକ ଉତ୍ତମ ଉପାୟ ।ବିଶ୍ୱର ଅନେକଙ୍କ ପାଇଁ ପିକ୍‌ନିକ୍ ହେଉଛି ସେମାନଙ୍କର ଦୈନନ୍ଦିନ ଜୀବନ ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବିରତି ନେଇ ଆରାମରେ ବିତାଇବା । ଅବଶ୍ୟ, ପିକ୍‌ନିକ୍ ଫ୍ରେଞ୍ଚ ବିପ୍ଳବ ପର୍ଯ୍ୟନ୍ତ ବିଦ୍ୟମାନ ନ ଥିଲା। ପରବର୍ତ୍ତୀ ସମୟରେ ଯେହେତୁ ସର୍ବସାଧାରଣ ପାର୍କଗୁଡ଼ିକ ବହୁ ସଂଖ୍ୟାରେ ଉପଲବ୍ଧ ହେଲା, ଏହାପରେ ପିକ୍‌ନିକ୍ ଦିବସ ପାଳନ ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଲା। ଯଦିଓ ଆଧୁନିକ ପିକ୍‌ନିକ୍ ସୃଷ୍ଟିରେ ଫରାସୀ ମାନ୍ୟତା ପାଇଛନ୍ତି। ଜଗତୀକରଣ ଏବଂ ବ୍ୟକ୍ତିଗତ ସଂସ୍କୃତି ପିକ୍‌ନିକ୍‌ର ଲୋକପ୍ରିୟତା ପାଇଁ ଦାୟୀ। ୨୦୧୮ରେ ୫୫% ଆମେରିକୀୟ ଯୁବବର୍ଗ କହିଥିଲେ, ପିକ୍‌ନିକ୍ କରିବା ସେମାନଙ୍କର ଉଷ୍ମ-ପାଗର କାର୍ଯ୍ୟକଳାପକୁ ବୃଦ୍ଧି କରିଥାଏ। ପିକ୍‌ନିକ୍‌ର ସଂକଳ୍ପ ବିସ୍ତାର ହୋଇଥିବାରୁ ବିଭିନ୍ନ ସ୍ଥାନର ବହୁ ସଂଖ୍ୟାରେ ବିଭିନ୍ନ ପରମ୍ପରା ସୃଷ୍ଟି ହୋଇଛି। ଦୁନିଆରେ ବହୁତ କମ୍ ସଂସ୍କୃତି ଅଛି, ଯେଉଁମାନେ କି ପିକ୍‌ନିକ୍ କରିବାରେ ଜଡିତ ନୁହନ୍ତି । ପିକ୍‌ନିକ୍ ହେଉଛି ଅବସର ସମୟକୁ ଉପଭୋଗକରିବାରଏକଚମତ୍କାରଉପାୟ।



'ପିକ୍‌ନିକ୍' ଶବ୍ଦର ମୂଳ ଫରାସୀ ଶବ୍ଦ 'ପାଇକ-ନିକ'ରୁ ଆସିଛି। ଫ୍ରେଞ୍ଚ ବିପ୍ଳବ ପରେ ଫ୍ରାନ୍ସରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇ ଦେଶର ରାଜକୀୟ ଉଦ୍ୟାନରେ ବାହ୍ୟଭୋଜନ ଉପଭୋଗ କରିବାର ସୁଯୋଗ ପ୍ରଦାନ କରିଥିଲା। ଏହି ଅବକାଶ ସମାବେଶଗୁଡ଼ିକ ଊନବିଂଶ ଶତାବ୍ଦୀର ଇଂଲଣ୍ଡରେ ବିସ୍ତୃତ ସାମାଜିକ ଇଭେଣ୍ଟରେ ରୂପାନ୍ତରିତ ହୋଇଥିଲା, ଯେପରି ଜେନ୍ ଆଷ୍ଟେନ୍‌ଙ୍କ ଉପନ୍ୟାସରେ ଚିତ୍ରିତ ହୋଇଥିଲା, କିଛି ଦିନର ପ୍ରସ୍ତୁତି ସହିତ ବିସ୍ତୃତ ମେନୁଗୁଡ଼ିକ ପ୍ରଦର୍ଶନ କରାଯାଇଥିଲା । ୧୯୮୯ରେ ପାନ-ୟୁରୋପୀୟ ଭଳି ରାଜନୈତିକ ବିରୋଧ ସମୟରେ ପିକ୍‌ନିକ୍ ସାଧାରଣ ଲୋକଙ୍କ ଏକତାକୁ ପ୍ରତିପାଦିତ କରି ଏହା ଏକ ସାଙ୍କେତିକ ସ୍ଥିତି ଗ୍ରହଣ କରିଥିଲା। ୨୦୦୯ରେ, ଲିସ୍‌ବନ ୨୦ ହଜାରରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ ଏକ ଆୟୋଜନ କରାଯାଇ ସର୍ବବୃହତ୍ ପିକ୍‌ନିକ୍‌ର ରେକର୍ଡ ହୋଇଥିଲା। ଏହାକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଦ୍ୱାରା ସ୍ୱୀକୃତି ମିଳିଥିଲା। ମିଳିତ ହୋଇ ପ୍ରକୃତି ଏବଂ ବାହ୍ୟ ଭୋଜନର ସରଳ ଆନନ୍ଦର ଉତ୍ସବ ଭାବରେ ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସର ମହତ୍ତ୍ୱ ରହିଛି। ଆମର ବ୍ୟସ୍ତବହୁଳ ଜୀବନରୁ ବିରାମ ଦେବା, ପ୍ରିୟଜନଙ୍କ ସହିତ ଏକାଠି ହେବା ଏବଂ ସୁନ୍ଦର ପରିବେଶରେ ସୁସ୍ୱାଦୁ ଖାଦ୍ୟ ଉପଭୋଗ କରିବା ପାଇଁ ଏହା ଏକ ସ୍ମରଣୀୟ ସମୟ ଭାବରେ କାର୍ଯ୍ୟ କରେ। ଏହି ବିଶେଷ ଦିନ ଆମକୁ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ, ପରିବାର ଏବଂ ସାଙ୍ଗମାନଙ୍କ ସହିତ ସଂଯୋଗ ସ୍ଥାପନ କରିବାକୁ, ଏବଂ ବାହାରେ ସମୟ ବିତାଇବା ଦ୍ୱାରା ଆସୁଥିବା ଆରାମ ଏବଂ ନବୀକରଣକୁ ଗ୍ରହଣ କରିବାକୁ ଉତ୍ସାହିତ କରେ। ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସ ଆମକୁ ସ୍ମରଣ କରାଏ ଅଂଶୀଦାର ସୁଖର ଏହି ମୁହୂର୍ତ୍ତଗୁଡ଼ିକୁ ସମ୍ମାନ କରିବା ଏବଂ ଆମ ଚାରିପାଖରେ ଥିବା ଦୁନିଆ ସହିତ ସମନ୍ୱୟର ଭାବନା ସୃଷ୍ଟି କରିବା।

## ସୀତା ଚରିତ୍ର ପାଇଁ କ୍ରିତିଙ୍କୁ ମିଳି ନ ଥିଲା ପ୍ରଥମ ଅଫର

**ମୁମ୍ବାଇ**

ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଓମ୍ ରାଓ୍ୱତଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆଦିପୁରୁଷ' ଗତ ଶୁକ୍ରବାର ପ୍ରେକ୍ଷାଳୟରେ ରିଲିଜ ହୋଇସାରିଛି। ରିଲିଜ୍ ପରେ ଚଳଚ୍ଚିତ୍ରକୁ ନେଇ ବିବାଦ ଦେଖାଦେଇଛି। ତେବେ ମୁଭିରେ ଅଭିନେତା ପ୍ରଭାସ ରାମ ଭୂମିକାରେ ଅଭିନୟ କରିଥିବାବେଳେ ସାଉଥ୍ ଅଭିନେତ୍ରୀ କ୍ରିତି ସାନନ ମାତା ସୀତାଙ୍କ ଭୂମିକାରେ ଅଭିନୟ କରିଥିବା ନଜରକୁ ଆସିଛନ୍ତି। କ୍ରିତି ପ୍ରଥମ ଥର ପାଇଁ ଏପରି ଚରିତ୍ରରେ ଅଭିନୟ କରିଛନ୍ତି। ଯଦିଓ ସୀତାଙ୍କ ଲୁକ୍‌ରେ ସେ ସୁନ୍ଦର ଦେଖାଯାଉଛନ୍ତି, ମାତ୍ର କ୍ରିତି ଏହି ଭୂମିକା ପାଇଁ ନିର୍ମାତାଙ୍କ ପ୍ରଥମ ପସନ୍ଦ ନ ଥିଲେ। କ୍ରିତିଙ୍କ ପୂର୍ବରୁ ନିର୍ମାତା ୩ ଅଭିନେତ୍ରୀଙ୍କୁ ସୀତାଙ୍କ ଭୂମିକା ପାଇଁ ଅଫର ଦେଇଥିଲେ। ହେଲେ ସେମାନେ ଏହି ଅଫରକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। 'ଆଦିପୁରୁଷ'ରେ ସୀତାଙ୍କ ଭୂମିକା ପାଇଁ ଅନୁଷ୍କା ଶର୍ମା ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ ଥିଲେ। ସେ ଏହି ଅଫରକୁ ପ୍ରତ୍ୟାଖ୍ୟାନ କରିବା ପରେ ସାଉଥ୍ ଅଭିନେତ୍ରୀ ଅନୁଷ୍କା ସେଟ୍ଟୀଙ୍କୁ ଏହି ଅଫର ମିଳିଥିଲା। ହେଲେ ସେ ମଧ୍ୟ ଏଥିପାଇଁ ମନା କରିଦେଇଥିଲେ। ପରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ କ୍ରିତି ସୁରେଶଙ୍କୁ ଏହି ସୁଯୋଗ ମିଳିଥିଲା। ସେ ମଧ୍ୟ ଏହି ସୁଯୋଗକୁ ହାତଛଡ଼ା କରିଥିଲେ। ପରେ ଯେତେବେଳେ କ୍ରିତି ସାନନଙ୍କୁ ଏହି ଚରିତ୍ର ପାଇଁ ଅଫର ଆସିଥିଲା, ସେ ଏହାକୁ କରିବାକୁ ନିଷ୍ପତ୍ତି ନେଇଥିଲେ।



## ଦ୍ୱୀପରେ ବାସକଲେ ମିଳିବ ୭୧ ଲକ୍ଷ ଟଙ୍କା

**ଡୁବଲିନ୍:** ଦେଶରେ କିଛି ବିପତ୍ତି ଆସିଲେ ଅନେକ ଲୋକ ଛାନିଆ ହୋଇ ସେଠାରୁ ଅନ୍ୟ ଦେଶକୁ ପଳାଇ ଯାଇଥାନ୍ତି। ତେବେ ନିକଟରେ ଏକ ୟୁରୋପିଆନ୍ ଦ୍ୱୀପୀୟ ଦେଶ ଆୟର୍ଲାଣ୍ଡ ସରକାର ଦେଶରେ କିଛି ଦ୍ୱୀପ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ସେହି ଦ୍ୱୀପରେ ଆସି ବସତି ସ୍ଥାପନ କରିବାକୁ ଚାହୁଁଥିବା ପ୍ରତ୍ୟେକ ଲୋକଙ୍କୁ ୭୧ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ରିପୋର୍ଟ ମୁତାବକ, ଇରିଶ ସରକାର ତାଙ୍କ ଦେଶର ଲୋକସଂଖ୍ୟା ବଢାଇବାକୁ ଲକ୍ଷ୍ୟ ରଖି ଏପରି କରୁଛନ୍ତି। ଦେଶରେ ଏପରି କିଛି ଦ୍ୱୀପ ରହିଛି, ଯେଉଁଠାରେ ଲୋକସଂଖ୍ୟା ମାତ୍ର ୧୬୦, ଯାହା ବେଳକୁ ବେଳ ଶୂନ ହେବାରେ ଲାଗିଛି। ଦେଶର ୩୦ଟି ଦ୍ୱୀପ ବିଷୟରେ ସରକାର ଚିନ୍ତା କରୁଛନ୍ତି। ଯେଉଁଠାକୁ ଯିବାକୁ ମୁଖ୍ୟରାସ୍ତା କି ମୁଖ୍ୟ ବ୍ରିଜ୍ ନାହିଁ। ସେଠାକାର ଲୋକସଂଖ୍ୟା ବୃଦ୍ଧି କରାଇବାକୁ ସରକାର ଏହି ପ୍ରୟାସ ଚଳାଇଛନ୍ତି। ସେହି ଦ୍ୱୀପରେ ରହିବାକୁ ହେଲେ ଲୋକଙ୍କୁ 'ଆମ ଦ୍ୱୀପ' ନୀତି ହିସାବରେ ୧୯୯୩ ପୂର୍ବରୁ ତିଆରି ହୋଇଥିବା କିଛି ସମ୍ପତ୍ତିକୁ କିଣିବାକୁ ହେବ, ଯାହା ଅତିକମ୍‌ରେ ୨ ବର୍ଷ ହେବ ଖାଲି ପଡ଼ିଥିବ। ଏହି ଯୋଜନା ଅନୁସାରେ, ମିଳିବାକୁ ଥିବା ଧନରାଶି ସାହାଯ୍ୟରେ ଘର ନିର୍ମାଣ ସହ ଅନ୍ୟ କାର୍ଯ୍ୟରେ ତାକୁ ଉପଯୋଗ କରିହେବ। ଏହି ସୂଚନା ମୁତାବକ, ଯିଏ ସେହି ଦ୍ୱୀପରେ ବାସ କରିବାକୁ ଚାହୁଁଥିବେ ସେମାନେ ୧ ଜୁଲାଇରୁ ଏଥିପାଇଁ ଆବେଦନ କରିପାରିବେ।



## ୧୨୭ ଘଣ୍ଟା ନାଚି ବିଶ୍ୱ ରେକର୍ଡ

**ପୁଣେ**

ନିକଟରେ ଜଣେ ୧୬ ବର୍ଷୀୟା ଯୁବତୀ ୧୨୭ ଘଣ୍ଟା ନାଚି ବିଶ୍ୱ ରେକର୍ଡ କରିଛନ୍ତି। ସେ ୫ ଦିନ ତାଙ୍କ କଲେଜ ଅଡିଟୋରିୟମ୍‌ରେ ନାଚି ଏହି ସଫଳତା ହାସଲ କରିଛନ୍ତି। ପଶ୍ଚିମ ମହାରାଷ୍ଟ୍ର ଲତୁର ଜିଲାର ୧୬ ବର୍ଷୀୟା ସୃଷ୍ଟି ସୁଧୀର ଜଗତାପ ଜଣିକିଆ ଡ୍ୟାନ୍ସ ମାରାଥନରେ ନାଚିଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡ ମୁତାବକ, ସୃଷ୍ଟି ମେ' ୨୯ରୁ ନାଚିବା ଆରମ୍ଭ କରି ଜୁନ୍ ୩ରେ ଶେଷ କରିଥିଲେ। ସେ ଭାରତୀୟ ସଂସ୍କୃତିକୁ ଅଧିକ ଆଦୃତ କରିବାକୁ କଥକ ନୃତ୍ୟ ପରିବେଷଣ କରୁଥିଲେ। ଭାରତୀୟ ନୃତ୍ୟ କରିବା ତାଙ୍କ ସ୍ୱପ୍ନ ଥିବା ସେ ଗିନିଜ୍ ୱାର୍ଲ୍ଡ ରେକର୍ଡକୁ କହିଛନ୍ତି। ସେ କିଛି ମାସ ହେବ ଏଥିପାଇଁ ଅଧିକ ପରିଶ୍ରମ କରୁଥିଲେ। ସେ ପ୍ରତିଦିନ ୪ ଘଣ୍ଟା ଧ୍ୟାନ, ୬ ଘଣ୍ଟା ନାଚ ଅଭ୍ୟାସ କରିବା ସହ ୩ ଘଣ୍ଟା ଅନ୍ୟ ବ୍ୟାୟାମ କରୁଥିଲେ। ସେ ରାତି ୧୦ଟାରେ ଶୋଇ ରାତି ୩ଟାରୁ ଉଠୁଥିଲେ। ସେ ଏହି ମାରାଥନରେ ପ୍ରତି ଘଣ୍ଟାରେ ତାଙ୍କୁ ୫ ମିନିଟ୍‌ର ବ୍ରେକ୍ ମିଳୁଥିଲା। ଏହା ପୂର୍ବରୁ ନେପାଳର ବନ୍ଦନା ନେପାଲ ୧୨୬ ଘଣ୍ଟା ନାଚି ୨୦୧୮ରେ ଏହି ରେକର୍ଡ ତାଙ୍କ ନାମରେ କରିଥିଲେ। ସୃଷ୍ଟି ତାଙ୍କ ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ କରିଛନ୍ତି।



ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୮ ଜୁନ୍, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଏକ ସବ୍ ମରାଇନ୍ ମଡ୍ ଭଲ୍‌କାନୋ ......... ଦେଶରେ ଠାବ କରାଯାଇଛି ?
୨– କାଫୁଏ ନ୍ୟାଶନାଲ୍ ପାର୍କ .......... ଦେଶରେ ଅବସ୍ଥିତ ?
୩– ନିକଟରେ ଶିବ ସୃଷ୍ଟି ଥିମ୍ ପାର୍କ ........... ରାଜ୍ୟରେ ଉଦ୍‌ଘାଟିତ ହୋଇଛି ?
୪– ........... 'ଏ ପ୍ଲେସ୍ କଲ୍ଡ ହୋମ୍' ପୁସ୍ତକ ଲେଖିଛନ୍ତି ?
୫ – ନାଜା ନାଜା ............ର ବୈଜ୍ଞାନିକ ନାମ ?

## ଗତ ଥରର ଉତ୍ତର

୧ ଜଳଶକ୍ତି
୨ ଲର୍ଡ ମିଣ୍ଟୋ ୨
୩ ବିବେକ ଦେବରୟ
୪ ଭଦଲା ସୋଲାର ପାର୍କ
୫ ସି. ଭି. ରମଣ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ଆରତୀ ସାହୁ, ସମ୍ବଲପୁର


ରଶ୍ମିତା ସାହୁ, ଝାରସୁଗୁଡା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

**ପୃଥିବୀର ସବୁଠୁ ଲୋକପ୍ରିୟ ସେଫ୍**

୧– ଜେର୍ଡନ୍ ଜେମ୍ସ ରାମ୍‌ସେ............ ବ୍ରିଟେନ୍
୨– ଜାମୀ ଓଲିଭର୍............ ଇଂଲଣ୍ଡ
୩– ଓଲ୍ଫଗ୍ୟାଙ୍ଗ୍ ପକ୍............ ଆମେରିକା/ଅଷ୍ଟ୍ରେଲିଆ
୪– ମର୍କୋ ପିରେ ହ୍ୱାଇଟ୍............ ବ୍ରିଟେନ୍
୫– ସଞ୍ଜୀବ କପୁର............ ଇଣ୍ଡିଆ
୬– ଥୋମାସ୍ କେଲର............ ଆମେରିକା
୭– ଏମେରିଲ୍ ଲାଗାସ୍............ ଆମେରିକା
୮– ଚାର୍ଲି ଟ୍ରଟର ............ ଆମେରିକା
୯– ପଲ୍ ବୋକ୍ୟୁଜ୍............ ଫ୍ରାନ୍ସ
୧୦– ଆଣ୍ଟୋନୀ ବର୍ଡେନ୍............ ଆମେରିକା

**ଜାଣନ୍ତୁ ଦୁନିଆ**

# ସୁମୋ ରେସ୍‌ଲର୍

**କୁସ୍ତି ବା ରେସ୍‌ଲିଂ ଦେଖିବାକୁ ଅନେକେ ଭଲପାଆନ୍ତି। ହେଲେ ଜାପାନର ଲୋକପ୍ରିୟ ସୁମୋ ଫାଇଟ୍ ଦେଖିବାକୁ ଅଧିକାଂଶଙ୍କ ମନରେ ଯେମିତି ଏକ ଭିନ୍ନ ଉତ୍କଣ୍ଠା ଭରି ରହିଥାଏ। ତେବେ ଜାପାନରେ ଖେଳା ଯାଉଥିବା ଏହି ସ୍ୱତନ୍ତ୍ର କୁସ୍ତି ସମ୍ପର୍କରେ ଜାଣିବା କେତେକ ରୋଚକ ତଥ୍ୟ...**



❖ଜାପାନର ଜାତୀୟ କ୍ରୀଡ଼ା ହେଉଛି ସୁମୋ। ଏହା ସେଠାରେ ଏତେ ଲୋକପ୍ରିୟ ଯେ, କେବଳ କେତେକ ରାଷ୍ଟ୍ରୀୟ ପ୍ରତିଯୋଗିତା ନୁହେଁ ସ୍କୁଲ୍, କଲେଜ ଏବଂ ଅନ୍ୟାନ୍ୟ ସଙ୍ଗଠନ ଗୁଡ଼ିକରେ ମଧ୍ୟ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥାଏ।

❖ଏହି କୁସ୍ତିରେ ଅଂଶଗ୍ରହଣ କରୁଥିବା ଯୋଦ୍ଧାଙ୍କୁ ରିକିଶି ବୋଲି କୁହାଯାଇଥାଏ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ସୁମୋ ଫାଇଟର ହେବା ଲାଗି ମାତ୍ର ୬ ବର୍ଷ ବୟସରୁ ପ୍ରଶିକ୍ଷଣ ଆରମ୍ଭ ହୋଇଥାଏ।

❖ସୁମୋ ଫାଇଟ୍ ଶିଖିବା ଲାଗି ଫାଇଟରଙ୍କୁ ଏକ ସ୍ୱତନ୍ତ୍ର ଘରେ ରହିବାକୁ ହୋଇଥାଏ, ଯାହାର ନାମ ହେ ବା ହେୟା। ଏଠାରେ ଗୁରୁ ମଧ୍ୟ ନିଜେ ରହି ଛାତ୍ରମାନଙ୍କୁ ଏହି କ୍ରୀଡ଼ାର କୌଶଳ ଶିଖାଇଥା'ନ୍ତି। ଏଠାରେ ଗୁରୁଙ୍କ ପତ୍ନୀ ମଧ୍ୟ ରୁହନ୍ତି ଏବଂ ଛାତ୍ରମାନଙ୍କୁ ୧୫–୧୬ ବର୍ଷ ହେବାଯାଏଁ ମା'ଙ୍କ ଭଳି ପାଳିଥାଆନ୍ତି।

❖କୁହାଯାଏ ଅଷ୍ଟମ ଶତାବ୍ଦୀ ବେଳକୁ ଜାପାନରେ ଥିବା ବିଭିନ୍ନ ମଠରେ ଏହି କ୍ରୀଡ଼ା ସୁମାଇ ନାମରେ ଖେଳାଯାଉଥିଲା। ପରମ୍ପରା ଅନୁଯାୟୀ ବସନ୍ତ ଋତୁ ଆଗମନରେ ସର୍ବପ୍ରଥମେ ୟୁସୁକୁନି ମଠରେ ଏହି କ୍ରୀଡ଼ାର ଆୟୋଜନ କରାଯାଇଥାଏ।

❖ତେବେ ଏହି କ୍ରୀଡ଼ା ଆରମ୍ଭ ହେବା ପୂର୍ବରୁ ଫାଇଟରମାନେ ଲୁଣ ଫିଙ୍ଗିଥା'ନ୍ତି। ଏହାଦ୍ୱାରା ଆଖଡ଼ା ସ୍ଥଳ ପବିତ୍ର ହୋଇ ଥାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି।

❖ଜାପାନରେ ସୁମୋ ଫାଇଟରମାନଙ୍କୁ ବଡ଼ ବଡ଼ ସେଲିବ୍ରେଟୀଙ୍କ ଭଳି ବ୍ୟବହାର କରାଯାଏ। ତଥାପି ଏମାନେ ସାଧାରଣତଃ ଜନବସତିଠାରୁ ଦୂରରେ ରହିଥା'ନ୍ତି। ଏହାଦ୍ୱାରା ସେମାନଙ୍କ ଧ୍ୟାନ ନିଜ ଲକ୍ଷ୍ୟପଥରେ ହିଁ ରହିଥାଏ ବୋଲି ସେମାନେ ବିଶ୍ୱାସ ରଖନ୍ତି।

❖ସୁମୋ ଫାଇଟରମାନେ ଅଧିକ ମୋଟା ହୋଇଥା'ନ୍ତି। ତେଣୁ ସେମାନେ ନିଜ ଓଜନ ବୃଦ୍ଧି ଲାଗି ସାଧାରଣ ମଣିଷଙ୍କଠାରୁ ୮–୧୦ ଗୁଣ ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇଥା'ନ୍ତି।

❖ତେବେ ନିୟମ ଅନୁଯାୟୀ ପ୍ରତ୍ୟେକ ସୁମୋ ଫାଇଟର ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରିଥା'ନ୍ତି।



**ଯିଏ ହାତ ଧରି ପିଲାକୁ ଚାଲି ଶିଖାନ୍ତି, ଯେତେ ଅସୁବିଧା ଥାଉ ନା କାହିଁକି ସବୁ କଷ୍ଟ ମନରେ ମାରି ପିଲା ମୁହଁରେ ହସ ଫୁଟାନ୍ତି ଆଉ ପିଲାର ସବୁ ଆବଶ୍ୟକତା ପୂରଣ କରି ତାଙ୍କୁ ସଫଳ ମଣିଷ କରିବାର ସ୍ୱପ୍ନ ଦେଖନ୍ତି ସେ ହେଉଛନ୍ତି ବାପା। ତେବେ ସାରା ଜୀବନ ପିଲାକୁ ସବୁ କିଛି ଦେଉଥିବା ଜନ୍ମଦାତାଙ୍କୁ ନିଜ ପ୍ରଥମ ରୋଜଗାରରେ କିଛି ଉପହାର ଦେବା ଜୀବନର ସବୁଠୁ ଖୁସିର ମୁହୂର୍ତ୍ତ। ଆଜି ଫାଦର୍ସ ଡେ' ଅବସରରେ କେତେଜଣଙ୍କ ଏଭଳି ଅନୁଭୂତିକୁ ନେଇ ବିଶେଷ ଉପସ୍ଥାପନା...**

### ବିଶ୍ୱ ପିତୃ ଦିବସ

ପିତାଙ୍କୁ ସମ୍ମାନ ଦେବା ପାଇଁ ତଥା ପିତାଙ୍କ ଉଦ୍ଦେଶ୍ୟରେ ସର୍ବପ୍ରଥମେ ବିଶ୍ୱ ପିତୃ ଦିବସ ୧୯୧୦ ମସିହା ଜୁନ ମାସର ତୃତୀୟ ରବିବାର ୧୯ ତାରିଖରେ ୱାଶିଂଟନରେ ପାଳନ କରାଯାଇଥିଲା। ମାତ୍ର ୧୯୭୨ ମସିହାରେ ଏହାକୁ ଆନୁଷ୍ଠାନିକ ଭାବେ ପାଳନ କରାଯିବା ପାଇଁ ଘୋଷଣା କରାଗଲା। ଯଦ୍ଦ୍ୱାରା ପିତାଙ୍କୁ ସମ୍ମାନ ଦେବା ପାଇଁ ଆମେରିକାରେ ଏହି ଦିନଟିକୁ ଛୁଟିଦିନ ଭାବେ ଘୋଷଣା କରାଯାଇଥିଲା। ପରବର୍ତ୍ତୀ ସମୟରେ ଭାରତରେ ମଧ୍ୟ ପାଶ୍ଚାତ୍ୟ ସଭ୍ୟତାରେ ପାଳିତ ଏହି ଦିନଟିର ଧୀରେଧୀରେ ପ୍ରଚାର ଓ ପ୍ରସାର ହେବାକୁ ଲାଗିଥିଲା। ଚଳିତ ୨୦୨୩ ବର୍ଷରେ ଏହା ଜୁନ୍ ୧୮ ତାରିଖ ରବିବାରରେ ପାଳନ କରାଯାଉଛି।



# ବାପାଙ୍କ ପାଇଁ ଉପହାର

### ଗାଳି ଭିତରେ ଥିଲା ଅଜସ୍ର ଖୁସି

**ସ୍ୱପ୍ନା ପ୍ରିୟଦର୍ଶିନୀ (ଅଭିନେତ୍ରୀ)**– ପିଲାବେଳୁ ଯାହାଙ୍କ ହାତ ଧରି ଚାଲି ଶିଖିଛି, ଯାହାଙ୍କ ଆଗରେ ଅଳି କରିଛି ଆଉ ଯାହାଙ୍କ ନୀତି ଆଦର୍ଶ ମାନି ବଡ଼ ହୋଇଛି ସେ ହେଉଛନ୍ତି ମୋ ବାପା (ବିଶ୍ୱଜିତ୍ ରାଉତରାୟ)। ଆଜି ଜଣେ ସୁପର ମଡେଲ୍ ଏବଂ ଜଣେ ଅଭିନେତ୍ରୀ ହେବାର ସ୍ୱପ୍ନ ସାକାର ହେବାରେ ରହିଛି ବାପାଙ୍କର ବହୁତ ବଡ଼ ଅବଦାନ। ଯେବେ ଯାହା ମାଗିଛି ଏବଂ ଯେଉଁ ଦିଗରେ ବଢ଼ିବାକୁ ଲକ୍ଷ୍ୟ ରଖିଛି ସେ ମୋର ପ୍ରତିଟି ଇଚ୍ଛାକୁ ପୂରଣ କରିଛନ୍ତି। ହେଲେ ଯେବେ ପ୍ରଥମ ଥର ନିଜ ରୋଜଗାରରେ ତା'ଙ୍କ ପାଇଁ ଗୋଟିଏ ଟି–ଶାର୍ଟ ଗିଫ୍ଟ କରିଥିଲି, ଏତେ ଟଙ୍କା କାହିଁକି ଖର୍ଚ୍ଚ କରୁଥିଲୁ ବୋଲି ଗାଳି ଦେଇଥିଲେ। ହେଲେ ତାଙ୍କ ଛଳ ଛଳ ଆଖିରୁ ଭିତରେ ଥିବା ଖୁସିକୁ ବେଶ୍ ଅନୁଭବ କରିପାରୁଥିଲି। ଆଉ ସେ ଯେବେ ସେହି ଲାଇଟ୍ ପିଙ୍କ୍ କଲର ଟି–ଶାର୍ଟ ପିନ୍ଧିଲେ, ମୋ ମନରେ ଯେଉଁ ଖୁସି ଥିଲା ତାହା ସତରେ ଅବର୍ଣ୍ଣନୀୟ।


ବାପା ବିଶ୍ୱଜିତ୍‌ଙ୍କ ସହ ସ୍ୱପ୍ନା

### ମୋ ସଫଳତା ବାପାଙ୍କ ପାଇଁ ଉପହାର

**ଶ୍ରଦ୍ଧାଞ୍ଜଳି ସାମନ୍ତରାୟ** (କ୍ରୀଡାବିତ୍)– ମୋର ପ୍ରତିଟି ସଫଳତାରେ ସବୁଠୁ ଅଧିକ ଖୁସି ହେଉଥିବା ମଣିଷ ମୋ ବାପା (ନେତ୍ରାନନ୍ଦ ସାମନ୍ତରାୟ)। ଯେବେ ପ୍ରଥମେ ଏକ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲି ଏବଂ ନିଜ ମେଡାଲଟିକୁ ଆଣି ବାପାଙ୍କ ବେକରେ ପିନ୍ଧାଇ ଦେଇଥିଲି, ସେ ଖୁସିରେ କହିଥିଲେ ଏହା ମୋ ପାଇଁ ସବୁଠୁ ବଡ଼ ଉପହାର। ସେଦିନର ସେହି ଖୁସିର ମୁହୂର୍ତ୍ତ ମୋ ପାଇଁ ଅଭୁଲା। ତେବେ ସବୁବେଳେ ତାଙ୍କ ପାଇଁ କିଛି କରିବାକୁ ଏବଂ ତାଙ୍କୁ କିଛି ଦେବାକୁ ମନରେ ଇଚ୍ଛାଥାଏ। କାରଣ ତାଙ୍କୁ ଯେବେ ଯାହା ମାଗିଛି ଏବଂ ଯେଉଁ ଦିଗରେ ବଢ଼ିବାକୁ ଲକ୍ଷ୍ୟ ରଖିଛି ସେ ମୋର ପ୍ରତିଟି ଇଚ୍ଛାକୁ ପୂରଣ କରିଛନ୍ତି। ହେଲେ ଯିଏ ଆମକୁ ସବୁ ଦେଇଛନ୍ତି ତାଙ୍କୁ କ'ଣ ବା ଦେଇପାରିବି! ତଥାପି ମୋ ପ୍ରଥମ ରୋଜଗାରରେ ତାଙ୍କ ପାଇଁ ଏକ ଟି–ଶାର୍ଟ ଆଣିଥିଲି ଆଉ ତା'କୁ ଦେଖି ସେ ଖୁସିରେ ଯେଉଁ ପ୍ରତିକ୍ରିୟା ପ୍ରକାଶ କରିଥିଲେ ତାହା ବର୍ଣ୍ଣନା କରିବାକୁ ଭାଷା ନିଅଣ୍ଟ। ସେବେଠୁ ଅନେକଥର ବାପାଙ୍କ ପାଇଁ କିଛି ନା କିଛି କିଣିଛି, ହେଲେ ମୋର ସଫଳତାରେ ହିଁ ସେ ସବୁଠୁ ବେଶୀ ଖୁସି ହେଉଥିବା ଅନୁଭବ କରିଛି।


ବାପା ନେତ୍ରାନନ୍ଦଙ୍କ ସହ ଶ୍ରଦ୍ଧାଞ୍ଜଳି

### ବାବାଙ୍କ ଖୁସି ମୋ ପାଇଁ ସବୁକିଛି

**ସଞ୍ଜୁକ୍ତା ମାଝି** (କର୍ମଜୀବୀ, ବ୍ରହ୍ମଗିରି)– ମୋର ସଫଳତା ପଛରେ ମୋ ବାବା (ପୂର୍ଣ୍ଣଚନ୍ଦ୍ର ମାଝି)ଙ୍କ ଆଶୀର୍ବାଦ ରହିଛି। ଅଭାବ, ଅସୁବିଧା ମଧ୍ୟରେ ଭାଙ୍ଗି ନ ପଡ଼ି କିପରି ଆଗକୁ ବଢ଼ିବ, ସେହି ପ୍ରେରଣା ବାବାଙ୍କଠାରୁ ପାଇଛି। ଜୀବନର ଜଞ୍ଜାଳ ମଧ୍ୟରେ ସେ ନିଜ ପାଇଁ କିଛି ନ କରି ସବୁବେଳେ ଆମର ପ୍ରତିଟି ଆବଶ୍ୟକତା ପୂରଣ କରିବା ଲାଗି ଚେଷ୍ଟା କରିଛନ୍ତି। ତେଣୁ ସ୍ନାତକ ପାସ୍ କରିବା ପରେ ବାବାଙ୍କୁ ସହଯୋଗ କରିବା ପାଇଁ ପୁରୀ ଚାଲି ଆସିଥିଲି। ଏବେ ୫ବର୍ଷରୁ ଊର୍ଦ୍ଧ୍ୱ ହେବ ପୁରୀ ଚାଇଲ୍ଡ ଲାଇନ୍‌ରେ କାଉନ୍‌ସିଲର ଭାବେ କାର୍ଯ୍ୟ କରୁଛି। ମୋର ପ୍ରଥମ ରୋଜଗାର ଟଙ୍କାରେ ବାବାଙ୍କ ପାଇଁ ଧୋତି, ଶାର୍ଟ କିଣିଥିଲି। ଏତିକିରେ ସେ ମୋ ଉପରେ ଯେଉଁ ସ୍ନେହ ଶ୍ରଦ୍ଧା ଅଜାଡ଼ି ଦେଇଥିଲେ ତାହା ବର୍ଣ୍ଣନା କରିବାକୁ ଭାଷା ନିଅଣ୍ଟ। ଝିଅମାନେ ବି ସବୁ କିଛି କରିପାରିବେ, ଏଥିଲାଗି ଧୈର୍ଯ୍ୟ ଆଉ ନିଷ୍ଠା ଦରକାର, ବାବାଙ୍କ ଏହି ଦୁଇ ପଦ ମୋତେ ଘରୁ ବାହାରି ଜୀବନରେ କିଛି କରିବା ପାଇଁ ପ୍ରେରଣା ଦେଇଛି।


ବାପା ପୂର୍ଣ୍ଣଚନ୍ଦ୍ରଙ୍କ ସହ ସଞ୍ଜୁକ୍ତା

### ଅନ୍ୟକୁ ଦେଲେ ବାପା ହୁଅନ୍ତି ଖୁସି

**ନୀତୀଶ କୁମାର ଧଳ** (ଡାକ୍ତର, ଭୁବନେଶ୍ୱର)– ମୋ ମାର୍ଗଦର୍ଶକ ହେଉଛନ୍ତି ବାପା (ଆଶୁତୋଷ ଧଳ)। ନିଜର ପ୍ରତ୍ୟେକ କାର୍ଯ୍ୟ ଏବଂ କର୍ତ୍ତବ୍ୟକୁ ନିଷ୍ଠାର ସହ ତୁଲେଇବାର କଳା ତାଙ୍କଠାରୁ ଶିଖିଛି। କାର୍ଯ୍ୟରୁ ଘରକୁ ଫେରିବା ପରେ ହେଉ କିମ୍ବା ରାତ୍ରିଭୋଜନ ପରେ ତାଙ୍କ ସହ ଅକ୍ଷୟ ମହାନ୍ତିଙ୍କ ପୁରୁଣା ଗୀତ ଶୁଣି ଚାଲିଥିବା ବେଳେ ସେ ଯେଉଁ କଥା ସବୁ କୁହନ୍ତି ତାହା ମୋ ପାଇଁ ସବୁବେଳେ ଶିକ୍ଷଣୀୟ। ସେ ହିଁ ମୋ ଆଦର୍ଶ। ମୋର ଛୋଟରୁ ବଡ଼ ପ୍ରତିଟି ଆବଶ୍ୟକତା ସେ ପୂରଣ କରିଛନ୍ତି। ତାଙ୍କ ପ୍ରେରଣା ଓ ଆଶୀର୍ବାଦରେ ଜଣେ ଡାକ୍ତର ହୋଇପାରିଛି। ମୋ ପ୍ରଥମ ଦରମାରେ ବାପାଙ୍କୁ ଗୋଟିଏ ଘଣ୍ଟା ଉପହାର ଦେଇଥିଲି। ତା' ସହ ମା', ଜେଜେମା'ଙ୍କୁ ଶାଢ଼ି ଏବଂ କିଛି ଅନାଥ ପିଲାଙ୍କୁ ଖାଇବାକୁ ଦେଇଥିଲି। ସେ ନିଜ ଉପହାରରେ ନୁହେଁ, ବରଂ ଅନାଥ ପିଲାଙ୍କ ଖୁସିରେ ଅଧିକ ଖୁସି ହୋଇଥିଲେ। ମୋର ଉନ୍ନତି ଓ ସଫଳତା ତାଙ୍କୁ ବେଶି ଖୁସିଦିଏ। ସବୁବେଳେ ନିଜ କାର୍ଯ୍ୟରେ ନିଷ୍ଠାବାନ ହୋଇ ସଫଳତା ସାଉଁଟିଲେ ତାଙ୍କୁ ତାଙ୍କ ଉପହାର ମିଳିଯିବ ବୋଲି ସେ କୁହନ୍ତି। ତାଙ୍କ କଥାକୁ ସମ୍ମାନ ଦେଇ ସମସ୍ତ କାର୍ଯ୍ୟ କରି ତାଙ୍କୁ ଖୁସି ଦେବା ମୋ ଜୀବନର ଲକ୍ଷ୍ୟ।


ବାପା ଆଶୁତୋଷଙ୍କ ସହ ନୀତୀଶ

### ଘଣ୍ଟା ବାପାଙ୍କର ଭାରି ସଉକ

**ଶରଣାରବିନ୍ଦ ଓଝା**(ସଂଳାପ ଲେଖକ)– ପ୍ରଥମେ ଜୀବନ ଦାନ ଆଉ ତା' ପରେ ସାରା ଜୀବନ ଯିଏ ଆମକୁ ଦେଇଛନ୍ତି ତାଙ୍କୁ କିଛି ଦବା ତ ସମ୍ଭବ ନୁହେଁ, ତଥାପି ପାର୍ଥିବ ବସ୍ତୁଭାବେ ବାପା(କପିଳ ଚରଣ ଓଝା)ଙ୍କୁ ଉପହାର ଦେବାର ଚେଷ୍ଟା ମୁଁ ବି କରିଚି। ବାପାଙ୍କ ହାତଘଣ୍ଟା ଲଗାଇବାରେ ଭାରି ସଉକ। ସେଥିପାଇଁ ମୁଁ ପ୍ରଥମ ରୋଜଗାର କରିବା ପରେ ତାଙ୍କୁ ଏକ ହାତଘଣ୍ଟା ଉପହାର ଦେଇଥିଲି। ତେବେ ପ୍ରଥମ ଉପହାର ନୁହେଁ, ଏବେ ବି ଯେଉଁଠିକୁ ଗଲେ ବାପାଙ୍କ ପାଇଁ ସୁନ୍ଦର ଡିଜାଇନ୍‌ର ହାତଘଣ୍ଟା କିଣି ଆଣିଥାଏ। ଆଉ ନୂଆ ହାତଘଣ୍ଟାଟିଏ ଦେଖି ବାପା ଯେଉଁଭଳି ଖୁସି ହୁଅନ୍ତି ସେ ସମୟର ଅନୁଭୂତିକୁ ଭାଷାରେ କହିହେବ ନାହିଁ। ବହୁତ ଭଲ ଲାଗେ ଯେ ବାପା ଟିକେ ଖୁସି ହେଉଛନ୍ତି। ହାତଘଣ୍ଟାକୁ ନେଇ ଛୋଟବେଳରୁ ଏକ ସ୍ମୃତି ବି ରହିଛି, ଯାହାକୁ ଭୁଲି ହେଉନି। ଯେତେବେଳେ ଆମ ପୈତୃକ ସମ୍ପତ୍ତିର ଭାଗବଣ୍ଟା ହୋଇଥିଲା, ସେତେବେଳେ ବାପାଙ୍କର ଏକ ଭାରି ପ୍ରିୟ ହାତଘଣ୍ଟାକୁ ଭାଗ କରାଯାଇଥିଲା, ଯାହାକି ବାପାଙ୍କୁ ଭାରି କଷ୍ଟ ଦେଇଥିଲା। ଟିକେ ବଡ଼ ହୋଇଥିଲି ବୋଲି ସେ ଘଟଣାକୁ ଅନୁଭବ କରିଥିଲି। ବାପାଙ୍କ ମନର ସେଇ ଆଘାତକୁ ଭୁଲାଇବା ପାଇଁ ତାଙ୍କୁ ଅନେକ ଥର ହାତଘଣ୍ଟା ଉପହାର ଦେଇଛି।


ବାପା କପିଳଚରଣଙ୍କ ସହ ଶରଣ

### ଉପହାରରେ ଦେଇଥିଲି ସ୍କଲାରଶିପ୍ ଟଙ୍କା

**ଅମ୍ରିତା ପାଟ୍ଟଶାଣୀ** (ଓଡ଼ିଶୀ ନୃତ୍ୟାଙ୍ଗନା)– ଏମିତି ଦେଖିବାକୁ ଗଲେ ମା'ବାପା(ଅରବିନ୍ଦ ପାଟ୍ଟଶାଣୀ)ଙ୍କୁ ତ କିଛି ଦେଇ ହୁଏନି। ତଥାପି ତାଙ୍କୁ କ'ଣ ଗୋଟେ ଦେବି ବୋଲି ଭାବୁଥିଲି। ୧୯ ବର୍ଷ ବୟସରେ ଯେତେବେଳେ ପ୍ରଥମେ ଦିଲ୍ଲୀ ସରକାରଙ୍କ ସିସିଆରଟି ସିନିୟର ସ୍କଲାରଶିପ୍ ପାଇଥିଲି, ସେତେବେଳେ ଯାହା ବି ଅର୍ଥରାଶି ମିଳିଥିଲା ସବୁ ବାପାଙ୍କୁ ଦେଇଥିଲି। ବାପା ତ ବହୁତ ମନା କରିଥିଲେ, କିନ୍ତୁ ବହୁ କଷ୍ଟରେ ବୁଝାଇବା ପରେ ପୂରା ୨ ବର୍ଷର ସ୍କଲାରଶିପ୍ ତାଙ୍କୁ ଦେଇ ଖୁସି ହୋଇଯାଇଥିଲି। ଜଣେ ସଫଳ ନୃତ୍ୟାଙ୍ଗନା ଭାବେ ଗଢ଼ି ତୋଳିବା ପାଇଁ ବାପା ମତେ ମାତ୍ର ୬ ବର୍ଷରୁ ନାଚ ଶିଖିବାର ସୁଯୋଗ ଦେଇଥିଲେ। ଆଉ ନୃତ୍ୟାଙ୍ଗନା ଭାବେ ମତେ ଯେତେବେଳେ ପରିଚୟ ମିଳିଲା, ତାହା ତାଙ୍କ ପାଇଁ ଏକ ସୁନ୍ଦର ଉପହାର ବୋଲି ସେ କହିଥିଲେ। ବାପାଙ୍କ ଆଶୀର୍ବାଦରୁ ଏଇ କ୍ଷେତ୍ରରେ ଖୁବ୍ ସଫଳତା ପାଇଛି, ଅନେକ ପୁରସ୍କାର ବି ପାଇଛି, କିନ୍ତୁ ଆଜି ବି ବାପାଙ୍କୁ କିଛି ଦେବା ପାଇଁ ଇଚ୍ଛା ହୁଏ। ସେଥିପାଇଁ ତ ବାପାଙ୍କର ପ୍ରତ୍ୟେକ ଆବଶ୍ୟକ ସମୟରେ ଆଜି ବି ତାଙ୍କ ପାଖରେ ଛିଡ଼ା ହେଉଛି।


ବାପା ଅରବିନ୍ଦଙ୍କ ସହ ଅମ୍ରିତା

### ଉପହାରରେ ହୋଇଥିଲେ ଅନେକ ଖୁସି

**ରୋଜାଲିନ୍ ପଣ୍ଡା** (ନୃତ୍ୟଶିଳ୍ପୀ, ଗୋପୀନାଥପୁର, ପୁରୀ)– ମୋ ବାପା (ସୁବାସ ଚନ୍ଦ୍ର ପଣ୍ଡା) ମୋ ପାଇଁ ଆଦର୍ଶ। ପିଲାବେଳୁ ମୋର ଓଡ଼ିଶୀ ଶିଖିବାକୁ ଇଚ୍ଛା ଥିଲା। ସେ ମୋତେ ସାଇକେଲ ଆଗରେ ବସାଇ ଓଡ଼ିଶୀ ଶିଖିବା ପାଇଁ ନେବାଆଣିବା କରିଛନ୍ତି। ପ୍ରଥମେ ମଞ୍ଚରେ ଓଡ଼ିଶୀ ନାଚିବା ବେଳେ ମନରେ ଏକ ଅଜଣା ଭୟ ରହୁଥିଲା, ଯାହାକୁ ସେ ଦୂର କରିଥିଲେ। ତା' ପରଠାରୁ ମୁଁ ଆଉ ପଛକୁ କେବେ ଚାହିଁନି, ଅଥବା ଥକି ପଡ଼ିନି। ତାଙ୍କ ପ୍ରେରଣାରେ ଗତ ଦୁଇ ବର୍ଷ ହେବ ନିଜର ନୃତ୍ୟାନୁଷ୍ଠାନ ଆରମ୍ଭ କରିଛି। ଯେତେବେଳେ ବି ଅସୁବିଧାରେ ପଡ଼ିଛି, ସେ ମୋତେ ସାହସ ଦେଇଛନ୍ତି। କୌଣସି ସ୍ଥାନରେ ସମ୍ମାନିତ ହେବାର ସୁଯୋଗ ମିଳିଲେ, କେହି ପ୍ରଶଂସା କଲେ ମନେମନେ ବାବାଙ୍କୁ ଖୋଜିଥାଏ। ମନେପଡୁଛି ମୋର ପ୍ରଥମ ମଞ୍ଚ ନୃତ୍ୟ ପରିବେଷଣ ଏବଂ ପିଲାଙ୍କୁ ଶିକ୍ଷାଦାନରୁ ମିଳିଥିବା ପ୍ରଥମ ଦରମାରୁ ବାବାଙ୍କ ପାଇଁ ଗୋଟିଏ ଶାଲ, ଶାର୍ଟ କିଣିଥିଲି। ମୋର ଏହି ଛୋଟିଆ ଉପହାରରେ ବାବା ମୋ ଉପରେ ବହୁତ ଖୁସି ହୋଇଥିଲେ। ସେ ଦିନ ଅନୁଭବ କରିଥିଲି ଜୀବନରେ ବାବାଙ୍କ ସ୍ଥାନ କ'ଣ। ତେଣୁ ସବୁବେଳେ ନିଜ କାର୍ଯ୍ୟରେ ତାଙ୍କୁ ଖୁସି କରିବାକୁ ଚେଷ୍ଟା କରିବି।


ବାପା ସୁବାସଙ୍କ ସହ ରୋଜାଲିନ୍

–ଉପସ୍ଥାପନା: ପୌର୍ଣ୍ଣମାସୀ

**ୟୁଥ୍ ଆଲର୍ଟ**

# ଡେସ୍କ ଜବ୍ ଓ ପିଠି ଯନ୍ତ୍ରଣା

**ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ଡେସ୍କ ଜବ୍ କରୁଥିବାରୁ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହିବା ଦ୍ୱାରା ପିଠି ଯନ୍ତ୍ରଣା ସମସ୍ୟା ଭୋଗୁଥିବା ଦେଖିବାକୁ ମିଳୁଛି। ଯଦି ଆପଣ ଏହି ସମସ୍ୟା ଦେଇ ଗତି କରୁଛନ୍ତି, ତେବେ ଏଥିରୁ ଦୂରେଇ ରହିବା ଲାଗି କେଉଁସବୁ ଉପାୟ ଲାଭଦାୟକ ଜାଣିରଖନ୍ତୁ ସେ ସମ୍ପର୍କରେ...**



➤ଯଦି କାମ କରିବା ବେଳେ ପିଠି ଯନ୍ତ୍ରଣା ହେଉଛି, ତେବେ ଏପରି ଚେୟାର ବାଛନ୍ତୁ, ଯେଉଁଥିରେ ବସିଲେ ନା କେବଳ ଆରାମ ଲାଗିବ ବରଂ ବେକ, ପିଠି, ଅଣ୍ଟା ଜାକି ନ ହୋଇ ସିଧା ରହୁଥିବ। ଯଦି ଅଫିସ୍‌ରେ ଏପରି ଚେୟାର ନାହିଁ, ତେବେ ଆପଣ ପିଠିକୁ ସପୋର୍ଟ ଦେବା ଲାଗି ଚେୟାର୍‌ରେ ଏକ ତକିଆ ରଖି ବସିପାରିବେ।

➤ଅଫିସ୍‌ରେ ହେଉ ଅବା ଘରେ, କମ୍ପ୍ୟୁଟରରେ କାମ କରିବା ବେଳେ ନିଜର ବସିବା ଶୈଳୀ ଠିକ୍ ରଖନ୍ତୁ। କାରଣ ଅନେକେ ବସିବା ସମୟରେ ଆରାମ ଲାଗିବା ଆଳରେ ଜାକି ହୋଇ ବସନ୍ତି। ହେଲେ ଡେସ୍କ ଜବ୍‌ରେ ଦୀର୍ଘ ସମୟ ଏହି ଭୁଲ୍ ବସିବା ଶୈଳୀ ଯୋଗୁ ବେକ, ପିଠି, ଅଣ୍ଟା ଜାକି ହୋଇ ମେରୁଦଣ୍ଡରେ ଚାପ ପଡ଼ିଥାଏ ଏବଂ ବିନ୍ଧା ହୋଇଥାଏ। କେବଳ ଏତିକି ଅଧିକ ସମୟ ଏପରି ପୋଜିଶନ୍‌ରେ ରହିବା ଯୋଗୁ ସ୍ପଣ୍ଡିଲାଇଟିସ୍ ଭଳି ସମସ୍ୟା ମଧ୍ୟ ଉପୁଜିଥାଏ। ତେଣୁ ପିଠିକୁ ସିଧା ରଖି ବସନ୍ତୁ ଏବଂ ଗୋଡ଼ ଯେପରି ତଳେ ସିଧା ଲାଗୁଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

➤କାମ କରୁଥିବା ଡେସ୍କଟପ୍ ହେଉ ଅବା ଲ୍ୟାପ୍‌ଟପ୍‌ର ସ୍କ୍ରିନ୍ ଯେପରି ଆପଣଙ୍କ ଆଖି ସହ ସମାନ୍ତରାଳ ଭାବେ ରହିବ ସେଥିପ୍ରତି ବିଶେଷ ଧ୍ୟାନ ଦଅନ୍ତୁ। ନଚେତ୍ ତଳୁଆ କିମ୍ବା ଅଧିକ ଉଚ୍ଚାରେ ଥିଲେ ମୁଣ୍ଡ ନୁଆଁଇବା ଅବା ଉଠାଇ ଦୀର୍ଘ ସମୟ କାମ କରିବା ଦ୍ୱାରା ଚାପ ପଡ଼ି ବେକ ଓ ପିଠିରେ ଖୁବ୍ ଯନ୍ତ୍ରଣା ହୋଇଥାଏ।

➤ପିଠି ଯନ୍ତ୍ରଣା ହେଉଥିଲେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହି କାମ ନ କରି ମଝିରେ ମଝିରେ ସିଟ୍‌ରୁ ଉଠି ଅଳ୍ପ ଚାଲନ୍ତୁ ଏବଂ ହାତ ଉଠାଇବା, ବେକ ଏବଂ ପିଠିକୁ ରିଲାକ୍ସ କରିବା ଭଳି ହାଲୁକା ଏକ୍ସରସାଇଜ୍ କରନ୍ତୁ।

➤ଡେସ୍କ ଜବ୍ କରୁଥିଲେ ଘରେ ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ କରନ୍ତୁ। ଏହା ପିଠି ଯନ୍ତ୍ରଣା କମ୍ କରିବାରେ ସାହାଯ୍ୟ କରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ୪ଗୁଣା୧୦୦ମିଟର ମହିଳାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୭।୬(ସରୋଜ ଜେନା)**

ମହିଳା ୪ଗୁଣା୧୦୦ମିଟର ଦୌଡରେ ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ଦଳ ୪୬.୬୮ ସେକେଣ୍ଡର ଟାଇମିଂ ସହିତ ତୃତୀୟ ସ୍ଥାନରେ ରହିଥିଲା। ସୁଖୀ ବାସ୍କେ, ସବିତା ଟପ୍ପୋ, ବନିତା ଲାକ୍ରା ଓ ଶ୍ରାବଣୀ ନନ୍ଦ ଓଡ଼ିଶା ଦଳରେ ରହିଥିବା ବେଳେ ଶ୍ରାବଣୀଙ୍କର ଏହା ଦ୍ୱିତୀୟ ପଦକ। ଏହା ପୂର୍ବରୁ ୧୦୦ ମିଟର ସ୍ପ୍ରିଣ୍ଟରେ ସେ ରୌପ୍ୟ ପଦକ ହାସଲ କରିଥିଲେ। କେରଳ ଦଳ ୪୬.୩୫ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ ଓ ଆନ୍ଧ୍ର ପ୍ରଦେଶ ୪୬.୬୧ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ହାସଲ କରିଥିଲା।


୧୦୦ ମିଟର ମହିଳା ହର୍ଡଲ୍ସ ଇଭେଣ୍ଟ ଜିତିବାପରେ ଆନ୍ଧ୍ର ପ୍ରଦେଶର ଜ୍ୟୋତି ୟାରାଜୀ।

# ୧୨ ଆଥ୍‌ଲେଟଙ୍କୁ ଏସିଆନ ଗେମ୍ସ ଯୋଗ୍ୟତା

**ଭୁବନେଶ୍ୱର, ୧୭।୬(ସରୋଜ ଜେନା)**

## ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ ମିଟ୍

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ ମିଟ୍‌ର ତୃତୀୟ ଦିବସରେ ୧୨ ଜଣ ଖେଳାଳି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୦୦ ମିଟର ବାଧାଦୌଡରୁ ଜ୍ୟୋତି ୟାରାଜୀ, ଆର. ନିତ୍ୟା ଓ ଅଗସରା ନନ୍ଦିନୀ, ମହିଳା ପୋଲଭଲ୍ଟର ପବିତ୍ରା ଭେଙ୍କଟେଶ, ହାଇଜମ୍ପର ସର୍ବେଶ ଅନିଲ କୁଶାରେ ଓ କର୍ନାଟକର ଜେସେ ସନ୍ଦେଶ, ମହିଳା ହେପ୍ଟାଥଲନରେ ସ୍ୱପ୍ନା ବର୍ମନ, ଅଗସରା ନନ୍ଦିନୀ, ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରଭେଲ, ଅବଦୁଲ୍ଲା ଆବୁ ବକର ଓ ଏଲଧୋସ୍ ପଲ ଏବଂ ଡେକାଥଲନରେ ତେଜସ୍ୱିନ ଶଙ୍କର ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା ୧୦୦ ମିଟର ବାଧାଦୌଡ ହିଟ୍‌ରେ ଜ୍ୟୋତି ଓ ନିତ୍ୟା ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଅନ୍ୟପକ୍ଷରେ ନନ୍ଦିନୀ ଫାଇନାଲ୍‌ରେ ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଫାଇନାଲରେ ଜ୍ୟୋତି ୟାରାଜୀ ୧୨.୯୨ ସେକେଣ୍ଡର ଟାଇମିଂ ସହିତ ପ୍ରଥମ ସ୍ଥାନ ହାସଲ କରିଥିଲେ। ନିତ୍ୟା ୧୩.୪୮ ସେକେଣ୍ଡ ଓ ନନ୍ଦିନୀ ୧୩.୫୫ ସେକେଣ୍ଡର ସମୟ ନେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତ ସାହୁ ରେସ୍ ଫିନିଶ କରି ନ ଥିବା ବେଳେ ସବିତା ଟପ୍ପୋ ମଧ୍ୟ ୧୪.୬୩ ସେକେଣ୍ଡର ଟାଇମିଂ ସହିତ ରେସ୍ ଫିନିଶ କରିଥିଲେ।

ପୁରୁଷ ୧୧୦ ମିଟର ବାଧାଦୌଡ ଫାଇନାଲରେ ମହାରାଷ୍ଟ୍ରର ତେଜସ୍ ଅଶୋକ ଶୀର୍ଷେ ୧୩.୮୭ ସେକେଣ୍ଡର ଟାଇମିଂ ସହିତ ପ୍ରଥମ ସ୍ଥାନ ହାସଲ କରିଥିଲେ। ହିଟ୍ସରେ ପ୍ରଥମ ସ୍ଥାନ ହାସଲ କରିଥିବା କେରଳର ସଚିନ୍ ବିନୁ ୧୩.୯୯ ସେକେଣ୍ଡର ଟାଇମିଂ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ମଧ୍ୟପ୍ରଦେଶର ରୋନାଲ୍ଡ ବାବୁ ୧୪.୨୪ ସେକେଣ୍ଡର ଟାଇମିଂ ସହିତ ତୃତୀୟ ସ୍ଥାନ ହାସଲ କରିଥିଲେ।

ମହିଳା ପୋଲଭଲ୍ଟରେ ତାମିଲନାଡୁର ପବିତ୍ରା ଭେଙ୍କଟେଶ ୪.୧୦ ମିଟର ସହିତ ପ୍ରଥମ ସ୍ଥାନରେ ରହି ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କର୍ନାଟକର ଜି. ସିନ୍ଧୁଶ୍ରୀ ୩.୮୦ ମିଟର ଓ ହରିୟାଣାର ବଂଶିକା ୩.୪୦ ମିଟର ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

ହାଇଜମ୍ପରେ ପ୍ରଥମ ଦୁଇ ସ୍ଥାନରେ ରହିବା ସହିତ ମହାରାଷ୍ଟ୍ରର ସର୍ବେଶ ଅନିଲ କୁଶାରେ ଓ କର୍ନାଟକର ଜେସେ ସନ୍ଦେଶ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ୨.୨୪ ମିଟର ଡେଇଁଥିଲେ। ତାମିଲନାଡୁର ଭାରତୀ ବିଶ୍ୱନାଥନ ୨.୧୭ ମିଟର ସହିତ ତୃତୀୟ ସ୍ଥାନରେ ରହିଥିଲେ।

ହେପ୍ଟାଥଲନରେ ମଧ୍ୟପ୍ରଦେଶର ସ୍ୱପ୍ନା ବର୍ମନ ୫୯୧୮ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ। ତେଲଙ୍ଗାନାର ଅଗସରା ନନ୍ଦିନୀ(୫୭୦୩ ପଏଣ୍ଟ) ଓ ଆନ୍ଧ୍ର ପ୍ରଦେଶର ସୋମିୟା ମୁରୁଗନ (୫୩୨୩ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ୫୨୯୫ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ରହିଥିଲେ।


ପୂର୍ଣ୍ଣିମା ହେମ୍ବ୍ରମ


ପୋଲଭଲ୍ଟ ଅବସରରେ ଜଣେ ମହିଳା ପ୍ରତିଯୋଗୀ। ଫଟୋ: ବିକାଶ ନାୟକ

## ତୃତୀୟ ଦିନର ଇଭେଣ୍ଟ

ପୁରୁଷ ୧୧୦ ମିଟର ହର୍ଡଲ୍ସ: ତେଜସ୍ ଅଶୋକ ଶୀର୍ଷେ(ମହାରାଷ୍ଟ୍ର)-୧୩.୮୭, ସଚିନ୍ ବିନୁ(କେରଳ)-୧୩.୯୯, ରୋନାଲ୍ଡ ବାବୁ(ମଧ୍ୟ ପ୍ରଦେଶ)-୧୪.୨୪।

ମହିଳା ୧୦୦ ମିଟର ହର୍ଡଲ୍ସ: ଜ୍ୟୋତି ୟାରାଜୀ(ଆନ୍ଧ୍ରପ୍ରଦେଶ)-୧୨.୯୨, ଆର. ନିତ୍ୟା(ତାମିଲନାଡୁ)-୧୩.୪୮, ଅଗସରା ନନ୍ଦିନୀ(ତେଲଙ୍ଗାନା)-୧୩.୫୫।

ହାମର ଥ୍ରୋ(ପୁରୁଷ): ତନଭୀର ସିଂ ବେଂସ(ପଞ୍ଜାବ)-୬୮.୦୭ ମି., ନୀତେଶ ପୁନିଆ(ରାଜସ୍ଥାନ)-୬୭.୧୦ ମି., ଦମନୀତ୍ ସିଂ(ପଞ୍ଜାବ)-୬୫.୮୬ମି.।

ମହିଳା ପୋଲଭଲ୍ଟ: ପବିତ୍ରା ଭେଙ୍କଟେଶ(ତାମିଲନାଡୁ)-୪.୧୦ ମି., ଜି ସିନ୍ଧୁଶ୍ରୀ(କର୍ନାଟକ)-୩.୮୦ ମିଟର, ବଂଶିକା ଘଂଘାସ(ହରିୟାଣା)-୩.୪୦ ମିଟର।

ହାଇ ଜମ୍ପ: ସର୍ବେଶ ଅନୀଲ କୁଶାରେ(ମହାରାଷ୍ଟ୍ର)-୨.୨୪ ମି., ଜେସେ ସନ୍ଦେଶ(କର୍ନାଟକ)-୨.୨୪ ମି., ଭାରତୀ ବିଶ୍ୱନାଥନ(ତାମିଲନାଡୁ)-୨.୧୭ ମି.।

ହେପ୍ଟାଥଲନ୍: ସ୍ୱପ୍ନା ବର୍ମନ(ମଧ୍ୟପ୍ରଦେଶ)-୫୯୧୮ ପଏଣ୍ଟ, ଅଗସରା ନନ୍ଦିନୀ(ତେଲଙ୍ଗାନା)-୫୭୦୩ ପଏଣ୍ଟ, ସୋମିୟା ମୁରୁଗନ୍(ଆନ୍ଧ୍ର ପ୍ରଦେଶ)-୫୩୨୩।

ଡେକାଥଲନ୍: ତେଜସ୍ୱିନ୍ ଶଙ୍କର(ନୂଆଦିଲ୍ଲୀ)-୭୫୭୬ ପଏଣ୍ଟ, ୟମନ୍ ଦୀପ୍ ଶର୍ମା(ରାଜସ୍ଥାନ)-୭୧୬୫ ପଏଣ୍ଟ, ଏସ୍. ଗୋକୁଳ(କେରଳ) ୬୯୩୭ ପଏଣ୍ଟ।


# Classified Everyday
0674-2580101, 2549949




**BRIDE WANTED**

Karan boy 1995, 5’11” B.Sc., PGDCA, Diploma Coir Technology Serving Bhubaneswar, “SUNASANSAR”. 9937512659, 8249969649. D-74871

Match for MBBS Doctor Hindu Bengali boy, age 41 yrs, 5ft 9ht, near Pune, Caste/Language no bar. Doctor, Dentist/ other education people ready to relocate contact 8378050149, 8329865948. D-0591

**GROOM WANTED**

Suitable match required for a smart, beautiful, fair, 25+ years B-Tech MBA, Odia Khandayat girl working in strategy consulting firm. MBA/ MTech, Khandayat groom preferred. Kindly contact 9167149844. D-0559

45 ବର୍ଷର ମହିଳା Govt. Schoolରେ Teacher ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-0597




**SALE**

ଆମର ପୈତୃକ ସମ୍ପତ୍ତି ଖୋର୍ଦ୍ଧା ମ୍ୟୁନିସିପାଲିଟି ଅଫିସ ପାଖରେ ଅବସ୍ଥିତ 5700sqft. ଜାଗା ସହିତ ବିଲ୍‌ଡିଙ୍ଗ୍ ବିକ୍ରି ହେବାର ଅଛି। ସାମର୍ଥୀ ପ୍ରାର୍ଥୀ ମୋବାଇଲ ନଂ.- 9438296658/ 07725069455 ଯୋଗାଯୋଗ କରନ୍ତୁ। ଧ-୦୫୯୪

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30’ ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft- 3,60,000/-, ଛତାବର 1200sqft- 3,00,000/- ନଖରା- 300/- 6371569855. D-74870

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74696

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873




2BHK flat main road Soubhagyanagar, Unit-8 for Office/ residence. 9000004523. D-0599

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Notary Public, Sunabeda, on dated 17.06.2023, I solemnly affirm and state that in my CBSE Certificate my father's name is wrongly recorded as Prabina Nayak instead of Prabina Kumar Nayak. My father's correct name is Prabina Kumar Nayak which is recorded in my Aadhaar Card bearing No. XXXXXXXX6891, That PRABINA KUMAR NAYAK and PRABINA NAYAK is one and the same person. D-0600

As per Affidavit before the Notary Public, Bonai. I Prasanta Kumar Mohanty, R/o- Village / P.O. Tensa, Dist-. Sundargarh declare that my actual and correct name is Prasanta Kumar Mohanty. But by mistake it has been recorded as Prashant Kumar Mohanty in my daughter's (Pinushree Mohanty) ICSE Certificate, New Delhi. That Prasanta Kumar Mohanty and Prashant Kumar Mohanty is one and same person. D-0601

**Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ବିବାହ ବାର୍ଷିକ ଶୁଭେଚ୍ଛା**



ସୁନୀଲ ମହାପାତ୍ର ସୌମ୍ୟା ପଟ୍ଟନାୟକ

ପିତା ମାତାଙ୍କ ସେବା, ବନ୍ଧୁବର୍ଗ ଓ ପାରିବାରିକ ପବିତ୍ର ସମ୍ପର୍କକୁ ଆନନ୍ଦମୟ କରିବାର ଇଚ୍ଛାଶକ୍ତି ରୂପକ ବରଦାନ ମଙ୍ଗଳମୟ ତୁମମାନଙ୍କ ଦୀର୍ଘାୟୁ ଜୀବନରେ ଚିରନ୍ତନ କରନ୍ତୁ। ବିବାହ ବନ୍ଧନର ରୌପ୍ୟ ଜୁବୁଲି ଅବସରରେ ରଙ୍ଗାଧରଙ୍କ ଚରଣ କମଳରେ ବୋଉ ଓ ବାପାଙ୍କ ବିନମ୍ର ନିବେଦନ। D-0598




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74695

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Newly open Salon/ SPA with expert therapist (health benefits). 8114322659. D-75120

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**


# ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ବେଦାନ୍ତ ଛାତ୍ରଙ୍କ କୃତିତ୍ୱ


ସଞ୍ଜୟ ମାଝି ଓ ବିକ୍ରମ ମାଝି

**ଭୁବନେଶ୍ୱର, ୧୭।୬(ଅଭୟ ଦାଶ)**

ଜାତୀୟ ତୀରନ୍ଦାଜ ପ୍ରତିଯୋଗିତା ୨୦୨୩ରେ ବେଦାନ୍ତ ଛାତ୍ରଙ୍କୁ ସଫଳତା ମିଳିଛି। ୮ଜଣିଆ ଓଡ଼ିଶା ଦଳରେ ବେଦାନ୍ତ ଲାଞ୍ଜିଗଡର ସଞ୍ଜୟ ମାଝି ଓ ବିକ୍ରମ ମାଝି ସାମିଲ ଥିଲେ। ୯-୧୨ ଜୁନ୍ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨୮ ରାଜ୍ୟର ୧୫୦ରୁ ଅଧିକ ପ୍ରତିଯୋଗୀ ଏଥିରେ ସାମିଲ ଥିବା ବେଳେ ଓଡ଼ିଶା ତୃତୀୟ ସ୍ଥାନରେ ରହିଥିଲା। ବେଦାନ୍ତ ଆଲୁମିନିୟମର ୧୫ରୁ ଅଧିକ ଛାତ୍ର ଜାତୀୟ ସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ବେଳେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ୩୭ଟି ପଦକ ଜିତିଛନ୍ତି। ଲାଞ୍ଜିଗଡ ସ୍ଥିତି କେନ୍ଦ୍ରରେ ୪୦ରୁ ଅଧିକ ଛାତ୍ର ତୀର ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ବେଦାନ୍ତ ଛାତ୍ରଙ୍କ କୃତିତ୍ୱ ନାଜି ଓ ୬୦ ଛାତ୍ର କରାଟେରେ ପ୍ରଶିକ୍ଷଣ ନେଉଛନ୍ତି।

# ଆଫଗାନିସ୍ତାନକୁ ୫୪୬ ରନରେ ହରାଇଲା ବାଂଲାଦେଶ

**ମୀରପୁର,୧୭।୬(ଏପି)**

ସ୍ଥାନୀୟ ଶେର ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ବାଂଲାଦେଶ ୫୪୬ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ରନ ଦୃଷ୍ଟିକୋଣରୁ ଏକ ଟେଷ୍ଟ ମ୍ୟାଚରେ ବାଂଲାଦେଶର ଏହା ହେଉଛି ସର୍ବବୃହତ୍ ଏବଂ କ୍ରିକେଟ ଇତିହାସରେ ତୃତୀୟ ବୃହତ୍ ବିଜୟ। ମ୍ୟାଚରେ କଷ୍ଟସାଧ୍ୟ ୬୬୨ ରନର ବିଜୟ ଲକ୍ଷ୍ୟର ପିଛା କରି ଭ୍ରମଣକାରୀ ଦଳ ଶନିବାର ଖେଳର ଚତୁର୍ଥ ଦିବସରେ ୧୧୫ ରନ କରି ଅଲଆଉଟ ହୋଇଯାଇଥିଲା। ବାଂଲାଦେଶ ଫାଷ୍ଟ ବୋଲର ଟସ୍କିନ ଅହମଦ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରି ୩୭ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଦଳକୁ ଜିତାଇବାରେ ନାଜମୁଲ ହୋସେନ ଶାନ୍ତୋଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ସେ ପ୍ରତି ଇନିଂସରେ ଶତକ ହାସଲ କରିଥିଲେ। ଏହି ସଫଳତା ହାସଲ କରିବାରେ ସେ ବାଂଲାଦେଶର ବ୍ୟାଟର। ପୂର୍ବରୁ ବାଂଲାଦେଶ ଏହାର ସର୍ବବୃହତ୍ ବିଜୟ ୨୦୦୫ରେ ଜିମ୍ବାୱେ ବିପକ୍ଷରେ ୨୨୬ ରନରେ ହାସଲ କରିଥିଲା। ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ ଅଧିକ ରନରେ ବିଜୟ ହାସଲ କରିଥିବା ଦଳ ହେଉଛି ଇଂଲଣ୍ଡ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୩୮୨
ଆଫଗାନିସ୍ତାନ ପ୍ରଥମ ଇନିଂସ: ୧୪୬
ବାଂଲାଦେଶ ଦ୍ୱିତୀୟ ଇନିଂସ: ୪୨୫/୪, ଘୋଷଣା।
ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ: ୧୧୫/ଅଲଆଉଟ (ରହମତ ଶାହା- ୩୦, କରିମ ଜନତ-୧୮ ; ଟସ୍କିନ ଅହମଦ-୪/୩୭, ଶୋରିଫୁଲ ଇସ୍‌ଲାମ-୩/୨୮)।

# ଭାରତ-ଲେବାନନ୍ ଫାଇନାଲ ଆଜି

ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ରବିବାର ଅନୁଷ୍ଠିତ ହେବ। ଫାଇନାଲରେ ପରସ୍ପରର ସମ୍ମୁଖୀନ ହେବେ ଭାରତ ଓ ଲେବାନନ। ଲିଗ୍ ପର୍ଯ୍ୟାୟରେ ଉଭୟ ଦଳ ଅପରାଜେୟ ଅଛନ୍ତି। ଗତ ୧୫ ତାରିଖରେ ଉଭୟ ଦଳ ପରସ୍ପରକୁ ଭେଟିଥିବାବେଳେ ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଥିଲା। ତେଣୁ ଟାଇଟଲ ପାଇଁ କଡ଼ା ଟକ୍କର ହେବା ସମ୍ଭାବନା ରହିଛି।


ଶନିବାର ଟ୍ରଫି ନିକଟରେ ଦୁଇ କୋଚ୍ ଆଲେକଜାଣ୍ଡର ଲିକ୍ ଓ ଇଗର ଷ୍ଟିମାକ୍।

## ଗୋଲ ବରଣ କରିନାହିଁ ଭାରତ

ସବୁଠାରୁ ବଡ଼କଥା ହେଲା ଭାରତ ଚଳିତ ସଂସ୍କରଣରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ମାତ୍ର ୩ଟି ଗୋଲ ସ୍କୋର କରିଥିଲେ ହେଁ ୩ ମ୍ୟାଚରୁ ୭ ପଏଣ୍ଟ ପାଇ ଟେବୁଲ ଟପ୍ପର ହୋଇଛି। ଅନ୍ୟପକ୍ଷରେ ଲେବାନନ ୫ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦଳ ମଧ ମାତ୍ର ୩ଟି ଗୋଲ ସ୍କୋର କରିଛି। ତେବେ ଗୋଟିଏ ଗୋଲ ବରଣ କରିଛି, ତାହାପୁଣି ଅପେକ୍ଷାକୃତ ଦୁର୍ବଳ ଦଳ ଭାନୁଆଟୁ ବିପକ୍ଷରେ। ମଙ୍ଗୋଲିଆକୁ ୨-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଭାନୁଆଟୁଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ୮୦ତମ ମିନିଟରେ ସୁନୀଲ ଛେତ୍ରୀଙ୍କ ଗୋଲ ବଳରେ ୧-୦ରେ ବିଜୟଲାଭ କରିଥିଲା। ଲେବାନନ ବିପକ୍ଷରେ ଅନେକ ସୁଯୋଗ ମିଳିଥିଲେ ହେଁ ଗୋଲ ସ୍କୋର ହୋଇପାରି ନ ଥିଲା। ଅନ୍ୟପକ୍ଷରେ ଲେବାନନ ନିଜର ପ୍ରଥମ ମ୍ୟାଚରେ ଭାନୁଆଟୁକୁ ୩-୧ ଗୋଲରେ ହରାଇଥିବାବେଳେ ମଙ୍ଗୋଲିଆ ଓ ଭାରତ ବିପକ୍ଷ ମ୍ୟାଚକୁ ୦-୦ରେ ଡ୍ର ରଖିଥିଲା। ଲେବାନନ (୯୯) ଓ ଭାରତ (୧୦୧) ର୍ୟାଙ୍କିଙ୍ଗ୍ ମଧ୍ୟରେ ବିଶେଷ ବ୍ୟବଧାନ ନାହିଁ। ତେଣୁ ଏକ ରୋମାଞ୍ଚକ ଲଢ଼େଇକୁ ଫୁଟବଲ ପ୍ରେମୀଙ୍କ ଅପେକ୍ଷା ରହିଛି।

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ**

## ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା

ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ର ପ୍ରଥମ ସଂସ୍କରଣ ୨୦୧୮ରେ ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାକୁ ନେଇ ଭାରତର ଅନେକ ସ୍ମରଣୀୟ ସ୍ମୃତି ରହିଛି। ୨୦୧୮ରେ ଚାଇନିଜ୍ ତାଇପେ ବିପକ୍ଷ ଓପନିଂ ମ୍ୟାଚରେ ଭାରତୀୟ ଦଳ ଆଧିପତ୍ୟ ବିସ୍ତାର କରି ୫-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ସୁନୀଲ ଛେତ୍ରୀ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଭାରତ ଏହାର ଦ୍ୱିତୀୟ ମ୍ୟାଚରେ କେନିୟାକୁ ୩-୦ ଓ ତୃତୀୟ ଗେମ୍‌ରେ ନ୍ୟୁଜିଲାଣ୍ଡକୁ ୨-୧ ଗୋଲରେ ହରାଇଥିଲା। ଫାଇନାଲରେ କେନିୟାକୁ ୨-୦ ଗୋଲରେ ହରାଇ ଭାରତ ଟାଇଟଲ ଅର୍ଜନ କରିଥିଲା। ୨୦୧୯ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତର ପ୍ରଦର୍ଶନ ଆଶାନୁରୂପ ରହି ନ ଥିଲା। ଫାଇନାଲରେ ତାଜିକସ୍ତାନକୁ ହରାଇ ଉତ୍ତର କୋରିଆ ଚାମ୍ପିୟନ ହୋଇଥିଲା।

## ଆମ ଖେଳାଳି ଦୃଢ଼ ଆତ୍ମବିଶ୍ୱାସର ସହ ଖେଳୁଛନ୍ତି

“ଲେବାନନ ବିପକ୍ଷ ପୂର୍ବ ମ୍ୟାଚରେ ଆମେ ସୁନ୍ଦର ବିଜୟ ହାସଲ କରିପାରିଥାନ୍ତୁ, ମାତ୍ର ତାହା ହୋଇ ନ ଥିଲା। ମାତ୍ର ଫିନିସିଂ କରିପାରି ନ ଥିଲେ ମଧ ଆମ ଖେଳାଳିମାନେ ଓଭରଅଲ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ବିଶେଷକରି ଆମର ରକ୍ଷଣଭାଗ ଅତ୍ୟନ୍ତ ଦୃଢ଼ ଥିଲା। ଆଗାମୀ ମ୍ୟାଚରେ ନିଶ୍ଚିତ ଗୋଲ ସ୍କୋର ହେବ। ଆମ ପିଲାମାନେ ଯଦି ସ୍କୋରିଂ ସୁଯୋଗ ସୃଷ୍ଟି କରି ନ ଥାନ୍ତେ ତେବେ ମୁଁ ଚିନ୍ତିତ ହୋଇଥାନ୍ତି। ଏକାଧିକ ସୁଯୋଗ ସୃଷ୍ଟି କରାଯାଇଥିଲା। ଆମ ଖେଳାଳିମାନେ ଦୃଢ଼ ବିଶ୍ୱାସର ସହ ଖେଳୁଛନ୍ତି। ଆମେ ସେମାନଙ୍କୁ ସମର୍ଥନ କରିବା ଆବଶ୍ୟକ ଅଛି। ଏହା ହେଲେ ସେମାନେ ନିଶ୍ଚିତ ଆହୁରି ଉନ୍ନତ ପ୍ରଦର୍ଶନ କରିବେ। ଲେବାନନ ଦଳର ୪-୫ ଜଣ ଖେଳାଳି ବିଦେଶରେ ଖେଳିବା ଅଭିଜ୍ଞତା ରଖିଛନ୍ତି। ଉତ୍ତମ ପାସିଂ ସହିତ ବୈଷୟିକଭାବେ ଏହା ଏକ ଦୃଢ଼ ଦଳ। ବ୍ୟକ୍ତିଗତ ଚତୁରତା ବଳରେ କୌଣସି ଖେଳାଳି ଆମକୁ କ୍ଷତି ପହଞ୍ଚାଇ ପାରନ୍ତି। ତେଣୁ ଆମକୁ ସତର୍କ ରହିବାକୁ ପଡ଼ିବ”।

-**ଇଗର ଷ୍ଟିମାକ୍**, ଭାରତୀୟ ଦଳର ମୁଖ୍ୟ କୋଚ୍

## ଇତିହାସ ରଚିବା ଲକ୍ଷ୍ୟ ରହିଛି

“ଭାରତୀୟ ଫୁଟବଲ ଦଳ ଗତ ୧୦ ମଧ୍ୟରେ ଆଶାତୀତଭାବେ ଉନ୍ନତି କରିଛି। ସେତେବେଳର ଏବଂ ଏବେକାର ଫୁଟବଲ ଦଳ ମଧ୍ୟରେ ଅନେକ ପ୍ରଭେଦ ରହିଛି। ଚଳିତ ଟୁର୍ନାମେଣ୍ଟରେ ଭାରତ ପ୍ରତି ଗେମ୍‌ରେ ଅତ୍ୟଧିକ ଖେଳାଳି ରୋଟେଟ କରିଛି। ଏହା ସତ୍ତ୍ୱେ କୌଣସି ଖେଳାଳିଙ୍କ ପ୍ରଦର୍ଶନରେ ଭିନ୍ନତା ପରିଲକ୍ଷିତ ହୋଇନାହିଁ। ଲେବାନନ ଶେଷଥରପାଇଁ ୧୯୬୪ରେ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଜିତିଥିଲା। ଏଥର ଟାଇଟଲ ଶୂନ୍ୟତା ଭାଙ୍ଗି ଆମେ ଇତିହାସ ରଚିବା ଲକ୍ଷ୍ୟରେ ରହିଛୁ।

-**ଆଲେକଜାଣ୍ଡର ଲିକ୍**
ଲେବାନନ କୋଚ୍।

## ସ୍ୱତନ୍ତ୍ର ଅନୁଭୂତି ମିଳିଛି

“ମୁଁ ଓଡ଼ିଶା ଏଫ୍‌ସି ପକ୍ଷରୁ ଗୋଲକିପିଂ କରିଆସୁଛି। ତେଣୁ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବା ମୋ ପାଇଁ ସ୍ୱତନ୍ତ୍ର। ସନ୍ଦେଶ ଝିଙ୍ଗାନ ଓ ଅନୱର ଅଲୀ ସମ୍ମୁଖରେ ରହୁଥିବାରୁ ଆତ୍ମବିଶ୍ୱାସ ଦୃଢ଼ ରହୁଛି। ଜଣେ ଗୋଲକିପରଭାବେ କମ୍ୟୁନିକେଶନ ଅତ୍ୟନ୍ତ ଜରୁରୀ। ଏ ଦୁଇଜଣଙ୍କୁ ଅଧିକ କିଛି କହୁ ନ ଥିଲେ ମଧ ସବୁକାର୍ଯ୍ୟ ସହଜରେ ହୋଇଯାଉଛି। ଆମ ସମସ୍ତଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଅଛି”।


-ଅମରିନ୍ଦର ସିଂ, ଭାରତୀୟ ଗୋଲକିପର

# ଅମନଦୀପ, ସୁଦୀପ, ସୁନୀତଙ୍କୁ ସମ୍ବର୍ଦ୍ଧନା


 କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଅମନଦୀପ ଲାକ୍ରା, ସୁଦୀପ ଚିର୍‌ମାକୋ ଓ ସୁନିତ ଲାକ୍ରା

ଭୁବନେଶ୍ୱର, ୧୭।୬ (ବିଜୟ ରଣା)

ଓମାନଠାରେ ଅନୁଷ୍ଠିତ ଜୁନିୟର ଏସିଆ କପ୍ ହକି ଟୁର୍ନାମେଣ୍ଟରେ ବିଜୟୀ ଭାରତୀୟ ହକି ଦଳର ଅଂଶ ବିଶେଷ ଥିବା ଓଡ଼ିଶାର ୩ ଖେଳାଳି ଅମନଦୀପ ଲାକ୍ରା, ସୁଦୀପ ଚିର୍‌ମାକୋ ଓ ସୁନିତ ଲାକ୍ରାଙ୍କୁ ଶନିବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତୀ ବେହେରା ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରିଛନ୍ତି। ଏହି ୩ଜଣ ହେଉଛନ୍ତି ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ (ପାନ୍‌ପୋଷ)ର ଖେଳାଳି। ମନ୍ତ୍ରୀ ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ଜୁନିୟର ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଅମନଦୀପ, ସୁଦୀପ ଓ ସୁନୀତ ଆମ ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି। ସେ ହକିରେ ଆଗକୁ ଯିବା ଲାଗି ଲକ୍ଷ୍ୟ ରଖିଥିବା ଖେଳାଳିଙ୍କ ଲାଗି ପ୍ରେରଣାର ଉତ୍ସ। କ୍ରୀଡ଼ାମନ୍ତ୍ରୀ ଓଡ଼ିଶାର ଏହି ୩ ଖେଳାଳିଙ୍କ ଉତ୍ତରୋତ୍ତର କାମନା କରିବା ସହ ଓଡ଼ିଶା ତରଫରୁ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଟୁର୍ନାମେଣ୍ଟରେ ଭାରତ ଅପରାଜେୟ ରହବା ସହ ପାକିସ୍ତାନରେ ଫାଇନାଲରେ ୨-୧ ଗୋଲ୍‌ରେ ପରାସ୍ତ କରିଥିଲା। ସୁଦୀପ, ଅମନଦୀପ ଓ ସୁନିତ ଭାରତର ସମସ୍ତ ୬ଟି ମ୍ୟାଚରେ ଖେଳିଥିଲେ। ଅମନଦୀପ ଓ ସୁନୀତ ଦୁଇଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଅମନଦୀପ ଲାକ୍ରା କହିଥିଲେ, ଏହି ଐତିହାସିକ ସଫଳତା ସେମାନଙ୍କ ପାଇଁ ପରିଚୟ ସୃଷ୍ଟି କରିପାରିଛି। ଦେଶକୁ ଟ୍ରଫି ନେଇ ଫେରିବା ଆମ ପାଇଁ ଏକ ବଡ଼ ସଫଳତା। ପ୍ରଦର୍ଶନକୁ ସ୍ୱୀକୃତି ମିଳିବା ସହ ପୁରସ୍କୃତ ହେବା ଖୁସିର ବିଷୟ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଜୁନିୟର ପୁରୁଷ ବିଶ୍ୱକପ୍ ପୂର୍ବରୁ ଜୁନିୟର ଏସିଆ କପ୍ ହକି ୨୦୨୩ ସ୍ୱର୍ଣ୍ଣ ପଦକ ସଫଳତା କେବଳ ଭାରତୀୟ ଦଳର ଦକ୍ଷତର ପ୍ରତିପାଦିତ କରୁନାହିଁ ବରଂ ଭାରତୀୟ ହକି ଇକୋସିଷ୍ଟମର ମୁଖ୍ୟ ସ୍ତମ୍ଭ ଭାବେ ଓଡ଼ିଶାର ଭୂମିକାକୁ ପ୍ରମାଣିତ କରେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ଜୁନ୍ ୧୮/୨୦୨୩ | Bhubaneswar, Sunday, June 18/ 2023

# ଉସ୍‌ମାନ ଖ୍ୱାଜାଙ୍କ ଶତକ

## ଆଶେସ୍ ଟେଷ୍ଟ

**ବର୍ମିଂହାମ, ୧୭।୬**

ଆଶେସ ସିରିଜ୍‌ର ପ୍ରଥମ ଟେଷ୍ଟରେ ଉସ୍‌ମାନ ଖ୍ୱାଜାଙ୍କ ଶତକ। ପ୍ରଥମ ଇନିଂସରେ ଇଂଲଣ୍ଡ ୩୯୩ ରନ୍‌ରେ ଇନିଂସ ଘୋଷଣା କରିଥିବା ବେଳେ ଦ୍ୱିତୀୟ ଦିନରେ ଖବର ପ୍ରସ୍ତୁତି ସୁଦ୍ଧା ଅଷ୍ଟ୍ରେଲିଆ ୮୦ ଓଭରରେ ୫ ଉଇକେଟ ହରାଇ ୨୬୪ ରନ୍ ସଂଗ୍ରହ କରି ଦୃଢ ଜବାବ ଦେଇଛି। ଓପନର ଉସ୍‌ମାନ ଖ୍ୱାଜା ୧୧୨ ରନ୍‌ରେ ଅପରାଜିତ ଅଛନ୍ତି।


ଉସ୍‌ମାନ ଖ୍ୱାଜା

ପ୍ରଥମ ଦିନର ଅସମାପ୍ତ ସ୍କୋର ୧୪/୦ରୁ ଇନିଂସ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଦଳୀୟ ସ୍କୋର ୨୯ରେ ଓପନର ଡେଭିଡ୍ ୱାର୍ନରଙ୍କ ଉଇକେଟ ହରାଇଥିଲା। ପରବର୍ତ୍ତୀ ବଲରେ ଖାତା ଖୋଲିବା ପୂର୍ବରୁ ଷ୍ଟୁଆର୍ଟ ବ୍ରଡଙ୍କ ଦ୍ୱିତୀୟ ଶିକାର ହୋଇଥିଲେ ମାର୍ନସ୍ ଲାବୁଶେନ୍। ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ୧୬ ରନ୍ କରିଥିବା ବେଳେ ବେନ୍ ଷ୍ଟୋକ୍ସଙ୍କ ବଲରେ ଲେଗ୍ ବିଫୋର ହୋଇଥିଲେ। ୬୭ ରନ୍‌ରେ ୩ ଉଇକେଟ ହରାଇବା ପରେ ଟ୍ରାଭିସ୍ ହେଡ୍ କାଉଣ୍ଟର ଆଟାକ କରିଥିଲେ। ୬୩ ବଲ୍ ଖେଳି ସେ ୫୦ ରନ୍ କରିଥିବା ବେଳେ ଖ୍ୱାଜାଙ୍କ ସହିତ ୮୧ ରନ୍ ଯୋଡିଥିଲେ। ହେଡଙ୍କୁ ଆଉଟ କରି ମୋଇନ୍ ଅଲୀ ଏହି ଯୋଡି ଭାଙ୍ଗିଥିଲେ। ପରବର୍ତ୍ତୀ ବ୍ୟାଟର କାମେରନ୍ ଗ୍ରୀନ୍(୩୮)ଙ୍କୁ ସାଥୀ କରି ୭୨ ରନ୍ ଯୋଡିଥିଲେ ଖ୍ୱାଜା। ଖବର ପ୍ରସ୍ତୁତି ସୁଦ୍ଧା ଉସମାନ ଖ୍ୱାଜା ୧୧୨ ଓ ଆଲେକ୍ସ କେରୀ ୨୫ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଖ୍ୱାଜା ୨୩୬ ବଲ୍ ଖେଳି ୧୨ ଚୌକା ଓ ୨ଛକା ମାରିଛନ୍ତି। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ ଓ ମୋଇନ୍ ଅଲୀ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ବେନ୍ ଷ୍ଟୋକ୍ସ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ– ୩୯୩/୮(ଘୋଷଣା)

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୮୦ ଓଭରରେ ୨୬୪/୫(ଉସମାନ ଖ୍ୱାଜା–୧୧୨*, ଟ୍ରାଭିସ୍ ହେଡ–୫୦, କାମେରନ୍ ଗ୍ରୀନ୍–୩୮, ଷ୍ଟୁଆର୍ଟ ବ୍ରଡ୍–୨/୩୭, ମୋଇନ୍ ଅଲୀ–୨/୧୧୩, ବେନ୍ ଷ୍ଟୋକ୍ସ–୧/୩୩)

କୋଷ୍ଠକାଠିନ୍ୟର
ସମାଧାନ
9119788888

# ଦ୍ୱିତୀୟ ଦିବସରେ ବେଙ୍ଗଲ ଜିମ୍ନାଷ୍ଟଙ୍କ ଚମକ

**ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ)**

ସ୍ଥାନୀୟ ସମେଇ ଗାଡ଼ିଆସ୍ଥିତ ଜେଏମ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ସର୍ବଭାରତୀୟ କଳିଙ୍ଗ ଓପନ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ବେଙ୍ଗଲ ଜିମ୍ନାଷ୍ଟମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ।

## ସର୍ବଭାରତୀୟ କଳିଙ୍ଗ ଓପନ ଜିମ୍ନାଷ୍ଟିକ୍ସ

ବିଶେଷ କରି ବାଳିକା ୮ଓ ୧୦ ବର୍ଷ ରୁ କମ ବିଭାଗର ଆଡ଼ଭାନ୍ସ ବର୍ଗରେ ପ୍ରତିଯୋଗୀମାନଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ପ୍ରତିଯୋଗିତା ଅବସରରେ ଅର୍ଗସ ନ୍ୟୁଜ ମାନବ ସମ୍ବଳ ମୁଖ୍ୟ ରତିକାନ୍ତ ସାହୁ, ସୌଭାଗ୍ୟ ଏଣ୍ଟର ପ୍ରାଇଜର୍ସର ଅଧ୍ୟକ୍ଷ ପ୍ରକାଶ ସାହୁ, ରିତୁ ପୂର୍ଣ୍ଣ ପ୍ରଡକ୍ସନ ର ମୁଖ୍ୟ ଅତିଶ କୁମାର ରାଉତ ଓ ବରିଷ୍ଠ କ୍ରୀଡା ଖବରଦାତା ତପନ କୁମାର ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଅତିଥିମାନେ ଜିମ୍ନାଷ୍ଟ ମାନଙ୍କ ଦକ୍ଷତା ଓ ଏକାଗ୍ରତାକୁ ଉପଭୋଗ କରିବା ସହିତ କୃତି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସଙ୍ଗଠନର ସମ୍ପାଦକ ଯଶୋବନ୍ତ ଦାସ, ସୁବ୍ରତ ମହାପାତ୍ର, ବିଗ୍ନେସା, ରବି ମହାପାତ୍ର ଓ କୋଚ ମହାଦେବ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାଶନାଲ ସିରିଜ ଟେନିସ: ଦେବାଶିଷ ଚାମ୍ପିୟନ

**ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ)**

ଗୁଜରାଟର ଅହମଦାବାଦରେ ଅନୁଷ୍ଠିତ ନ୍ୟାଶନାଲ ସିରିଜ ଟେନିସ ଚାମ୍ପିୟନଶିପ୍‌ର ୧୮ ବର୍ଷରୁ କମ୍ ବାଳକ ବିଭାଗରେ ଓଡ଼ିଶାର ଦେବାଶିଷ ସାହୁ ଚାମ୍ପିୟନ ହୋଇଛନ୍ତି। ପ୍ରଥମ ଓ ଦ୍ୱିତୀୟ ରାଉଣ୍ଡ ଏବଂ ପ୍ରି–କ୍ୱାର୍ଟରରେ ସହଜରେ ବିଜୟ ଲାଭ କରିଥିବା ଦେବାଶିଷ କ୍ୱାର୍ଟର ଫାଇନାଲରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ତେବେ ସେ ତାମିଲନାଡୁର କଶିତ ନାଗାରାଲେଙ୍କୁ ୪–୬, ୬–୨, ୭–୬ (୫) ସେଟ୍‌ରେ ପରାସ୍ତ କରିଥିଲେ। ସେମିଫାଇନାଲରେ ଦେବାଶିଷ କିନ୍ତୁ ଦିଲ୍ଲୀର ପ୍ରଥମ କୋଟାକଙ୍କୁ ସହଜରେ ୬–୦, ୬–୨ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଟାଇଟଲ ପର୍ଯ୍ୟାୟରେ ସେ ହାଇଦ୍ରାବାଦର ବତ୍ସଲ ମଣିକାନ୍ତନଙ୍କୁ ୬–୧, ୬–୨ରେ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଥିଲେ। ପ୍ରକାଶ ଯୋଗ୍ୟ ଯେ, ଏକସପ୍ତାହ ପୂର୍ବରୁ ହରିୟାଣାର ଝଜାରଠାରେ ଅନୁଷ୍ଠିତ ଟୁର୍ନାମେଣ୍ଟର ସିଙ୍ଗଲ୍ସ ଫାଇନାଲରେ ଦେବାଶିଷ ଫାଇନାଲରେ ହାରି ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ଏହି ସଫଳତା ତାଙ୍କୁ ଅନେକ ପରିମାଣରେ ଉତ୍ସାହିତ କରିଛି। ଦେବାଶିଷ ଏବେ ଇରାନ ଯାଇ ଆଇଟିଏଫ୍ ୧୦୦ ଟୁର୍ନାମେଣ୍ଟରେ ଖେଳିବେ। ଚଳିତମାସ ୨୩ରୁ ଜୁଲାଇ ୯ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ପାଇଁ ତାଙ୍କୁ ମୁଖ୍ୟ ଡ୍ର'ରେ ସାମିଲ କରାଯାଇଛି।


ଦେବାଶିଷ ସାହୁ

## ଏନ୍‌ସିଏ ହାଇ ପରଫର୍ମାନ୍ସ ବୋଲିଂ ଇଣ୍ଟର୍ନଶିପ୍ ପ୍ରୋଗ୍ରାମ

# ଦେବାଶିଷ ମହାନ୍ତି ମନୋନୀତ

**ଭୁବନେଶ୍ୱର, ୧୭।୬ (ବିଜୟ ରଣା)**

ଆସନ୍ତା ୨୦ ତାରିଖରୁ ଏନ୍‌ସିଏ ହାଇ ପରଫର୍ମାନ୍ସ ବୋଲିଂ ଇଣ୍ଟର୍ନଶିପ୍ ପ୍ରୋଗ୍ରାମ ଆରମ୍ଭ ହେବ। ଏଥିଲାଗି ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜରିଆରେ ଓଡ଼ିଶା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଜଣେ ଇଣ୍ଟର୍ନ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ କିଶୋର ଦାସ ଓ ସମ୍ପାଦକ ସଞ୍ଜୟ ବେହେରା ଏହି ନୂଆ ଭୂମିକା ପାଇଁ ଦେବାଶିଷଙ୍କୁ ସେମାନଙ୍କ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



# ଭାରତୀୟ ଦଳରେ ଓଡ଼ିଶାର ଖେଳାଳି

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

**ଭୁବନେଶ୍ୱର, ୧୭।୬ (ବିଜୟ ରଣା)**

ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଫିସୁ)ଅଧୀନରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ୨୦୨୩ ଚାଇନାର ଚେଙ୍ଗଡୁଠାରେ ଆସନ୍ତା ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବ। ଏଥିପାଇଁ ଭାରତୀୟ ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ ଏବଂ ଉଭୟ ପୁରୁଷ ଓ ମହିଳା ଭଲିବଲ ଦଳ ପାଇଁ ସିଲେକ୍ସନ ଟ୍ରାଏଲ କିଟ୍ ୟୁନିଭର୍ସିଟିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫୦ରୁ ଅଧିକ ୟୁନିଭର୍ସିଟିର ପାଖାପାଖି ୬୦୦ ଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶା ୟୁନିଭର୍ସିଟି (କିଟ୍ ୟୁନିଭର୍ସିଟି ଓ ସମ୍ବଲପୁର ୟୁନିଭର୍ସିଟି)ର ନିମ୍ନଲିଖିତ ଖେଳାଳିମାନେ ଭାରତୀୟ ୟୁନିଭର୍ସିଟିର ବିଭିନ୍ନ ଦଳରୁ ପ୍ରତିନିଧିତ୍ୱ କରିବେ।

**ଆଥଲେଟିକ୍ସ:** କିଟ୍ ୟୁନିଭର୍ସିଟିର ଲଲୁ ପ୍ରସାଦ ଭୋଇ, ପୁରୁଷ ୧୦୦ମିଟର (କିଟ୍ ୟୁନିଭର୍ସିଟି) ; ପ୍ରଜ୍ଞା ପ୍ରଶାନ୍ତି ସାହୁ, ମହିଳା ୧୦୦ମିଟର ହର୍ଡଲ ; ଅମ୍ଲାନ ବର୍ଗୋହେନ, ପୁରୁଷ ୨୦୦ ମିଟର ; ସୁସ୍ମିତା ଟିଗା, ମହିଳା ୩୦୦୦ମିଟର ଷ୍ଟିପଲଚେଜ ; ଅନ୍ତିମା ପାଲ୍, ମହିଳା ୫୦୦୦ମିଟର ; ପ୍ରିୟଙ୍କା ଗୋସ୍ୱାମୀ, ୨୦ କିମି ଚାଲି ; ବିକ୍ରାନ୍ତ ମଲିକ, ପୁରୁଷ ଶଟପୁଟ ; ଅଜୟକୁମାର, ପୁରୁଷ ହାମରଥ୍ରୋ ଏବଂ ସମ୍ବଲପୁର ୟୁନିଭର୍ସିଟିର ସ୍ୱାଧୀନ କୁମାର ମାଝି, ପୁରୁଷ ହାଇଜମ୍ପ ଓ ମନିଷା ମେରେଲ, ମହିଳା ଲଙ୍ଗଜମ୍ପ।

**ଭଲିବଲ:** କିଟ୍ ୟୁନିଭର୍ସିଟିର ମାମାଲି ନାଗ୍ ଓ ଶିବାନୀ ପ୍ରିୟଦର୍ଶିନୀ।

**ବ୍ୟାଡ୍‌ମିଣ୍ଟନ:** କିଟ୍‌ର ରତପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ